# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, April 2/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 127 | ମୂଲ୍ୟ ₹୭/-





**ଦମୟନ୍ତୀ ଖେସ୍‌ଙ୍କୁ ସ୍ୱର୍ଣ୍ଣ ପଦକ**

ଛତିଶଗଡ଼ରେ ଚାଲିଥିବା ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସର ମହିଳା ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ଦମୟନ୍ତି ଖେସ୍। **୧୪**

**୧୩** **ମୁଁ ଭାଗ୍ୟବତୀ: ସାରା**

'ଧୁରନ୍ଧର-ଦ ରିଭେଞ୍ଜ' ଫିଲ୍ମ ହଜାରେ କୋଟି କ୍ଲବରେ ସାମିଲ ହୋଇଥିବାବେଳେ ଏହାକୁ ନେଇ ନାୟିକା ସାରା ଅର୍ଜୁନ ନିଜକୁ ଭାଗ୍ୟବତୀ ବୋଲି କହିଛନ୍ତି।






ଓଡ଼ିଶା ଦିବସ ପାଳନ ଅବସରରେ କଟକ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ବୁଧବାର ବାରବାଟୀ ଦୁର୍ଗ ନିକଟରୁ ବାହାରିଥିବା ଗଣଦୌଡ଼ରେ ସାମିଲ ହୋଇଥିବା ଛାତ୍ରୀଛାତ୍ର। (ଫଟୋ: ରାଜକିଶୋର ମହାନ୍ତି)

# ଆର୍ଥିକ ବର୍ଷ ଆରମ୍ଭରେ ମହଙ୍ଗା ମାଡ଼

- **ବିମାନ ଇନ୍ଧନ ମୂଲ୍ୟରେ ୮.୫%ରୁ ୧୧୫% ବୃଦ୍ଧି, ୨ ଲକ୍ଷ ପାର୍**
- **କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ପିଛା ୧୯୫.୫ ଟଙ୍କା ବଢ଼ିଲା**

**ନୂଆ ଆର୍ଥିକ ବର୍ଷ ୨୦୨୬-୨୭ର ପ୍ରଥମ ଦିନରେ ହିଁ ସାଧାରଣ ଜନତାଙ୍କ ଉପରେ ମହଙ୍ଗା ମାଡ଼ ହୋଇଛି। ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ସାଙ୍ଗକୁ ସାମୁଦ୍ରିକ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଯୋଗାଣରେ ବାଧା ଉପୁଜିଛି। ଏହାର ପ୍ରଭାବରେ ବିମାନ ଇନ୍ଧନ (ଏଟିଏଫ୍) ଏବଂ କମର୍ସିଆଲ ଏଲ୍‌ପିଜି ଦରରେ ପ୍ରବଳ ବୃଦ୍ଧି ଘଟିଛି। ଭାରତର ଇତିହାସରେ ପ୍ରଥମ ଥର ପାଇଁ ଜେଟ୍ ଫୁଏଲ୍ ବା ବିମାନ ଇନ୍ଧନ ଦର କିଲୋଲିଟର ପିଛା ୨ ଲକ୍ଷ ଟଙ୍କା ଅତିକ୍ରମ କରିଛି। ବିଦେଶୀ ଓ ଚାର୍ଟାର ବିମାନ ପାଇଁ ଦର ପ୍ରାୟ ୧୧୫% ବଢ଼ିଛି। ଦିଲ୍ଲୀରେ ଏହାର ମୂଲ୍ୟ କିଲୋଲିଟର ପିଛା ୯୬,୬୩୮ ଟଙ୍କାରୁ ବଢ଼ି ୨ ଲକ୍ଷ ୭ ହଜାର ୩୪୧ ଟଙ୍କା ହୋଇଛି। ହେଲେ ଘରୋଇ ବିମାନ ସେବା କ୍ଷେତ୍ରରେ ଏହି ଦର ବୃଦ୍ଧିକୁ ସରକାର ପ୍ରାୟ ୮.୫% ମଧ୍ୟରେ ସୀମିତ ରଖିଛନ୍ତି। ତଦନୁଯାୟୀ ଭୁବନେଶ୍ୱରରେ ଏହାର ମୂଲ୍ୟ କିଲୋଲିଟର ପିଛା ୧ ଲକ୍ଷ ୧ ହଜାର ୨୧୮ଟଙ୍କାରୁ ବଢ଼ି ୧ ଲକ୍ଷ ୯ ହଜାର ୮୨୦ ଟଙ୍କା ହୋଇଥିବାବେଳେ ବିଦେଶୀ ବିମାନ ପାଇଁ ତାହା ୨ ଲକ୍ଷ ୧୦ ହଜାର ଟଙ୍କା ହୋଇଛି। ଅନ୍ୟପକ୍ଷରେ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ବ୍ୟବହୃତ ୧୯ କେଜି ବିଶିଷ୍ଟ ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ୧୯୫.୫୦ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଭୁବନେଶ୍ୱରରେ ନୂଆ ଦର ୨,୦୨୯ ଟଙ୍କା ହୋଇଥିବା ବେଳେ ଦିଲ୍ଲୀ ଏବଂ କୋଲକାତାରେ ଯଥାକ୍ରମେ ୨,୦୭୮.୫୦ ଓ ୨,୨୦୮ ଟଙ୍କା ହୋଇଛି। ସୂଚନାଥାଉ କି ଗତମାସରେ ୨ଟି ପର୍ଯ୍ୟାୟରେ (୧ ଓ ୭ ମାର୍ଚ୍ଚ) ୧୪୪ ଟଙ୍କା ବୃଦ୍ଧି ପାଇଥିଲା। ଫଳରେ ପ୍ରାୟ ୧ ମାସ ମଧ୍ୟରେ କମର୍ସିଆଲ ଏଲ୍‌ପିଜି ମୂଲ୍ୟ ୩୪୦ରୁ ଅଧିକ ମହଙ୍ଗା ହୋଇଛି। ଏହା କ୍ଷୁଦ୍ର ବ୍ୟବସାୟୀ ଓ ହୋଟେଲ ମାଲିକମାନଙ୍କ ପାଇଁ ବଡ଼ ଆର୍ଥିକ ବୋଝ ସଦୃଶ ହୋଇଛି। ମାର୍ଚ୍ଚ ୭ରେ ଘରୋଇ ଏଲ୍‌ପିଜି ମୂଲ୍ୟ ୬୦ ଟଙ୍କା ବଢ଼ିଥିବାବେଳେ ଏବେ ତାହା ଅପରିବର୍ତ୍ତିତ (୯୩୯ଟଙ୍କା) ରହିଛି। ଉପରୋକ୍ତ ମୂଲ୍ୟବୃଦ୍ଧି ଦ୍ୱାରା ଖୁବ୍‌ଶୀଘ୍ର ବିମାନ ଭଡ଼ା ଏବଂ ବାହାରେ ଖାଇବା ଖର୍ଚ୍ଚ ବଢ଼ିବା ପ୍ରାୟ ନିଶ୍ଚିତ।**



**ନୂଆଦିଲ୍ଲୀ,୧।୪(ରଏଟର୍ସ/ପି.ଟି.)** ଇରାନ୍‌ରେ ଆମେରିକା-ଇସ୍ରାଏଲ୍‌ର ଯୁଦ୍ଧ ପରିପ୍ରେକ୍ଷୀରେ ବୈଶ୍ୱିକ ଇନ୍ଧନ ମୂଲ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତୀୟ ଇନ୍ଧନ ରିଟେଲରମାନେ ବୁଧବାର ଜେଟ୍ ଫୁଏଲ୍ ଏବଂ କମର୍ସିଆଲ ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ଦର ବଢ଼ାଇଛନ୍ତି। ବିଶ୍ୱର ଦ୍ୱିତୀୟ ବୃହତ୍ ଏଲ୍‌ପିଜି ଆମଦାନିକାରୀ ରାଷ୍ଟ୍ର ଭାରତ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ବର୍ତ୍ତମାନ ସର୍ବାଧିକ ଇନ୍ଧନ ସଙ୍କଟ ଦେଇ ଗତି କରୁଛି, ଯାହାକି ଅନେକ ଦଶନ୍ଧି ମଧ୍ୟରେ ଦେଖିବାକୁ ମିଳି ନ ଥିଲା। ଦେଶରେ ରୋଷେଇ ଗ୍ୟାସ୍ ନିଅଣ୍ଟ ପଡୁଥିବାବେଳେ ଏହାର ମୁକାବିଲା ପାଇଁ ସରକାର ଶିଳ୍ପଗୁଡ଼ିକୁ ଇନ୍ଧନ ଯୋଗାଣ ହ୍ରାସ କରିଛନ୍ତି। ଘରୋଇ ଫୁଏଲ୍ ରିଟେଲର୍ସ ଆଭିଏଶନ୍ ଟର୍ବାଇନ୍ ଫୁଏଲ୍ (ଏଟିଏଫ୍) ମୂଲ୍ୟରେ ୮.୬% ବୃଦ୍ଧି କରିଛନ୍ତି। ଫଳରେ କିଲୋଲିଟର ପିଛା ଏହାର ଦର ୧୦୪,୯୨୭ ଟଙ୍କାରେ ପହଞ୍ଚିଛି। ସେହିପରି କମର୍ସିଆଲ ଏଲ୍‌ପିଜି ଦରରେ ୧୦.୪% ବୃଦ୍ଧି ଘଟାଯାଇଛି। ଦିଲ୍ଲୀରେ ୧୯ କେ.ଜି. ସିଲିଣ୍ଡର ବିଶିଷ୍ଟ କମର୍ସିଆଲ ଏଲ୍‌ପିଜି ଏବେ ୨,୦୭୮.୫୦ ଟଙ୍କା ହୋଇଥିବା ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ୍‌ର ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି।

ଅନ୍ତର୍ଜାତୀୟ ସ୍ତରରେ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଘରୋଇ ଯାତ୍ରା ଯେପରି ମହଙ୍ଗା ନ ହେବ ସେଥିଲାଗି ସରକାରଙ୍କ ଅଧୀନରେ ପରିଚାଳିତ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ଜୈନ ଧର୍ମରେ ମହିଳା**



31001/1/2627



## ଜନଗଣନା ୨୦୨୭: ପ୍ରଥମ ଦିନରେ ୫୫,୦୦୦ ପରିବାର ପଞ୍ଜୀକୃତ

ନୂଆଦିଲ୍ଲୀ,୧୪(ପି.ଟି.)

ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ବୁଧବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସମେତ ଜାତୀୟ ରାଜଧାନୀ ଦିଲ୍ଲୀର କେତେକ ଅଞ୍ଚଳରେ ବସବାସ କରୁଥିବା ମୋଟ ୫୫,୦୦୦ ପରିବାର ନିଜ ନାମ ପଞ୍ଜୀକରଣ ସୁବିଧା ହାସଲ କରିଛନ୍ତି। ଓଡ଼ିଶା, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଗୋଆ, କର୍ଣାଟକ, ସିକିମ୍, ଲାକ୍ଷାଦ୍ୱୀପ, ମିଜୋରାମ ଏବଂ ନୂଆଦିଲ୍ଲୀ ମହାନଗର ନିଗମ ଅଧୀନ କିଛି ଅଞ୍ଚଳରେ ଗୃହ ତାଲିକା ପ୍ରସ୍ତୁତି ଓ ଗୃହ ଗଣନା ଏପ୍ରିଲ ୧୬ରୁ ମେ’ ୧୫ ପର୍ଯ୍ୟନ୍ତ ଚାଲିବ। ଡିଜିଟାଲ ମାଧ୍ୟମରେ ସ୍ୱୟଂଗଣନା ବ୍ୟବସ୍ଥାରେ ଲୋକେ ନିଜ ସମ୍ପର୍କିତ ତଥ୍ୟ ନିର୍ଦ୍ଦିଷ୍ଟ ପୋର୍ଟାଲରେ ଉଲ୍ଲେଖ କରିପାରିବେ। ଅଗଷ୍ଟ ୩୧ ସୁଦ୍ଧା ବିଭିନ୍ନ ରାଜ୍ୟରେ ୧୫ ଦିନ ପାଇଁ ଏହି ସୁବିଧା ଉପଲବ୍ଧ ହେବ। ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସ୍ୱୟଂଗଣନା ସହ ଗୃହ ତାଲିକାକରଣ ପ୍ରକ୍ରିୟା ଜାରି ରହିବ। ଏଥିପାଇଁ ସେଲ୍ଫ-ଏନୁମରେଶନ ପୋର୍ଟାଲ ୧୬ଟି ଭାଷାରେ ଉପଲବ୍ଧ ହେବ।

## ଆସାମକୁ ଲୁଟୁଛି ବିଶ୍ୱଶର୍ମାଙ୍କ ପରିବାର: ପ୍ରିୟଙ୍କା


ପ୍ରିୟଙ୍କା ଗାନ୍ଧୀ ଭଦ୍ରା

ନାଜିରା,୧୪(ପି.ଟି.)

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ପରିବାର ରାଜ୍ୟକୁ ଲୁଟୁଛି ବୋଲି ବୁଧବାର କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପରୋକ୍ଷରେ ଟାର୍ଗେଟ କରିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ବିଧାନସଭା ନିର୍ବାଚନ ପ୍ରଚାରରେ ଆସାମର ଏକାଧିକ ସ୍ଥାନରେ ପ୍ରଚାର କରି ଉଭୟ କେନ୍ଦ୍ର ଓ ରାଜ୍ୟର ଭାଜପା ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଲୋକଙ୍କ ପାଖରେ କିଛି ନ ଥିବାବେଳେ ରାଜ୍ୟର ସବୁ ସମ୍ବଳକୁ କେବଳ ଗୋଟିଏ ପରିବାର ଲୁଟିଚାଲିଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଲୋକଙ୍କୁ ଭୟଭୀତ କରି ଶାସନ କରୁଛି। ସେମାନେ ଯଦି ଖଣି, ଜମି ଓ ଅନ୍ୟ ସମ୍ପତ୍ତିଗୁଡ଼ିକୁ ଲୁଟୁନାହାନ୍ତି ତେବେ ବଡ଼ ବଡ଼ ଶିଳ୍ପପତିଙ୍କ ହାତକୁ ତାହା କିପରି ଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଅବସରରେ ପ୍ରିୟଙ୍କା ସାରଦା, ସ୍ମାର୍ଟ ସିଟି ଏବଂ ଏନ୍‌ସି ହିଲ୍ସ ଦୁର୍ନୀତି ପ୍ରସଙ୍ଗ ଉଠାଇଛନ୍ତି।


ୟୁକ୍ରେନ୍‌ର ଏକ ଅଜ୍ଞାତ ସ୍ଥାନରେ ସେନାରେ ନବନିଯୁକ୍ତ ସୈନ୍ୟ ବୁଧବାର ସାମରିକ ପ୍ରଶିକ୍ଷଣ ନେଉଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

# ଇରାନ୍ ଯୁଦ୍ଧରୁ ଓହରିବ ଆମେରିକା

## ୨ରୁ ୩ ସପ୍ତାହରେ ସାମରିକ କାର୍ଯ୍ୟାନୁଷ୍ଠାନ ଶେଷ ହୋଇପାରେ: ଟ୍ରମ୍ପ

ୱାଶିଂଟନ୍/ଜେରୁଜେଲମ୍/କାଏରୋ, ୧୪(ରଏଟର୍ସ/ଏ.ପି.)


ଡୋନାଲ୍ଡ ଟ୍ରମ୍ପ

ଇରାନ୍ ବିରୋଧରେ ଚାଲିଥିବା ଯୁଦ୍ଧରୁ ଆମେରିକା ଖୁବ୍‌ଶୀଘ୍ର ଓହ୍ରିଯିବ। ଆସନ୍ତା ୨ରୁ ୩ ସପ୍ତାହ ମଧ୍ୟରେ ଆମେରିକୀୟ ସେନା ସାମରିକ କାର୍ଯ୍ୟାନୁଷ୍ଠାନ ଶେଷ କରିପାରନ୍ତି। ତେବେ ଆବଶ୍ୟକ ହେଲେ ଆମେରିକା ପୁଣି ଯୁଦ୍ଧକୁ ଫେରିପାରେ ବୋଲି ବୁଧବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚନା ଦେଇଛନ୍ତି। ହ୍ୱାଇଟ୍ ହାଉସ୍‌ରେ ବୁଧବାର ଟ୍ରମ୍ପ ଏକ ରାଷ୍ଟ୍ରପତୀୟ ଅଭିଭାଷଣରେ ଯୁଦ୍ଧ ସମ୍ପର୍କରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଟ୍ରମ୍ପ କହିଛନ୍ତି, ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ନେଇ ଆମେରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ। ଯେଉଁ ଦେଶଗୁଡ଼ିକ ତୈଳ ଓ ଜାହାଜ ଚଳାଚଳ ପାଇଁ ଏହା ଉପରେ ନିର୍ଭରଶୀଳ ସେମାନେ ସେ କଥା ବୁଝନ୍ତୁ। ଏହା ପୂର୍ବରୁ ଟ୍ରମ୍ପ ମଙ୍ଗଳବାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆମେରିକାକୁ ଯୁଦ୍ଧରେ ସହଯୋଗ କରୁ ନ ଥିବାରୁ ସେମାନେ ନିଜ ତୈଳ ହାସଲ ପାଇଁ ବ୍ୟବସ୍ଥା କରନ୍ତୁ ବୋଲି କହିଥିଲେ।

ଟ୍ରମ୍ପଙ୍କ ସଦ୍ୟ ମନ୍ତବ୍ୟ ପରେ ଗ୍ଲୋବାଲ ସେଣ୍ଟିମେଣ୍ଟରେ ସାମାନ୍ୟ ସୁଧାର ଆସିବା ସହ ତୈଳ ଦର ମଧ୍ୟ ଖସିଛି। ତେବେ ବୈଶ୍ୱିକ ତୈଳ ଯୋଗାଣ ମାର୍ଚ୍ଚ ତୁଳନାରେ ଚଳିତ ମାସରେ ଆହୁରି ବାଧା ଉପୁଜିପାରେ ବୋଲି ବୁଧବାର ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି ପକ୍ଷରୁ କୁହାଯାଇଛି। ଏଥିସହ ତୁରନ୍ତ ଯୁଦ୍ଧାବସାନର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଛି।

ଟ୍ରମ୍ପ ଇରାନ୍ ସହ ବିନା କୌଣସି ଡିଲ୍‌ରେ ମଧ୍ୟ ଯୁଦ୍ଧ ବନ୍ଦ ପାଇଁ ସଙ୍କେତ ଦେବା ସତ୍ତ୍ୱେ ପାଶ୍ଚାତ୍ୟର ପ୍ରତିରକ୍ଷା ମେଣ୍ଟ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)ରୁ ଓହରିଯିବାକୁ ଚେତାବନୀ ଦେଇଛନ୍ତି। ୟୁରୋପୀୟ ଦେଶଗୁଡ଼ିକ ହର୍ମୁଜ୍ ଷ୍ଟ୍ରେଟ୍ ଅବରୋଧରୁ ଇରାନ୍‌କୁ କ୍ଷାନ୍ତ କରାଇବାରେ ୱାଶିଂଟନ୍‌କୁ ସହଯୋଗ ନ କଲେ ଆମେରିକା ନାଟୋରୁ ଓହରିଯିବ ବୋଲି ସେ କହିଛନ୍ତି। ସେପଟେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟର୍ମର କହିଛନ୍ତି, ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲାଇବା ପାଇଁ ଚଳିତ ସପ୍ତାହରେ ଏକ ଅନ୍ତର୍ଜାତୀୟ କୂଟନୈତିକ ସମ୍ମିଳନୀର ଆୟୋଜନ କରାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ଜଳମାର୍ଗର ସାମୁଦ୍ରିକ ସୁରକ୍ଷାକୁ ପୁନଃ ଅବସ୍ଥାପିତ କରିବା ପାଇଁ ୩୫ ଦେଶ ପ୍ରତିଶ୍ରୁତିବଦ୍ଧ ହୋଇ ଏକ ବିବୃତିରେ ସ୍ୱାକ୍ଷର କଲେଣି। ବ୍ରିଟେନ୍ ଏହାର ନେତୃତ୍ୱ ନେଉଥିବାବେଳେ ସ୍ୱାକ୍ଷରକାରୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ ଓ ନେଦରଲାଣ୍ଡ୍ସ ରହିଛନ୍ତି।

ଅନ୍ୟପକ୍ଷେ ଭୂରାଜନୈତିକ ଉତ୍ତେଜନା ସାମାନ୍ୟ ପ୍ରଶମିତ ହୋଇଥିଲେ ମଧ୍ୟ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ପକ୍ଷରୁ ଇସ୍ରାଏଲ୍ ଏବଂ ଉପସାଗରୀୟ ଦେଶଗୁଡ଼ିକରେ ଥିବା ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରାଯାଇଛି। ବୁଧବାର ନିଜ ସହଯୋଗୀ ‘ରେଜିଷ୍ଟାନ୍ସ ଫ୍ରଣ୍ଟ’ ସହ ମିଶି ତେହରାନ୍ ଶତାଧିକ ମିଶାଇଲ୍ ଓ ଡ୍ରୋନ୍ ସହ ଅନ୍ୟୁନ ୨୦୦ ରକେଟ ଆକ୍ରମଣ କରିଥିବା ଆଇଆର୍‌ଜିସି ପକ୍ଷରୁ କୁହାଯାଇଛି। ଆଗକୁ ମଧ୍ୟ ଆକ୍ରମଣ ଜାରି ରହିବ ବୋଲି ଗାର୍ଡ ଧମକ ଦେଇଛି।

## ସ୍ୱଦେଶକୁ ଫେରିଲେଣି ୫,୯୮,୦୦୦ ଭାରତୀୟ

ନୂଆଦିଲ୍ଲୀ,୧୪

ପଶ୍ଚିମ ଏସିଆ ଓ ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ପରିବର୍ତ୍ତନଶୀଳ ଘଟଣାକ୍ରମ ପରିପ୍ରେକ୍ଷୀରେ ପ୍ରାୟ ୫.୯୮ ଲକ୍ଷ ଭାରତୀୟ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେଣି ବୋଲି ବୁଧବାର କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବହିର୍ବ୍ୟାପାର ମନ୍ତ୍ରଣାଳୟ (ଗଲ୍ଫ) ଅତିରିକ୍ତ ସଚିବ ଅସୀମ ଆର୍. ମହାଜନ ଏକ ଆନ୍ତଃ ମନ୍ତ୍ରଣାଳୟ ବ୍ରିଫିଙ୍ଗ୍ ବେଳେ କହିଛନ୍ତି, ବିମାନ ଚଳାଚଳ ସ୍ଥିତିରେ ଉନ୍ନତି ଆସୁଛି। ମଧ୍ୟପ୍ରାଚ୍ୟରୁ ଭାରତକୁ ଅତିରିକ୍ତ ସେବାଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ଅଦ୍ୟାବଧି ୫,୯୮,୦୦୦ ଭାରତୀୟ ଦେଶକୁ ଫେରିଲେଣି। ସୁରକ୍ଷା ନିରାପତ୍ତାକୁ ଦୃଷ୍ଟିରେ ରଖି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଭାରତ ମଧ୍ୟରେ ସୀମିତ ବିମାନ ଚଳାଚଳ କରାଯାଉଥିବା ସେ କହିଛନ୍ତି।

## ରାଜ୍ୟ ସଭାରେ ସିଏପିଏଫ୍ ବିଲ୍ ପାରିତ

### ଶାସକ-ବିରୋଧୀ ମୁହାଁମୁହିଁ

ନୂଆଦିଲ୍ଲୀ,୧୪(ପି.ଟି.)

ରାଜ୍ୟ ସଭାରେ ବୁଧବାର କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ବିଲ୍ ସମ୍ପର୍କିତ ବିତର୍କ ବେଳେ ଶାସକ ଓ ବିରୋଧୀ ସଦସ୍ୟମାନେ ମୁହାଁମୁହିଁ ହୋଇଛନ୍ତି। ଭାଜପା ଏମ୍‌ପିମାନେ ସିଏପିଏଫ୍ (ସାଧାରଣ ପ୍ରଶାସନ) ବିଧେୟକକୁ ସଂସ୍କାର ପାଇଁ ଏକ ଜରୁରୀ ଆବଶ୍ୟକତା ବୋଲି ଅଭିହିତ କରିଥିବାବେଳେ ସରକାର ଏଥିରେ ସୁପ୍ରିମକୋର୍ଟଙ୍କ ରାୟକୁ ଅଣଦେଖା କରିଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। ବିରୋଧୀଙ୍କ ହଟ୍ଟଗୋଳ ଓ କକ୍ଷତ୍ୟାଗ ଭିତରେ ଉଚ୍ଚ ସଦନରେ ବିଧେୟକଟି ଧ୍ୱନିମତରେ ପାରିତ ହୋଇଛି। ବିଭିନ୍ନ ସିଏପିଏଫ୍ ବଳ ଅଧୀନ ଯବାନଙ୍କ ପାଇଁ ଏକୀକୃତ ଆଇନଗତ ଢାଞ୍ଚା ପ୍ରସ୍ତୁତ କରିବା ସକାଶେ ଆଗତ ଉକ୍ତ ବିଲ୍ ଆଇନରେ ପରିଣତ ହେଲେ ବର୍ତ୍ତମାନ ପ୍ରଚଳିତ ସେବା ନିୟମର ୫ ପୃଥକ୍ ବ୍ୟବସ୍ଥା ଉଚ୍ଛେଦ ହେବ। କଂଗ୍ରେସର ଫୁଜିଆ ଖାନ୍ ବିଲ୍‌କୁ ବିରୋଧ କରି କହିଥିଲେ, ସରକାର ସୁପ୍ରିମକୋର୍ଟ ରାୟକୁ ଅଣଦେଖା କରି ପାର୍ଲାମେଣ୍ଟକୁ ବ୍ୟବହାର କରୁଛନ୍ତି। ସେହିପରି ଶିବସେନା ୟୁବିଟିର ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ଏହାକୁ ପ୍ରଥମେ ସିଲେକ୍ଟ କମିଟିକୁ ଅଣାଯିବା ଜରୁରୀ ଥିଲା। ବିରୋଧୀଙ୍କୁ କାଉଣ୍ଟର କରି ଭାଜପାର ମୟଙ୍କ କୁମାର ନାୟକ କହିଥିଲେ, ସରକାର ସିଏପିଏଫ୍‌ର ସବୁ ବର୍ଗ ପାଇଁ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ସମାନ ନିୟମ ଆଣିବା ଲାଗି ଯୋଜନା କରିଛନ୍ତି।

## ପାଲେଷ୍ଟିନୀୟ ବନ୍ଦୀଙ୍କୁ ଫାଶୀ ଦେବ ଇସ୍ରାଏଲ

ଜେରୁଜେଲମ୍, ୧୪

ଇସ୍ରାଏଲୀଙ୍କୁ ହତ୍ୟା ମାମଲାରେ ସମ୍ପୃକ୍ତ ଥାଇ ଜେଲରେ ରହିଥିବା ପାଲେଷ୍ଟିନୀୟ ବନ୍ଦୀମାନଙ୍କୁ ଫାଶୀ ଦେବା ପାଇଁ ଇସ୍ରାଏଲ୍ ପାର୍ଲାମେଣ୍ଟରେ ଆଇନ ଗୃହୀତ ହୋଇଛି। ଏହାକୁ ନେଇ ୱେଷ୍ଟ ବ୍ୟାଙ୍କରେ ଆତଙ୍କ ଖେଳିଯାଇଥିବାବେଳେ ପ୍ରତିବାଦରେ ବହୁସଂଖ୍ୟାରେ ପାଲେଷ୍ଟିନୀୟ ମଙ୍ଗଳବାର ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିଛନ୍ତି। ଇସ୍ରାଏଲ ଆଣିଥିବା ଆଇନରେ ପାଲେଷ୍ଟିନୀୟ ବନ୍ଦୀଙ୍କ ପାଇଁ ମୃତ୍ୟୁଦଣ୍ଡ ବ୍ୟବସ୍ଥା କରାଯାଇଥିବାବେଳେ ପାଲେଷ୍ଟିନୀୟଙ୍କୁ ହତ୍ୟା ମାମଲାରେ ସମ୍ପୃକ୍ତ ଇସ୍ରାଏଲୀ ବାସିନ୍ଦାଙ୍କ ପାଇଁ ସମାନ ଦଣ୍ଡ ବ୍ୟବସ୍ଥା ରଖାଯାଇ ନାହିଁ।

## ଅମରାବତୀ ଆନ୍ଧ୍ରର ଏକମାତ୍ର, ସ୍ଥାୟୀ ରାଜଧାନୀ

ନୂଆଦିଲ୍ଲୀ,୧୪

### ଲୋକ ସଭାରେ ବିଲ୍ ଗୃହୀତ

ଅମରାବତୀକୁ ଆନ୍ଧ୍ର ପ୍ରଦେଶର ଏକମାତ୍ର ଓ ସ୍ଥାୟୀ ରାଜଧାନୀ ରୂପେ ସ୍ୱୀକୃତି ପ୍ରଦାନ ସଂକ୍ରାନ୍ତ ବିଧେୟକକୁ ବୁଧବାର ଲୋକ ସଭାର ମଞ୍ଜୁରୀ ମିଳିଛି। ଉକ୍ତ ବିଲ୍‌କୁ ଏନ୍‌ଡିଏ ଏବଂ କଂଗ୍ରେସ ସମର୍ଥନ କରିଥିବାବେଳେ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ସଦସ୍ୟମାନେ ବିଲ୍‌କୁ ବିରୋଧକରି କକ୍ଷତ୍ୟାଗ କରିଥିଲେ। ତେବେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏଙ୍କ ଦ୍ୱାରା ଆଗତ ଆନ୍ଧ୍ର ପ୍ରଦେଶ ପୁନର୍ଗଠନ (ସଂଶୋଧନ) ବିଲ୍ ଧ୍ୱନିମତରେ ପାରିତ ହୋଇଛି। ଏହା ଆଇନରେ ପରିଣତ ହେଲେ ଆନ୍ଧ୍ର ପ୍ରଦେଶର ରାଜଧାନୀ ସଂଖ୍ୟା ବୃଦ୍ଧି ଓ ଅଦଳବଦଳ ନିଷ୍ପତ୍ତି ନିଆଯାଇପାରିବ ନାହିଁ। ଏହାଦ୍ୱାରା ଏନ୍‌ଡିଏ ସହଯୋଗୀ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମୁଖ୍ୟ ତଥା ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ଆଶା ଆକାଂକ୍ଷା ପୂରଣ ହେବ ବୋଲି କୁହାଯାଉଛି। ଏହା ୨୦୨୪ ଜୁନ୍ ୨ରୁ ପ୍ରଭାବକୁ ଆସିବ।

## କ୍ରିମିଆରେ ଖସିଲା ରୁଷିଆ ସେନା ବିମାନ: ୨୯ ମୃତ

ମସ୍କୋ,୧୪(ଏ.ପି.)

ରୁଷିଆର ଏକ ସାମରିକ ବିମାନ କ୍ରିମିଆର ପାର୍ବତ୍ୟ ଅଞ୍ଚଳରେ ଖସିପଡ଼ିଛି। ଏଥିରେ ଥିବା ୬ କ୍ରିଉ ଓ ୨୩ ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ରୁଷୀୟ ନ୍ୟୁଜ୍ ଏଜେନ୍ସିଗୁଡ଼ିକ ପକ୍ଷରୁ ବୁଧବାର ସକାଳେ ରିପୋର୍ଟ କରାଯାଇଛି। ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ହସ୍ତଗତ ରିପୋର୍ଟକୁ ଅବତାରଣା କରି ଏଥିରେ କୁହାଯାଇଛି ଯେ, ଏଏନ୍-୨୬ ସାମରିକ ପରିବହନ ବିମାନଟି କ୍ରିମିଆ ଉପଦ୍ୱୀପ (୨୦୧୪ରେ ୟୁକ୍ରେନ୍‌ଠାରୁ ବେଆଇନ ଭାବେ ମସ୍କୋ ଦଖଲ କରି ନିଜ ଅକ୍ତିଆରରେ ରଖିଥିବା ) ଅଞ୍ଚଳରେ ଉଡ଼ାଣ କରୁଥିବାବେଳେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟାରେ ସେନା ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା।

ରୁଷିଆର ଶୀର୍ଷ ତଦନ୍ତକାରୀ ସଂସ୍ଥା ଇନ୍‌ଭେଷ୍ଟିଗେଟିଭ୍ କମିଟି ପକ୍ଷରୁ କୁହାଯାଇଛି ଯେ ଉକ୍ତ ବିମାନରେ ମୋଟ ୭ କ୍ରିଉ ମେମ୍ବରଙ୍କ ସହ ଅନ୍ୟ ୨୩ ଯାତ୍ରୀ ଥିଲେ। ତେବେ ଏହା ଦୁର୍ଘଟଣାଗ୍ରସ୍ତ ହେବା ପରେ କୌଣସି ଯାତ୍ରୀ ବର୍ତ୍ତିଯାଇଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଦୁର୍ଘଟଣାର କାରଣ ସ୍ପଷ୍ଟ କରିବା ପାଇଁ ବିମାନ ଉଡ଼ାଣର ନିୟାମକ ଉଲ୍ଲଂଘନଜନିତ ଆପରାଧିକ ତଦନ୍ତ ଜାରି ରହିଛି। ନ୍ୟୁଜ୍ ଏଜେନ୍ସି ଇଣ୍ଟରଫାକ୍ସର ସୂଚନାନୁଯାୟୀ, ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଛି ଏବଂ ଏଥିରେ କୌଣସି ବାହ୍ୟ ଆକ୍ରମଣର ସଙ୍କେତ ମିଳୁନାହିଁ।

## ଓଜନ ହ୍ରାସ ଔଷଧ ବେଆଇନ ବିକ୍ରିକଲେ ଲାଇସେନ୍ସ ରଦ୍ଦ

### କେନ୍ଦ୍ରର ଚେତାବନୀ

ନୂଆଦିଲ୍ଲୀ,୧୪



ଓଜନ ହ୍ରାସ ପାଇଁ ଉଦ୍ଦିଷ୍ଟ ଔଷଧଗୁଡ଼ିକ ଭାରତୀୟ ବଜାରରେ ସହଜରେ ଉପଲବ୍ଧ ହେଉଥିବାରୁ ଏହାର ଅପବ୍ୟବହାର ବଢ଼ିବାରେ ଲାଗିଛି। ଏଭଳି ଡ୍ରଗ୍ସ ବିକ୍ରେତାଙ୍କ ଲାଇସେନ୍ସ ରଦ୍ଦ କରାଯିବା ସହ ସେମାନଙ୍କ ବିରୋଧରେ ଜରିମାନା ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୁଧବାର କେନ୍ଦ୍ର ସରକାର ଚେତାବନୀ ଦେଇଛନ୍ତି।

ଜିଏଲ୍‌ପି ୧ ଡ୍ରଗ୍ସ, ସେଗୁଡ଼ିକର ବ୍ୟବହାର, ରିସ୍କ ଓ ନିୟାମକ ଉପରେ କେନ୍ଦ୍ର ଏକ ବିସ୍ତୃତ ବିବରଣୀରେ କହିଛି ଯେ, ନିକଟରେ ଅନେକ ପ୍ରକାର ଓଜନ ହ୍ରାସ ଔଷଧ ଭାରତୀୟ ବଜାରକୁ ଆସିଛି। ଖୁଚୁରା ଫାର୍ମାସି, ଅନ୍‌ଲାଇନ୍ ପ୍ଲାଟଫର୍ମ, ହୋଲ୍‌ସେଲର ଓ ୱେଲନେସ୍ କ୍ଲିନିକ୍‌ରେ ସେଗୁଡ଼ିକ ଅତି ସହଜରେ ବଜାରରେ ଉପଲବ୍ଧ ହେଉଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ। ଡାକ୍ତରଙ୍କ ବିନା ପରାମର୍ଶରେ ଲୋକେ ଏଭଳି ଡ୍ରଗ୍ସ ବ୍ୟବହାର କରୁଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ମଧୁମେହ ଚିକିତ୍ସା ପାଇଁ ଜିଏଲ୍‌ପି ୧ ଡ୍ରଗ୍ସ ବ୍ୟବହାର କରାଗଲେ ଗମ୍ଭୀର ପାର୍ଶ୍ୱପ୍ରତିକ୍ରିୟା ଦେଖାଦେଇପାରେ। ତେଣୁ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ ଏ ସମ୍ପର୍କିତ ନିୟାମକ ସର୍ଭିଲାନ୍ସକୁ କଡ଼ାକଡ଼ି କରିଛନ୍ତି। ଦେଶରେ କେବଳ ଏଣ୍ଡୋକ୍ରୋନୋଲୋଜିଷ୍ଟ, ଇଣ୍ଟର୍ନାଲ ମେଡିସିନ୍ ସ୍ପେଶାଲିଷ୍ଟ ଓ କାର୍ଡିଓଲୋଜିଷ୍ଟଙ୍କ ପରାମର୍ଶରେ ହିଁ ଏହାର ବିକ୍ରିକୁ ଅନୁମତି ଦିଆଯାଇଥିବା ଏଥିରେ ସ୍ପଷ୍ଟ କରାଯାଇଛି। ପ୍ରକାଶ ଯେ, ନିକଟରେ ଏଭଳି ୪୯ ସଂସ୍ଥା ଉପରେ ଚଢ଼ାଉ କରାଯାଇଥିଲା। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି।


ଆସାମ ନିର୍ବାଚନ ପ୍ରଚାର ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଡିବ୍ରୁଗଡ଼ସ୍ଥିତ ଏକ ଚା’ ବଗିଚାରେ ମହିଳା ଶ୍ରମିକମାନେ ସେଲ୍ଫି ନେଉଛନ୍ତି।



ପୁରୀରେ ସାହିଯାତ ଅବସରରେ ବୁଧବାର ମାୟା ରାବଣ କୁଣ୍ଢେଇବେଟସାହି ପରିକ୍ରମା କରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଓଏମ୍‌ସିକୁ ୬ ବର୍ଷରେ ୫,୦୯୦ କୋଟିର ଜରିମାନା

ଭୁବନେଶ୍ୱର,୧।୪(ରବିନାରାୟଣ ଜେନା)

ରାଜ୍ୟରେ କେବଳ ଯେ ଘରୋଇ କମ୍ପାନୀ ଅନେକ ହଜାର କୋଟି ଟଙ୍କାର ଖଣି ଦୁର୍ନୀତି କରିଛନ୍ତି ତାହା ନୁହେଁ, ବରଂ ରାଜ୍ୟ ସରକାରଙ୍କ ନିଜସ୍ୱ ସଂସ୍ଥା ଓଡ଼ିଶା ଖଣି ନିଗମ(ଓଏମ୍‌ସି) ମଧ୍ୟ ବେଆଇନ ଭାବେ ମାତ୍ରାଧିକ ଖଣି ଖନନ କରିଛି। ଏଥିପାଇଁ ୨୦୧୭ରୁ ୨୦୨୨ ମଧ୍ୟରେ ପ୍ରାୟ ୫,୦୯୦ କୋଟି ଟଙ୍କାର ଜରିମାନା ହୋଇଛି। ସେଥିମଧ୍ୟରୁ ୩,୭୬୧.୮୮ କୋଟି ଟଙ୍କାର ଆର୍ଥିକ ଜରିମାନା ପ୍ରଦାନ କରିଥିବାବେଳେ ଅବଶିଷ୍ଟ ଜରିମାନା ଅର୍ଥ ବିଭାଗ ପକ୍ଷରୁ ପ୍ରଦାନ କରାଯିବାକୁ ରହିଛି ବୋଲି ମଙ୍ଗଳବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପିତ କରିଥିବା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି)ଙ୍କ ରିପୋର୍ଟରୁ ଜଣାଯାଇଛି।

ରିପୋର୍ଟ ଅନୁଯାୟୀ, ଯଦି କୌଣସି ସଂସ୍ଥା ବା ବ୍ୟକ୍ତିବିଶେଷ ଜଙ୍ଗଲ ସଂରକ୍ଷଣ ଅଧିନିୟମ-୧୯୭୪ ଏବଂ ବାୟୁ(ନିବାରଣ ଓ ପ୍ରଦୂଷଣ ନିୟନ୍ତ୍ରଣ) ଅଧିନିୟମ-୧୯୮୧ରେ ଉଲ୍ଲଂଘନ କରିଥାଏ, ତେବେ ସେହି ଖଣିକାର୍ଯ୍ୟ

**ସିଏଜି ରିପୋର୍ଟ**

ଏହାବ୍ୟତୀତ ଏମ୍‌ଏମ୍‌ଡିଆର୍ ଅଧିନିୟମ, ୧୯୫୭ର ଧାରା ୨୧(୫)ରେ ରହିଛି, ଯେତେବେଳେ କୌଣସି ଆଇନଗତ କର୍ତ୍ତୃପକ୍ଷଙ୍କ ଅନୁମତି ବିନା କୌଣସି ଖଣିଜ ପଦାର୍ଥ ଉତ୍ତୋଳନ କରାଯାଏ, ସେଠାରେ ଉତ୍ତୋଳନ କରାଯାଇଥିବା ଖଣିଜ ପଦାର୍ଥର ମଧ୍ୟ ଜରିମାନା ଦେବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ସିଏଜିଙ୍କ ପକ୍ଷରୁ ୨୦୦୦-୨୦୧୧ ମଧ୍ୟରେ ୪ଟି ଖଣିରୁ ପରିବେଶ ମଞ୍ଜୁରୀ ପରିମାଣଠାରୁ ଅଧିକ କିମ୍ବା ଜଙ୍ଗଲ ଜମି ବ୍ୟବହାର ମଞ୍ଜୁରୀର ବିନା ଅନୁମତିରେ ୨୯.୪୭ ନିୟୁତ ଏମ୍‌ଟି ଖଣିଜ ପଦାର୍ଥ ଉତ୍ତୋଳନ ହୋଇଥିଲା, ଯେଉଁଥିପାଇଁ ଓଡ଼ିଶା ଖଣି ନିଗମ ୨୦୧୭-୨୨ ମଧ୍ୟରେ ୩,୭୬୧.୮୮ କୋଟି ଟଙ୍କାର ଆର୍ଥିକ ଜରିମାନା ଦେଇଛି। ଏହାବାଦ୍ ବିଳମ୍ବରେ ଜରିମାନା ଦେବା କାରଣରୁ ନିଗମକୁ ସୁଧ ବାବଦରେ ୮୯୮.୨୩ କୋଟି ଟଙ୍କା ଦେବାକୁ ରହିଛି। ହେଲେ ଏବେ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଏନେଇ କୌଣସି ଦାବି କରାଯାଇନାହିଁ।

ସେହିପରି ୨୦୧୮-୧୯ ମଧ୍ୟରେ ପରିବେଶ ମଞ୍ଜୁରୀ ଓ କନ୍‌ସେଣ୍ଟ ଟୁ ଅପରେଟ୍ (ସିଟିଓ)ରେ ଉଲ୍ଲଂଘନ ପାଇଁ ଓଏମ୍‌ସି ୧,୩୨୮.୩୭ କୋଟି ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ସିଏଜିଙ୍କ ପକ୍ଷରୁ କୁହାଯାଇଛି। ସିଏଜିଙ୍କ ପକ୍ଷରୁ ସମୀକ୍ଷା ବେଳେ ଜଣାପଡ଼ିଛି, ସୁକ୍ରାଙ୍ଗି କ୍ରୋମାଇଟ୍ ଖଣିରେ ୨୦୧୮-୧୯ ମଧ୍ୟରେ ୧.୩୦ ଲକ୍ଷ ଏମ୍‌ଟି ଅନୁମୋଦିତ ଏନ୍‌ଭାଇରନ୍‌ମେଣ୍ଟ କ୍ଲିୟରାନ୍ସ(ଇସି) କ୍ଷମତା ଥିବାସ୍ଥଳେ ୧.୬୭ ଲକ୍ଷ ଏମ୍‌ଟି କ୍ରୋମାଇଟ୍ ଉତ୍ପାଦିତ ହୋଇଛି। ସେହିପରି କୋଡ଼ିଙ୍ଗାମାଳି ବକ୍ସାଇଟ୍ ଖଣିରେ ଏହି ଅବଧି ମଧ୍ୟରେ ଅନୁମୋଦିତ ସିଟିଓ ପରିମାଣ ୨୨.୬ ଲକ୍ଷ ଏମ୍‌ଟି ଥିବାସ୍ଥଳେ ୨୭ ଲକ୍ଷ ଏମ୍‌ଟି ବକ୍ସାଇଟ୍ ଉତ୍ତୋଳନ ହୋଇଛି। ଏହି ଉଭୟ ଖଣିରେ ହୋଇଥିବା ବେଆଇନ ଖନନ ପାଇଁ ୧,୩୨୮.୩୭ କୋଟି ଟଙ୍କାର ଜରିମାନା ଦେବାକୁ ପଡ଼ିବ ବୋଲି ସିଏଜିଙ୍କ ପକ୍ଷରୁ କୁହାଯାଇଛି। ଏହାବାଦ୍ ଓଏମ୍‌ସି ପକ୍ଷରୁ ଅନ୍ୟ କେତେକ କ୍ଷେତ୍ରରେ ଏଭଳି ବ୍ୟତିକ୍ରମ ହୋଇଥିବା ସିଏଜିଙ୍କ ପକ୍ଷରୁ ରିପୋର୍ଟରେ କୁହାଯାଇଛି।

# ୩୦ ଜିଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ନାଁ ଘୋଷିତ

ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଗତ ୨୮ ତାରିଖରେ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଥିଲେ। ସେମାନେ ଫେରିବାର ୨ ଦିନ ପରେ ରାଜ୍ୟର ୩୦ ଜିଲା ଯୋଜନା କମିଟି ଅଧ୍ୟକ୍ଷ(ଡିପିସି)ମାନଙ୍କ ନାଁ ଘୋଷଣା କରାଯାଇଛି। ଏଥିରେ ୪ ଜଣ ମନ୍ତ୍ରୀ ଓ ୨୬ ଜଣ ବିଧାୟକ ରହିଛନ୍ତି। ରାଜ୍ୟରେ ଭାଜପା ସରକାର ଗଠନର ୨ ବର୍ଷ ପୂରଣ ହେବାକୁ ଯାଉଛି। ଇତିମଧ୍ୟରେ ବିଭିନ୍ନ ସରକାରୀ ପଦ ପଦବୀରେ ନେତାଙ୍କୁ ଥଇଥାନ ନେଇ ଅନେକ ଆଲୋଚନା ହେଉଥିଲା। ଏବେ ଜିଲା ଯୋଜନା କମିଟି ଅଧ୍ୟକ୍ଷମାନଙ୍କ ନାଁ ଘୋଷଣା ହେବାପରେ ପୁଣିଥରେ ରାଜ୍ୟରେ ଖାଲି ଥିବା ବିଭିନ୍ନ ନିଗମ, ବୋର୍ଡରେ ଥଇଥାନ ଖୁବ୍‌ଶୀଘ୍ର ହେବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି।



ସୁରେଶ ପୂଜାରୀ



ପୃଥ୍ୱୀରାଜ ହରିଚନ୍ଦନ



ନିତ୍ୟାନନ୍ଦ ଗଣ୍ଡ



କୃଷ୍ଣଚନ୍ଦ୍ର ପାତ୍ର

ଭୁବନେଶ୍ୱର, ୧।୪ (ସୁନିତ୍ ମିଶ୍ର)

ଘୋଷଣା ଅନୁଯାୟୀ, ୪ ଜଣ ମନ୍ତ୍ରୀଙ୍କୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଦେବଗଡ଼, ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଗଜପତି, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ରାୟଗଡ଼ା ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମ୍ବଲପୁର ଜିଲା

## ୪ ମନ୍ତ୍ରୀ, ୨୬ ବିଧାୟକଙ୍କୁ ମିଳିଲା ଦାୟିତ୍ୱ

### ନିଗମ, ବୋର୍ଡର ଥଇଥାନ ନେଇ ଘୋଷଣା ଶୀଘ୍ର ହୋଇପାରେ

| ଜିଲା | ବିଧାୟକ/ମନ୍ତ୍ରୀ |
|---|---|
| ଅନୁଗୋଳ | ଅଶୋକ ମହାନ୍ତି |
| ବଲାଙ୍ଗୀର | ଲକ୍ଷ୍ମଣ ବାଗ୍ |
| ବାଲେଶ୍ୱର | ପଦ୍ମଲୋଚନ ପଣ୍ଡା |
| ବରଗଡ଼ | ଅଶ୍ୱିନୀ କୁମାର ଷଡ଼ଙ୍ଗୀ |
| ଭଦ୍ରକ | ସିତାଂଶୁ ଶେଖର ମହାପାତ୍ର |
| ବୌଦ୍ଧ | କହ୍ନାଇ ଚରଣ ଡଙ୍ଗ |
| ଦେବଗଡ଼ | ସୁରେଶ ପୂଜାରୀ |
| କଟକ | ଛବି ମଲିକ |
| ଢେଙ୍କାନାଳ | ସୀମାରାଣୀ ନାଏକ |
| ଗଜପତି | ପୃଥ୍ୱୀରାଜ ହରିଚନ୍ଦନ |
| ଗଞ୍ଜାମ | ପୂର୍ଣ୍ଣଚନ୍ଦ୍ର ସେଠୀ |
| ଜଗତସିଂହପୁର | ଅମରେନ୍ଦ୍ର ଦାସ |
| ଯାଜପୁର | ଆକାଶ ଦାସନାୟକ |
| ଝାରସୁଗୁଡ଼ା | ଟଙ୍କଧର ତ୍ରିପାଠୀ |
| କଳାହାଣ୍ଡି | ସୁଧୀର ରଞ୍ଜନ ପାଟ୍ଟଯୋଶୀ |

| ଜିଲା | ବିଧାୟକ/ମନ୍ତ୍ରୀ |
|---|---|
| କନ୍ଧମାଳ | ଉମା ଚରଣ ମଲିକ |
| କେନ୍ଦ୍ରାପଡ଼ା | ଦୁର୍ଗା ପ୍ରସନ୍ନ ନାୟକ |
| କେନ୍ଦୁଝର | ଫକୀର ମୋହନ ନାଏକ |
| ଖୋର୍ଦ୍ଧା | ପ୍ରଶାନ୍ତ କୁମାର ଜଗଦେବ |
| କୋରାପୁଟ | ରଘୁରାମ ମାଛ |
| ମାଲକାନଗିରି | ନରସିଂହ ମାଡକାମୀ |
| ମୟୂରଭଞ୍ଜ | ଭାସ୍କର ମଢ଼େଇ |
| ନବରଙ୍ଗପୁର | ଗୌରୀ ଶଙ୍କର ମାଝୀ |
| ନୟାଗଡ଼ | ଦୁଷ୍ମନ୍ତ କୁମାର ସ୍ୱାଇଁ |
| ନୂଆପଡ଼ା | ଜୟ ଢୋଲକିଆ |
| ପୁରୀ | ଓମ୍ ପ୍ରକାଶ ମିଶ୍ର |
| ରାୟଗଡ଼ା | ନିତ୍ୟାନନ୍ଦ ଗଣ୍ଡ |
| ସମ୍ବଲପୁର | କୃଷ୍ଣଚନ୍ଦ୍ର ପାତ୍ର |
| ସୁବର୍ଣ୍ଣପୁର | ରଘୁନାଥ ଜଗଦଲା |
| ସୁନ୍ଦରଗଡ଼ | ଦୁର୍ଗା ଚରଣ ତନ୍ତି |

ଯୋଜନା କମିଟି ଅଧ୍ୟକ୍ଷ ଭାବେ ନୂଆ ନିଯୁକ୍ତି ମିଳିଛି। ୪ ମନ୍ତ୍ରୀଙ୍କୁ ମିଳିଥିବା ଦେବଗଡ଼, ଗଜପତି, ରାୟଗଡ଼ା ଏବଂ ସମ୍ବଲପୁର ଜିଲା ଉପରେ ସରକାର କିଛି ବିଶେଷ ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ଯୋଜନା ରଖିଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ସରକାରୀ ସୂତ୍ରରୁ ଜଣାପଡିଛି।

ଜିଲା ଯୋଜନା କମିଟି ଅଧ୍ୟକ୍ଷ ପଦରେ ବିଧାୟକମାନଙ୍କୁ ଦାୟିତ୍ୱ ବଣ୍ଟାଯିବା ପରେ ଆଗକୁ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଭଳି ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ପଦରେ କାହାକୁ ଦାୟିତ୍ୱ ମିଳିବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସେହିଭଳି ଅନେକ ବୋର୍ଡ ଏବଂ ନିଗମ ପଦରେ ନେତାଙ୍କୁ ଥଇଥାନ କରିବା ଲାଗି ତାଲିକା ପ୍ରସ୍ତୁତ ହୋଇସାରିଥିବା ମନମୋହନ କିଛି ମାସ ତଳୁ କହିଥିଲେ। ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ପ୍ରତ୍ୟେକ ନିଗମ ଓ ବୋର୍ଡର ପଦବୀ ଲାଗି ୩ ଜଣ ଲେଖା ନେତାଙ୍କ ନାମକୁ ନେଇ ତାଲିକା କରାଯାଇଛି। ସେହି ତାଲିକା ଦିଲ୍ଲୀ ନେତୃତ୍ୱଙ୍କ ନିକଟରେ ପହଞ୍ଚିସାରିଛି। କେବଳ ଚୂଡ଼ାନ୍ତ ନାମ ଘୋଷଣା ବାକି ଥିବା କୁହାଯାଉଛି। ଜିଲା ଯୋଜନା କମିଟିର ଅଧ୍ୟକ୍ଷମାନଙ୍କ ନାଁ ଘୋଷଣା ହୋଇଥିବାରୁ ଖୁବ୍‌ଶୀଘ୍ର ଅନ୍ୟ ପଦ ପଦବୀରେ ନେତାଙ୍କ ନାଁ ଘୋଷଣା ହେବ ବୋଲି ଶୁଣାଯାଉଛି।

# ଓଡ଼ିଶା ଦିବସରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା

ଭୁବନେଶ୍ୱର, ୧।୪(ସୁନିତ୍ ମିଶ୍ର)

- ବିଜୁବାବୁଙ୍କ ବ୍ୟକ୍ତିତ୍ୱ ସମସ୍ତଙ୍କୁ ଅନୁପ୍ରାଣିତ କରିଥିବା କହିଲେ
- ମୁଖ୍ୟମନ୍ତ୍ରୀଙ୍କ ୨ ବର୍ଷର କାର୍ଯ୍ୟକୁ ଅସାଧାରଣ ବୋଲି କହିଲେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ସେ ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି, ଓଡ଼ିଶା, ଏହାର ଗୌରବଶାଳୀ ଇତିହାସ ଓ ଏହି ଅସାଧାରଣ ରାଜ୍ୟର ଲୋକମାନଙ୍କୁ ଦେଖିଲେ ଯେକୌଣସି ବ୍ୟକ୍ତି ଚକିତ ହୋଇଯିବ। ଓଡ଼ିଆ ସଂସ୍କୃତି ଏକ ସଭ୍ୟତାଗତ ଐତିହ୍ୟ। ଓଡ଼ିଶାରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେବା ଭଳି ଶକ୍ତି ରହିଛି। ସର୍ବୋପରି ପୁରୀର ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, କୋଣାର୍କ ମନ୍ଦିର ଏବଂ ଏପରି ଅନେକ ପ୍ରତିଷ୍ଠିତ ସ୍ଥଳୀ ନିର୍ମାଣ କରାଯାଇଛି, ଯାହା ଏବେ ମଧ୍ୟ ସଗୌରବେ ଦଣ୍ଡାୟମାନ। ସାରା ରାଜ୍ୟରେ ମା'ଙ୍କୁ ସମର୍ପିତ ଅନେକ ମନ୍ଦିର ରହିଛି। ଭାରତ ସମେତ ସାରା ବିଶ୍ୱରେ ଓଡ଼ିଶୀ ନୃତ୍ୟ ଅତ୍ୟନ୍ତ ଲୋକପ୍ରିୟତା ଅର୍ଜନ କରିଛି। ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ମଧ୍ୟ ରାଜ୍ୟର ଏକ ଅନନ୍ୟ ବୈଶିଷ୍ଟ୍ୟ ଯୋଡ଼ିଛନ୍ତି। ଓଡ଼ିଶାର ବାସ୍ତବ ମହାନତା ଏହାର ଲୋକମାନଙ୍କ ପାଖରେ ରହିଛି। ବକ୍ସି ଜଗବନ୍ଧୁ ଓ ବୀର ସୁରେନ୍ଦ୍ର ସାଏଙ୍କ ସାହସ ବିଷୟରେ ସମସ୍ତେ ଜାଣନ୍ତି। ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ହରେକୃଷ୍ଣ ମହତାବ, ମାଳତୀ ଚୌଧୁରୀ, ସରଳା



ନରେନ୍ଦ୍ର ମୋଦି

ଦେବୀ, ପାର୍ବତୀ ଗିରି ଏବଂ ଏପରି ଅଗଣିତ ମହାପୁରୁଷ ଆମ ଇତିହାସରେ ଏକ ଅଲିଭା ସ୍ୱାକ୍ଷର ଛାଡ଼ିଯାଇଛନ୍ତି। ଏହି ମାଟିର ବିଜୁ ପଟ୍ଟନାୟକଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱ ଜନ୍ମ ନେଇଥିଲେ। ତାଙ୍କ ଜୀବନ ଅସାଧାରଣ ଶକ୍ତି, ସାହସ ଓ ଦେଶ ଗଠନ ପାଇଁ ଅତୁଟ ସମର୍ପଣର ପ୍ରତୀକ। ବିଜୁବାବୁଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଆମ ସମସ୍ତଙ୍କୁ ଅନୁପ୍ରାଣିତ କରିଛି।

ସୂଚନାଯୋଗ୍ୟ, ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ନିକଟରେ ☞ପୃଷ୍ଠା-୫

# ୭ ଦିନ ବଢ଼ିଲା ଧାନକିଣା ଅବଧି

ଭୁବନେଶ୍ୱର,୧।୪(ରବିନାରାୟଣ ଜେନା)

ରାଜ୍ୟର ଚାଷୀକୁଳଙ୍କ ହିତକୁ ଦୃଷ୍ଟିରେ ରଖି ଓଡ଼ିଶା ଦିବସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବଳକା ରହିଯାଇଥିବା ଧାନ ସଂଗ୍ରହ ଲାଗି ସରକାର ଆଉ ୭ ଦିନ ଅବଧି ବୃଦ୍ଧି କରିଥିବା ନେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ସମସ୍ତ ଚାଷୀଙ୍କ ଧାନ ସଂଗ୍ରହ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ପରିପ୍ରେକ୍ଷୀରେ ଯେପରି ଜଣେ ବି ଚାଷୀଙ୍କ ଟୋକନ୍ ଲାପ୍ସ ଯିବନି, ସେଥିପାଇଁ ଏହି ଅବଧି ବୃଦ୍ଧି କରାଯାଇଛି। ଚଳିତ ଖରିଫ୍ ଋତୁରେ ଚାଷୀଙ୍କଠାରୁ ୭୭ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣା ସରିଲାଣି। ଇତିମଧ୍ୟରେ ୧୮ ଲକ୍ଷ ୬୪ ହଜାର ଚାଷୀ ଧାନ ବିକ୍ରି କରିସାରିଛନ୍ତି ଏବଂ ସେମାନଙ୍କ ବ୍ୟାଙ୍କଖାତାକୁ ଡିବିଟି ଜରିଆରେ ୨୨,୮୮୪ କୋଟି ଟଙ୍କା ଯାଇସାରିଲାଣି। ତେବେ ୧ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରି ମଧ୍ୟ ଧାନ ବିକି ନ ଥିବା ଖବର ଆସିଛି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରୀ କହିଛନ୍ତି।

# ଭୁବନେଶ୍ୱରରେ ଖୋଲିଲା ଭିଜା ଆବେଦନ କେନ୍ଦ୍ର

ଭୁବନେଶ୍ୱର, ୧।୪ (ବନ୍ଦନା ସେଠୀ)

ରାଜ୍ୟରେ ସହଜ ହେଲା ଭିଜା ଆବେଦନ। ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାବାସାହେବ ଭୀମ୍‌ରାଓ ଆମ୍ବେଡକର ବସ୍ ଟର୍ମିନାଲ (ବିଏସ୍‌ଏବିଟି)ରେ ଖୋଲିଲା ବହୁ ପ୍ରତୀକ୍ଷିତ ଭିଜା ଆବେଦନ କେନ୍ଦ୍ର। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ପୂର୍ବରୁ ଓଡ଼ିଶାବାସୀଙ୍କୁ ଭିଜା ସେବା ପାଇଁ କୋଲକାତା, ଦିଲ୍ଲୀ କିମ୍ବା ହାଇଦ୍ରାବାଦ ଉପରେ ନିର୍ଭର କରିବାକୁ ପଡୁଥିଲା। ଫଳରେ ଲୋକମାନେ ଭିଜା କରିବାରେ ଅଧିକ ସମୟ ସହିତ ଖର୍ଚ୍ଚାନ୍ତ ମଧ୍ୟ ହେଉଥିଲେ। ତେବେ ଏବେ ଏହି ସମସ୍ୟାର ସମାଧାନ କରାଯାଇଛି। କେନ୍ଦ୍ର ସରକାରଙ୍କ ସହଯୋଗରେ ଭିଏଫ୍‌ଏସ୍ ଗ୍ଲୋବାଲ ସଂସ୍ଥାର ବୈଷୟିକ ସହାୟତାରେ ଏହି ଆପ୍ଲିକେଶନ ସେଣ୍ଟର ନିର୍ମାଣ କରାଯାଇଛି। ବିଏସ୍‌ଏବିଟିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କେନ୍ଦ୍ର ସ୍ଥାପନ ପାଇଁ ୩,୦୦୦ ବର୍ଗଫୁଟ ସ୍ଥାନ ପ୍ରଦାନ କରାଯାଇଛି। ଆବଶ୍ୟକ ପଡ଼ିଲେ ଅଧିକ ସ୍ଥାନ ଯୋଗାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ଏହି ସେଣ୍ଟରରୁ ଅଷ୍ଟ୍ରିଆ, ଆୟର୍ଲାଣ୍ଡ, ସ୍ୱିଜରଲାଣ୍ଡ, ୟୁନାଇଟେଡ୍ କିଙ୍ଗଡମ୍, ଇଷ୍ଟୋନିଆ, ଇଟାଲୀ, ମାଲ୍‌ଟା, ଜାପାନ, ମରକ୍କୋ ଏବଂ ଇଜିପ୍ଟ ଭଳି ୧୦ଟି ଦେଶକୁ ଯିବାପାଇଁ ଭିଜା ସୁବିଧା ଯୋଗାଇ ଦିଆଯିବ। ପରବର୍ତ୍ତୀ ସମୟରେ ଅନ୍ୟ ଦେଶକୁ ଭିଜା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ସଂସ୍ଥାର ୧୬୭ଟି ଦେଶରେ ପ୍ରାୟ ୪ହଜାର ଆପ୍ଲିକେଶନ ସେଣ୍ଟର କାର୍ଯ୍ୟକ୍ଷମ ରହିଛି ଏବଂ ଭାରତର ୨୦ଟି ସହରରେ ୫୬୦ଟି ଆପ୍ଲିକେଶନ ସେଣ୍ଟର କାର୍ଯ୍ୟ କରୁଛି। ଓଡ଼ିଶା ସମଗ୍ର ଭାରତବର୍ଷରେ ବର୍ତ୍ତମାନ ଶିଳ୍ପ କ୍ଷେତ୍ରରେ ଏକ ହବ୍ ହେବାକୁ ଯାଉଛି। ସେ ଦୃଷ୍ଟିକୋଣରୁ ଲୋକମାନେ ସିଧାସଳଖ ଭିଜା ସହଯୋଗରେ ବିଦେଶକୁ ଯିବା ଆସିବା କରିବା ଏକ ବଡ଼ ସୁଯୋଗ ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଭାରତରେ ଅବସ୍ଥାପିତ ଅଷ୍ଟ୍ରିଆ, ଇଟାଲୀ ଓ ସ୍ୱିଜରଲାଣ୍ଡ ଦୂତାବାସ ଅଧିକାରୀଙ୍କ ସମେତ ରାଜ୍ୟ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଭିଏଫ୍‌ଏସ୍ ଗ୍ଲୋବାଲ ସାଉଥ୍ ଏସିଆର ସିଓଓ ୟୁମି ତଲୱାର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଓଡ଼ିଶାରେ ଭିଜା ସେବାକୁ ଉନ୍ନତ କରିବା ଦିଗରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ବିଏସ୍‌ଏବିଟିରେ ଭିଜା ଆବେଦନ କେନ୍ଦ୍ର ସ୍ଥାପନ ପାଇଁ ମାର୍ଚ୍ଚ ୨୩ରେ ରାଜ୍ୟ ଗୃହ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭିଏଫ୍‌ଏସ୍ ଗ୍ଲୋବାଲ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ପ୍ରାୟ ୧୧ ଏକର ଜମିରେ ବ୍ୟାପ୍ତ ବିଏସ୍‌ଏବିଟି ହେଉଛି ଓଡ଼ିଶାର ସବୁଠାରୁ ବଡ଼ ବସ୍ ଟର୍ମିନାଲ। ଏଠାରେ ଏହି କେନ୍ଦ୍ର ଖୋଲାଯିବା ଦ୍ୱାରା ଲୋକଙ୍କୁ ଭିଜା ଆବେଦନ ଲାଗି ସହଜ ହେବ ଓ ଆଉ ରାଜ୍ୟ ବାହାରକୁ ଯାଇ ହଇରାଣ ହରକତ ହେବାକୁ ପଡ଼ିବ ନାହିଁ ବୋଲି ସୂଚନା ଦିଆଯାଇଛି।




ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ (ବିଏସ୍‌ଏବିଟି)ରେ ଭିଜା ଆବେଦନ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ଭୁଲ୍ ବୁଝାଯାଇଛି, କାହା ଭାବନାକୁ ବାଧିଥିଲେ କ୍ଷମା ମାଗୁଛି: ଦୁବେ



Dr Nishikant Dubey
@nishikant_dubey
Follow
Show translation

पिछले हफ़्ते मीडिया से बात करते हुए मैंने नेहरु गाँधी परिवार के कारनामों के क्रम में पूर्व मुख्यमंत्री भारत के अग्रणी नेताओं में स्थान रखने वाले आदरणीय श्री बीजू पटनायक जी के संदर्भ में मेरी बातों से ग़लत अर्थ निकाला गया । पहले तो यह वक्तव्य मेरा व्यक्तिगत है। नेहरु जी के उपर मेरे विचार को बीजू बाबू के उपर समझा गया ।
बीजू बाबू हमारे लिए हमेशा ऊँचे क़द के Statesman रहे है और रहेंगे । मेरे वक्तव्य से यदि भावनाएं आहत हुई हैं तो मैं बेशर्त क्षमा चाहता हूँ

10:52 · 01 Apr 26 · 271K Views

ଭୁବନେଶ୍ୱର, ୧।୪(ସୁନିତ୍ ମିଶ୍ର)

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବାବଦରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ରଖିଥିବା ବିବାଦୀୟ ବୟାନକୁ ନେଇ ରାଜନୀତି ଥମିବାର ନାଁ ଧରୁନାହିଁ। ସବୁଆଡୁ ସମାଲୋଚନାର ଶିକାର ହେବାପରେ ନିଶିକାନ୍ତ ଆଉ ଏକ ବିବୃତି ବୁଧବାର ରଖିଛନ୍ତି। ସେ କହିଛନ୍ତି, ଗତ ସପ୍ତାହରେ ଗଣମାଧ୍ୟମ ସହ କଥାହେବା ସମୟରେ ନେହେରୁ ଏବଂ ଗାନ୍ଧୀ ପରିବାରର କାରନାମା ସମ୍ପର୍କିତ ଆଲୋଚନା ମଧ୍ୟରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଅଗ୍ରଣୀ ନେତାମାନଙ୍କ ମଧ୍ୟରେ ସ୍ଥାନ ହାସଲ କରିପାରିଥିବା ବିଜୁ ପଟ୍ଟନାୟକଙ୍କ ବାବଦରେ ସେ ଦେଇଥିବା ମନ୍ତବ୍ୟକୁ ଭୁଲ୍ ଭାବେ ଚିତ୍ରଣ କରାଗଲା। ପ୍ରଥମତଃ ଏହି ବକ୍ତବ୍ୟ ତାଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ଥିଲା।

**ଓଡ଼ିଆ ଅସ୍ମିତା କଥାରେ ଭାଜପା ସରକାର ନୀରବ କାହିଁକି: ବିଜେଡି**

ନେହେରୁଙ୍କ ବାବଦରେ ତାଙ୍କର ଯେଉଁ ବିଚାର ଥିଲା ସେଥିରେ ବିଜୁବାବୁଙ୍କୁ ନେଇ ବୁଝାଗଲା। ବିଜୁବାବୁ ସବୁବେଳେ ସେମାନଙ୍କ ନଜରରେ ଉଚ୍ଚରେ ରହିବେ। ସେ ଜଣେ ଷ୍ଟେଟ୍‌ସମ୍ୟାନ୍ ଥିଲେ ଓ ରହିବେ। ତାଙ୍କ ବକ୍ତବ୍ୟରେ ଯଦି କାହାର ଭାବନାକୁ କ୍ଷତି ପହଞ୍ଚାଇଛି ତେବେ ନିଃସର୍ତ୍ତ କ୍ଷମା ମାଗୁଛି ବୋଲି ଦୁବେ ଉଲ୍ଲେଖ କରିଛନ୍ତି।

ଦୁବେଙ୍କ ଏଭଳି ବିବୃତି ସାମାଜିକ ଗଣମାଧ୍ୟମରେ ଆସିବା ପରେ ରାଜନୈତିକ ମହଲରେ ଭିନ୍ନ ପ୍ରକାର ☞ପୃଷ୍ଠା-୫

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଆ ନବବର୍ଷ ପାଇଁ ଯୁବ ଛାତ୍ର ସମାଜ ଓ ସ୍ୱପ୍ନ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଉତ୍କଳ ସାମ୍ବାଦିକ ଭବନ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୦ଟା ୩୦। ଖବରଦାତା ସମ୍ମିଳନୀ, ସମୟ: ଅପରାହ୍ନ ୧ଟା।
- କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସମୂହର ମିଳିତ ମଞ୍ଚ ପକ୍ଷରୁ ନୂଆ ୪ ଶ୍ରମ କୋଡ୍‌କୁ ବିରୋଧ କରି 'କଳା ଦିବସ' ପାଳନ, ସ୍ଥାନ: ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ଇଗ୍‌ନାଇଟ୍ ସ୍ପିଚ୍ ଆଣ୍ଡ ହିୟରିଂ କ୍ଲିନିକ୍ ପକ୍ଷରୁ ବିଶ୍ୱ ଅଟିଜମ୍ ସଚେତନତା ଦିବସ ୨୦୨୬, ସ୍ଥାନ: ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ଶାନ୍ତି କମିଟି ପକ୍ଷରୁ ବିନ୍ଦୁ ସାଗର ଆଳତି, ସ୍ଥାନ: ବିନ୍ଦୁସାଗର କୂଳ, ସମୟ: ଅପରାହ୍ନ ୫ଟା ୫୫।
- ମୃଦୁଗୁଞ୍ଜନ ପକ୍ଷରୁ ଷଷ୍ଠ ସପ୍ତରଙ୍ଗ ଓଡ଼ିଶୀ ନୃତ୍ୟ ଉତ୍ସବ ଓ ସପ୍ତରଙ୍ଗ ସମ୍ମାନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ପ୍ରକାଶକ ଗୋବିନ୍ଦ ଚରଣ ପାତ୍ରଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।
- କଟକ ବୈଶାଖୀ ବାଣିଜ୍ୟ ମେଳାର ଅଷ୍ଟମ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- କବିବର ରାଧାନାଥଙ୍କ ୧୧୮ତମ ଶ୍ରାଦ୍ଧବାର୍ଷିକୀ ଓ ୮୧ତମ ସାଂସ୍କୃତିକ ସମାରୋହ, ସ୍ଥାନ: କବିଙ୍କ ଜନ୍ମପୀଠ, କେଦାରପୁର, ସୋର, ସମୟ: ସକାଳ ୮ ଟା।
- ଯୋଗ ସଚେତନତା ଶିବିର, ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ : ସକାଳ ୮ଟା।
- ପିଏମଜିୱାଇ କାର୍ଯ୍ୟାଦେଶ ବଣ୍ଟନ, ସ୍ଥାନ : ଟାଉନ ହଲ, ସମୟ: ସକାଳ ୯ଟା।
- ପାରମ୍ପରିକ ପୋଷାକ ପରିଧାନ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ: ୧୦ଟା।
- ନୂତନ ପେଭର ବ୍ଲକ ରାସ୍ତାର ଉଦଘାଟନ, ସ୍ଥାନ : ବିଦ୍ୟୁତ ମାର୍ଗ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ପୌରାଧ୍ୟକ୍ଷାଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ପୌରପାଳିକା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜେଏନ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।
- କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ମହାବୀର ଜୟନ୍ତୀ ଉତ୍ସବ, ସ୍ଥାନ: ହନୁମାନ ମନ୍ଦିର, ବଡ଼ବିଲ ବଜାର, ସମୟ : ପୂର୍ବାହ୍ନ ୬ ଟା।

## ମୟୂରଭଞ୍ଜ
- ଖଡ଼ିଛୁଆଁ ଦିବସ,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି,ସମୟ: ସକାଳ ୬ଟା।

## ଗଞ୍ଜାମ
- ମା' ସନ୍ତୋଷୀ ମନ୍ଦିର ଜୀର୍ଣ୍ଣୋଦ୍ଧାର ଓ ପ୍ରତିଷ୍ଠା ଉତ୍ସବ ଶୁଭାରମ୍ଭ, ସ୍ଥାନ: ବାରିତୋଳା ଗ୍ରାମ ଖମାରି ପଞ୍ଚାୟତ,ଦିଗପହଣ୍ଡି, ସମୟ: ସକାଳ ୮ ଟା।
- ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ସକାଳ ୯ ଟା।
- ଶ୍ରୀ ରାମଚରିତମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଉଦ୍‌ଯାପିତ, ସ୍ଥାନ: କଦମ୍ବମଠ, ବୁଗୁଡ଼ା, ସମୟ: ସନ୍ଧ୍ୟା ୮ ଟା।

## ଅନୁଗୋଳ
- ମା' ତାରିଣୀଙ୍କ ବାର୍ଷିକ ଚୈତ୍ର ପର୍ବ, ସ୍ଥାନ: କଣିହାଁ ସମଲ ବ୍ୟାରେଜ ହାଇସ୍କୁଲ ଛକ ତାରିଣୀ ମନ୍ଦିର, ସମୟ: ସକାଳ ୭ଟା।

## ଜଗତ୍‌ସିଂହପୁର
- ଦିବଙ୍ଗତ ଖବରଦାତାଙ୍କ ପାଇଁ ଅସହାୟ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଅଟଳ ବିହାରୀ ମେମୋରିଆଲ ଟ୍ରଷ୍ଟ, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ବାସୁଦେବ ମେଳଣ ମହୋତ୍ସବ, ସ୍ଥାନ: କିଣିଲୋ, ପଦ୍ମପୁର, ଗରଦପୁର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## (ପୁରୀ)
- ଶ୍ରୀରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥ ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ମା' ଜାଡି ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀମଦ ଭାଗବତ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ନିମପୁର, ଆଳି, ସମୟ: ସନ୍ଧ୍ୟା ୬ଟା।
- ହରିହାଟ କାର୍ଯ୍ୟକ୍ରମ, ସ୍ଥାନ: ଭାତୁଆବଟ ପୀଠ, ମାଳପାଟଣା, ଆଳି, ସମୟ: ସନ୍ଧ୍ୟା ୬ଟା।
- ଚତୁର୍ବିଂଶ ବାର୍ଷିକୀ କଳିକଲୁଷନାଶନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସଖୀବଟ, ଗୌଡଗାଁ, ଡିହବଳରାମପୁର କଚେରୀପଡା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ମହୋତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମାଣିକପାଟଣା, ଆଳି, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ହନୁମାନଙ୍କ ଜନ୍ମ ଉତ୍ସବ କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା, ସ୍ଥାନ: ବ୍ୟାସନଗର ନନ୍ଦରାମ ବାଟିକା, ସମୟ : ସକାଳ ୭ଟା।
- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉତ୍ସବର ୨ୟ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ମା' ଜେମାଶୁଣୀ ପୀଠ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- କଣ୍ଟିଲୋ ହେଙ୍ଗୁଳାଇଙ୍କ ବାର୍ଷିକୋତ୍ସବ, ସ୍ଥାନ: କଣ୍ଟିଲୋ ହାଟମୁଣ୍ଡ ପାଟଣା, ସମୟ: ସକାଳ ୮ଟା।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ ଆରମ୍ଭ, ସ୍ଥାନ: କଣ୍ଟିଲୋ ଫକିର ଅତବୁଦ୍ଧି ପାଟଣା, ସମୟ: ସକାଳ ୮ଟା।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ ଆରମ୍ଭ, ସ୍ଥାନ: କଣ୍ଟିଲୋ କାଂସାରୀ ସାହିପାଟଣା, ସମୟ: ସକାଳ ୮ଟା ୩୦।
- ୩୨ତମ ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍‌ଯାପନ ଅବସରରେ ମହିଳା ସଂକୀର୍ତ୍ତନ, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁର ନୀଳକଣ୍ଠେଶ୍ୱର ମହାଦେବ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରତିଷ୍ଠା ଦିବସ ଅବସରରେ ସାଧାରଣ ସଭା, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଢୋଲମରା, କଣ୍ଟିଲୋ, ବେଣାଗାଡିଆ, ସିଦ୍ଧାମୂଳା, କୁମ୍ଭାରପଡାଙ୍କ ଶୈବପୀଠ, ସମୟ: ଅପରାହ୍ନ ୨ଟା।
- ୩୨ତମ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁର ନୀଳକଣ୍ଠେଶ୍ୱର ମହାଦେବ ପୀଠ, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ଅଷ୍ଟମ ଦିବସରେ ରାବଣ ବଧ ଓ ପ୍ରଭୁଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ରାମ ମନ୍ଦିର, ସମୟ: ରାତ୍ର ୧୦ଟା ୩୦।

## ରାୟଗଡ଼ା
- ମା' ମାଣିକେଶ୍ୱରୀଙ୍କ ଯାତ୍ରା, ସ୍ଥାନ: ହନୁମନ୍ତପୁର, ଚନ୍ଦ୍ରପୁର ବ୍ଲକ୍, ସମୟ: ସନ୍ଧ୍ୟା ୬ ଟା।

## ମାଲକାନଗିରି
- ଆରଏସ୍‌ସି ୧୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ଚିତ୍ରକୋଣ୍ଡା, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ବିଏସ୍‌ପି ପକ୍ଷରୁ ସ୍ୱତନ୍ତ୍ର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।
- ହାଟପଡା ବୀର ବଜରଙ୍ଗ ସଂଘ ଆୟୋଜିତ ରାଜ୍ୟ ସ୍ତରୀୟ ନୌକା ପ୍ରତିଯୋଗୀତା, ସ୍ଥାନ : ଆଯୋଦ୍ଧା ସରୋବର, ସମୟ : ଅପରାହ୍ନ ୩ଟା।
- ରାମ ନବମୀ କମିଟି ପକ୍ଷରୁ ୬୮ତମ ରାମଲୀଳା କାର୍ଯ୍ୟକ୍ରମ, ସ୍ଥାନ : କବରାପାଲି ଗ୍ରାମ, ସମୟ : ରାତି ୭ଟା।
- ଠେମରା ଗ୍ରାମବାସୀ ଆୟୋଜିତ ରାମଲିଲା ଉତ୍ସବ, ସ୍ଥାନ : ଠେମରା ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

## ରାଉରକେଲା
- ଭାରତ ଗୌରବ ଯାତ୍ରା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ରେଳ ଷ୍ଟେସନ, ସମୟ: ମଧ୍ୟାହ୍ନ ୧୨ଟା।

## ବରଗଡ଼
- ମାଁ ହିଙ୍ଗୁଳାଇ ପୂଜା, ସ୍ଥାନ:ହିଙ୍ଗୁଳାଇ ମନ୍ଦିର, ଗର୍ଭଣା, ସୋହେଲା,ସମୟ:ସକାଳ ୭ଟା।
- ମାଁ ସମଲେଶ୍ୱରୀଙ୍କ ଏକ ଦିନାତ୍ମକ ଚଣ୍ଡିପାଠ ପୂଜନୋତ୍ସବ, ସ୍ଥାନ:ସମଲେଇ ମନ୍ଦିର, ଇଚ୍ଛାପାଲି, ସୋହେଲା, ସମୟ:ସକାଳ ୮ଟା।
- ରେନବୋ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ:ସ୍କୁଲ ପରିସର, ବରଗଡ଼,ସମୟ: ସକାଳ ୯ଟା।
- ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ, ସ୍ଥାନ:ଛୁରିଆପାଲି,ସୋହେଲା, ସମୟ:ପୂର୍ବାହ୍ନ ୧୦ଟା।
- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସଯାତ୍ରା, ସ୍ଥାନ:ଗ୍ରୀଞ୍ଜାଳ ବଜାର ପ୍ରାଙ୍ଗଣ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ମାଁ କୁଜିପାଟଙ୍କ ବାର୍ଷିକ ପୂଜା, ସ୍ଥାନ: କୁଜିପାଟ ମନ୍ଦିର, ବରିହାପାଲି, ସୋହେଲା,ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି
- ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ବ୍ରାହ୍ମଣ ସମାଜର ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ରାହ୍ମଣ ସମାଜ ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଆମ ପୋଷାକ, ଆମ ପରିଚୟ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- କଳସ ଶୋଭାଯାତ୍ରା ଓ ହନୁମାନ ଚାଳିଶା ପାଠ, ସ୍ଥାନ: ହନୁମାନ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ସକାଳ ୯ଟା ।
- ବୌଦ୍ଧ ଗଡ଼ଜାତର ପବିତ୍ର ଗଣପର୍ବ ଶ୍ରୀରାମ ଲୀଳା ଯାତ୍ରାର ସପ୍ତମ ଦିବସ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର, ମାରୁତି ମଣ୍ଡପ, ବୌଦ୍ଧ, ସମୟ: ରାତ୍ର ୯ଟା।

## ଦେବଗଡ଼
- ବିଶ୍ୱଶାନ୍ତି ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ରିଆମାଳ ବ୍ଲକ୍ ତିମୁର ଗ୍ରାମ, ସମୟ: ସକାଳ ୬ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡସ୍ଥିତ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ବାରପାହାଡ ଯାତ୍ରା ଉପଲକ୍ଷେ ତରଭା ବ୍ଲକ ମଖନାମୁଣ୍ଡାରେ ଛତରଗୁଡି ପୂଜା, ସ୍ଥାନ: ବ୍ରାହ୍ମଣୀପାଲୀ ସ୍ଥିତ ମଖନାମୁଣ୍ଡା, ସମୟ: ଅପରାହ୍ନ ୧ଟା।
- ତରଭା ବ୍ଲକ ରାଏକେଡା ରାମଲୀଳାର ସପ୍ତମ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ରାତି ୮ଟା ୩୦।
- ତରଭା ବ୍ଲକ କମସରା ରାମଲୀଳାର ସପ୍ତମ ସନ୍ଧ୍ୟା, ସ୍ଥାନ: କମସରା ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ବାଲିଖମାର ରାମଲୀଳା ସପ୍ତମ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ବାଲିଖମାର ଗ୍ରାମ ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ଦେଉଳପଦର ରାମଲୀଳାର ସପ୍ତମ ସନ୍ଧ୍ୟା, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ: ରାତି ୯ଟା।
- ଶ୍ରୀରାମ ଲୀଳା ନାଟକର ଷଷ୍ଠ ସନ୍ଧ୍ୟା, ସ୍ଥାନ:ଖଇରମାଲ, ବୀରମହାରାଜପୁର ବ୍ଲକ,ସମୟ: ରାତି ୧୦ଟା।
- ଡୁଲେଶ୍ୱର ଶ୍ରୀରାମ ଲୀଳା ନାଟକ, ସ୍ଥାନ :ଡୁଲେଶ୍ୱର,ବୀରମହାରାଜପୁର ବ୍ଲକ, ସମୟ: ରାତି ୧୦ଟା।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ବଡ ଡଦୋହେଲ ଗାଁ, ସମୟ: ସକାଳ ୭ଟା ୪୫।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ପିପଲଛିଣ୍ଡି ଗାଁ, ସମୟ: ସକାଳ ୮ଟା ୧୫।
- ଆଲୋଚନା ଚକ୍ର, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ୭ତମ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ରେଙ୍ଗ ଗାଁ, ସମୟ: ଅପରାହ୍ନ ୫ଟା।
- ମାରାଗୁଡ଼ା ଲୋକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା ସାଂସ୍କୃତିକ ସଭା, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା ୩୦।

## ଝାରସୁଗୁଡ଼ା
- ରାମାୟଣ ପଠନ, ସ୍ଥାନ: କୁମର କଲ୍ୟାଣମଣ୍ଡପ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଗୌରଡ଼ିହି, ସମୟ:ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ମାଙ୍ଗଳିକ କାମ ପାଇଁ ଉତ୍ସାହ ସାଙ୍ଗକୁ ପାରିବାରିକ ଜୀବନ ସୁମଧୁର ହୋଇଉଠିବ। ବନ୍ଧୁଙ୍କ ଦ୍ୱାରା ଉତ୍ସାହିତ ହୋଇ ଆନୁଷ୍ଠାନିକ କ୍ଷେତ୍ରରୁ ସମ୍ମାନ ଓ ସଦିଚ୍ଛା ଲାଭ କରିବେ। କର୍ମକ୍ଷେତ୍ରରେ ରହିଯାଇଥିବା କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ଚିତ୍ରା ନକ୍ଷତ୍ର ଆତ୍ମୀୟ ସ୍ୱଜନଙ୍କୁ ଅତି ନିକଟରେ ପାଇ ନିଜକୁ କିଛି ସମୟ ପାଇଁ ଭୁଲିଯିବେ।

**ବୃଷ** – ଅଟକି ରହିଥିବା କାମସମ୍ପନ୍ନ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ଭିନ୍ନ ମନ୍ତବ୍ୟ ଦେଇପାରନ୍ତି। ସବୁ କାମରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। କୃତ୍ତିକା ନକ୍ଷତ୍ରର ବ୍ୟୟ ବୃଦ୍ଧି କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ।

**ମିଥୁନ** – ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ଭାସିଯାଇ କାମ କଲେ ପରେ ଅନୁତାପ କରିବାକୁ ପଡ଼ିପାରେ। ଆରର୍ଦ୍ରା ନକ୍ଷତ୍ର ଅଧିକାଂଶ କ୍ଷେତ୍ରରେ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି। ବ୍ୟବସାୟରେ ଆଶାଜନକ ଫଳ ପାଇବେ କିନ୍ତୁ ଋଣ ପରିଶୋଧ କରିବାରେ ବିଫଳ ହେବେ।

**କର୍କଟ** – ପୁନର୍ବସୁ ନକ୍ଷତ୍ରର ସରଳତାର ସୁଯୋଗ ନେଇ ନିଜଲୋକ ହଇରାଣରେ ପକାଇ ପାରନ୍ତି। କର୍ମକ୍ଷେତ୍ରରେ ପାରୁପର୍ଯ୍ୟନ୍ତ ଚେଷ୍ଟା କରି କାମ କଲେ ମଧ୍ୟ ପ୍ରଶଂସା ଶୁଣିବାକୁ ମିଳିବ ନାହିଁ। ବାଣିଜ୍ୟ ଓ ପରିବହନରେ ଅଭିଯୋଗ ଆସିବ। ଘରୋଇ କଥାରେ କିଛି ମତ ପାର୍ଥକ୍ୟ ସୃଷ୍ଟିଜନିତ ମତାନ୍ତରର ଆଶଙ୍କା ସୂଚନା ରହିଛି।

**ସିଂହ** – ଆଜି ପୂର୍ବାଫାଲଗୁନୀ ନକ୍ଷତ୍ର ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ପାଇବେ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ଯାତ୍ରା ଓ ବିବାଦୀୟ କ୍ଷେତ୍ରରେ ପ୍ରତିକୂଳତା ଲାଗି ରହିବ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ପାରିବାରିକ କ୍ଷେତ୍ରରେ ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହୋଇଯିବାର ଆଶା ରହିଛି।

**କନ୍ୟା** – ଆଜି ଚିତ୍ରା ନକ୍ଷତ୍ର କୌଣସି ସ୍ୱର୍ଶକାତର କଥାର ସମାଧାନ ସକାଶେ ଟେନ୍ସନ ଲାଗି ରହିବ। ପରିସ୍ଥିତିର ସାମ୍ନା କରିବାକୁ ଯାଇ ବନ୍ଧୁ ଗୃହକୁ ଯିବା ସକାଶେ ସଜବାଜ ହେବେ। ଶତ୍ରୁମାନେ ପଛରେ ନାନାଦି କଥା କହିବାର ଶୁଣିବାକୁ ପାଇବେ। ରୋଗୀଣା ସ୍ୱାସ୍ଥ୍ୟରେ ଉନ୍ନତି ମାନସିକ ଶାନ୍ତି ଓ ଆତ୍ମବଳ ବୃଦ୍ଧିରେ ସହାୟକ ହୋଇପାରିବ।

**ତୁଳା** – ପ୍ରତ୍ୟୁଷ ଯାତ୍ରାରେ ଅନେକ ଆଶା ଓ ଆଗ୍ରହ ନେଇ ବନ୍ଧୁଙ୍କ କାମରେ ଦୂରସ୍ଥାନକୁ ଯିବେ। କିନ୍ତୁ ଫେରିବା ସମୟକୁ ପୂର୍ବର ସରାଗ ମଉଳି ଯାଇଥିବାର ସୂଚନା ରହିଛି। ସ୍ୱାତୀ ନକ୍ଷତ୍ର ଇଚ୍ଛା ବହିର୍ଭୂତ କାମ ପାଇଁ ବାଧ ହୋଇ ମନସ୍ତାପ କରିପାରନ୍ତି। ବ୍ୟବସାୟ, ପରିବହନ, ଲେଖାପଢ଼ା, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରୁ ଉପକୃତ ହେବେ।

**ବିଛା** – ନୂତନ ଯୋଜନା ସାଙ୍ଗକୁ ବନ୍ଧୁଙ୍କ ସହଯୋଗ ଅନୁକୂଳ ସ୍ଥିତି ଉତ୍ପନ୍ନ କରିବ। ସମ୍ପର୍କୀୟ ଦୂରେଇ ରହୁଥିବାର ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ନାନା ସମସ୍ୟା ସହ ସାହିତ୍ୟ ଓ ବନ୍ଧୁମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ। ଜ୍ୟେଷ୍ଠା ନକ୍ଷତ୍ର ସାଙ୍ଗଠନିକ କାର୍ଯ୍ୟ, ନିର୍ମାଣ, ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ସଫଳତା ପାଇବେ।

**ଧନୁ** – ଉତ୍ତରାଷାଢ଼ା ନକ୍ଷତ୍ର କର୍ମକ୍ଷେତ୍ରରୁ ଅର୍ଥ ଲାଭ ସାଙ୍ଗକୁ ବନ୍ଧୁଙ୍କ ବଦାନ୍ୟତାରୁ ସମ୍ମାନ ପାଇବେ। ଆଜି ଭାଙ୍ଗିପଡିଥିବା ସମ୍ପର୍କକୁ ଯୋଡ଼ିବା ସକାଶେ ଚେଷ୍ଟା କଲେ ମଧ୍ୟ କିଛି ଲାଭ ହେବନି। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟଭିକ୍ଷା କରିପାରନ୍ତି। ଆବଶ୍ୟକତାନୁସାରେ ମୂଲ୍ୟବାନ୍ ଜିନିଷ କ୍ରୟ କରିବେ।

**ମକର** – ବନ୍ଧୁଙ୍କ ପରାମର୍ଶରେ ନୂଆ ଯୋଜନା ସକାଶେ ପଦକ୍ଷେପ ନେଇପାରନ୍ତି। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସହନ ମିଳିବ। ରାଜନୈତିକ, ସାମାଜିକ, ସାଙ୍ଗଠନିକ ଅଥବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରେଇବାରେ ସମର୍ଥ ହେବେ। ଶ୍ରବଣା ନକ୍ଷତ୍ରର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିଲେ ମଧ୍ୟ ଅନ୍ତର୍ଦ୍ୱନ୍ଦ୍ୱ ରହିପାରେ।

**କୁମ୍ଭ** – ଆଜି ପ୍ରତ୍ୟେକ କ୍ଷେତ୍ରରେ ସଂଯମ ରକ୍ଷା ନ କଲେ ବିବାଦକୁ ଟାଣି ହୋଇଯିବେ। ଗତକାଲିର ଘଟଣା ସମାଧାନ ସକାଶେ ମନ ଭାରାକ୍ରାନ୍ତ ରହିବ। ପରିସ୍ଥିତିର ତାଡ଼ନାରେ ସବୁ କାମ ନିରୁତ୍ସାହିତ ଭାବେ କରିବାକୁ ବାଧ ହୋଇପାରନ୍ତି। ଧନିଷ୍ଠା ନକ୍ଷତ୍ରର କର୍ମକ୍ଷତ୍ରରେ ଅଥବା ମାଙ୍ଗଳିକ କାମରେ ସମ୍ମାନନୀୟ ବ୍ୟକ୍ତିଙ୍କ ସହାୟତା ଅବଶ୍ୟ ମିଳିବ।

**ମୀନ** – ବର୍ତ୍ତମାନର ଆବଶ୍ୟକତାନୁସାରେ ଆର୍ଥିକ ଅନଟନ ଓ ସ୍ୱାସ୍ଥ୍ୟ ସମସ୍ୟା ଭାରାକ୍ରାନ୍ତ କରିବ। ଯେତେ ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। କର୍ମ କ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ଆଶଙ୍କା ରହିଛି। ରେବତୀ ନକ୍ଷତ୍ରର ଯୋଜନାନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ।

ଆଜି ଏପ୍ରିଲ ୨ ତାରିଖ, ଗୁରୁବାର। ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ। ସକାଳ ଘ. ୦୭।୪୧ ମି. ପର୍ଯ୍ୟନ୍ତ ଚୈତ୍ର ପୂର୍ଣ୍ଣିମା, ତତ୍ପରେ ବୈଶାଖ କୃଷ୍ଣ ପ୍ରତିପଦା। ଶ୍ରୀମନ୍ଦିରରେ ଲଙ୍କାପୋଡ଼ି, ବୈଶାଖ ବ୍ରତାରମ୍ଭ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୪୩ମି. ଗତେ ଘ.୦୭।୨୧ମି. ମଧ୍ୟେ, ଘ.୧୦।୩୭ମି. ଗତେ ଘ.୦୧।୦୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୨୨ମି. ଗତେ ଘ.୦୨।୫୩ମି. ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିଙ୍ଗୁଡ଼ି ମାଛକୁ ଟାକରା ଆମ୍ବୁଲ,**
**ତୋଡ଼ି ମାଛକୁ କାଞ୍ଜିପାଣି;**
**ମାଗୁର ମାଛରେ ସଜ ବସାଦହି .**
**ଭାତ ନେଇଯାଏ ଟାଣି।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଚିଙ୍ଗୁଡ଼ି ମାଛ ତରକାରିରେ ଆମ୍ବୁଲ ପଡ଼ିଥିଲେ ତା'ର ସାଦ ବହୁ ପରିମାଣରେ ବଢ଼ିଯାଏ। ସେହିପରି ତୋଡ଼ି ମାଛରେ କାଞ୍ଜିପାଣି ତଥା ମାଗୁର ମାଛ ସହ ବସା ଦହିର ମିଶ୍ରଣ ପାଟିକୁ ଖୁବ୍ ସୁଆଦିଆ ଲାଗିଥାଏ। ଏପରି ସ୍ୱାଦିଷ୍ଟ ତଥା ରୁଚିକର ଖାଦ୍ୟ ପ୍ରତି ମନରେ ସୃଷ୍ଟି ହେଉଥିବା ଲାଳସାକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚିରା କନାରେ ମୋତିବର**
**ମୂଲ୍ୟ ନ ତୁଟେ ତାହାର।**

ମୋତିର ମୂଲ ଅମୂଲ। ଛିଣ୍ଡା କପଡ଼ାରେ ମୋତି ରଖାଯାଇଥିଲେ ମଧ ତା'ର ମୂଲ୍ୟ ଅପରିବର୍ତ୍ତିତ ରହିଥାଏ। ପରୋକ୍ଷରେ ଯେକୌଣସି ପରିସ୍ଥିତି ବା ପରିବେଶରେ ରହିଥିଲେ ସୁଦ୍ଧା ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ପ୍ରତିଭାରେ କୌଣସି ହ୍ରାସ ଘଟୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭାଜପାରେ ମିଶିଲେ ରାଜ୍ୟର ପ୍ରମୁଖ ସମବାୟ ସମିତିର ସଭାପତି, ନିର୍ଦ୍ଦେଶକ, ସଦସ୍ୟ

ଭୁବନେଶ୍ୱର, ୧।୪(ସୁନିତ୍ ମିଶ୍ର)



ରାଜ୍ୟର ପ୍ରମୁଖ ସମବାୟବିତ୍ ଏବଂ ନେତୃବୃନ୍ଦ ବୁଧବାର ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଓଡ଼ିଶା ଷ୍ଟେଟ୍ କୋଅପରେଟିଭ ବ୍ୟାଙ୍କ(ଓଏସ୍‌ସିବି)ର ଅଧ୍ୟକ୍ଷ ଟି. ପ୍ରସାଦ ରାଓ ଦୋରା, ଓଡ଼ିଶା ରାଜ୍ୟ ସମବାୟ ସଂଘ(ଓଏସ୍‌ସିୟୁ) ସଭାପତି ପ୍ରଭାସିନୀ ଷଡ଼ଙ୍ଗୀ, ଅର୍ବାନ ବ୍ୟାଙ୍କ ଫେଡେରେଶନ ସଭାପତି ମହେନ୍ଦ୍ର କୁମାର ନାୟକ, ଓଡ଼ିଶା ମହିଳା ବିକାଶ ସମବାୟ ନିଗମ ଲିମିଟେଡ୍ ଅଧ୍ୟକ୍ଷା ସ୍ୱାଧୀନବାଳା ଦାସ ଓ ଉପାଧ୍ୟକ୍ଷ ସୁଷମା ଦାସ, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଉତ୍କଳିକା ସଭାପତି ଦେବସ୍ମିତା ସାହୁ, ଫିସ୍‌ଫେଡ୍ ଅଧ୍ୟକ୍ଷ ସସ୍ମିତା ରାଉତ, ଓପୋଲଫେଡ୍ ଅଧ୍ୟକ୍ଷ ଭୋଳେଶ୍ୱର ସ୍ୱାଇଁ, ଓମ୍‌ଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ଉପସଭାପତି ସୁନୀତା ବରାଳ, ଟିଡିସିସି ଅଧ୍ୟକ୍ଷ ଚମେଲି ଓରାମ, ଶ୍ରମ ଓ ନିର୍ମାଣ କୋଅପରେଟିଭ ଲିମିଟେଡ୍ ଅଧ୍ୟକ୍ଷ ପ୍ରମୋଦ କୁମାର ସାମନ୍ତରାୟ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ସଦସ୍ୟଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିବାରେ ଲାଗିଛି। ଭାଜପା ସରକାରରେ ସମବାୟ ଆନ୍ଦୋଳନ ଶକ୍ତିଶାଳୀ ହେଉଛି।

# ତିନି ମହଲାରୁ ଖସି ଯୁବତୀ ମୃତ

## ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ

କଟକ,୧।୪ (କାର୍ତ୍ତିକ ସାହୁ)

କଟକ ବାଦାମବାଡ଼ି ଅଞ୍ଚଳର ଏକ ତିନିମହଲା କୋଠା ଉପରୁ ଖସିପଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଫୋନ୍‌ରେ କଥା ହେଉଥିବା ବେଳେ ଛାତ ଉପରୁ ଖସି ପଡ଼ିଥିବା ସନ୍ଦେହ କରାଯାଉଛି। ମୃତା ଯୁବତୀ ହେଲେ ଜଗତ୍‌ସିଂହପୁର ମଣ୍ଡାସାହି ଅଞ୍ଚଳର ବର୍ଷା ତ୍ରିପାଠୀ (୩୦)। ପୋଲିସ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ଯୁବତୀଙ୍କ ପରିବାର ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ବାଦାମବାଡ଼ି ଥାନାରେ ଦିଆଯାଇଥିବା ଏତଲାକ୍ରମେ ପୋଲିସ ମାମଲା (ନଂ.୧୫୧/୨୬) ରୁଜୁ କରିଛି। ପ୍ରାଥମିକ ତଦନ୍ତ ଆରମ୍ଭ କରି ପୋଲିସ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ପଚରାଉଚରା କରିଛି। ପୋଲିସ ମୋବାଇଲ ଜବତ କରିବା ସହ ପ୍ରାଥମିକ ତଦନ୍ତ ବେଳେ ଅନେକ ଦିଗ ଆଧାର କରି ଖୋଳତାଡ଼ ଆରମ୍ଭ କରିଛି।

ପୋଲିସର ପ୍ରାଥମିକ ତଦନ୍ତ ଅନୁସାରେ, ଯୁବତୀ ଜଣକ ଚାକିରି ପାଇଁ କମ୍ପିଟିଟିଭ ପରୀକ୍ଷା ଦେବା ନିମନ୍ତେ ବାଦାମବାଡ଼ି ଅଞ୍ଚଳର ଉକ୍ତ କୋଠାରେ ଥିବା ଲେଡିଜ୍ ମେସ୍‌ରେ ରହୁଥିଲେ। ଗତ ୪ ମାସ ହେବ ସେ ଉକ୍ତ ମେସ୍‌ରେ ରହୁଥିଲେ। ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ କହିଛନ୍ତି, ଯୁବତୀ ଜଣକ କୋଠାରୁ ତଳକୁ ଖସିପଡ଼ିବା ଖବର ପାଇ ବାଦାମବାଡ଼ି ଥାନା ପୋଲିସ ପହଞ୍ଚିଥିଲା। ତାଙ୍କୁ ତୁରନ୍ତ ଏସ୍‌ସିବି ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ପୋଲିସର ତଦନ୍ତକାରୀ ଟିମ୍ ଯୁବତୀଙ୍କ ସହ ରହୁଥିବା ଅନ୍ୟମାନଙ୍କୁ ପଚରାଉଚରା କରିଛନ୍ତି। ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। କାହା ସହ କଥା ହେଉଥିଲେ ଜବତ ମୋବାଇଲରୁ ସେ ଦିଗକୁ ଦୃଷ୍ଟି ଦିଆଯିବ। ଯୁବତୀ ଯାହାଙ୍କ ସହ କଥା ହେଉଥିଲେ, ତାଙ୍କର ସମ୍ପୂର୍ଣ୍ଣ ତଥ୍ୟ ଆମେ ପାଇଛୁ। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ତଦନ୍ତ କରାଯିବ। ଯାହାବି ତଥ୍ୟ ମିଳିବ ସେହି ଅନୁସାରେ ପଦକ୍ଷେପ ନିଆଯିବ। ଛାତର ବାଡ଼ା ନ ଥିଲା, ତାହା ବି ଖସିପଡ଼ିବାର କାରଣ ହୋଇଥାଇପାରେ। ତେବେ ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଏହାର ଦିଗ ସ୍ପଷ୍ଟ ହୋଇପାରିବ।

# ପ୍ରଥମ ପୃଷ୍ଠାରୁ...

## ଆର୍ଥିକ ବର୍ଷ ...

ତୈଳ ବିପଣନ କମ୍ପାନୀଗୁଡ଼ିକ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସହ ବିଚାରବିମର୍ଶ କରି ଏୟାରଲାଇନ୍ସଗୁଡ଼ିକ ପାଇଁ ଆଂଶିକ ମୂଲ୍ୟବୃଦ୍ଧି କରିଥିବା ମନ୍ତ୍ରଣାଳୟ ପକ୍ଷରୁ ଏକ ସୋସିଆଲ ମିଡିଆ ପୋଷ୍ଟରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ଏଟିଏଫ୍‌ରେ ସଦ୍ୟ ମୂଲ୍ୟ ବୃଦ୍ଧି ହେତୁ ବିମାନ ଚଳାଚଳ କମ୍ପାନୀଗୁଡ଼ିକ ଉପରେ ଅପରେଶନାଲ କଷ୍ଟ (ପରିଚାଳନାଗତ ବ୍ୟୟ) ବଢ଼ିଯାଇଛି। ତେଣୁ ଆଭିଏଶନ୍ କମ୍ପାନୀଗୁଡ଼ିକ ବିମାନ ଯାତ୍ରା ମୂଲ୍ୟ ବଢ଼ାଇପାରନ୍ତି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଇନ୍ଧନ ଜାହାଜଗୁଡ଼ିକ ଫସିରହିଥିବାରୁ ବିଶ୍ୱକୁ ୨୦%ରୁ ୩୦% ପର୍ଯ୍ୟନ୍ତ ଏଲ୍‌ପିଜି ଯୋଗାଣରେ ବାଧା ଉପୁଜିଛି। ଫଳରେ ମିଡିଲ୍ ଇଷ୍ଟର୍ନ ବେଞ୍ଚମାର୍କ ସାଉଦି କଣ୍ଟ୍ରାକ୍ଟ ପ୍ରାଇସ୍ ବୃଦ୍ଧି ଘଟିଥିବାରୁ କମର୍ସିଆଲ ସିଲିଣ୍ଡର ଦର ୪୪% ମହଙ୍ଗା ହୋଇଥିବା ମନ୍ତ୍ରଣାଳୟ କହିଛି। ଭାରତରେ ଗତବର୍ଷ ୩୩.୧୫ ନିୟୁତ ମେଟ୍ରିକ୍ ଟନ୍ ଏଲ୍‌ପିଜି ବା ରନ୍ଧନ ଗ୍ୟାସ୍ ବ୍ୟବହୃତ ହୋଇଥିଲା। ଏହାର ୬୦% ବାହାରୁ ଆମଦାନୀ କରାଯାଇଥିଲା। ଆମଦାନୀର ପ୍ରାୟ ୯୦% କେବଳ ମଧ୍ୟପ୍ରାଚ୍ୟରୁ ଆସିଥିଲା। ଦେଶର ଶିଳ୍ପ ଓ ହୋଟେଲଗୁଡ଼ିକରେ ବ୍ୟବହୃତ ଏଲ୍‌ପିଜି ୧୦%ରୁ କମ୍ ହୋଇଥିବାବେଳେ ଏହାର ଦର ମାସିକ ଭିତ୍ତିରେ କରାଯାଇଥାଏ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି। ଅନ୍ୟପକ୍ଷେ ଘରୋଇ ଉପଭୋକ୍ତାଙ୍କୁ ମୂଲ୍ୟ ମହଙ୍ଗା ମାଡ଼ରୁ ସୁରକ୍ଷା ଦେବା ପାଇଁ ୧୪.୨ କେ.ଜି. ବିଶିଷ୍ଟ ଗ୍ୟାସ୍ ସିଲିଣ୍ଡର ମୂଲ୍ୟକୁ ଅପରିବର୍ତ୍ତିତ ରଖାଯାଇଥିବା ମନ୍ତ୍ରଣାଳୟ ଏଥିରେ ଉଲ୍ଲେଖ କରିଛି। ଭାରତରେ ଦିନକୁ ୮୦,୦୦୦ ଟନ୍ ଏଲ୍‌ପିଜିର ଆବଶ୍ୟକତା ପଡ଼ିଥାଏ। ଏଲ୍‌ପିଜି ସଙ୍କଟର ମୁକାବିଲା ପାଇଁ ଘରୋଇ ଦୈନିକ ଏଲ୍‌ପିଜି ଉତ୍ପାଦନକୁ ୪୦% ବା ୫୦,୦୦୦ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ଭାରତୀୟ କମ୍ପାନୀଗୁଡ଼ିକ ମଧ୍ୟ ଆମେରିକା, ରୁଷିଆ, ଅଷ୍ଟ୍ରେଲିଆ ଓ ଅନ୍ୟ ଦେଶଗୁଡ଼ିକରୁ ଜାହାଜରେ ୮ ଲକ୍ଷ ଟନ୍ ଏଲ୍‌ପିଜି ଆମଦାନୀ କରିଥିବା ସୂଚନା ମିଳିଛି।






‘ଓଡ଼ିଶା ପୋଷ୍ଟ’ର ୧୫ତମ ଜୟନ୍ତୀ ଉପଲକ୍ଷେ ବୁଧବାର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଉଦ୍‌ବୋଧନ ଦେଉଛନ୍ତି।



ଓଡ଼ିଶା ପୋଷ୍ଟର ଜନ୍ମ ଦିବସ ଉପଲକ୍ଷେ କେକ୍ କାଟି ଖୁସି ମନାଯାଉଛି।




ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।



ସମ୍ପାଦକ, ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ସମେତ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପରିବାର ସଦସ୍ୟ।

# ‘ମେଗା ଟ୍ରେଡ୍ ଫେୟାର’ର ଫାୟାର ନିୟମ ଉଲ୍ଲଂଘନ

**ଭୁବନେଶ୍ୱର,୧।୪(ରବିନାରାୟଣ ଜେନା)**

କଟକ ବଡ଼ ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ୧୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକେ ଏବେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ୧୦ ଦିନ ଧରି ବିଧାନସଭାକୁ ଅଚଳ କରିବା ସହିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରୁଛନ୍ତି। ଏହାସହିତ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟଙ୍କ ଗିରଫ ଦାବି ମଧ୍ୟ କରୁଛନ୍ତି। ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ୪ ଜଣଙ୍କୁ ନିଲମ୍ବନ ସହ କେତେକ ଅଧିକାରୀଙ୍କ ବଦଳି ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି, ତଥାପି ପ୍ରତିବାଦର ସ୍ୱର ଥମିନାହିଁ। ହେଲେ ଏଥିରୁ ସରକାରୀ ଅଧିକାରୀ ଏବଂ ଘରୋଇ ସଂସ୍ଥା କିଛି ଶିଖିବା ଭଳି ମନେହେଉନାହିଁ। ରାଜଧାନୀର ଛାତି ଉପରେ ଅନେକ ହଜାର ଲୋକଙ୍କୁ ନେଇ ମେଳା, ମହୋତ୍ସବ କରାଯାଉଛି। କିନ୍ତୁ ସେଠାରେ ଅଗ୍ନି ନିରାପତ୍ତା ଆଇନ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଆଗାମୀ ଦିନରେ ଯେ ଏହା କିଛି ବଡ଼ ଅଘଟଣ ସୃଷ୍ଟି ନ କରିବ, ତାହାକୁ ନେଇ ଏବେ ଅଭିଯୋଗ ଉଠିଛି।

ଅଭିଯୋଗ ଅନୁଯାୟୀ, ପ୍ରଦର୍ଶନୀ ପଡ଼ିଆରେ ‘ହୋମ୍ ଆଣ୍ଡ୍ ଡେକୋର୍ ଏବଂ ମେଗା ଟ୍ରେଡ୍ ଫେୟାର’ ଚାଲିଛି। ଏଠାକୁ ପ୍ରତିଦିନ ଅନେକ ଶହ ଲୋକ ଯିବାଆସିବା କରିବା ସହିତ ବିଭିନ୍ନ ସାମଗ୍ରୀ କିଣି ନେଉଛନ୍ତି। ହେଲେ ସେଠାରେ ସେଭଳି କିଛି ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ନିୟମ ଅନୁଯାୟୀ, ଟ୍ରେଡ୍ ଫେୟାର ସ୍ଥାନ, ଆକାର ଏବଂ କ୍ଷମତା ବିଷୟରେ ଆୟୋଜକମାନେ ଅଗ୍ନିଶମ କେନ୍ଦ୍ରକୁ ଆଗୁଆ ସୂଚନା ଦେବା ସହିତ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନେବା ବାଧ୍ୟତାମୂଳକ।

## ବାଜିରେ ଲାଗିଛି ଜୀବନ

ଅଗ୍ନି ନିରାପତ୍ତା ମାନକ ସୁନିଶ୍ଚିତ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀ ଅସ୍ଥାୟୀ ନିର୍ମାଣଗୁଡ଼ିକୁ ଯାଞ୍ଚ କରିବା କଥା। ଏପରି କି ପ୍ରତି ୧୦୦ ବର୍ଗମିଟର ଚଟାଣ କ୍ଷେତ୍ର ପାଇଁ ଅତିକମ୍‌ରେ ଗୋଟିଏ ୯ ଲିଟର ପାଣିବିଶିଷ୍ଟ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା ଆବଶ୍ୟକ।

ସେହିପରି ଟ୍ରେଡ୍ ଫେୟାର୍‌ର ସମସ୍ତ କେବୁଲ୍ ଇନ୍‌ସୁଲେଟେଡ୍ ହେବା ସହିତ ଅସ୍ଥାୟୀ ତାରଗୁଡ଼ିକ ଜ୍ୱଳନଶୀଳ ସାଜସଜ୍ଜା ସାମଗ୍ରୀ ନିକଟରେ ରହିବା ଉଚିତ୍ ନୁହେଁ। କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ନଡ଼ା, କୁଟା କିମ୍ବା ଅତ୍ୟଧିକ ଦହନଶୀଳ ସିନ୍ଥେଟିକ୍ କପଡ଼ା ବ୍ୟବହାର ନିଷେଧ ହେବା ଦରକାର। ଚଲାପଥ, ପ୍ରସ୍ଥାନ ପଥ ଏବଂ ଗଳିଗୁଡ଼ିକୁ ଅବରୋଧମୁକ୍ତ ରଖାଯିବା ସହ ସେଠାରେ ସ୍ପଷ୍ଟ ଭାବେ ‘ଏକ୍‌ଜିଟ୍’ ସଙ୍କେତ ଲଗାଯିବା ଉଚିତ। ଜରୁରିକାଳୀନ ପରିସ୍ଥିତି ବେଳେ ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରିବା ଏବଂ ଅଗ୍ନିଶମ ସେବା ସହିତ ଯୋଗାଯୋଗ ରଖିବା ପାଇଁ କ୍ଷେତ୍ରସ୍ଥଳରେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଉପସ୍ଥିତ ରହିବା ଆବଶ୍ୟକ। ଏଥିସହ ଅଗ୍ନିଶମ ସେବାର ଜରୁରିକାଳୀନ ଟେଲିଫୋନ୍ ନମ୍ବର(୧୦୧/୧୧୨) ସ୍ପଷ୍ଟ ଭାବେ ପ୍ରଦର୍ଶନୀରେ ପ୍ରଦର୍ଶିତ ହେବାକଥା। ଏହି ପରିପ୍ରେକ୍ଷୀରେ ‘ହୋମ୍ ଆଣ୍ଡ୍ ଡେକୋର୍ ଏବଂ ମେଗା ଟ୍ରେଡ୍ ଫେୟାର’ରେ ସେଭଳି କିଛି ଅଗ୍ନି ନିର୍ବାପକ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ହୋମ୍ ଆଣ୍ଡ୍ ଡେକୋର୍ ସଭାପତି ପ୍ରଦୀପ୍ତ କୁମାର ବିଶ୍ୱାସରାୟ ଉତ୍ତର ଦେଇ ନ ଥିବାବେଳେ ସମ୍ପାଦକ ଉମେଶ ପଟ୍ଟନାୟକ କହିଛନ୍ତି ଆମେ କିଛି ନୁହଁ, ଜିଏସ୍ ମାର୍କେଟିଂ ଏହାର ଦାୟିତ୍ୱ ନେଇଛି ବୋଲି କହି ସେ ଏଡ଼ାଇ ଯାଇଥିଲେ।

ଅନ୍ୟପକ୍ଷରେ ଲୋକସେବା ଭବନ ନିକଟସ୍ଥ ଅଗ୍ନିଶମ କାର୍ଯ୍ୟାଳୟର ସେକ୍ସନ ଅଫିସର ଅନୁପ ଦାସ କହିଛନ୍ତି, ଟ୍ରେଡ୍‌ଫେୟାର ସମ୍ମୁଖରେ ଦମକଳ ଗାଡ଼ି ରଖାଯାଇଛି। ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି।

ତେବେ ଏଭଳି ଅଗ୍ନିକାଣ୍ଡ ଘଟଣାକୁ ନେଇ ରାଜ୍ୟ ରାଜନୀତି ଥମୁନାହିଁ। ଗୁରୁବାର ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ କ୍ରାନ୍ତିଦିବସ ଭଳି କାର୍ଯ୍ୟକ୍ରମ ରହିଥିବାବେଳେ ବିଜେଡି ଓ ଅନ୍ୟ ବିରୋଧୀ ଦଳ ରାଜ୍ୟପାଳଙ୍କଠାରେ ଏସ୍‌ସିବି ଘଟଣାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଉଭୟ ସଂସ୍ଥାର କର୍ତ୍ତୃପକ୍ଷଙ୍କ ଏଭଳି ଖାମଖିଆଲ ମନୋଭାବକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।









‘ମେଗା ଟ୍ରେଡ୍ ଫେୟାର’ରେ ଦେଖିବାକୁ ମିଳିଥିବା ବିପଦସଙ୍କୁଳ ବିଦ୍ୟୁତ୍ ସଂଯୋଗ।

# ଏକର ପିଛା ୨୦ କୋଟି ଦାବି

## ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଅଗିଁକଳାରେ ୫ମ ଗ୍ରାମସଭା

### ଜିନ୍ଦଲ ପୋସ୍କୋ ବିରୋଧୀ ମଞ୍ଚ ଉପ ସଭାପତିଙ୍କ ଗିରଫଦାରିକୁ ନିନ୍ଦା

**ପାଟଣା,୧।୪(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବୁଧବାର ଚେମଣା ପଞ୍ଚାୟତ ଅଗିଁକଳା ସ୍କୁଲ ପଡ଼ିଆରେ ୫ମ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗ୍ରାମସଭାରେ ଅତିରିକ୍ତ ଜିଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ସ୍ଥାନୀୟ ସମିତି ସଭ୍ୟ ମନୋଜ ମହାନ୍ତ, ୱାର୍ଡମେମ୍ବର ମୀନା ମହାନ୍ତ, ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ପାଟଣା ବିଡିଓ ମାନସ ଦଣ୍ଡପାଟ, ଇଡ୍‌କୋ ଜମି ଅଧିଗ୍ରହଣ ଅଧିକାରୀ କୃଷ୍ଣ କିଶୋର ପାତ୍ର ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ୧୨ଜଣ ଗ୍ରାମବାସୀ ଏକର ପିଛା ୨୦କୋଟି ଟଙ୍କା କ୍ଷତିପୂରଣ ସହ ଅନ୍ୟାନ୍ୟ ୩୮ଟି ଦାବି ଉପସ୍ଥାପନ କରିଥିଲେ।

ପ୍ରକାଶ ଯେ, ଗ୍ରାମର ୧୫୧ଜଣଙ୍କ ୨୨୦ ଏକର ୮୬ ଡିସିମିଲ ଜମି ଅଧିଗ୍ରହଣ ଉପରେ ମତାମତ ଗ୍ରହଣ କରାଯାଇଥିଲା। ଗ୍ରାମର ବିଷ୍ଣୁପ୍ରିୟା ମହାନ୍ତ ପ୍ଲାଣ୍ଟ ହେଲେ ପ୍ରଦୂଷଣଜନିତ ସମସ୍ୟା ଓ ବିସ୍ଥାପିତ ହେଲେ ସହରାଞ୍ଚଳରେ ଥଇଥାନ ଉପରେ ଗୁରୁତ୍ୱ ଦେଇଥିଲେ। ସେହିଭଳି ୩ ଗ୍ରାଜୁଏଟ୍‌ଙ୍କ ମା’ ପ୍ରତିଭାରାଣୀ ମହାନ୍ତ ବିସ୍ଥାପିତ ଓ ପିଲାଙ୍କ ଭବିଷ୍ୟତ ଚିନ୍ତାରେ ରାତିରେ ନିଦ ହେଉ ନ ଥିବା କହିଥିଲେ। ପ୍ଲାଣ୍ଟ ହେଲେ ଜମି କମ୍ପାନୀ ନେଇଯିବ। ଭୂମିହୀନ ହୋଇ ୫ ପ୍ରାଣୀ କୁଟୁମ୍ବ ଚଳିବୁ କିଭଳି। ତେଣୁ ସରକାର ଶିକ୍ଷିତ ଯୁବତୀଯୁବକଙ୍କ ପାଇଁ ନିର୍ଦ୍ଦିଷ୍ଟ ସୁରକ୍ଷିତ ଚାକିରି ବ୍ୟବସ୍ଥା କରାଇବାକୁ ସେ ଦାବି କରିଥିଲେ। ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କାହାରି ଘର ଭାଙ୍ଗିବ ନାହିଁ, କେହି ବିସ୍ଥାପିତ ହେବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ।




ପ୍ଲାଣ୍ଟ ବିରୋଧୀ ମଞ୍ଚ ପକ୍ଷରୁ ପ୍ରତିବାଦ କରାଯାଉଛି।

ଅନ୍ୟପକ୍ଷରେ ଯମୁନାପୋଷି ପଞ୍ଚାୟତ ଗୋଡ଼ି ପୋଖରୀ ଓ ଯମୁନାପୋଷିର ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ପକ୍ଷରୁ ଗ୍ରାମସଭାକୁ ବିରୋଧ କରାଯାଇଛି। ପୁରୁଣା ଦାବି ଦୋହରାଇ ସରକାର ଓ ପ୍ରଶାସନ କେନ୍ଦୁଝର ଜିଲା ଖଣି ସଂଲଗ୍ନ ଅଞ୍ଚଳର ସରକାରୀ ଜମିରେ ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣ ବ୍ୟବସ୍ଥା ନ କରି ପୋଲିସ ଲଗାଇ ମଞ୍ଚର କର୍ମକର୍ତ୍ତାଙ୍କ ନାମରେ ମିଥ୍ୟା ମାମଲା ରୁଜୁକରିବା, ପ୍ରସ୍ତାବିତ ପ୍ଲାଣ୍ଟର ଗ୍ରାମଗୁଡ଼ିକରେ ସାଇରନ ବଜାଇ ଲୋକଙ୍କୁ ଭୟଭୀତ କରିବା, ଥାନାକୁ ଡାକି ଧମକଦେବା, ଗ୍ରାମସଭାକୁ ବିରୋଧ କଲେ ଜେଲରେ ଭର୍ତ୍ତି କରିବା ଆଦି ଘଟଣାକୁ ମଞ୍ଚ ନିନ୍ଦା କରିଛି। ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ଉପସଭାପତି ପ୍ରକାଶ ମଲ୍ଲିକଙ୍କୁ ତୁରୁମୁଙ୍ଗା ପୋଲିସ ଗିରଫ କରିଛି। ତାଙ୍କୁ ନିଃସର୍ତ୍ତରେ ଛାଡ଼ିବାକୁ ଦାବି କରାଯାଇଛି। ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ କହିଛନ୍ତି, ମାର୍ଚ୍ଚ ୨୫ ରାତିରେ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ନେତା ବେଣୁ ସର୍ଦ୍ଦାରଙ୍କୁ ପୋଲିସ ନୋଟିସ ଦେବା ପାଇଁ ଯାଇଥିବା ବେଳେ ମଲ୍ଲିକ ତାଙ୍କ ସହଯୋଗୀଙ୍କ ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୭୧/୨୬) ରୁଜୁ ହେବା ସହ ତାଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି।

## ତୃତୀୟ ପୃଷ୍ଠାରୁ

### ଓଡ଼ିଶା ଦିବସରେ...

ବିଜୁବାବୁଙ୍କୁ ସିଆଇଏ ଏଜେଣ୍ଟ କହିବା ପରେ ଚାରିଆଡୁ ଏହି ଘଟଣାକୁ ନିନ୍ଦା କରାଯାଉଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଦିବସ ବାର୍ତ୍ତାରେ ବିଜୁବାବୁଙ୍କୁ ପ୍ରଶଂସା ନେଇ ଚର୍ଚ୍ଚା ଆହୁରି ବଢ଼ିଯାଇଛି।

ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଆହୁରି ଉଲ୍ଲେଖ କରିଛନ୍ତି, ଓଡ଼ିଶା ଲୋକମାନେ ବିଭିନ୍ନ କ୍ଷେତ୍ରରେ ଦେଶ ପ୍ରତି ସମୃଦ୍ଧ ଯୋଗଦାନ ଦେଇ ଆସୁଛନ୍ତି। ସେମାନେ ବ୍ୟବସାୟ ଓ ବାଣିଜ୍ୟରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି। ଓଡ଼ିଶାରେ ଅନେକ ଉତ୍କୃଷ୍ଟ ଶିକ୍ଷାବିତ୍ ଓ ଗବେଷକ, କ୍ରୀଡ଼ାବିତ୍, କଳାକାର ଏବଂ ଶ୍ରେଷ୍ଠ ବ୍ୟକ୍ତିତ୍ୱ ମଧ୍ୟ ଅଛନ୍ତି। ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରାୟତଃ ଓଡ଼ିଆ ଲୋକମାନଙ୍କୁ ଭେଟୁଥିଲେ। ସେମାନେ ଭେଟିବା ସମୟରେ ସେମାନଙ୍କ ମନରେ ନିଜ ମୂଳଦୁଆକୁ ନେଇ ଗର୍ବ କରିବାର ଏକ ଭାବନା ଦେଖୁଥିଲେ। ସବୁ ସମୟରେ ଗୁଜରାଟ ଏବଂ ଓଡ଼ିଆଙ୍କ ମଧ୍ୟରେ ରହିଥିବା ସମାନତା ଆଡ଼କୁ ଇଙ୍ଗିତ କରୁଥିଲେ। ଉଭୟ ରାଜ୍ୟରେ ବିଶାଳ ରଥଯାତ୍ରାର ଆୟୋଜନ କରାଯାଇଥାଏ। ପ୍ରଧାନମନ୍ତ୍ରୀ ହେବାପରେ ଗତ ଦଶନ୍ଧି ଧରି ଓଡ଼ିଶାର ପ୍ରଗତି ତଥା ଲୋକଙ୍କ ସମୃଦ୍ଧି ପାଇଁ କାମ କରିବାର ସୁଯୋଗ ମିଳିଛି। ଚଳିତ ବର୍ଷ ଓଡ଼ିଶାକୁ ରେଳ ଏବଂ ସଡ଼କ ପାଇଁ ସର୍ବାଧିକ ପାଣ୍ଠିର ଆବଣ୍ଟନ କରାଯାଇଛି। ସେହିପରି ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ଏକ ଉନ୍ନତ ଜୀବନଯାପନ ଲାଗି ସକ୍ଷମ କରିବା ଦିଗରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଭାରତର ସେମିକଣ୍ଡକ୍ଟର ଶିଳ୍ପ ଯାତ୍ରାରେ ଓଡ଼ିଶା ମଧ୍ୟ ଏକ ସମ୍ଭାବନାପୂର୍ଣ୍ଣ ଗନ୍ତବ୍ୟସ୍ଥଳ ଭାବେ ଉଭା ହୋଇଛି। ଗତ ୨ ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାର ଯେଉଁ ଅସାଧାରଣ କାର୍ଯ୍ୟ କରିଛନ୍ତି ତାହାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ଲୋକମାନେ ଏହି ଦଳ ଉପରେ ଅତୁଟ ବିଶ୍ୱାସ ରଖିଛନ୍ତି। ସେଥିଲାଗି ଲୋକଙ୍କ ସ୍ୱପ୍ନ ପୂରଣ କରିବାରେ କୌଣସି ସୁଯୋଗ ହାତଛଡ଼ା କରାଯିବ ନାହିଁ। ଓଡ଼ିଆ ଅସ୍ମିତାକୁ ସୁଦୃଢ଼ କରିବା ଏବଂ ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ତଥା ପ୍ରଚାର ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ବିଶେଷ ଭାବେ ପ୍ରଶଂସନୀୟ। କେନ୍ଦ୍ର ଯେଉଁ କ୍ଷେତ୍ରଗୁଡ଼ିକରେ ଓଡ଼ିଶାକୁ ସମର୍ଥନ ଜାରି ରଖିବ ସେଥିମଧ୍ୟରୁ ଗୋଟିଏ ହେଉଛି କ୍ରୀଡ଼ା ଓ ଯୁବ ସଶକ୍ତୀକରଣ। ୨୦୨୮ ବିଶ୍ୱ ଆଥ୍‌ଲେଟିକ୍ସ ଇନ୍‌ଡୋର ଚାମ୍ପିୟନଶିପ୍ ଆୟୋଜନ ପାଇଁ ଓଡ଼ିଶାକୁ ମନୋନୀତ କରାଯିବା ସମଗ୍ର ଦେଶ ପାଇଁ ଗର୍ବର ବିଷୟ। ଏପରି କ୍ରୀଡ଼ା ପ୍ରତିଯୋଗିତାଗୁଡ଼ିକ ବିଶ୍ୱ ସମ୍ମୁଖରେ ଓଡ଼ିଶାର ଶକ୍ତି ଓ ସମ୍ଭାବନାକୁ ପ୍ରଦର୍ଶିତ କରିବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

### ଭୁଲ୍ ବୁଝାଯାଇଛି,...

ଚର୍ଚ୍ଚା ଆରମ୍ଭ ହୋଇଛି। ଦୁବେ ୨ ପ୍ରକାର କଥା କହୁଛନ୍ତି। ପ୍ରଥମେ କହୁଛନ୍ତି, ସେ ବିଜୁବାବୁଙ୍କ ବାବଦରେ କିଛି କହି ନ ଥିଲେ ବରଂ ତାଙ୍କ କଥାକୁ ଭୁଲ୍ କରି ଦର୍ଶାଯାଉଛି। ତା’ ପରେ କହୁଛନ୍ତି, ସେ ଯାହା କହିଛନ୍ତି ସେଇଟା ତାଙ୍କ ବ୍ୟକ୍ତିଗତ ମତ ଥିଲା। ଅର୍ଥାତ୍ ଦୁବେ ନିଜ ମତକୁ ଭୁଲ୍ ବୋଲି କହୁ ନ ଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ବିଜେଡି ପୁଣି ଅଭିଯୋଗ ଆଣିଛି।

ଶଙ୍ଖ ଭବନଠାରେ ଏକ ଖବରଦାତା ସମ୍ମିଳନୀକରି ବିଜେଡି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଧାନସଭାରେ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ଉପରେ ନିନ୍ଦା ପ୍ରସ୍ତାବ ଆସିବ ବୋଲି ବିଧିବଦ୍ଧ ଭାବେ ଲିଖିତ ଦାବିକୁ ବାଚସ୍ପତି ରଖିଥିଲେ। ଏହାକୁ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଲେ। ଏହା ଉପରେ କେବେ ଆଲୋଚନା ହେବ ସେନେଇ ବିଜ୍‌ନେସ୍ ଆଡ୍‌ଭାଇଜରି କମିଟିରେ ଆଲୋଚନା କରିବେ ବୋଲି କହିଥିଲେ। ଏହାପରେ ଗୃହକୁ ରାତିଅଧିଆ ଚଲାଇ ସେହିଦିନ ବନ୍ଦ କରିଦିଆଗଲା। ଏହା ସରକାରଙ୍କ ଦୋମୁହାଁ ନୀତି ବୋଲି ସେ କହିଛନ୍ତି। ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ନିଶିକାନ୍ତଙ୍କ ମନ୍ତବ୍ୟ ସାରା ରାଜ୍ୟର ଲୋକଙ୍କୁ ବ୍ୟଥିତ କରିଛି। ମାତ୍ର ନିଶିକାନ୍ତ ଯେଉଁ ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି ସେମାନଙ୍କ ନେତୃତ୍ୱ ଏ ବାବଦରେ ପଦୁଟିଏ କହିନାହାନ୍ତି। ଓଡ଼ିଆ ଅସ୍ମିତାର ଦ୍ୱାହିଦେଇ ଶାସନକୁ ଆସିଥିବା ଭାଜପା ଏହି ଘଟଣାରେ କାହିଁକି ଚୁପ୍ ହୋଇଯାଇଛି। ଓଡ଼ିଆ ଅସ୍ମିତାର ପ୍ରତୀକ ବିଜୁ ପଟ୍ଟନାୟକଙ୍କ ଉପରେ ଅରୁଚିକର ମନ୍ତବ୍ୟ ଉପରେ ଭାଜପା ସରକାର କାହିଁକି ମୁହଁରେ ତୁଣ୍ଡିବାନ୍ଧି ବସିଛନ୍ତି। ୨୦୧୮ରେ ଓଡ଼ିଆ ଅସ୍ମିତାକୁ ଆଘାତ ଦେଲା ଭଳି ଅଭିଜିତ ଆୟାର ମିତ୍ର ଟୁଇଟ୍ କରିଥିଲେ। ସେହି ଘଟଣାରେ ତତ୍କାଳୀନ ବିଜେଡି ସରକାର ଏହା ବିରୋଧରେ ଦୃଢ଼ ପଦକ୍ଷେପ ନେଇଥିଲେ। ଏଥିଲାଗି ଆୟାରଙ୍କୁ ୪୪ ଦିନ ପାଇଁ ଜେଲରେ ରହିବାକୁ ପଡ଼ିଥିଲା। ଦୁବେଙ୍କ ଦ୍ୱାରା ବିଜୁବାବୁଙ୍କ ପ୍ରତି ଅପମାନ ଅର୍ଥ ଓଡ଼ିଆ ଅସ୍ମିତାକୁ ଅପମାନ। ଏହି ଅପମାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଭାଜପା ସରକାର କାହିଁକି ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅତନୁ ପ୍ରଶ୍ନ କରିଛନ୍ତି। ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର କହିଛନ୍ତି, ଭାଜପା କିମ୍ବା ତାଙ୍କ ଦଳର କେନ୍ଦ୍ରୀୟ ନେତାଙ୍କ ତରଫରୁ ଆନୁଷ୍ଠାନିକ ଭାବେ ଏହି ଘଟଣାକୁ ନିନ୍ଦା କରାଯାଉ ନାହିଁ। ଏଥିରୁ ବୁଝାପଡୁଛି, ବିଜୁବାବୁଙ୍କ ପ୍ରତିଷ୍ଠା ଓ ସମ୍ମାନ କ୍ଷୁଣ୍ଣକରିବା ଲାଗି ଭାଜପା ସହଯୋଗରେ ଷଡ଼ଯନ୍ତ୍ର ହୋଇଥିବା ସେ କହିଛନ୍ତି।

# ଜୈନଧର୍ମରେ ମହିଳା



ଦେବଦତ୍ତ ପଟ୍ଟନାୟକ

ଜୈନଧର୍ମରେ ୨୪ ସନ୍ନ୍ୟାସୀ (ତୀର୍ଥଙ୍କର)ଙ୍କ ପ୍ରଦର୍ଶିତ ପଥ ଜୈନଧର୍ମ ଅନୁସରଣ କରେ। ଜୈନଧର୍ମର ଶ୍ୱେତାମ୍ବର ବିଚାରରେ ପଶ୍ଚିମ ଭାରତରେ ପାର୍ଶ୍ୱନାଥ ଏବଂ ମହାବୀର ଯଥାକ୍ରମେ ୨୩ ଓ ୨୪ତମ ତୀର୍ଥଙ୍କର ହୋଇଥିଲେ ମଧ୍ୟ ସେମାନେ ଏହା ପୂର୍ବରୁ ବିବାହ କରିଥିଲେ। କିନ୍ତୁ ଗାଙ୍ଗେୟ ସମତଳ ତଥା ଦକ୍ଷିଣ ଭାରତର ଦିଗମ୍ବର ତୀର୍ଥଙ୍କରମାନେ ବିବାହିତ ନୁହନ୍ତି। ଉଭୟ ପରମ୍ପରା ଏକମତ ଯେ, ୨୨ତମ ତୀର୍ଥଙ୍କର ନେମିନାଥ ତାଙ୍କ ବାହାଘରଦିନ ବିବାହ କରିବାକୁ ମନା କରିଦେଇଥିଲେ। ବିବାହ ଭୋଜି ଲାଗି କଟାଯିବାକୁ ଥିବା ପଶୁଙ୍କ ଚିତ୍କାର ଶୁଣି ତାଙ୍କ ମନ ବ୍ୟଥିତ ହୋଇଥିଲା ଏବଂ ସେ ସନ୍ନ୍ୟାସୀ ହେବାକୁ ଚାହିଁଥିଲେ। ରାଜୁଲ କିମ୍ବା ରାଜମତି ନେମିନାଥଙ୍କ ନିଷ୍ପତ୍ତି ହୃଦୟଙ୍ଗମ କରି ଅବିବାହିତ ରହିଲେ। ଦିନେ ରାଜମତି ବର୍ଷାରେ ଭିଜିଗଲେ ଓ ଏକ ଗୁମ୍ଫାରେ ଆଶ୍ରୟ ନେଇଥିଲେ। ରାଜମତିଙ୍କ ଦିଅର ରଥନେମି ତାଙ୍କ ସୁନ୍ଦର ଶରୀର ଦେଖି ସେ ଶପଥ ଭଙ୍ଗ କରି ବିବାହ କରିବା ପାଇଁ ତାଙ୍କୁ ମନାଇବାକୁ ଚେଷ୍ଟା କରିଥିଲେ। ରାଜମତି ମନା କରିବା ସହ ତାଙ୍କୁ ଜୈନପଥରେ ଅଟଳ ରହିବାକୁ ବୁଝାଇଲେ।

ସନ୍ନ୍ୟାସୀ କିମ୍ବା ଭିକ୍ଷୁ ହେବା ପାଇଁ ବିବାହଠାରୁ ଦୂରେଇ ଯାଉଥିବା ପୁରୁଷଙ୍କ କାହାଣୀ ଜୈନ ପୁରାଣରେ ଉଲ୍ଲେଖ ରହିଛି। କିନ୍ତୁ ଏକ୍ଷେତ୍ରରେ ମହିଳାଙ୍କ ପ୍ରତିକ୍ରିୟାର ବର୍ଣ୍ଣନା ରହିଛି। କେତେକ କ୍ଷେତ୍ରରେ ମହିଳାମାନେ ପୁରୁଷଙ୍କୁ ସନ୍ନ୍ୟାସୀ ହେବା ପାଇଁ ସହଯୋଗ କରିବା ସହ ରାଜମତିଙ୍କ ପରି ଅବିବାହିତ ରହିଛନ୍ତି। ଅନ୍ୟ କ୍ଷେତ୍ରରେ ସେମାନେ ଏହାକୁ ପ୍ରତିରୋଧ ବି କରିଛନ୍ତି। ଜଣେ ସହଯୋଗୀ ସ୍ତ୍ରୀଙ୍କ କଥା ଏଠାରେ ଆଲୋଚନା କରିବା। ଜଣେ କୃଷକ ଏବଂ ତାଙ୍କ ସ୍ତ୍ରୀ ଜୈନଧର୍ମରେ ପ୍ରଭାବିତ ହୋଇ ସନ୍ନ୍ୟାସୀ ଓ ସନ୍ନ୍ୟାସିନୀ ପାଲଟିଗଲେ। ବହୁ ବର୍ଷ ପରେ ଭ୍ରମଣ କରିବା ଭିତରେ ଥରେ ପରସ୍ପରଙ୍କ ସାକ୍ଷାତ୍ ହେଲା। ସନ୍ନ୍ୟାସୀଙ୍କ ମନରେ ପୁଣି ସ୍ତ୍ରୀଙ୍କୁ ପାଇବା ଲାଗି ଆଗ୍ରହ ଜନ୍ମିଲା ଏବଂ ଅନ୍ୟ ଜଣେ ସନ୍ନ୍ୟାସିନୀଙ୍କ ମାଧ୍ୟମରେ ତାଙ୍କ ସ୍ତ୍ରୀଙ୍କୁ ଏ ବିଷୟରେ ଜଣାଇଲେ। ସନ୍ନ୍ୟାସୀ ତାଙ୍କ ସନ୍ନ୍ୟାସ ଜୀବନ ଭଙ୍ଗ କରିବାକୁ ଇଚ୍ଛା କରୁଥିବା ଜାଣି ସ୍ତ୍ରୀ ଦୁଃଖିତ ହେଲେ। ଏପରି ଘଟଣାକୁ ରୋକିବା ପାଇଁ ସେ ଖାଦ୍ୟ ତ୍ୟାଗ କରି ନିଜକୁ ଭୋକରେ ମରିବାକୁ ସ୍ଥିର କଲେ। ଯେତେବେଳେ କୃଷକ



(ସନ୍ନ୍ୟାସୀ) ତାଙ୍କ ସ୍ତ୍ରୀଙ୍କ ଏଭଳି କାର୍ଯ୍ୟ ସମ୍ପର୍କରେ ଶୁଣିଲେ, ସେତେବେଳେ ସେ ମଧ୍ୟ ଖାଦ୍ୟ ଛାଡ଼ିଦେଇ ମୃତ୍ୟୁବରଣ କଲେ। ଏହି କାହାଣୀ ଏକାଦଶ ଶତାବ୍ଦୀର ପ୍ରଦ୍ୟୁମ୍ନ ସୁରିଙ୍କ ମୂଳଶୁଦ୍ଧି ପ୍ରକରଣରେ ରହିଛି। ଆଉ ଜଣେ ଉଗ୍ର ସ୍ୱଭାବର ସ୍ତ୍ରୀଙ୍କ କାହାଣୀ ଅଛି। ଜଣେ ରାଜକୁମାର ତାଙ୍କ ସ୍ତ୍ରୀଙ୍କଠାରୁ ଦୂରେଇ ଯାଇ ସନ୍ନ୍ୟାସୀ ହେବାକୁ ନିଷ୍ପତ୍ତି ନେଲେ। ଏଥିରେ ତାଙ୍କ ସ୍ତ୍ରୀ ଏତେ ରାଗିଥିଲେ ଯେ ତାଙ୍କ ମୃତ୍ୟୁ ପରେ ସେ ଜଣେ ଅନିଷ୍ଟକାରୀ ଦେବୀ ହୋଇଗଲେ। ତାଙ୍କ ପୂର୍ବଜନ୍ମର କଥା ମନେଥିଲା ଏବଂ ସେତେବେଳେ ବରିଷ୍ଠ ଭିକ୍ଷୁ ହୋଇଥିବା ତାଙ୍କ ସ୍ୱାମୀଙ୍କୁ ଶିକ୍ଷା ଦେବାକୁ ନିଷ୍ପତ୍ତି ନେଲେ। ସେଲାନା ନାମ୍ନୀ ଜଣେ ମହିଳାଙ୍କଠାରୁ ଭିକ୍ଷା ମାଗୁଥିବାବେଳେ ତାଙ୍କ ସ୍ୱାମୀଙ୍କ ଶରୀରରେ ସେ ଯୌନ ଉଦ୍ଦୀପନା ଲକ୍ଷଣ ସୃଷ୍ଟି କରିଥିଲେ। ସେଲାନା ଜାଣିଥିଲେ ଯେ, ସେ ଜଣେ କାମନାମୁକ୍ତ ପୁରୁଷ। ତେଣୁ ସେ ତାଙ୍କ ଯୌନ ଉଦ୍ଦୀପନାକୁ ଅଣଦେଖା କଲେ ଏବଂ ସନ୍ନ୍ୟାସୀଙ୍କର ଶାରୀରିକ ଲକ୍ଷଣକୁ ଅନ୍ୟମାନଙ୍କ ନଜରରୁ ହଟାଇବା ଲାଗି ତାଙ୍କ ଉପରେ ପୋଷାକ ଢାଙ୍କି ଦେଲେ। ସନ୍ନ୍ୟାସୀ ଶେଷରେ ଆତ୍ମଉପଲବ୍ଧି ହାସଲ କଲେ ଏବଂ ଏଥିପାଇଁ ସବୁ ଶ୍ରେୟ ସେଲାନାଙ୍କୁ ଦେଲେ। ଏହି କାହାଣୀ ଦଶମ ଶତାବ୍ଦୀର ହରିସେଣଙ୍କ ବୃହତ୍ କଥାକୋଷରୁ ଆସିଛି।

ହେମଚନ୍ଦ୍ରଙ୍କ ଦ୍ୱାଦଶ ଶତାବ୍ଦୀର ପରିଶିଷ୍ଟ ପର୍ବଣରେ ବର୍ଣ୍ଣନା କରାଯାଇଛି ଯେ, ସୁନନ୍ଦାଙ୍କ ଭାଇ, ସ୍ୱାମୀ ଓ ପୁଅ ଜୈନ ସନ୍ନ୍ୟାସୀ ହୋଇଥିଲେ। ଏଥିରେ ସେ ଭାଙ୍ଗିପଡ଼ି ନିଜେ ସନ୍ନ୍ୟାସିନୀ ହେବା ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ରବିସେଣଙ୍କ ସପ୍ତମ ଶତାବ୍ଦୀର ପଦ୍ମ ପୁରାଣରେ ଉଲ୍ଲେଖ ରହିଛି, ସହଦେବୀଙ୍କ ସ୍ୱାମୀ ସନ୍ନ୍ୟାସୀ ହୋଇଯିବା ପରେ ପୁଅ ଯେତେବେଳେ ସନ୍ନ୍ୟାସୀ ହେଲେ, ସେତେବେଳେ ସେ ସହଯୋଗ କରି ନ ଥିଲେ। ଫଳରେ ସେ ମୃତ୍ୟୁବରଣ କଲାପରେ ବାଘୁଣୀ ଭାବେ ପୁନର୍ଜନ୍ମ ଲାଭ କରି ତାଙ୍କ ପୁଅକୁ ଖାଇଥିଲେ। ତାଙ୍କ ସ୍ୱାମୀ କିନ୍ତୁ ବାଘୁଣୀ ଉପରେ ରାଗି ନ ଥିଲେ। ତାଙ୍କ ଶାନ୍ତ ସ୍ୱଭାବ ଦେଖି ବାଘୁଣୀ ଅନୁତାପ କଲା ଏବଂ ପରଜନ୍ମରେ ପୁଣି (ସହଦେବୀ) ମଣିଷ ଜୀବନ ପାଇଲେ ଏବଂ ଜୈନପଥ ଅନୁସରଣ କରିଥିଲେ।

ଏମିତି ବି ଏକ କାହାଣୀ ଅଛି, ଯେଉଁଠାରେ ମହିଳାମାନେ ପୁରୁଷମାନଙ୍କୁ ବିବାହ ପରିବର୍ତ୍ତେ ସନ୍ନ୍ୟାସ ଜୀବନ ପାଇଁ ପ୍ରବର୍ତ୍ତାଇଛନ୍ତି। ଏହା ଶ୍ୱେତାମ୍ବର ପରମ୍ପରାର ଊନବିଂଶ ତୀର୍ଥଙ୍କର ମଲ୍ଲୀନାଥଙ୍କ କାହାଣୀ। ମଲ୍ଲୀଙ୍କୁ ବିବାହ କରିବା ପାଇଁ ୬ଜଣ ରାଜକୁମାର ତାଙ୍କ ପିତାଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିବା ସହ ପରସ୍ପର ମଧ୍ୟରେ ଯୁଦ୍ଧ ଡାକରା ଦେଇଥିଲେ। ମଲ୍ଲୀ ଏହା ଜାଣିବା ପରେ ସେମାନଙ୍କୁ ନିଜ ଉଆସକୁ ନିମନ୍ତ୍ରଣ କଲେ। ସେଠାରେ ରାଜକୁମାରମାନେ ମଲ୍ଲୀଙ୍କ ପରି ଦେଖାଯାଉଥିବା ଏକ ପ୍ରତିମୂର୍ତ୍ତି ଦେଖିଲେ ଓ ତାହା ପାଖକୁ ଯିବା ପରେ ସେଥିରୁ ଦୁର୍ଗନ୍ଧ ବାହାରୁଥିବା ଜାଣି ଘୃଣା କରି ପଛକୁ ହଟିଆସିଲେ। ରାଜକୁମାରୀ ରାଜକୁମାରଙ୍କୁ ବୁଝାଇ କହିଥିଲେ ଯେ, ଜୀବନର ଲକ୍ଷ୍ୟ ଶରୀରର ମାଂସକୁ ଲୋଭ କରିବା ନୁହେଁ ବରଂ ଆତ୍ମାକୁ ଜାଣିବା। ତେଣୁ ତାଙ୍କ ଶରୀର ପାଇବା ଲାଗି ଯୁଦ୍ଧ କରିବା ପରିବର୍ତ୍ତେ ସେମାନେ ଜୈନପଥ ଅନୁସରଣ କରିବା ଉଚିତ। ତା'ପରେ ରାଜକୁମାରୀ ମଲ୍ଲୀ ସଂସାର ଛାଡ଼ି ସନ୍ନ୍ୟାସିନୀ ହୋଇଯିବା ପରେ ୬ଜଣ ରାଜକୁମାର ମଧ୍ୟ ସନ୍ନ୍ୟାସୀ ହୋଇଗଲେ। କିନ୍ତୁ ଦିଗମ୍ବର ପରମ୍ପରାରେ ବର୍ଣ୍ଣନା ରହିଛି, ମଲ୍ଲୀନାଥ ପୁରୁଷ ଥିଲେ, କାରଣ ଏଥିରେ ବିଶ୍ୱାସ ରହିଥିଲା ଯେ ମହିଳା ଆତ୍ମସାକ୍ଷାତ୍ କରିପାରିବ ନାହିଁ।

ସପ୍ତମ ଶତାବ୍ଦୀରେ ରବିସେଣଙ୍କ ପଦ୍ମ ପୁରାଣରେ ରାଜା ନାଘୁଶା ଏବଂ ରାଣୀ ସିଂହିକା ବିଷୟରେ ଉଲ୍ଲେଖ କରାଯାଇଛି। ରାଜା ଉତ୍ତରରେ ଶତ୍ରୁମାନଙ୍କ ସହିତ ଲଢ଼େଇ କରୁଥିବାବେଳେ ଦକ୍ଷିଣପଟୁ ବି ଆକ୍ରମଣ କରାଯାଇଥିଲା। ତେଣୁ ସିଂହିକା କିଛି ସୈନିକଙ୍କ ସହାୟତାରେ ଦକ୍ଷିଣପଟୁ ଆକ୍ରମଣ କରୁଥିବା ଶତ୍ରୁଙ୍କୁ ପଛକୁ ହଟାଇଦେଲେ। ହେଲେ ବିଜୟୀ ରାଜା ଅସନ୍ତୁଷ୍ଟ ଥିଲେ। କାରଣ ସେ ଅନୁଭବ କରୁଥିଲେ ଯେ, ଯୁଦ୍ଧକୁ ଯାଉଥିବା ଜଣେ ମହିଳା ଶୁଦ୍ଧ ନାରୀ ହୋଇପାରିବେ ନାହିଁ। ଫଳରେ ସେ ରାଣୀଙ୍କଠାରୁ ଦୂରେଇ ଗଲେ। ପରେ ରାଜା ଅସୁସ୍ଥ ହେବାରୁ ଡାକ୍ତରମାନେ କହିଲେ, କେବଳ ଜଣେ ଶୁଦ୍ଧ ନାରୀ ଜଳ ଦେଇ ତାଙ୍କୁ ସୁସ୍ଥ କରିପାରିବ। ସିଂହିକା ତାଙ୍କୁ ପାଣି ଦେବା ପରେ ରାଜା ସୁସ୍ଥ ହୋଇଥିଲେ। ରାଣୀଙ୍କୁ ରାଜା କ୍ଷମା ମାଗି ପୁଅକୁ ସିଂହାସନରେ ବସାଇ ସନ୍ନ୍ୟାସୀ ହୋଇଯାଇଥିଲେ।

-devduttofficial@gmail.com

## ଏଇ ଭାରତରେ

ଦନ୍ତ ଚିକିତ୍ସକ ଡ. ଶାନ୍ତି ତୁମ୍ମାଲା ଚାକିରି ଛାଡ଼ି ବେଙ୍ଗାଲୁରୁରେ ବର୍ଜ୍ୟ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇଛନ୍ତି। ଥରେ ଜଣେ ମହିଳା ଏକ ଅଳିଆଗଦା ନିକଟରେ ଠିଆହୋଇ କିଛି ଜିନିଷ ଖୋଜୁଥିବା ଦୃଶ୍ୟ ସେ ଦେଖିବାକୁ ପାଇଥିଲେ। ସେହି ମହିଳା ଜଣକ ଉକ୍ତ ଅଦରକାରୀ ଜିନିଷ ବିକିବାକୁ ଚାହୁଁଥିବା ତାଙ୍କଠାରୁ ଜାଣିପାରିଥିଲେ। ତା'ପରେ ଜାଣିବାକୁ ପାଇଲେ ଯେ ବେଙ୍ଗାଲୁରୁରେ ଥିବା ଅନେକ ଅଳିଆଗଦା ସଂସ୍ପର୍ଶରେ ଆସୁଥିବା ବହୁ ବ୍ୟକ୍ତିଙ୍କ ଜୀବନ ଦୁର୍ବିସହ ହୋଇଯାଉଛି। ଏଣୁ ବର୍ଜ୍ୟ ସମସ୍ୟାର ସମାଧାନ ଲାଗି ଡ. ଶାନ୍ତି ଚାକିରି ଛାଡ଼ି ଘରକୁ ଘର ବୁଲି କିଭଳି ତରଳ, କଠିନ ଏବଂ ବିପଜ୍ଜନକ ବର୍ଜ୍ୟର ପୃଥକୀକରଣ ହେବ ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ଲାଗିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କୁ କେହି ସମର୍ଥନ କରୁ ନ ଥିଲେ, ବରଂ ଏହା ସେ ରାଜନୀତି ପାଇଁ କରୁଛନ୍ତି ବୋଲି ଚର୍ଚ୍ଚା ହେଉଥିଲା। ପରେ ସେ ଏଚ୍‌ସିଆର ଫୋରମ୍ ଗଠନ କରି ତା' ମାଧ୍ୟମରେ ୧ ଲକ୍ଷରୁ ଅଧିକ ବେଙ୍ଗାଲୁରୁବାସୀଙ୍କୁ ବର୍ଜ୍ୟ ପୃଥକୀକରଣ ସମ୍ପର୍କରେ ସଚେତନ କରିପାରିଛନ୍ତି। କେବଳ ଏତିକି ନୁହେଁ, ବର୍ଜ୍ୟରୁ ଖତ ପ୍ରସ୍ତୁତ କରିବାର ଉପାୟ ମଧ୍ୟ ଲୋକଙ୍କୁ ଶିଖାଉଛନ୍ତି। ଏଥିପାଇଁ କମ୍ପୋଷ୍ଟ ଲର୍ନିଂ ସେଣ୍ଟର ମଧ୍ୟ ସେ ପ୍ରତିଷ୍ଠା କରିଛନ୍ତି।

## ଚିରନ୍ତନୀ

କେତେ ମଧୁ ମିଳନର ଦେଖିଲଇଁ ସ୍ୱପନ
କେତେ ଚୂତ ମଞ୍ଜରୀ ତୋଳିଲି
ବିଚ୍ଛେଦ-ଧାରେ ଯେତେ ବହିଯାଏ ରୁଧିର
ଅନ୍ତର ତଳେ ତାହା ବୋଳିଲି
ବିରହର ଦୋଳି ଚଢ଼ି ମିଳନର ମଳୟେ
କେବଳ ଜୀବନଯାକ ଦୋଳିଲି ।

-(ଜୀବନ-ଦୋଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | | | | |
| 6 | | | 7 | | 5 | | | |
| | | | | | | 1 | | 5 |
| | | | 6 | | | | 3 | 1 |
| | 2 | | 3 | | | | 8 | |
| 8 | | | | | 2 | | | 6 |
| | | | | | | | 9 | 8 |
| 5 | | | 1 | 7 | | | | 3 |
| 7 | 6 | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 5 | 6 | 7 | 3 | 9 | 4 | 8 |
| 6 | 7 | 8 | 4 | 2 | 9 | 1 | 5 | 3 |
| 3 | 4 | 9 | 1 | 8 | 5 | 7 | 2 | 6 |
| 7 | 3 | 1 | 8 | 9 | 4 | 2 | 6 | 5 |
| 8 | 5 | 4 | 2 | 6 | 1 | 3 | 9 | 7 |
| 2 | 9 | 6 | 3 | 5 | 7 | 8 | 1 | 4 |
| 5 | 1 | 7 | 9 | 3 | 6 | 4 | 8 | 2 |
| 4 | 6 | 2 | 7 | 1 | 8 | 5 | 3 | 9 |
| 9 | 8 | 3 | 5 | 4 | 2 | 6 | 7 | 1 |

ଗତକାଲିର ଉତ୍ତର

# ବିଶ୍ୱ ପାଇଁ ଚେତାବନୀ



ହରେକୃଷ୍ଣ ପଣ୍ଡା

ମଣିଷ ବିଜ୍ଞାନ-ସଭ୍ୟତାର ଶୀର୍ଷରେ ପହଞ୍ଚିଥିଲେ ମଧ୍ୟ ଯୁଦ୍ଧ ଓ ହିଂସାକୁ ଛାଡ଼ିପାରିନାହିଁ। ଏବେ ସମଗ୍ର ବିଶ୍ୱରେ ଯେମିତି ସଂଘର୍ଷ, ହିଂସା, ପ୍ରତିଶୋଧର ବାତାବରଣ ସୃଷ୍ଟି ହୋଇଛି ତାହା ମାନବ ସମାଜକୁ କେବଳ ବ୍ୟଥିତ କରିନାହିଁ,ବରଂ ଏକ ନୂତନ ଚେତନାର ବାଟ ଫିଟାଇ ଦେଇଛି। ବର୍ତ୍ତମାନ ବିଶ୍ୱର ସ୍ଥିତି ଆସୁରିକ ପ୍ରବୃତ୍ତିର ନେତୃତ୍ୱକୁ ପ୍ରତିପାଦିତ କରିଛି। ଉଦାହରଣ ଦେଇ କହିବାକୁ ଗଲେ- ଇଂରେଜ ସରକାରଙ୍କ ଶାସନ ବିରୋଧରେ ବିଦ୍ରୋହ କରୁଥିବା ବ୍ୟକ୍ତିଙ୍କୁ ସେମାନେ ହତ୍ୟା କରୁଥିଲେ। କିଛି ବର୍ଷ ପରେ ହିଟ୍‌ଲର ଆସୁରିକ ଶକ୍ତିରେ କବଳିତ ହୋଇ ଲକ୍ଷ ଲକ୍ଷ ଲୋକଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ।

ମଧ୍ୟପ୍ରାଚ୍ୟରେ ଯେଉଁ ସଂଘର୍ଷ ଓ ମୁକାବିଲା ଦେଖାଦେଇଛି, ତାହା ଏକ ଉଦାହରଣ। ପୂର୍ବରୁ ଦୁଇଟି ମହାସମର ଘଟିଯାଇଛି। ଏକ ତୃତୀୟ ମହାସମର ପାଇଁ ବାଟ ଫିଟାଯାଉଛି, କିନ୍ତୁ ଏହା ଆଉ ଘଟିବ ନାହିଁ ବୋଲି ଶ୍ରୀଅରବିନ୍ଦ କହିଯାଇଛନ୍ତି। ବର୍ତ୍ତମାନର ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଅବଲୋକନ କଲେ ଜାଣିହେଉଛି ଯେ ଦୁଇଟି ଶକ୍ତି ମଧ୍ୟରେ ଲଢ଼େଇ ଚାଲିଛି। ହେଲେ ଐକ୍ୟର ପ୍ରଭାବ ଯୋଗୁ ଯେଉଁ ପରିସ୍ଥିତି ପୂର୍ବରୁ ସହଜରେ ପୃଥିବୀବ୍ୟାପୀ ମହାସମର ଘଟାଇପାରୁଥିଲା, ତାହା ସେପରି ହେବାକୁ ସୁଯୋଗ ପାଉନାହିଁ। ସାମାନ୍ୟ ଖଣ୍ଡଯୁଦ୍ଧ, ଆଞ୍ଚଳିକ ସଂଘର୍ଷ ଅନ୍ୟ ଦେଶଗୁଡ଼ିକରେ ଲାଗିପାରେ ; କିନ୍ତୁ ପୃଥିବୀ ମହାସମର ଅସମ୍ଭବ। ଐକ୍ୟ, ସଂହତିର ମୂଳ ସତ୍ୟ ପ୍ରତିଷ୍ଠା ଫଳରେ ହିଂସା ଏବଂ ଯୁଦ୍ଧ ପଶ୍ଚାତ୍‌ରେ ଥିବା ଶକ୍ତିର ମୂଳଦୁଆ ଭାଙ୍ଗିଯାଇଛି। ଯାହା ମନେହୁଏ, ଏକ ନୂତନ ଧାରା ସୃଷ୍ଟି ହେବାକୁ ଯାଉଛି, ଯାହା ଆମ ମନରେ ଏକ ଧାରଣା ସୃଷ୍ଟି କରୁଛି ଯେ ପୃଥିବୀ ଏକ ହେବା ଦିଗରେ ଗତିକରୁଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମାନବଜାତି କିପରି ସୁଖ ଓ ଶାନ୍ତିରେ ଏହି ପୃଥିବୀରେ ବସବାସ କରିପାରିବ, ସେଥିପାଇଁ ଅନେକ ଅନ୍ତର୍ଜାତୀୟ ନିୟମାବଳୀ ଓ ସଂଗଠନ ତିଆରି କରାଯାଇଥିଲା। ସେଥିମଧ୍ୟରୁ ଜାତିସଂଘ ଏକ ସଂଗଠନ। ସେତେବେଳେ ଏହି ସଂଘଟି ଏପରି ଗଠନ କରାଯାଇଥିଲା ଯେ, ତାହା ଭବିଷ୍ୟତ ବିଶ୍ୱ ପ୍ରତି ଦୃଷ୍ଟି ଦେଇ ନ ଥିଲା। ଦୂରଦୃଷ୍ଟି ଅଭାବରୁ ୫ଟି ଦେଶ ସମଗ୍ର ବିଶ୍ୱରେ ଏଯାବତ୍ ପ୍ରତିପତ୍ତି ଜାହିର କରିଚାଲିଛନ୍ତି। ଏହାର ପରିବର୍ତ୍ତନ କରି ହେଉ ନାହିଁ। ଜାତିସଂଘ ବହୁ ଦିନରୁ ତା'ର ମର୍ଯ୍ୟାଦା ହରାଇସାରିଲାଣି। ଇରାନ୍-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ସୁରକ୍ଷା ପରିଷଦ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ସାମ୍ପ୍ରତିକ ପରିସ୍ଥିତିରେ ବୈଶ୍ୱିକ ଗତିଧାରା ଯେଭଳି ରହିଛି, ତାହା ବିଚାରକୁ ନେଲେ ଜାତିସଂଘ ସୁରକ୍ଷା ପରିଷଦର କିଛି କର୍ତ୍ତୃତ୍ୱ ନାହିଁ। ଦେଶ ମଧ୍ୟରେ ଲାଗୁଥିବା ବିବାଦର ସମାଧାନ ପାଇଁ କିଛି କରାଯାଉ ନ ଥିବା ବେଳେ ସୁରକ୍ଷା ପରିଷଦ ସଦସ୍ୟଙ୍କ ଭିଟୋ କ୍ଷମତା ଏଥିପାଇଁ କାଳ ହୋଇଛି। ସେ ମଧ୍ୟ କହିଛନ୍ତି, ୧୯୪୫ ପରେ ଜାତିସଂଘ ସୁରକ୍ଷା ପରିଷଦର ସ୍ଥିତି ଯେପରି ଥିଲା ତାହା ଏବେ ନାହିଁ। ଏଥିରୁ ଜଣାପଡ଼େ, ମିଳିତ ଜାତିସଂଘ ଓ ତା'ର ସୁରକ୍ଷା ପରିଷଦ ତଥା ଭିଟୋ କ୍ଷମତାର ଅବସାନ ଏଇଠି ପ୍ରକାଶ୍ୟରେ ଘଟିଲା। ବିଶ୍ୱରେ ଆମେରିକାର ଏକତରଫା ଯୁଦ୍ଧକୁ ଏହି ସଂଘ ରୋକିପାରିଲା ନାହିଁ। ନିରପେକ୍ଷତା ଅବଲମ୍ବନ ନ କରିବାରୁ ଜାତିସଂଘ ନିଜର ସ୍ଥିତି ହରାଇ ସାରିଥିବା ବିଶ୍ୱବାସୀ ଅନୁଭବ କରିଥିଲେ ହେଁ ଭାରତ ପକ୍ଷରୁ ଏହାର ସଂସ୍କାର ନିମନ୍ତେ ଏକାଧିକ ଥର ଦାବି କରାଯାଇଛି। ହେଲେ ତାହା ନିଷ୍ଫଳ ହୋଇଯାଇଛି। ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଜାତିସଂଘ ସମ୍ପୂର୍ଣ୍ଣ ତା'ର ସ୍ଥିତି ହରାଇଥିବା ଲକ୍ଷ୍ୟ କରାଯାଉଛି। ଏହି ଯୁଦ୍ଧର ସମାପ୍ତି ପରେ ମିଳିତ ଜାତିସଂଘ ଏକ ନୂତନ ରୂପରେଖ




ନେଇ ଗଢ଼ି ଉଠିବାର ଆଶା ଉଦ୍ରେକ ହୋଇଛି।

ଶୀତଳଯୁଦ୍ଧ ସମୟରେ ବିଶ୍ୱରେ ଦୁଇ ପ୍ରମୁଖ ଶକ୍ତିକେନ୍ଦ୍ରକୁ ନେଇ ଗଢ଼ି ଉଠିଥିବା ସାମରିକ ମେଣ୍ଟ ସୋଭିଏତ୍ ରୁଷ ବିଭାଜନ ପରେ ନିଶ୍ଚିହ୍ନ ହୋଇଯାଇଥିଲା। କିନ୍ତୁ ୟୁରୋପୀୟ ରାଷ୍ଟ୍ରଙ୍କୁ ନେଇ ଯେଉଁ ସାମରିକ ମେଣ୍ଟ ଗଢ଼ାଯାଇଥିଲା, ତାହା ଆମେରିକା ନେତୃତ୍ୱାଧୀନ ରହିଥିଲା। ଏହାକୁ ନାଟୋ ସଦସ୍ୟ ରାଷ୍ଟ୍ର ଏଯାବତ୍ ଗୁରୁତ୍ୱ ଦେଇ ଆସିଥିଲେ। ଏବେ ସେହି ନାଟୋକୁ ଆମେରିକା ନିଜ ହାତରେ ଧ୍ୱଂସ କରିଦେଇଛି। ନାଟୋକୁ ଭୁଲ୍ ବାଟରେ ନେବା ଦ୍ୱାରା ଏହା ଏପରି ଘଟିଲା ବୋଲି କୁହାଯାଇପାରେ। ଆମେରିକା ନିଜ ସ୍ୱାର୍ଥରେ ନାଟୋକୁ ବିନିଯୋଗ କରିବା ଫଳରେ ନାଟୋ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଲାଣି। ଆମେରିକାର ଏକାଧିପତ୍ୟତା ସବୁରାଷ୍ଟ୍ର ଜାଣିସାରିଲେଣି। ଏହି ତିନି ଦଶନ୍ଧି ଭିତରେ ଆତଙ୍କବାଦ ଓ ପରମାଣୁ ଶକ୍ତିକୁ ନେଇ ଆମେରିକା ବହୁ ଯୁଦ୍ଧ ଭିଆଇ ସାରିଲାଣି। ଆମେରିକାର ଦୂରଦୃଷ୍ଟି ବିହୀନ ନିଷ୍ପତ୍ତିକୁ ସମର୍ଥନ ଦେଇ ନାଟୋ ସହଯୋଗୀ ଇରାକଠାରୁ ଆଫ୍‌ଗାନ ଯୁଦ୍ଧରେ ସାମିଲ କରି ଲଢ଼ିବା ପରେ ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ କରଛଡ଼ାଦେବାକୁ ବାଧ୍ୟ ହୋଇଛି। ସେଥିପାଇଁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ସେମାନଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ଏଇଠି ନାଟୋ ତା'ର ଅସ୍ତିତ୍ୱ ହରାଇ ନବ କଳେବର ଧାରଣ କରିବାକୁ ଯାଉଛି। ନାଟୋ ବିରୋଧରେ ଯାଇ ଆମେରିକା ୟୁରୋପର ଅଧିକାଂଶ ରାଷ୍ଟ୍ରଙ୍କ ବିରୋଧୀ ଯେ ହୋଇ ପଡ଼ିଛି, ତାହା ତାକୁ ବୋଧେ ଅଜଣା।

ନିଜ ଦେଶର ଯୁଦ୍ଧାସ୍ତ୍ର ବିକ୍ରୟ ପାଇଁ ଆମେରିକା ସାରା ବିଶ୍ୱରେ ଯୁଦ୍ଧର ବିଭୀଷିକା ସୃଷ୍ଟି କରିଥିବା ଦେଖାଯାଇଛି। ଶେଷରେ ତୈଳ ବ୍ୟାପାରକୁ ଏକଚାଟିଆ କରିବାକୁ ଯାଇ ମଧ୍ୟପ୍ରାଚ୍ୟରେ ଯେଉଁ ବିଭୀଷିକା ରଚନା କଲା, ତାହା ଆମେରିକାର ଅହଂକାର ଓ ଔଦ୍ଧତ୍ୟକୁ ପ୍ରତିପାଦିତ କରିଛି। ଆହୁରି ମଧ୍ୟ ଅନୁଭବ କରାଯାଇଛି ଯେ, ସାମରିକ ଅସ୍ତ୍ରଶସ୍ତ୍ରକୁ ନେଇ ଆମେରିକା ସବୁ ରାଷ୍ଟ୍ରକୁ ନାଲିଆଖି ଦେଖାଇ ଆସିଛି। ଯାହାଫଳରେ ବିଶ୍ୱର ଅଧିକାଂଶ ରାଷ୍ଟ୍ର ଆମେରିକାର ବିପର୍ଯ୍ୟୟ ଚାହୁଁଥିଲେ। ଅପରପକ୍ଷରେ ଆମେରିକାର ସାମରିକ ଶକ୍ତିକୁ ମୁକାବିଲା କରିବା ପାଇଁ ଅଧିକାଂଶ ରାଷ୍ଟ୍ର ନିଜର ସାମର୍ଥ୍ୟ ହାସଲ କରିସାରିଲେଣି, ଏକଥା ଆମେରିକା ଜାଣିନଥିଲା। ଇରାନ୍ ନିଜର ସାମରିକ ଶକ୍ତିକୁ ନେଇ ଆମେରିକାକୁ ଚେତେଇଦେଲା ଯେ 'ଆମେ ମଧ୍ୟ ତୁମଠାରୁ କମ୍ ନାହୁଁ'। ଆମେରିକାର ଏକାଧିପତ୍ୟତା ପାଇଁ ବିଶ୍ୱର ଛୋଟ ବଡ଼ ଦେଶ ପରମାଣୁ ଶକ୍ତିର ଅଧିକାରୀ ହୋଇ ପାରିଛନ୍ତି। ଏଭଳି ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରିବା ପାଇଁ ଯେ ଆମେରିକା ଏକମାତ୍ର ଦାୟୀ, ତାହା ଅସ୍ୱୀକାର କରିହେବ ନାହିଁ।

ଆମେରିକା-ଇରାନ୍ ଯୁଦ୍ଧ ବିଶ୍ୱ ପାଇଁ ଏକ ଚେତାବନୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆମେରିକା କିମ୍ବା ଇରାନ୍ ସପକ୍ଷରେ କୌଣସି ଦେଶ ସିଧାସଳଖ ଯୁଦ୍ଧରେ ପକ୍ଷଭୁକ୍ତ ହୋଇ ନ ଥିଲେ ହେଁ ଆମେରିକା ବିପକ୍ଷରେ ଅଧିକାଂଶ ରାଷ୍ଟ୍ରଙ୍କର ଅସଦିଚ୍ଛା ପୂରାମାତ୍ରାରେ ଥିବା କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏହାକୁ ଆମେରିକା ଅନୁଭବ କରିବା ଆବଶ୍ୟକ। ବିଶ୍ୱଶାନ୍ତି ପାଇଁ ଭାରତର ଭୂମିକା ଅପରିହାର୍ଯ୍ୟ, ତାହା କହିବା ବାହୁଲ୍ୟମାତ୍ର। ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ବିଶ୍ୱସ୍ତରୀୟ ଶାସନ ପ୍ରତିଷ୍ଠାନ, ବିଶେଷକରି ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ଏବେ ବିକଳ୍ପ ଚାହୁଁ ନାହିଁ। ବରଂ ଜରୁରୀ। ଜି-୨୦ ଶିଖର ସମ୍ମିଳନୀ ମଧ୍ୟ ଅକାମୀ ହୋଇଯାଇଛି। ତା'ର ପୁନରୁଦ୍ଧାର ଆବଶ୍ୟକ। ଭାରତ-ବ୍ରାଜିଲ, ଦକ୍ଷିଣ ଆଫ୍ରିକାର ନେତା ଓ ବ୍ରିକ୍ସ ସଂଘକୁ ଏହି ସମୟରେ ଅଧିକ ଗତିଶୀଳ କରାଯିବା ଦରକାର। ବିଶ୍ୱ ଜନମତକୁ ଯେଉଁ ରାଷ୍ଟ୍ରନେତା ଗୁରୁତ୍ୱ ଦିଅନ୍ତି ନାହିଁ, ସେମାନଙ୍କୁ ଶେଷରେ ତଳିତଳାନ୍ତ ହେବାକୁ ପଡ଼େ।

ସୟେଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩

# ତଳ ଅଫିସର



ଧ୍ରୁବ ଚରଣ ଘିବେଲା

ଆଜିର ଦିନରେ ସବୁଠି ଗହଳଚହଳ ଅଧିକ। ହାଟରେ ଯେମିତି ଘୋ ଘୋ, ନାହିଁ ନ ଥିବା ଭିଡ଼, ଠିକ୍ ସେମିତି ଭିଡ଼ ଦେଖାଯାଏ ସବୁଠି। ଟ୍ରେନ୍‌ରେ ଯାତ୍ରୀଙ୍କ ଭିଡ଼, ପ୍ଲେନରେ ସେଇ ଯାତ୍ରୀଙ୍କ ଭିଡ଼, ଷ୍ଟେଶନରେ ବି ଯାତ୍ରୀଙ୍କ ଭିଡ଼, ମନ୍ଦିରରେ ଭକ୍ତଙ୍କ ଭିଡ଼, ଯାତ୍ରା ମେଳଣରେ ଶ୍ରଦ୍ଧାଳୁଙ୍କ ଭିଡ଼, ପ୍ରବଚନ ସଭାରେ ଶ୍ରୋତାଙ୍କ ଭିଡ଼, ଭୋଜିସ୍ଥାନରେ ଭୋଜିପ୍ରିୟଙ୍କ ଭିଡ଼, ଡାକ୍ତରଖାନାରେ ରୋଗୀଙ୍କ ଭିଡ଼, ଯାନିଯାତ୍ରାରେ ଦର୍ଶକଙ୍କ ଭିଡ଼, ଅଫିସ ସବୁରେ ହିତାଧିକାରୀଙ୍କ ଭିଡ଼ ଥାଏ। ସେଠି ସବୁଠି ସାଧାରଣ ଭିଡ଼ ନ ଥାଏ, ସେଇ ଭିଡ଼ ଥାଏ ଅସାଧାରଣ, ନାହିଁ ନଥିବା ଭିଡ଼। ଅଫିସମାନଙ୍କରେ କର୍ମଚାରୀ, ଅଧିକାରୀଙ୍କ ସମେତ ହିତାଧିକାରୀଙ୍କ ଭିଡ଼ ସେମିତି ପରିଦୃଷ୍ଟ ହୋଇଥାଏ। ଆଜିକାଲି ଅଫିସମାନଙ୍କରେ କେତେ ରକମର ଅଫିସର ବି ଅଧିକ ରହିଲେଣି ପଦପଦବୀ ଆଧାରରେ। କାହା ଘରେ ଚାରି ପୁଅ ଥିଲେ, ସେମାନଙ୍କ ପରିଚୟ ରହିଥାଏ ବଡ଼ ପୁଅ, ବଡ଼ ମଝିଆଁ, ସାନ ମଝିଆଁ ଓ ସାନ ପୁଅ। ସବୁ ସରକାରୀ ଅଫିସରେ ଅଫିସର ମାଳ ମାଳ। ପଦବୀ ନେଇ ନିଯୁକ୍ତ ଥାଆନ୍ତି ଅଫିସର। ଆଉ ଅଫିସର ଥା'ନ୍ତି ବଡ଼ ଅଫିସର ମାନେ ମୁଖିଆ ଅଫିସର, ତାଙ୍କ ତଳକୁ ଅତିରିକ୍ତ ବା ଆଡିସିନାଲ ଅଫିସର, ଆସିଷ୍ଟାଣ୍ଟ ଅଫିସର, ସବ୍ ଆସିଷ୍ଟାଣ୍ଟ ଅଫିସର, ଡେପୁଟି ଅଫିସର।

ଏଠି ଗୋଟିଏ ବିଭାଗର ଉଦାହରଣ ନେବା। ନିଆଯାଉ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ। ସ୍କୁଲ ଓ ଗଣଶିକ୍ଷା ବିଭାଗ ରାଜ୍ୟ ସରକାରଙ୍କ ଏକ ବଡ଼ ବିଭାଗ। ଏଠି ଶିକ୍ଷକ ଯେତେ, କର୍ମଚାରୀ ସେତେ, ଅଫିସର ସେତେ। ଶିକ୍ଷା ବିଭାଗରେ ବିଭିନ୍ନ ଅଫିସର ବି ଥାଆନ୍ତି କେତେ କେତେ। ଏବେ ସବୁ ରାଜସ୍ୱ ଜିଲାରେ ଅଛନ୍ତି ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ପାଇଁ ଜଣେ ଜଣେ ଜିଲା ଶିକ୍ଷା ଅଧିକାରୀ, ଯାହାଙ୍କୁ ଡିଷ୍ଟ୍ରିକ୍ଟ ଏଜୁକେଶନ ଅଫିସର ବା ଡିଇଓ କୁହାଯାଏ। ତାଙ୍କ ତଳକୁ ଥାଆନ୍ତି ଏଡିଇଓ ବା ଆଡିସିନାଲ ଡିଷ୍ଟ୍ରିକ୍ଟ ଏଜୁକେଶନ ଅଫିସର, ଓଡ଼ିଆରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ। ସାନ ବଡ଼ ଜିଲା ନେଇ ଗୋଟେ ଜିଲାରେ ଦୁଇ ତିନି ଜଣ ଏଡିଇଓ ଅବସ୍ଥାପିତ ଥାଆନ୍ତି। ବ୍ଲକର ମୁଖିଆ ଶିକ୍ଷା ଅଧିକାରୀ ହେଉଛନ୍ତି ବିଇଓ ବା ବ୍ଲକ ଏଜୁକେଶନ ଅଫିସର, ଓଡ଼ିଆରେ ଗୋଷ୍ଠୀ ଶିକ୍ଷା ଅଧିକାରୀ। ବିଇଓଙ୍କ ତଳେ ଏବିଇଓ ଥାଆନ୍ତି। ହେଲେ ଏବିଇଓ ଗେଜେଟେଡ୍ ନ ଥା'ନ୍ତି।ରାଜ୍ୟ ସ୍ତରରେ ଶିକ୍ଷା ନିର୍ଦ୍ଦେଶକ, ଶିକ୍ଷା ଜଏଣ୍ଟ ନିର୍ଦ୍ଦେଶକ, ଶିକ୍ଷା ଉପନିର୍ଦ୍ଦେଶକ ଏମିତି ଅନେକ ଅଫିସର। ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଫିସରଙ୍କ ଭିତରେ ଗେଜେଟେଡ୍ ତଳ ଅଫିସର ହେଉଛନ୍ତି ବିଇଓ ବା ଗୋଷ୍ଠୀ ଶିକ୍ଷା ଅଧିକାରୀ।

ତେବେ କଥା ହେଉଛି, ବିଇଓ ତାଙ୍କ ସବୁ ଉପର ଅଫିସରଙ୍କ ଆଗେ ଉତ୍ତର ରଖନ୍ତି ସେମାନଙ୍କ ବିଭିନ୍ନ ଚିଠିର। ଏକଦା ଏ ଲେଖକର ଜଣେ ବନ୍ଧୁ ସତ୍ୟପ୍ରିୟ ବାବୁ, ଯିଏ ଥିଲେ ଜଣେ ବିଇଓ, ସେ ସତ କହିବାକୁ ଯାଇ ତାଙ୍କ ଉପର ଅଫିସର ଡିଇଓଙ୍କ ରୋଷର ଖାଲି ଶିକାର ହେଲେ ନାହିଁ, ଅନେକ ହଇରାଣର ସମ୍ମୁଖୀନ ବି ହେଲେ। ତଳ ଅଫିସର ଯେମିତି ଉପର ଅଫିସରଙ୍କୁ ଖାଲି ହାଁଜୀ କରିବେ, ଆଉ ଯାହା କହିଲେ ମାନିବେ। ଉପର ଅଫିସର ଭୁଲ୍ କହିଲେ, ଭୁଲ୍ କଲେ ବି ତଳ ଅଫିସର ତାହା ମାନିବେ। ନ ମାନିଲେ ତେଣିକି ଅସୁବିଧା। ଠିକ କଥା, ଯାହା ପାଳନୀୟ ତାହା କରିବାରେ ସେଇ ତଳ ଅଫିସର ଦ୍ୱିଧା ରଖି ନ ଥିଲେ। ହେଲେ ଭୁଲ୍ ଉପରେ ମୋହର ନ ମାରିବାରୁ ତଳ ଅଫିସର ବିଇଓ, ଉପର ଅଫିସର ଡିଇଓଙ୍କ ରୋଷର ଶିକାର ହେଲେ। ଅପର ପ୍ରାଇମେରୀ ସ୍କୁଲର ତ୍ରୁଟିପୂର୍ଣ୍ଣ ଲେଭଲ ଥ୍ରୀ ପ୍ରଧାନଶିକ୍ଷକ ପଦୋନ୍ନତି ତାଲିକା ସପକ୍ଷରେ ସେଇ ବିଇଓ ସମର୍ଥନ ଜଣାଇଲେ ନାହିଁ। ନିଜର ଦୁଇ ତିନୋଟି ଅବ୍‌ଜେକ୍ସନ ପ୍ରସ୍ତୁତ ପଦୋନ୍ନତି ତାଲିକା ଦେହରେ ଲେଖିଦେଲେ। ଯଦ୍ଦ୍ୱାରା ସେ ତାଲିକା ଡାଇରେକ୍ଟର ଅଫିସରୁ ମଞ୍ଜୁରୀ ନ ପାଇ ଫେରିଆସିଥିଲା। ତାଲିକାରୁ ବାଦ ପଡ଼ିଥିବା ଶିକ୍ଷକଙ୍କ ନାଁ ତହିଁରେ ଯୋଡ଼ାଯିବାରୁ ତାହା ମଞ୍ଜୁରୀ ପାଇଥିଲା। ଏଥିରେ ସେଇ ଡିଇଓଙ୍କ ସମ୍ମାନହାନି ହେବାର ଅନୁଭବ ହେଲା। ତାପରେ ବିଇଓଙ୍କୁ ହଇରାଣ କରିବା ଉଦ୍ୟମ ଆରମ୍ଭ କରିଥିଲେ। ଆଉ ସଫଳ ମଧ୍ୟ ହୋଇଥିଲେ ତାଙ୍କ ଉପର ଅଫିସରଙ୍କୁ କହି ବୋଲି ଏବଂ ତଳ ଅଫିସର ସେଇ ବିଇଓଙ୍କ ସକଳ ହାରିଗୁହାରି ସେଇ ଡିଇଓ ଓ ଆଉ ଉପର ଅଫିସର କେହି ଶୁଣିନଥିଲେ।

ତେବେ ଉପର ଅଫିସରଙ୍କ ମିଛ ବା ଭୁଲ୍‌କୁ ଆଉରି ଉପରେ ବସିଥିବା ଅଫିସର ରାଇଟ୍ କରିଦିଅନ୍ତି ସିନା ତଳ ଅଫିସରଙ୍କ ଠିକ୍‌କୁ ସେମାନେ ଠିକ୍ ନ କହି ଓଲଟା ଭୁଲ୍ କହନ୍ତି। ତଳ ଅଫିସରଙ୍କ ନିଛକ ସତ କଥା ଉପରେ ବି ଛକି ପକାଇ ଦିଅନ୍ତି ଉପର ଅଫିସର। ଏହା ହିଁ ଦୁର୍ଭାଗ୍ୟ ପାଲଟେ ତଳତଳିଆ ଅଫିସରଙ୍କ ପାଇଁ। ଫଳସ୍ୱରୂପ ଏମିତି ସତ ପାଲଟେ ମିଛ। ଠିକ କୁହାଯାଏ ମିଛକୁ। ଆଉ ମିଛ ହୁଏ ସତ। ଉପର ଅଫିସରଙ୍କ ସେଭଳିଆ ମିଛ ସ୍ୱୀକୃତିରେ ତଳ ଅଫିସରଙ୍କ ସଚ୍ଚୋଟପଣିଆ କେବେ କେବେ ମାଡ଼ ଖାଏ। ମିଛ ଉପରେ ମୋହର ବସେ। ସତ ଉପରେ ଛକି ବସେ। ପୁଣି ଛାଟ ପଡ଼େ। ସତ ଆଘାତ ପାଏ।ତଳ ଅଫିସର ଏମିତି ପେଷି ହୁଅନ୍ତି ଉପର ଅଫିସରଙ୍କ ଦ୍ୱାରା। ଏହା ହିଁ ବିଡ଼ମ୍ବନା। ଦୁର୍ଭାଗ୍ୟଜନକ।

ବଉଦରାଜ , ଜି. ବୌଦ୍ଧ
ମୋ:୯୪୩୭୪୭୮୪୬୬

## ପାଠକ ଶ୍ରେଷ୍ଠ ବିଚାରକ

### ଜୀବନ ସହ ଖେଳନ୍ତୁ ନାହିଁ

ମହାଶୟ,

ଏବେ ଜିମ୍ ଯିବା ନୂଆ ଟ୍ରେଣ୍ଡ ପାଲଟିଛି, ଯେଉଁଠି ପ୍ରାୟ ସମସ୍ତେ ନିଜକୁ ଜଣେ ଜଣେ 'ଟ୍ରେନର' ଭାବେ ଉପସ୍ଥାପିତ କରୁଛନ୍ତି। କିନ୍ତୁ ଆମକୁ ବୁଝିବାକୁ ହେବ ଯେ, ଜିମ୍ କେବଳ ସୋସିଆଲ ମିଡିଆରେ ଶରୀର ପ୍ରଦର୍ଶନ କରିବା କିମ୍ବା ଫଟୋ ଉଠାଇବା ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ହେଉଛି ଶରୀରକୁ ଗଢ଼ିବାର ଏକ ସ୍ଥାନ, ଯେଉଁଠି ପ୍ରତିଟି ମୁହୂର୍ତ୍ତରେ ଶୃଙ୍ଖଳା ଆବଶ୍ୟକ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରତ୍ୟେକ ମଣିଷର ଶାରୀରିକ ଗଠନ ସମ୍ପୂର୍ଣ୍ଣ ଭିନ୍ନ। ଜଣଙ୍କ ପାଇଁ ଯେଉଁ ବ୍ୟାୟାମ ବରଦାନ ସଦୃଶ, ଅନ୍ୟ ଜଣଙ୍କ ପାଇଁ ତାହା ଅଭିଶାପ ହୋଇପାରେ। କେଉଁ ବ୍ୟାୟାମ ଆପଣଙ୍କ ଶରୀରକୁ ସୁହାଇବ, ତାହା କେବଳ ଜଣେ 'ଅଭିଜ୍ଞ ଟ୍ରେନର' କହିପାରିବେ। ଆଜିକାଲି ୟୁଟ୍ୟୁବର ପ୍ରମୋସନ ଭିଡିଓ ଦେଖି ପ୍ରୋଟିନ ପାଉଡର୍ କିମ୍ବା ସପ୍ଲିମେଣ୍ଟ ବ୍ୟବହାର କରିବା କିଡ୍‌ନୀ ଉପରେ ପ୍ରଭାବ ପକାଇପାରେ। ମେରୁଦଣ୍ଡ ବା ଆଣ୍ଠୁରେ ଗୁରୁତର ଆଘାତ ଲାଗିଲେ, ତାହାର ମୂଲ୍ୟ ସାରା ଜୀବନ ଦେବାକୁ ପଡ଼ିବ। ଶରୀର କୌଣସି ପରୀକ୍ଷାଗାର ନୁହେଁ। ତେଣୁ, କାହାର 'ଲାଇକ୍ସ' ଦେଖି ନୁହେଁ, ବରଂ ଯୋଗ୍ୟତା ଓ ପ୍ରମାଣପତ୍ର ଦେଖି ଟ୍ରେନର ବାଛନ୍ତୁ। ଜୀବନ ସହ ଖେଳନ୍ତୁ ନାହିଁ, ଜଣେ ଉତ୍ତମ ପ୍ରଶିକ୍ଷକଙ୍କ ପରାମର୍ଶରେ ହିଁ ଫିଟନେସ ଯାତ୍ରା ଆରମ୍ଭ କରନ୍ତୁ।

-ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିରୋଧୀଙ୍କ ବିରୋଧ ଏବେ ଚର୍ଚ୍ଚାରେ

## ବିଧାୟକମାନେ ଆଲୋଚନା ନ କରାଇବା ନେଇ ଦଳ ଭିତରେ କେଁ



ଭୁବନେଶ୍ୱର,୧।୪(ସୁନିତ୍ ମିଶ୍ର)

ସପ୍ତଦଶ ବିଧାନସଭାର ୬ଷ୍ଠ ଅଧିବେଶନ ଫେବୃଆରୀ ୧୭ରୁ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହୋଇଥିଲା। ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ଏହି ଅଧିବେଶନକୁ ମାର୍ଚ୍ଚ ୩୧ରେ ଅନିର୍ଦ୍ଦିଷ୍ଟକାଳ ପାଇଁ ବାଚସ୍ପତି ସୁରମା ପାଢ଼ୀ ମୁଲତବୀ ଘୋଷଣା କରିଛନ୍ତି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ବିଧାନସଭାର ସବୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମାପ୍ତ ହୋଇସାରିଥିବା କାରଣରୁ ବିଧାୟକମାନେ ନିଜ ନିର୍ବାଚନମଣ୍ଡଳୀ ଗସ୍ତକରିବା ପାଇଁ ଗୃହ ବନ୍ଦ କରିବାକୁ ଏକ ପ୍ରସ୍ତାବ ଆଣିଥିଲେ। ଏହାକୁ ଉଭୟ ଶାସକ ଏବଂ ବିରୋଧୀ ଦଳର ସଦସ୍ୟମାନେ ଗୃହରେ ସମର୍ଥନ କରିଥିଲେ। ଏହାଦ୍ୱାରା ଏପ୍ରିଲ ୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ବିଧାନସଭାର ବଜେଟ ଅଧିବେଶନ ୫ଟି କାର୍ଯ୍ୟ ଦିବସ ଥାଇ ବନ୍ଦ କରିଦିଆଯାଇଛି। ଏହି ଅଧିବେଶନ କାଳରେ ଗୃହରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ପୂର୍ଣ୍ଣାଙ୍ଗ ବଜେଟ ପାରିତ ମଧ୍ୟ ହୋଇଯାଇଛି। ମାତ୍ର ଫେବୃଆରୀ ୧୭ରୁ ଆରମ୍ଭ ହୋଇ ଚାଲିଥିବା ମୋଟ୍ କାର୍ଯ୍ୟଦିବସ ଭିତରେ ବିରୋଧୀଙ୍କ ଆଭିମୁଖ୍ୟକୁ ନେଇ ସେମାନଙ୍କ ଦଳ ଭିତରେ ନାନା ପ୍ରକାର ଆଲୋଚନା ଆରମ୍ଭ ହୋଇଯାଇଛି।

ଗୃହ ଆରମ୍ଭ ହେବା ଦିନରୁ ବିରୋଧୀ ବିଜେଡି ଏବଂ କଂଗ୍ରେସ ଚାଷ ଓ ଚାଷୀ ସମସ୍ୟା ନେଇ ବାରମ୍ବାର ଗୃହରେ ହୋହଲ୍ଲା ଜାରି ରଖିଲେ। ଏପରିକି ସପ୍ତଦଶ ବିଧାନସଭାର ୬ଷ୍ଠ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୨୪ ପର୍ଯ୍ୟନ୍ତ ଚାଲିଥିଲା। ମାତ୍ର ଏହି ପର୍ଯ୍ୟାୟରେ ବିରୋଧୀ ବିଭିନ୍ନ ପ୍ରସଙ୍ଗ ଉଠାଇ ଗୃହ କାର୍ଯ୍ୟ ଏକ ପ୍ରକାର ଚଳାଇଦେଇ ନ ଥିଲେ। ଏହାକୁ ନେଇ ବିଜେଡି ବିଧାୟକମାନଙ୍କ ଭିତରେ ସେବେଠାରୁ ଏକ ପ୍ରକାର ମତଭେଦ ଭିତରେ ଭିତରେ ତୀବ୍ର ରୂପ ନେଇଥିଲା। କେତେଜଣ ବିଜେଡି ବିଧାୟକ ଯାହାସବୁ ପ୍ରସଙ୍ଗ ରହିଛି ତାକୁ ନେଇ ଗୃହ ଭିତରେ ଆଲୋଚନାକରି ଶାସକ ଦଳକୁ ଘେରିବାର ଆବଶ୍ୟକତା ରହିଥିବା ଯୁକ୍ତି ରଖିଥିଲେ। ମାତ୍ର ସେମାନଙ୍କ କଥାକୁ ଏକ ପ୍ରକାର ଅଣଦେଖା କରାଗଲା। ପୁନର୍ବାର ଯେତେବେଳେ ମାର୍ଚ୍ଚ ୯ ତାରିଖରୁ ଗୃହ କାର୍ଯ୍ୟ ଆରମ୍ଭ ହେଲା ସମାନ ସ୍ଥିତି ଦେଖିବାକୁ ମିଳିଲା। ବିରୋଧୀ ଗୃହରେ ନାନା ପ୍ରସଙ୍ଗ ଉଠାଇ ବାରମ୍ବାର ଅଚଳାଅବସ୍ଥା ଜାରି ରଖିଲେ। ଏହାପରେ ଏସ୍‌ସିବି ମେଡିକାଲରେ ନିଆଁ ଲାଗିବା ଘଟଣାରେ ବିରୋଧୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଗୃହରେ ରହିଲେନି। ବିନା ବିରୋଧୀରେ ବିଭିନ୍ନ ବିଭାଗର ଖର୍ଚ୍ଚଦାବି ଆଲୋଚନା ହୋଇ ତାହା ପାରିତ ହେଲା। ଏହାକୁ ବିଜେଡିର ଅନେକ ବିଧାୟକ ପସନ୍ଦ କରୁ ନ ଥିଲେ। ମାତ୍ର ଦଳ କୌଣସି ଆଲୋଚନାରେ ଭାଗ ନେଲା ନାହିଁ। ଏବେ ବିଜେଡି ବିଧାୟକମାନେ ନିଜ ଦଳକୁ ନିନ୍ଦିବା ଆରମ୍ଭ କରିଛନ୍ତି। କୌଣସି ପ୍ରସଙ୍ଗରେ ଦଳ ଗୃହ ବାହାରେ ବିରୋଧ କରିପାରିଥାଆନ୍ତା। ବିଧାୟକମାନେ ଆଲୋଚନା ମାଧ୍ୟମରେ ସରକାରଙ୍କ ଦୋଷକୁ ବିଧାନସଭା ଭିତରୁ ବାହାରକୁ ପହଞ୍ଚାଇଥାଆନ୍ତେ। ଏପରି ହୋଇଥିଲେ ଲୋକମାନଙ୍କ ଆସ୍ଥା ବିରୋଧୀ ଦଳ କାର୍ଯ୍ୟ ଉପରେ ବଢ଼ିଥାଆନ୍ତା। ଏଭଳି ଚର୍ଚ୍ଚା ବର୍ତ୍ତମାନ ବିଜେଡି ଭିତରୁ ଶୁଣିବାକୁ ମିଳୁଛି।

ଅନ୍ୟପଟେ ବିରୋଧୀ ବିଜେଡି ଏବଂ କଂଗ୍ରେସର ବିଧାୟକମାନେ ପୂରା ଅଧିବେଶନ ଭିତରେ ଦଳୀୟ ରଣନୀତି ଯୋଗୁ ସେମାନଙ୍କ କଥା ଗୃହରେ ରେକର୍ଡ କରାଇପାରି ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏହାର ପ୍ରଭାବ ମଧ୍ୟ ଆଗାମୀ ଦିନରେ ସେମାନଙ୍କ ଦଳ ଉପରେ ପଡ଼ିପାରେ ବୋଲି କୁହାଯାଉଛି। କେତେଜଣ ପୂର୍ବତନ ବିଧାୟକ ବିଧାନସଭାରେ ସେମାନଙ୍କ ଦଳ ଆଲୋଚନା ନ କରିବା କଥାକୁ ଠିକ୍ ହେଲା ନାହିଁ ବୋଲି କହୁଥିବା ଶୁଣିବାକୁ ମିଳୁଛି। ଏସ୍‌ସିବି ଘଟଣାରେ କୋକେଇ ବାନ୍ଧି 'ରାମ ନାମ ସତ୍ୟ ହେ, ହରି ନାମ ସତ୍ୟ ହେ' ନାରା ଦେଇ ବିଧାନସଭା ଚାରିପଟେ ବୁଲିବା କଥାକୁ ସାଧାରଣରେ ଭଲରେ ଗ୍ରହଣ କରାଯାଇ ନ ଥିବା ଜଣେ ପୂର୍ବତନ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ତାଙ୍କ କହିବା କଥା, ଏଭଳି ଢଙ୍ଗରେ ବିରୋଧ ହେବାଦ୍ୱାରା ସାଧାରଣ ଲୋକମାନେ ବିରୋଧୀ ଦଳ ବିଧାୟକମାନଙ୍କୁ ଏକ ପ୍ରକାର ସମ୍ବେଦନହୀନ ବୋଲି କହୁଛନ୍ତି। ଏଭଳି ଅଭିନୟ ଛଳରେ ବିରୋଧ ପ୍ରଦର୍ଶନ ମୃତକଙ୍କ ପରିବାର ପାଇଁ ମଧ୍ୟ ସମାଲୋଚନା ସଦୃଶ ହୋଇଥିବା ସେ କହିଛନ୍ତି। ସରକାରୀ ଦଳ ପକ୍ଷରୁ ମଧ୍ୟ ଗୃହକୁ ସ୍ୱାଭାବିକକରି ଆଲୋଚନା ସ୍ଥିତି ଫେରାଇ ଆଣିବା ସକାଶେ ଯେଉଁ ଢଙ୍ଗରେ ଉଦ୍ୟମ କରାଯିବା କଥା ତାହା ହୋଇ ନ ଥିବା ବିଧାନସଭା ସଚିବାଳୟ ଭିତରେ ଅନେକ ଚର୍ଚ୍ଚା ହୋଇଛି।

# ଶିଶୁ ସାହିତ୍ୟର ପ୍ରସାରକୁ ଗୁରୁତ୍ୱ



## ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ

ପ୍ରତି ବର୍ଷ ଏପ୍ରିଲ ୨ରେ ପାଳନ ହୋଇଆସୁଛି ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ(ଆଇସିବିଡି)। ୧୯୬୭ରୁ ପାଳିତ ଏହି ଦିବସ ଅବସରରେ ଇଣ୍ଟରନ୍ୟାଶନାଲ ବୋର୍ଡ ଅନ୍ ବୁକ୍ସ ଫର୍ ୟଙ୍ଗ୍ ପିପୁଲ୍ସ(ଆଇବିବିୱାଇ) ପ୍ରାୟୋଜିତ କାର୍ଯ୍ୟକ୍ରମ ପିଲାମାନଙ୍କର ପଢ଼ା ପ୍ରତି ଆଗ୍ରହ ସୃଷ୍ଟି ତଥା ଶିଶୁ ସାହିତ୍ୟର ପ୍ରଚାରପ୍ରସାର ଉପରେ ଗୁରୁତ୍ୱାରୋପ କରେ । ଅପରପକ୍ଷେ ଏହିଦିନ(ଏପ୍ରିଲ ୨) ମଧ୍ୟ 'ଦି ଲିଟିଲ ମରମେଡ୍ ଏବଂ ଦି ଅଗ୍ଲି ଡକଲିଙ୍ଗ୍'ଭଳି ପ୍ରଖ୍ୟାତ ପରୀ କାହାଣୀର ଲେଖକ ହାନ୍ସ କ୍ରିଷ୍ଟିଆନ ଆଣ୍ଡରସନଙ୍କ ଜନ୍ମଦିନ। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ପୁସ୍ତକରେ ଛୋଟ ବଡ଼'। 'ଛୋଟ କାହାଣୀ ଏବଂ ପୁସ୍ତକ ମଧ୍ୟ ଏକ ବିଶାଳ ପ୍ରଭାବ ସୃଷ୍ଟି କରିପାରେ, କଳ୍ପନା ଏବଂ ପାଠ ପ୍ରତି ଆଗ୍ରହ ସୃଷ୍ଟିକୁ ପ୍ରୋତ୍ସାହିତ କରିପାରେ' ଉପରେ ଏହି ବିଷୟବସ୍ତୁ ପର୍ଯ୍ୟବସିତ।

–ସୁଚିସ୍ମିତା ସାହୁ

# ଓଡ଼ିଶା ଦିବସରେ ରାଜ୍ୟବାସୀଙ୍କୁ ରାଷ୍ଟ୍ରପତିଙ୍କ ଶୁଭେଚ୍ଛା



ଭୁବନେଶ୍ୱର,୧।୪(ପିଆଇବି)

ଓଡ଼ିଶା ଦିବସ ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ' X ' ଜରିଆରେ ବାର୍ତ୍ତା ଦେଇ ସେ କହିଛନ୍ତି ଯେ, ଏହା ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିଛି। ଭାରତର ସ୍ୱାଧୀନତା ସଂଗ୍ରାମ ଓ ଦେଶ ନିର୍ମାଣରେ ଓଡ଼ିଶାର ଅମୂଲ୍ୟ ଅବଦାନ ଆମ ସମସ୍ତଙ୍କୁ ପ୍ରେରଣା ଦେଇଚାଲିଛି। ଓଡ଼ିଶାର ପ୍ରତିଭାବାନ ଓ ପରିଶ୍ରମୀ ଲୋକମାନେ ବିକଶିତ ଭାରତର ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏହି ଅବସରରେ ଓଡ଼ିଶାବାସୀଙ୍କ ନିରନ୍ତର ଉନ୍ନତି ଓ ସମୃଦ୍ଧି ଲାଗି ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିବା ଉଲ୍ଲେଖ କରିଛନ୍ତି।

# ଆଜିଠୁ ପିୟୁସିସି ନ ଥିଲେ କଟିବ ଚାଲାଣ

## ସଚେତନ ରହିବାକୁ ଏସ୍‌ଟିଏର ପରାମର୍ଶ

କଟକ,୧।୪(କାର୍ତ୍ତିକ ସାହୁ)

ମୋଟର ଯାନ ଆଇନ ଅନୁଯାୟୀ ଯାନର ପ୍ରଦୂଷଣ ସାର୍ଟିଫିକେଟ (ପିୟୁସିସି) ନ ଥିଲେ ଏପ୍ରିଲ ୨ରୁ ଚାଲାଣ କଟିବ। ଏ ବାବଦରେ ମୋଟରଯାନ ବ୍ୟବହାରକାରୀମାନେ ସଚେତନ ରହିବାକୁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ପରାମର୍ଶ ଦିଆଯାଇଛି। ବିଭିନ୍ନ ରାଜପଥରେ ସ୍ଥାପିତ ଟୋଲ ଗେଟ୍‌ରେ ଅଟୋମେଟେଡ୍ ଇଲେକ୍ଟ୍ରୋନିକ ବ୍ୟବସ୍ଥା ମାଧ୍ୟମରେ ଇ-ଚାଲାଣ କଟିବ। ଏଥିସହ ମୋଟରଯାନର ଅନ୍ୟାନ୍ୟ ଯାଞ୍ଚ ବେଳେ ପିୟୁସିସି ନ ଥିବା ଜଣାପଡ଼ିଲେ ଅଟୋମେଟେଡ୍ ବ୍ୟବସ୍ଥା ମାଧ୍ୟମରେ ବି ଇ-ଚାଲାଣ କଟିବ।

ସୂଚନାନୁସାରେ, କେନ୍ଦ୍ରୀୟ ମୋଟରଯାନ ଆଇନ ଅନୁଯାୟୀ ପିୟୁସିସି ନ ଥିଲେ ଇ-ଚାଲାଣ ମୋଟା ଅଙ୍କରେ କଟିବା ପ୍ରକ୍ରିୟା ଗତ ଡିସେମ୍ବରରେ କଡ଼ାକଡ଼ି କରାଯାଇଥିଲା। ଏଥିସହ ପିୟୁସିସି ନ ଥିଲେ ଟାଙ୍କିରେ ପେଟ୍ରୋଲ ମିଳିବ ନାହିଁ ବୋଲି ମଧ୍ୟ କଡ଼ା ସରକାରୀ ନିର୍ଦ୍ଦେଶନାମା ଜାରିହୋଇଥିଲା। ଏହାକୁ ନେଇ ଗାଡ଼ି ବ୍ୟବହାରକାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟରେ ମାମଲାର ଶୁଣାଣି ଚାଲିଥିବା ବେଳେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପିୟୁସିସି ଚାଲାଣ କଟିବାକୁ ଏପ୍ରିଲ ପହିଲା ଯାଏ କୋହଳ କରାଯାଇଥିବା ଘୋଷଣା କରିଥିଲେ। ପରେ ହାଇକୋର୍ଟରେ ମଧ୍ୟ ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଥିଲେ। ଏହା ମଧ୍ୟରେ ପିୟୁସିସି ସଂକ୍ରାନ୍ତୀୟ ମାମଲାର ଅନ୍ତ ଘଟିଛି। ତେବେ ସଂସଦରେ ଅନୁମୋଦନ ଲାଭ କରିଥିବା କେନ୍ଦ୍ରୀୟ ଆଇନ ଦ୍ୱାରା ପିୟୁସିସି ଚାଲାଣ କାର୍ଯ୍ୟକାରୀ ହେଉଥିବାରୁ ତାହାକୁ ଠିକ୍ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଥିଲେ। ଏବେ ସେହି କୋହଳ ଅବଧି ସରିଯାଇଥିବାରୁ ସ୍ୱାଭାବିକ ଭାବେ ଏପ୍ରିଲ ୨ରୁ ମୋଟର ଯାନ ଆଇନର ଅନ୍ୟାନ୍ୟ ନିୟମ ସହ ପିୟୁସିସି ଯାଞ୍ଚ ମଧ୍ୟ କରାଯିବା ସ୍ପଷ୍ଟ ହୋଇଛି।

# ଅଟିଜମ୍ ସମସ୍ୟା ପ୍ରତି ସଚେତନତା ଲୋଡ଼ା

## ଆଜି ଅଟିଜମ୍ ସଚେତନତା ଦିବସ

ଅଟିଜମ୍ ସମସ୍ୟା ଶିଶୁମାନଙ୍କଠାରେ ଦେଖିବାକୁ ମିଳିଥାଏ। ଏକ ଆକଳନରୁ ଜଣାପଡିଛି ଯେ, ଶତକଡ଼ା ତିନି ଭାଗ ଶିଶୁ ଅଟିଜମ୍‌ର ଶିକାର ହୋଇଥାଆନ୍ତି। ବର୍ତ୍ତମାନ ସମଗ୍ର ବିଶ୍ୱରେ ଅଟିଜମ୍ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଉଭା ହୋଇଛି। ଏ ନେଇ ଅଧିକ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଏପ୍ରିଲ ୨କୁ ବିଶ୍ୱ ଅଟିଜମ୍ ସଚେତନତା ଦିବସ ଭାବରେ ପାଳନ କରାଯାଇ ଆସୁଅଛି। ଅଟିଜମ୍ ଆକ୍ରାନ୍ତ ପିଲାଙ୍କ ପାଇଁ ଉନ୍ନତ ଜୀବନଶୈଳୀର ଆବଶ୍ୟକତାକୁ ଆଲୋକପାତ କରିବା ସକାଶେ ଏକ ଦିବସ ପାଳନ ଲାଗି କାତାର ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଅନ୍ୟ ସମସ୍ତ ଦେଶ ଏହାକୁ ସମର୍ଥନ ଜଣାଇଥିଲେ। ୨୦୦୭ ଡିସେମ୍ବର ୧୮ରେ ଜାତିସଂଘ ସାଧାରଣ ସଭା ଦ୍ୱାରା ଏହି ଦିବସ ପାଳନ ଲାଗି ଏକ ସଂକଳ୍ପ ପାରିତ କରାଯାଇଥିଲା। ୨୦୦୮ ଏପ୍ରିଲ ୨ରେ ଏହି ଦିବସ ପ୍ରଥମେ ପାଳିତ ହୋଇଥିଲା। ତେବେ ଚଳିତ ବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି-'ଅଟିଜମ୍ ଏବଂ ମାନବିକତା-ପ୍ରତ୍ୟେକ ଜୀବନର ମୂଲ୍ୟ ରହିଛି'। ଅଟିଜିମ୍ ଏକ ସ୍ନାୟୁ ବିକାଶଜନିତ ବିଭ୍ରାଟ। ଏହାଦ୍ୱାରା ଆକ୍ରାନ୍ତ ଶିଶୁର ବ୍ୟବହାରରେ ଶିଥିଳତା ଦେଖିବାକୁ ମିଳେ ଏବଂ ସେ ଗୋଟିଏ ପ୍ରକାର ବ୍ୟବହାର ବାରମ୍ବାର କରିଥାଏ। ଅଟିଜମ୍ ଉପସର୍ଗ ବିଭ୍ରାଟ (ଏଏସ୍‌ଡି)ର କେତୋଟି ଲକ୍ଷଣ ରହିଛି। ଶିଶୁଟିକୁ ୧ ବର୍ଷ ହୋଇଥିଲେ ମଧ୍ୟ ତା' ନାଁ ଧରି ଡାକିଲେ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥାଏ। ଏପରି କି ଯେତେବେଳେ ତାହାର ବୟସ ୧୮ ମାସ ବା ଦେଢ଼ ବର୍ଷ ହୁଏ, ସେତେବେଳେ ସେ ସ୍ପଷ୍ଟ ଭାବରେ କଥା କହି ପାରେନା। ସେ ପ୍ରାୟ ଏକ ପ୍ରକାର ଖେଳ ଖେଳିଥାଏ। ସାଙ୍ଗମାନଙ୍କ ସହ କମ୍ ଖେଳାଖେଳି କରେ। ତାହାର ଚାଲିଚଳନରେ ଭିନ୍ନତା ପରିଲକ୍ଷିତ ହୁଏ ଏବଂ ସେ ଗୋଟିଏ କାମକୁ ବାରମ୍ବାର କରିଥାଏ। ତାକୁ କୌଣସି ପ୍ରଶ୍ନ ପଚାରିଲେ ସେ ତାହାକୁ ଦୋହରାଇଥାଏ। ଶିଶୁଟିର ସାମାଜିକ ଚଳଣି ସ୍ୱାଭାବିକ ହେଲେ ମଧ୍ୟ ସେ କଥା କହିପାରେନା ଏବଂ ଠାରରେ କଥାବାର୍ତ୍ତା କରେ। ନବାଗତ ଆଗନ୍ତୁକଙ୍କୁ ଦେଖିଲେ ସେ ନୀରବ ହୋଇଯାଏ। ଶିଶୁଟିର ମାନସିକ ବିକାଶରେ ବିଳମ୍ବ ହେତୁ ତାହାର ସାମାଜିକ ଚାଲିଚଳଣିରେ ବ୍ୟାଘାତ ସୃଷ୍ଟି ହୁଏ। ଏଭଳି ସମସ୍ୟା ବିଷୟରେ ଶିଶୁ ରୋଗ ବିଶେଷଜ୍ଞଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ। ତେବେ ଏଭଳି ସମସ୍ୟାରେ ଆକ୍ରାନ୍ତ ଶିଶୁକୁ ଭଲ ବ୍ୟବହାର କରିବା ଆବଶ୍ୟକ।




## National Dairy Development Board

PB No. 40, Anand, Gujarat-388001, Tel: 02692-260 148/149/160 Fax: 02692-260 159
Website : http://www.nddb.coop, Email : purchase@nddb.coop

INVITATION FOR BIDS (IFB)/LOCAL COMPETITIVE BIDDING (LCB)

Bids are invited on behalf of Service Recipients/NDDB from eligible bidders for the works listed below:

| Sl. No. | Description of works/ Bid Reference | Estd. Cost (₹) incl GST/Duration | Event Start/ Close Date | Bid submission/ opening date & time |
|---|---|---|---|---|
| A | Civil, Structural, Water Supply, Sanitary & Other Misc. works including Internal Electrification works for: | | | |
| I | 4 LLPD Dairy, 30 MTPD SMP & 200 TPD CFP – Kuppam, Andhra Pradesh. NDDB/HO/Purchase/1/26-27/ET/1[Civil II-Kuppam] | 9000 Lakh/ 15 Months | 08.04.26 29.04.26 | 29.04.26 15:00 hrs. 29.04.26 15:30 hrs. |
| B | Design, Supply, Installation, Testing and Commissioning of the following: | | | |
| I | 30 MTPD SMP Powder Plant at Kuppam, Andhra Pradesh. NDDB/HO/Purchase/2/26-27/ET/2[PP-Kuppam] | 3000 Lakh/ 15 Months | 03.04.26 24.04.26 | 24.04.26 15:00 hrs. 24.04.26 15:30 hrs. |
| II | 200 TPD (Exp. to 400 TPD) Cattle Feed Plant at Kuppam, Andhra Pradesh. NDDB/HO/Purchase/3/26-27/ET/3[CFP-Kuppam] | 2300 Lakh/ 12 Months | 07.04.26 28.04.26 | 28.04.26 15:00 hrs. 28.04.26 15:30 hrs. |
| III | 11KV/433 V sub-station at Davanagere, Karnataka. NDDB/HO/Purchase/4/26-27/ET/4[Substation-Davanagere] | 412 Lakh/ 08 Months | 02.04.26 23.04.26 | 23.04.26 15:00 hrs. 23.04.26 15:30 hrs. |
| IV | Process vessels & transfer lines for Vaccine Facility, OBPI Berhampur (Odisha) NDDB/HO/Purchase/5/26-27/ET/5[EQPT-Berhampur] | 700 Lakh/ 06 Months | 07.04.26 28.04.26 | 28.04.26 15:00 hrs. 28.04.26 15:30 hrs. |
| V | 11KV/433 V sub-station at FPP, Amritsar, Punjab. NDDB/HO/Purchase/6/26-27/ET/6[Substation-Amritsar] | 330 Lakh/ 08 Months | 02.04.26 23.04.26 | 23.04.26 15:00 hrs. 23.04.26 15:30 hrs. |
| VI | Refrigeration system for Cold stores at Davanagere, Karnataka. NDDB/HO/Purchase/7/26-27/ET/7[Refri II-Davangere] | 1850 Lakh/ 12 Months | 03.04.26 24.04.26 | 24.04.26 15:00 hrs. 24.04.26 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop and www.mstcecommerce.com/eprocn For any clarification please contact Group Head (Purchase), NDDB, Anand-388001.

NB: Any corrigendum/modification etc. will be posted only on these websites.



## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ କ୍ର.ସଂ. ୧ ନିମନ୍ତେ ଏକକ ପ୍ୟାକେଟ୍ ପ୍ରଣାଳୀ ଏବଂ କ୍ର.ସଂ. ୨ ନିମନ୍ତେ ଦୁଇ ପ୍ୟାକେଟ୍ ପ୍ରଣାଳୀ ଅଧୀନରେ କାର୍ଯ୍ୟ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ ଏବଂ ବିଡ୍ ଅମାନତ/ ଇ.ଏମ୍.ଡି. ଯଥାକ୍ରମେ: **(୧); ଏମ୍‌ଇସିଏଚ୍‌ସିକେପି-୨୫-୨୬-୩୬;** ୩ (ତିନି) ବର୍ଷ ଅବଧି ପାଇଁ ଚକ୍ରଧରପୁର ମଣ୍ଡଳ, ଦ.ପୂ. ରେଳପଥରେ ସ୍ଥାପିତ ହୋଇଥିବା ୦୪ (ଚାରି) ଗୋଟି ଅଟୋମ୍ୟାଟିକ୍ କମ୍ପ୍ୟୁଟରାଇଜ୍ଡ ଏକ୍ସିଲ ବକ୍ସ ଟେମ୍ପେରେଚର୍ ମେଜରମେଣ୍ଟ ଏବଂ ହ୍ୱିଲ୍ କାଉଣ୍ଟିଂ ସହ ଡାଟା ଲଗିଂ ଏଚ୍‌ଏଏଚଡବ୍ଲ୍ୟୁ (ହଟ୍ ଏକ୍ସିଲ୍ ହଟ୍ ହ୍ୱିଲ୍) ଡିଟେକ୍ସନ୍ ସିଷ୍ଟମ ଲାଗି ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକଣା; ₹୪୦,୨୮,୦୩୧.୬୮; ₹୮୦,୬୦୦.୦୦; **(୨); ଏମ୍‌ଇସିଏଚ୍‌ସିକେପି-୨୫-୨୬-୩୮;** ୩ ବର୍ଷ ପାଇଁ ଚକ୍ରଧରପୁର ମଣ୍ଡଳ, ଦ.ପୂ. ରେଳପଥର ରାଉରକେଲା କୋଚିଂ ଡିପୋର ନାମିତ ଟ୍ରେନ୍‌ଗୁଡ଼ିକରେ ଅନ୍‌ବୋର୍ଡ କ୍ଲିନିଂ ଓ ହାଇଜିନ୍ ସର୍ଭିସ୍ (ଓବିଆଇଏସ୍); ₹ ଟ. ୪,୧୨,୧୬,୭୬୬.୧୨; ₹୩,୫୬,୧୦୦.୦୦; **ଟେଣ୍ଡର ଫର୍ମ ମୂଲ୍ୟ:** ଉପରୋକ୍ତ କ୍ର.ସଂ. ୧ ପାଇଁ ଶୂନ ଏବଂ କ୍ର.ସଂ. ୨ ପାଇଁ ଟ.୧୦,୦୦୦/-; **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ଡିଏମ୍‌ଇ/ସିକେପି, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ; **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ଉଭୟ ପାଇଁ ତା୨୧।୦୪।୨୦୨୬ରିଖ ୧୫.୦୦ ଘଟିକା; ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫରଗୁଡ଼ିକ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **(PR-04)**



## SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH

Azadi Ka Amrit Mahotsav | G20

DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA

### RECRUITMENT NOTICE

Applications are invited from the eligible candidates for the following posts:

**Ref. No.: AD 6B 10/01/2026 Dated:30.03.2026 (Regular Posts for SVNIRTAR, Cuttack)**

| Sl. No. | Name of the Post | Pay Matrix Level | Category | No. of posts |
|---|---|---|---|---|
| 1 | General Duty Medical Officer (GDMO) | Level-10 (Group - A) | UR | 01 |
| 2 | Lecturer Prosthetics & Orthotics | Level-10 (Group - A) | EWS | 01 (Through Deputation / Direct Recruitment) |
| 3 | Demonstrator (Physiotherapy) | Level-06 (Group - B) | UR | 01 |
| 4 | Typist/Clerk (Hindi/English) | Level-02 (Group - C) | UR (PwD - Hard of Hearing) | 01 |

**Ref. No.: AD6B19/02/2026 Date: 30.03.2026 (Consultant Posts for CRCSRE-Ranchi & Balangir)**

| Sl. No. | Name of the post | Consolidated monthly remuneration (per month) | No. of posts & Name of the Centre |
|---|---|---|---|
| 1 | Lecturer (Occupational Therapy) (Consultant) | Rs.60,000/- | 01- CRCSRE - Ranchi |
| 2 | Administrative Officer (Consultant) | Rs.50,000/- | 01- CRCSRE - Ranchi |
| 3 | Clinical Assistant (Speech Therapist) (Consultant) | Rs.50,000/- | 01- CRCSRE - Ranchi<br>01- CRCSRE - Balangir |
| 4 | Assistant (Consultant) | Rs.45,000/- | 01- CRCSRE - Ranchi |

**Ref. No.: AD6B37/03/2026 Date: 30.03.2026**
**(Consultant Posts for CDEICs of SVNIRTAR- Cuttack, CRCSRE - Ranchi & Balangir)**

| | | | |
|---|---|---|---|
| 01 | Physiotherapist (Consultant) | Rs.35,000/- | 01- CDEIC - CRCSRE - Ranchi |
| 02 | Audiologist and Speech Language Pathologist (ASLP) (Consultant) | Rs.35,000/- | 01- CDEIC-SVNIRTAR - Cuttack<br>01- CDEIC- CRCSRE - Ranchi<br>01- CDEIC- CRCSRE - Balangir |

The aspiring applicants fulfilling the eligibility criteria in all respect can submit their application through on line mode. The online registration of application will be made available on SVNIRTAR, Cuttack official Website i.e. **https://svnirtar.nic.in** or can directly visit the website **i.e.https://recruitment.svnirtar.in.** The link of submission of online application in respect of above said posts along with other relevant information will be activated on **01st April 2026 after 5:00 PM onwards.** For all other details, terms and conditions, please visit to website **https://svnirtar.nic.in.**

**Sd/- Director**



## झारखण्ड सरकार
## कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, मनोहरपुर
eercdmanohar-jhr@nic.in

**प्रेस विज्ञप्ति**

इस कार्यालय द्वारा निकाली गई निविदा (e-Tender Ref. No.- RCD/MANOHARPUR/01/2025-26) (Tender ID : 2025_CECOM_103463_1) PR 357112 (West Singhbhum) 25-26 (D) को विभागीय निविदा समिति के निर्णय के अनुपालन में SBD के Clause 32.1 के आलोक में रद्द किया जाता है।

PR 376393 West Singhbhum (26-27)_D

कार्यपालक अभियंता,
प0नि0वि0, पथ प्रमण्डल, मनोहरपुर



GOVERNMENT OF ODISHA 34001/279/2526

## OFFICE OF THE SUPERINTENDING ENGINEER GANJAM (R&B) DIVISION NO. II, BERHAMPUR

Phone/Fax: 0680-2233996, e-mail: sernb2.ganjam@gmail.com

INVITATION FOR BIDS (IFB) [e-Procurement]
TENDER CALL NOTICE

**Bid Identification No. SC (R&B)-GM-II-34/2025-26**

No. 4090 Dated: 30.03.2026

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Single Cover System to be received in **ONLINE MODE** only for the work as detailed below:
2) Nature of Work : Electrical work
3) No. of Work : 08 Nos.
4) Tender Cost : Rs.6,000/-, Rs.4,000/- & Rs.2,000/-
5) Class of Contractor license : MV/HT of registered with the ELBO authorized Dealer/Distributor
6) Availability of bid documents in the website : From 06.04.2026 10.00 A.M. to 16.04.2026 4.00 P.M.
7) Date of opening of Bid : 17.04.2026 at 11.30 A.M.
8) The bidders have to participate in ONLINE bidding only. Further details can be seen from the website **https://tendersorissa.gov.in.**

(Sd./- S. Panigrahi)
Superintending Engineer
Ganjam (R&B) Division No. II

OIPR-34001/34080/1/25-26/0006



GOVERNMENT OF ODISHA

## OFFICE OF THE SUPERINTENDING ENGINEER NABARANGPUR (R&B) DIVISION, NABARANGPUR

E-mail ID; eerbngpur@yahoo.com, Tel & Fax: 06858-222833 (O)

**e-Procurement Notice**

**Bid Identification No. S.E. (R&B)-32/2025-26/NGP**

No. 2213 Date: 25.03.2026

No. 34001/280/2526: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in.**

1. Name of the work : Electrical work as mentioned in DTCN
2. No. of work : 18 Nos.
3. Estimated cost : Rs.7.71 lakhs to 49.29 lakhs
4. Period of Completion : 1 to 3 Calendar of Months
5. Date & time of bidding : From 11.00 hours of 06.04.2026 upto 16.00 hours of 15.04.2026
6. Last date & time for receipt of bids in portal : 16.00 hours of 15.04.2026
7. Bids received online shall be opend on : 11.00 hours of 16.04.2026
8. Name and address of the Officer Inviting Bid : Superintending Engineer, Nabarangpur (R&B) Division, Nabarangpur

Further details can be seen from the **www.tendersodisha.gov.in.**

Superintending Engineer
Nabarangpur (R&B) Division

OIPR-34001/34143/1/25-26/0002



## वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर।

**लापता: आवश्यक सूचना**



**गुमशुदा पूर्णिमा पात्रो उर्फ सिया पात्रो, उम्र–करीब 14 वर्ष।**

उपरोक्त प्रसंग एवं विषय के संबंध में सूचित करना है कि आवेदक सह पिता शत्रुधन पात्रो के द्वारा अपनी नाबालिग पुत्री **पूर्णिमा पात्रो उर्फ सिया पात्रो, उम्र–करीब 14 वर्ष की गुमशुदगी** के संबंध में संबंधित थाना परसुडीह में लिखित आवेदन दिया गया है। आवेदन में इनके द्वारा बताया गया कि **गुमशुदा पूर्णिमा पात्रो उर्फ सिया पात्रो, उम्र–करीब 14 वर्ष, पिता–शत्रुधन पात्रो, पता–परसुडीह ग्वालाबस्ती नियर राधा कृष्ण मंदिर, थाना–परसुडीह, जिला–पूर्वी सिंहभूम, जमशेदपुर** जो दिनांक–19.03.2026 को अपने घर से दोपहर करीब 01:00 बजे निकली हैं अभी तक घर वापस नहीं लौटी है। आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। **गुमशुदा लडकी का हुलिया निम्न प्रकार है :–उम्र–करीब 14 वर्ष, कद–04 फीट, रंग–गोरा, बाल– छोटा घुंघरैला, पहचान चिन्ह–बायें हाथ में कलाई के पास कटा का निशान, पहनावा–लाल रंग का टी–शर्ट एवं मिट्टी रंग का जिंस, भाषा–हिन्दी, बंगला एवं उड़िया।**

अतः आप सभी जन साधारण से अनुरोध है कि उपरोक्त गुमशुदा के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक, पूर्वी सिंहभूम, जमशेदपुर के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक, नगर, पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, विधि–व्यवस्था : 9431706482
थाना प्रभारी, परसुडीह : 9431706515

वरीय पुलिस अधीक्षक,
पूर्वी सिंहभूम, जमशेदपुर।

PR 376396 (Police) 26-27 (D)

**ଗଞ୍ଜେଇ ଜବତ, ୨ ଅଟକ**

ଅତାବିରା (ଯୁଧିଷ୍ଠିର ମହାପାତ୍ର): ଅତାବିରା ଥାନା ତଥା ଗୋଡ଼ଭଗା ଫାଣ୍ଡି ଅଧିନ ସତୀଜୋର ପାଖରୁ ସ୍ଥାନୀୟ ପୋଲିସ ବୁଧବାର ଗଞ୍ଜେଇ ରଖିବା ଅଭିଯୋଗରେ ୨ ଜଣଙ୍କୁ ଅଟକ ରଖିଛି। ବରଗଡ଼-ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥରେ ଯାତାୟାତ କରୁଥିବା ଏକ ବସରେ ତିନି ଜଣ ଯାତ୍ରୀ ଯାଉଥିଲେ। ବସ କଣ୍ଡକ୍ଟର ସେମାନଙ୍କୁ ସନ୍ଦେହରେ ସତୀଜୋର ବ୍ରିଜ୍ ପାଖରେ ଓହ୍ଲାଇ ଦେଇଥିଲେ। ପରେ ସେମାନଙ୍କ ଲଗେଜ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ଥିବା ଜାଣାପଡ଼ିଥିଲା। ଅତାବିରା ପୋଲିସ ପହଞ୍ଚି ଗଞ୍ଜେଇ ଜବତ କରିବା ସହିତ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କାବୁ କରିଥିଲା।

## ସଂକ୍ଷେପରେ

### ସଭାରେ ପଶିଗଲେ କୋଶଳ ସମର୍ଥକ, ୮ ଅଟକ

**ବଲାଙ୍ଗୀର,୧୪ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ଜିଲା ସଂସ୍କୃତି ଭବନରେ ବୁଧବାର ସନ୍ଧ୍ୟାରେ ଚାଲିଥିଲା ଓଡ଼ିଶା ଦିବସ ସମାରୋହ । ଏହି ସମୟରେ ଚାଲିଥିବା ସଭାକୁ ହଠାତ୍ କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚାର ସମର୍ଥକମାନେ ପଶି ଆସିଥିଲେ । ସେମାନେ ଜୋରଦାର ନାରାବାଜି କରିବା ସହ ଓଡ଼ିଶା ଦିବସ ପାଳନ ବନ୍ଦ କରିବାକୁ କହିଥିଲେ। ଏହା ପରେ ପୋଲିସ ସେମାନଙ୍କୁ କାବୁ କରି ନେଇଥିଲା। ଦୀର୍ଘ ଦିନରୁ କୋଶଳ ରାଜ୍ୟ ଗଠନ ପାଇଁ ଜୋରଦାର ଆନ୍ଦୋଳନ ଚାଲିଛି । ଆଜି ସମାରୋହ ଚାଲିଥିବା ବେଳେ ଏହାକୁ ବିରୋଧ କରିବାରୁ ଟାଉନ ପୋଲିସ ୮ ଜଣ କୋଶଳ ସମର୍ଥକଙ୍କୁ ଅଟକ ରଖିଥିବା ଜଣାପଡିଛି।

### କଳା ଦିବସ ପାଳନ କଲା କୋଶଳ ରାଜ୍ୟ ସମନ୍ୱୟ ସମିତି

**ମନମୁଣ୍ଡା, ୧୪(ବେଣୁଧର ପଧାନ):** ଓଡ଼ିଶା ଦିବସ ବୁଧବାର ସାରା ରାଜ୍ୟରେ ପାଳିତ ହେଉଥିବାବେଳେ କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଓଡ଼ିଶା ଦିବସକୁ ବର୍ଜନ କରି କଳା ଦିନ ଭାବେ ପାଳନ କରିଛି। କୋଶଳ ରାଜ୍ୟ ସମନ୍ୱୟ ସମିତି (କେଏସସିସି) ବୌଦ୍ଧ ଜିଲା ସଭାପତି ସୁବୋଦର ଲଳିତ କୁମାର ସାହୁଙ୍କ ନେତୃତ୍ୱରେ ଅନେକ କୋଶଳ ସଂଗ୍ରାମୀ ମନମୁଣ୍ଡାଠାରେ ନାରାବାଜି ଦେଇ ଅଲଗ୍ କୋଶଳ ପ୍ରଦେଶ ଦାବି କରିଥିଲେ ଏବଂ ଓଡ଼ିଶା ଦିବସକୁ ବର୍ଜନ କରିବା ସହ ଏପ୍ରିଲ ୧କୁ କଳା ଦିନ ଭାବେ ପାଳନ କରିଥିଲେ। ପାଳନ ସମୟରେ ଅନନ୍ତ ମିଶ୍ର, ରାମାକାନ୍ତ ବଘାର, ଷଣ୍ଢେଶ୍ୱର ଅମାତ, ବିଜୟ ଭୋଇ, ରାମାକାନ୍ତ ବଘାର, ପ୍ରେମାନନ୍ଦ ପାଣିଗ୍ରାହୀ, ସୁବ୍ରତ ଭୋଇ, ଶ୍ରୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମଗଡ଼ ବିଧାୟକ ହେଲେ କଳାହାଣ୍ଡି ଯୋଜନା କମିଟିର ନୂତନ ଅଧ୍ୟକ୍ଷ



**ଭବାନୀପାଟଣା,୧୪(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଯୋଜନା କମିଟିର ନୂତନ ଅଧ୍ୟକ୍ଷ ଭାବେ ବୁଧବାର ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତ କରିଛନ୍ତି। ଏ ନେଇ ବିଧିବଦ୍ଧ ଭାବେ ରାଜ୍ୟ ସରକାର ଏକ ପ୍ରେସ ବିବୃତି ଜରିଆରେ ଘୋଷଣା କରିଛନ୍ତି। ଏହାକୁ ନେଇ ଜିଲା ଭାଜପା ତଥା ବିଧାୟକ ପଟ୍ଟଯୋଶୀଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପ୍ରକାଶ ଯେ, ରାଜ୍ୟରେ ସରକାର ବଦଳିବା ପରେ ୨୦୨୪ଠୁ ଜିଲା ଯୋଜନା କମିଟିର ଅଧ୍ୟକ୍ଷ ପଦବୀ ଖାଲି ପଡିଥିଲା। ଫଳରେ ଗତ ଦୁଇଟି ଆର୍ଥିକବର୍ଷ ୨୦୨୪-୨୫ ଓ ୨୦୨୫ -୨୬ରେ ଜିଲା ଯୋଜନା କମିଟିର ବୈଠକ ବସିନାହିଁ। କଳାହାଣ୍ଡିକୁ ବାର୍ଷିକ ୬.୫୦କୋଟି ଅନୁଦାନ ଆସିଥାଏ। ବର୍ତ୍ତମାନ ଦୁଇବର୍ଷର ମୋଟ ୧୩କୋଟି ଟଙ୍କା ବିନିଯୋଗ ନ ହୋଇ ପଡ଼ିରହିଛି। ଏ ସମ୍ପର୍କରେ ଗତ ୩୦ ମାର୍ଚ୍ଚରେ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ତେବେ ନୂତନ ଅଧ୍ୟକ୍ଷ ନିଯୁକ୍ତ ପରେ ଏହି ଅର୍ଥର ସୁବିନିଯୋଗ ହେବ ବୋଲି ଜିଲାବାସୀ ଆଶା ରଖିଛନ୍ତି।

# ଓଡ଼ିଶା ଦିବସ, ସୁବର୍ଣ୍ଣପୁର ଜିଲା ପ୍ରତିଷ୍ଠା ଦିବସ ପାଳିତ

**ବୀରମହାରାଜପୁର,୧୪(ଯୁଗଳ କିଶୋର ମିଶ୍ର)**



ବୀରମହାରାଜପୁର ମୈତ୍ରୀ ସଦନରେ ଓଡ଼ିଶା ଦିବସ ପାଳନ ସଭାରେ ଅତିଥିମାନେ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୈତ୍ରୀ ସଦନଠାରେ ବୀରମହାରାଜପୁର ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଓଡ଼ିଶା ଦିବସ ଓ ସୁବର୍ଣ୍ଣପୁର ଜିଲା ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଡେପୁଟି କଲେକ୍ଟର ପ୍ରୀତମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ସୁରେନ୍ଦ୍ର ମେହେର ମୁଖ୍ୟ ଅତିଥି, ବୀରମହାରାଜପୁର ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପିକା ଡ଼ ବନ୍ଦିତା ବିଶ୍ୱାଳ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଡେପୁଟି କଲେକ୍ଟର ଶୁଭମ ଶିବାଶିଷ ତଥପଥୀ ମଞ୍ଚାସୀନ ଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ ପ୍ରଫୁଲ୍ଲ କୁମାର ରଥ, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସର ହାଇସ୍କୁଲ ପ୍ରଧାନ ଶିକ୍ଷକ ଭୂଷଣ କୁମାର ପାତ୍ର, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ପ୍ରମୁଖ ବକ୍ତବ୍ୟ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଯେଉଁ ମହା ପୁରୁଷ ମାନଙ୍କ ଅବଦାନ ଯୋଗୁଁ ସମ୍ଭବ ହୋଇପାରିଛି ସେମାନଙ୍କ ସ୍ମୃତି ଚାରଣ କରାଯାଇଥିଲା। ସୁବର୍ଣ୍ଣପୁର ଜିଲା ଗଠନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଯୋଗୁ ସମ୍ଭବ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଲକ୍ଷ୍ମୀ ନାରାୟଣ ସାହୁ ସଂଯୋଜନା କରିଥିବା ବେଳେ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ଅଶୋକ କୁମାର ଯେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତା କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଦିବସ ଏବଂ ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ଅନୁଷ୍ଠାନ ସଭାପତି ଦୟାନିଧି ହୋତା ସଭାପତିତ୍ୱ କରିଥିଲେ। ପୂର୍ବତନ ସଭାପତି ଡ ପ୍ରଫୁଲ୍ଲ କୁମାର ରଥ ମଞ୍ଚାସୀନ ଥିଲେ। ଡ ଦ୍ୱିତୀକୃଷ୍ଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସୋନପୁର ମହାରାଜା ବିରମିତ୍ରୋଦୟ ସିଂହଦେଓଙ୍କ ପ୍ରଚେଷ୍ଟାରେ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗ ଖୋଲାଯାଇଥିଲା। ତେଣୁ ଓଡ଼ିଆ ଭାଷାର ସମ୍ପ୍ରସାରଣରେ ସୋନପୁରର ଅବଦାନ ରହିଛି ବୋଲି କହିଥିଲେ । ଆଲୋଚନାରେ ଜ୍ଞାନେନ୍ଦ୍ର କୁମାର ତ୍ରିପାଠୀ, ନାରାୟଣ ଦେହୁରୀ, ସୁରୁ ସାହୁ, ଭଗବାନ ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ । କୋଷାଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ବକ୍ସିଂରେ ଭାଗନେବେ ଝରଣା, ଅର୍ଚ୍ଚିତା

**ସୋନପୁର,୧୪ (ମୃତ୍ୟୁଞ୍ଜୟ ଶତପଥୀ)**



ଚଳିତ ମାର୍ଚ୍ଚ ୨୫ ଓ ୨୬ ତାରିଖରେ ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କନିଷ୍ଠ ବାଳିକା ବକ୍ସିଂ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲା କ୍ରୀଡ଼ା ସଂଘର ଝରଣା ନାଏକ ୧୭ ବର୍ଷରୁ କମ୍ ବାଳିକା ବର୍ଗ ୪୬ କିଲୋଗ୍ରାମରେ ପ୍ରଥମ ସ୍ଥାନ ଓ ୧୯ ବର୍ଷରୁ କମ ବାଳିକା ବର୍ଗ ୪୮କିଲୋଗ୍ରାମରେ ଅର୍ଚ୍ଚିତା ପଧାନ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତରକୁ ଉନ୍ନୀତ ହୋଇଛନ୍ତି। ଆସନ୍ତା ୪ ତାରିଖରେ ନାଗପୁରରେ ହେବାକୁ ଥିବା ଜାତୀୟସ୍ତରର ବକ୍ସିଂ ପ୍ରତିଯୋଗିତାରେ ଝରଣା ଓ ଅର୍ଚ୍ଚିତା ଭାଗ ନେବେ। ଏହାର ଶ୍ରେୟ କୋଚ ରାକେଶ କୁମାର ମେଣ୍ଡଲିଙ୍କୁ ଦିଆଯିବ ବୋଲି ସଂଘ ଜିଲା ସମ୍ପାଦକ ପୀୟୂଷ କୁମାର ପଣ୍ଡା ପ୍ରକାଶ କରିଛନ୍ତି । ସେ ଆହୁରି କହିଛନ୍ତି, ଜିଲା କ୍ରୀଡା ସଂଘ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରତିବର୍ଷ ସୋନପୁରର ଅନେକ ଖେଳାଳି ଫୁଟବଲ, ସାଇକିଲିଂ, କବାଡି, ଆଥଲେଟିକ୍ସ, ଖୋକୋ, ବକ୍ସିଂ, ଭଲିବଲରେ ରାଜ୍ୟସ୍ତରରୁ ମନୋନୀତ ହୋଇ ଜାତୀୟସ୍ତରକୁ ମନୋନୀତ ହୋଇ ଜିଲା ପାଇଁ ସଫଳତା ଆଣିଛନ୍ତି। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ପୀୟୂଷ କୁମାର ପଣ୍ଡା, ଉପସଭାପତି ଚିତ୍ତରଞ୍ଜନ ତରାସିଆ, ସହକାରୀ ସମ୍ପାଦକ ନନ୍ଦ କିଶୋର ତ୍ରିପାଠୀ, ଭଲିବଲ ସମ୍ପାଦକ ପୁରଷୋତ୍ତମ ପାଣିଗ୍ରାହୀ, ଫୁଟବଲ ସମ୍ପାଦକ ରାଜିବ ସାହୁ, କାର୍ଯ୍ୟକାରିଣୀ ସଦସ୍ୟ କଇର ସ୍ୱାଇଁ, ଦିଲ୍ଲୀପ ଗୁରୁ, ଭକୁଲୁ ବକ୍ସି, ଜିତେନ୍ଦ୍ର ସାହୁ ପ୍ରମୁଖ ଖେଳାଳିଦ୍ୱୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଭବାନୀପାଟଣାରେ ବୁଢ଼ୀ ଗଙ୍ଗାଦେବୀଙ୍କ ଚଇତ୍ର ଯାତ୍ରା



**ଭବାନୀପାଟଣା, ୧୪ (ଉତ୍ତମ କୁମାର ଦାଶ)**

ଭବାନୀପାଟଣା ସହରର ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ରହିଛି ବୁଢ଼ୀ ଗଙ୍ଗାଦେବୀ ଠାକୁରାଣୀଙ୍କ ଗୁଡ଼ି ବା ମନ୍ଦିର। ପ୍ରତିବର୍ଷ ଚୈତ୍ର ମାସର ତୃତୀୟ ମଙ୍ଗଳବାରରୁ ଶେଷ ମଙ୍ଗଳବାର ଯାଏ ବୁଢ଼ୀ ଗଙ୍ଗା ଦେବୀ ଠାକୁରାଣୀଙ୍କ ଚଇତ୍ର ଯାତ୍ରା ଅନୁଷ୍ଠିତ ହୋଇଥାଏ। ପରମ୍ପରା ଅନୁଯାୟୀ ଚୈତ୍ର ତୃତୀୟ ମଙ୍ଗଳବାର ସନ୍ଧ୍ୟାରେ କଳାହାଣ୍ଡି ରାଜ ପ୍ରାସାଦରେ ମହାରାଜାଙ୍କ ତରଫରୁ ବୁଢ଼ୀ ଗଙ୍ଗା ଦେବୀ ଠାକୁରାଣୀଙ୍କ ଘଟ ବା ଘଣ୍ଟରେ ଅରୁଆ ଚାଉଳ ପୂର୍ଣ୍ଣ କରି ବଟା ହଳଦୀ ଘଣ୍ଟରେ ପ୍ରଲେପ କରି ପୂଜାର୍ଚ୍ଚନା କରାଯାଇଥାଏ। ପରେ ରାଜ ପ୍ରାସାଦରୁ ଦେବୀଙ୍କ ଘଣ୍ଟକୁ ମୁଣ୍ଡରେ ବୋହି ପୂଜାରୀ ନଗର ପରିକ୍ରମା କରିଥାନ୍ତି। ତୃତୀୟ ମଙ୍ଗଳବାରରୁ ଆରମ୍ଭ କରି ରବିବାର ଯାଏ ଦେବୀଙ୍କ ଘଣ୍ଟ ସହରର ବିଭିନ୍ନ ପଡ଼ା ପରିକ୍ରମା କରିଥାନ୍ତି। ପ୍ରତ୍ୟେକ ଘର ସାମନାରେ ଶ୍ରଦ୍ଧାଳୁମାନେ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରିଥାନ୍ତି। ଶିଶୁମାନେ ମଙ୍ଗଳ କାମନା କରି ଦେବୀଙ୍କ ଘଣ୍ଟ ସାମନାରେ ରାସ୍ତାରେ ଶୋଇଥାନ୍ତି। ଦେବୀଙ୍କ ଘଣ୍ଟ ମୁଣ୍ଡରେ ବୋହୁଥିବା ପୂଜାରୀ ଶୋଇଥିବା ଶିଶୁମାନଙ୍କୁ ଡେଇଁ ଡେଇଁ ଯାଆନ୍ତି। ଚୈତ୍ର ଶେଷ ମଙ୍ଗଳବାର ଦିନ ମନ୍ଦିରରେ ଅନୁଷ୍ଠିତ ହୋଇଥାଏ ଚଇତ୍ର ଯାତ୍ରା। ଶ୍ରଦ୍ଧାଳୁମାନେ କାମନା କରି ଦେବୀଙ୍କୁ ପାରା, କୁକୁଡ଼ା, ଛେଳି ବଳି ଅର୍ପଣ କରିଥାନ୍ତି। ଚଇତ୍ର ଦିନ କଳାହାଣ୍ଡିରେ ଚାହାଁର, ମହୁଲ, କାନ୍ଦୁଲ ଦେବୀଙ୍କୁ ଅର୍ପଣ କରିଥାନ୍ତି।

### ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ

**ଥୁଆମୂଳ ରାମପୁର, ୧୪ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ପଞ୍ଚାୟତ ସମିତି ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶତାଧିକ ମହିଳା ଓ ସରକାରୀ ଅଧିକାରୀ ପ୍ରଭାତ ଫେରିରେ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ, ବିପିସି ଆର.ଏଚ. ରାଜେନ୍ଦ୍ର ନାରାୟଣ ଦେବ, ବିପିଏ ଦିବ୍ୟ ରଞ୍ଜନ ନାଏକ, ଜେଇ ଆଶିଷ ସାହୁ ଓ ଜିତୁ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱତନ୍ତ୍ର ପ୍ରଦେଶ ଗଠନର କର୍ଣ୍ଣଧାର ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ ଓ କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମାରୋହରେ ମିଶନ ଶକ୍ତିର ବ୍ୟାଙ୍କ ମିତ୍ର, ସିଆର୍‌ପି ଯାଜ୍ଞସିନି ବାଗ, ପ୍ରାଣୀ ମିତ୍ର ଭାବିନିକା ବାଗ ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ସାମିଲ ହୋଇଥିଲେ।

## ୯୧ତମ ପୋଲିସ ପ୍ରତିଷ୍ଠା ଦିବସ


ପ୍ରତିଷ୍ଠା ଦିବସରେ ଏସ୍‌ପିଙ୍କ ସହ ଅନ୍ୟ ପୋଲିସ ଅଧିକାରୀ।

**ନୂଆପଡ଼ା, ୧୪ (ମକାରୁ ବେମାଲ )**

ନୂଆପଡା ଶିଳଦାସ୍ଥିତ ରିଜର୍ଭ ପୋଲିସ ପରେଡ ପଡିଆଠାରେ ବୁଧବାର ୯୧ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ରଣଜିତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ପି ଅମ୍ରିତ ପାଲ ସିଂ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରି ପରେଡ ଅଭିବାଦନ ଗ୍ରେହଣ କରିଥିଲେ। ପୋଲିସ ଦେଶମାତୃକାର ସେବାରେ ଜାଗ୍ରତ ପ୍ରହରୀ ଭାବରେ ସଜାଗ ହୋଇ ରହିଛି। କୌଣସି ବାଦ ବିବାଦ ହେଉ ବା ମାଓବାଦୀ ଦମନରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି ବୋଲିସ ମୁଖ୍ୟଅତିଥି କହିଥିଲେ। ଏହି ଅବସରରେ ଉତ୍ତମ ପ୍ରଦର୍ଶନ କରିଥିବା ଏସ୍‌ଆଇ ଅନିତା କୁମାରୀ ଯାନି, ଏଏସ୍‌ଆଇ ଦେବର୍ଜ୍ଜନ ମାଝୀ, ହାବିଲଦାର ତ୍ରିଲୋଚନ ମାଝୀ, ଏପିଆର୍ ସୌମରଞ୍ଜନ ଶାଗରିଆ ଓ କନଷ୍ଟେବଲ ବୀଣାପାଣି ପଣ୍ଡାଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡୀୟ ପୋଲିସ ଅଧିକାରୀ, ସମସ୍ତ ଥାନା ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଅଦିନିଆ ରଥଯାତ୍ରା ପାଳନକୁ ବିରୋଧ

**ଧର୍ମଗଡ଼, ୧୪ (ଘାସିରାମ ଜଗତ):** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଅଦିନରେ ବିଭିନ୍ନ ସ୍ଥାନରେ କରାଯାଉ ଥିବାରୁ ଶ୍ରୀ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ କଳାହାଣ୍ଡି ଶାଖା ତରଫରୁ ତୀବ୍ର ବିରୋଧ କରଯାଇଛି। ଧର୍ମଗଡ଼ର ଏକ ହୋଟେଲଠାରେ ବୁଧବାର ଜଗନ୍ନାଥ ସଂସ୍କୃତି ପ୍ରେମୀ ଓ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଏକାଠି ହୋଇ ଅଦିନିଆ ରଥଯାତ୍ରା ପାଳନକୁ ବିରୋଧ କରିଛନ୍ତି। ଶାସ୍ତ୍ରନୁମୋଦିତ ଆଷାଢ଼ ମାସ ଦ୍ୱିତୀୟା ତିଥିରେ ରଥଯାତ୍ରା କରିବା ଛାଡି ଅନ୍ୟ ଦିନରେ ଇସ୍କନ ସଂସ୍ଥା ପକ୍ଷରୁ ଅୟୋଜନ ସଂସ୍କୃତି ଓ ପରମ୍ପରା ବିରୋଧୀ ବୋଲି କର୍ମକର୍ତ୍ତା ପ୍ରକାଶ କରିଥିଲେ। ଏହାସହ ଏହାକୁ ବନ୍ଦ କରିବାକୁ ରାଜ୍ୟ ସରକାର ଓ ଶ୍ରୀ ମନ୍ଦିର ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଶ୍ରୀ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ରାଜ୍ୟ ସଭାପତି ରାଧେଶ୍ୟାମ ପଣ୍ଡା, ଉପସଭାପତି ତୁଷାର ରଞ୍ଜନ ପଟ୍ଟଯୋଶୀ, ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ମୁଣ୍ଡ, କୃପାସିନ୍ଧୁ ପଣ୍ଡା, ଆଚାର୍ଯ୍ୟ ହୃଷିକେଶ ମିଶ୍ର, ସୁରେଶ ଚନ୍ଦ୍ର ମୁଣ୍ଡ, ବିଦ୍ୟାଧର ସାହୁ, ସନ୍ତୋଷ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ‘ଓଡ଼ିଶା ସବୁ କ୍ଷେତ୍ରରେ ପ୍ରଗତି କରିଛି ’



ଜିଲାସ୍ତରୀୟ ଓଡିଶା ଦିବସ ସମାରୋହରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର,୧୪ (ବୀରେନ୍ଦ୍ର କୁମାର ଝାଙ୍କର)**

**ବଲାଙ୍ଗୀର ଜିଲାସ୍ତରୀୟ ଓଡିଶା ଦିବସ ସମାରୋହ**

ବଲାଙ୍ଗୀର ପୃଥୀରାଜ ହାଇସ୍କୁଲ ପ୍ରାଙ୍ଗଣରେ ବୁଧବାର ସନ୍ଧ୍ୟାରେ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ଅନୁଷ୍ଠିତ ହୋଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ସମ୍ମାନିତ ଅତିଥି ଭାବେ ଲୋକ ସଭା ଏମ୍‌ପିଙ୍କ ପ୍ରତିନିଧି ଦିନେଶ ଶର୍ମା, ଲକ୍ଷ୍ମୀ ସାକିଆ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅତିଥିମାନେ ଓଡିଶାର ବରପୁତ୍ର ମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟଅତିଥି ବେହେରା ତାଙ୍କ ବକ୍ତବ୍ୟରେ ସମସ୍ତଙ୍କୁ ଓଡିଶା ଦିବସର ଅଭିନନ୍ଦନ ଜଣାଇବା ସହ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଓଡିଆ ମହାମନୀଷୀମାନଙ୍କ ବଳିଦାନ ଏବଂ ତ୍ୟାଗ ସମ୍ପର୍କରେ କହିଥିଲେ। ସବୁ କ୍ଷେତ୍ରରେ ଓଡିଶା ପ୍ରଗତି କରିଛି ବୋଲି ଅତିଥିମାନେ କହିଥିଲେ । ଚଳିତବର୍ଷ ଓଡିଶା ଦିବସ ପାଳନ ପରିପ୍ରେକ୍ଷୀରେ ଆଗାମୀ ୧୫ ଦିନ ଧରି ଓଡିଶା ଦିବସ ପକ୍ଷ ପାଳନ କରିବା ନେଇ ସେ ସୂଚନା ଦେଇଥିଲେ। ଓଡିଶା ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଗଢ଼ି ଉଠିଥିଲା। ଓଡିଶା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଓଡିଆ ବକ୍ତୃତା ଓ ଉତ୍କଳ ବନ୍ଦନା ଗାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସଭା ପରେ ସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଭାଜପାର ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର



ଶିବିରରେ ଉପସ୍ଥିତ ଅତିଥିଙ୍କ ସହ ବରିଷ୍ଠ କାର୍ଯ୍ୟକର୍ତ୍ତା।

**ମଦନପୁର,୧୪ (ଜଗଦୀଶ ପ୍ରସାଦ ରଣା)**

ଭାଜପାର ମୋହନଗିରି ମଣ୍ଡଳ ପକ୍ଷରୁ ମଦନପୁର ବିଜୁ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଦୁଇଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମଣ୍ଡଳ ସଭାପତି ଖ୍ରୀଷ୍ଟଦତ୍ତ ରାଉତଙ୍କ ନେତୃତ୍ୱରେ ଶିବିର ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମକୁ ମଣ୍ଡଳର ୨ ସାଧାରଣ ସମ୍ପାଦକ ତ୍ରୈଲୋକ୍ୟ ଧ. ମାଝୀ ଓ ଲୋକେଶ କୁମାର ରଣା, ମଣ୍ଡଳୀ ପ୍ରଭାରୀ ଗଣେଶ୍ୱର କୁମାର, ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଦର୍ଶନ ପାଢୀ ପ୍ରମୁଖ ସଂଯୋଜନା କରିଥିଲେ। ଏଥିରେ ମଣ୍ଡଳ ଅନ୍ତର୍ଗତ ୧୦ ପଞ୍ଚାୟତର ସମସ୍ତ ଶକ୍ତି କେନ୍ଦ୍ର ପ୍ରମୁଖ, ବୁଥ କର୍ମୀଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ତୃଣମୂଳ ସ୍ତରରେ ଦଳର ସ୍ଥିତି ସୁଦୃଢ଼ କରିବା, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ଘରେ ଘରେ ପହଞ୍ଚାଇବା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷକ ଭାବେ ମ ରାମପୁର ବ୍ଲକର ଭାଜପା ନେତା ଶ୍ରୀକାନ୍ତ ହୋତା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅନିରୁଦ୍ଧ ପଧାନ, ପୂର୍ବତନ ଜିଲା ଅଧ୍ୟକ୍ଷା ନମିତାରାଣୀ ସାହୁ, ବରିଷ୍ଠ ନେତା ଦୟାନିଧି ସାହୁ, ଜିଲା ଉପସଭାପତି ପଦ୍ମଲୋଚନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଲୋକନାଥ ଦୁର୍ଗା, ଜିଲା ସମ୍ପାଦକ ଘନଶ୍ୟାମ ଗହିର ଅତିଥି ଭାବେ ଯୋଗଦେଇଥିଲେ।

## ଡିଏଭି ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ

**ଟିଟିଲାଗଡ,୧୪(ଶରତ ମିଶ୍ର)**

ଟିଟିଲାଗଡ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବରେ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଛାୟାକାନ୍ତ ଷଡ଼ଙ୍ଗୀ ଯୋଗ ଦେଇଥିଲେ । ଡିଏଭି ପବ୍ଲିକ ସ୍କୁଲ ଓଡ଼ିଶା, ବିଭାଗ (ଘ)ର ସହକାରୀ ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ ଭଲ ମଣିଷ ହୋଇ ସମାଜରେ ପ୍ରତିଷ୍ଠା ଲାଭ କରିବା ପାଇଁ ମାର୍ଗଦର୍ଶନ କରିଥିଲେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ, ପୋଲିସ ଅଧିକାରୀ ଯଶୋବନ୍ତ ନାରାୟଣ ପ୍ରଧାନୀ ଏବଂ ସଙ୍ଗୀତ ଓ ନାଟକ ନିର୍ଦ୍ଦେଶକ ପଙ୍କଜ ଜାଲ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ବ୍ୟଙ୍ଗ ସାହିତ୍ୟିକ ଟିକେଲାଲ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଲକୃଷ୍ଣ ଶର୍ମା ବାର୍ଷିକ ବିବରଣୀ ପାଠ କରିଥିଲେ । ସାଇମନ କୁସଲିଆ ଓ ରୁବିନା ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦେବାଶିଷ ସାହା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

## ପରିବେଷିତ ହେଲା ଶ୍ରୀରାମ-ହନୁମାନ ମିଳନ, ବାଳୀ ବଧ

**ବୌଦ୍ଧ,୧୪(ଅଜିତ କୁମାର ବାରିକ)**

ବୌଦ୍ଧର ଗଣପର୍ବ ରାମଲୀଳା ଯାତ୍ରା ବୁଧବାର ଷଷ୍ଠ ଦିନରେ ପ୍ରବେଶ କରିଛି। ଲଙ୍କପତି ରାବଣ ଦ୍ୱାରା ସୀତାଙ୍କ ହରଣ ପରେ ଶ୍ରୀରାମ ଓ ଲକ୍ଷ୍ମଣ ଦୁଃଖରେ ଭାଙ୍ଗି ପଡିଛନ୍ତି। ଜଟାୟୁ ନିକଟରୁ ରାବଣ ଦ୍ୱାରା ସୀତା ହରଣ ହୋଇଥିବା ସୂଚନା ପାଇଛନ୍ତି। ପିତା ଦଶରଥଙ୍କ ମିତ୍ର ଜଟାୟୁଙ୍କ ମୃତ୍ୟୁରେ ସମ୍ମାନର ସହିତ ତାଙ୍କର ସଂସ୍କାର କାର୍ଯ୍ୟ ସାରି ଶ୍ରୀରାମ ଓ ଲକ୍ଷ୍ମଣ ସୀତାଙ୍କ ଅନୁସନ୍ଧାନରେ କିଷ୍କିନ୍ଧ୍ୟାରେ ପ୍ରବେଶ କରିଛନ୍ତି। ସେଠାରେ ଶ୍ରୀରାମ ଓ ହନୁମାନଙ୍କ ମଧ୍ୟରେ ଭାବବିହ୍ୱଳ ମିଳନ ହୋଇଛି। ହନୁମାନ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ


ବୌଦ୍ଧ ରାମଲୀଳା ନାଟକର ଏକ ଦୃଶ୍ୟ।

**ଷଷ୍ଠ ଦିନରେ ବୌଦ୍ଧର ରାମଲୀଳା ଯାତ୍ରା**

ସଙ୍ଗରେ ନେଇ ଋଷ୍ୟମୁକ ପାହାଡରେ ଆତ୍ମଗୋପନ କରିଥିବା ସୁଗ୍ରୀବଙ୍କ ସହିତ ସାକ୍ଷାତ କରାଇବା ପରେ ଉଭୟେ ମିତ୍ରତା ବନ୍ଧନରେ ବାନ୍ଧି ହୋଇଛନ୍ତି। ସୁଗ୍ରୀବଙ୍କ ନିକଟରୁ କିଷ୍କିନ୍ଧ୍ୟାର ବାନର ରାଜା ବାଳୀର ଅନ୍ୟାୟ ଓ ଅତ୍ୟାଚାର ସମ୍ପର୍କରେ ଶୁଣିବା ପରେ ଶ୍ରୀରାମ ବାଳୀକୁ ମାରିବା ପାଇଁ ସୁଗ୍ରୀବଙ୍କୁ ପ୍ରତିଶୃତି ଦେଇଛନ୍ତି। ଶେଷରେ ବାନର ରାଜା ମହାବୀର ବାଳୀଙ୍କୁ ବଧ କରିବାପରେ ଶ୍ରୀରାମଚନ୍ଦ୍ର ମିତ୍ର ସୁଗ୍ରୀବଙ୍କୁ କିଷ୍କିନ୍ଧ୍ୟାରେ ରାଜ୍ୟାଭିଷେକ କରାଇଛନ୍ତି। କିଷ୍କିନ୍ଧ୍ୟାର ରାଜା ସୁଗ୍ରୀବ ବର୍ଷାରତୁ ପରେ ସୀତାଙ୍କ ଅନୁସନ୍ଧାନ କରାଇବାକୁ ମିତ୍ର ଶ୍ରୀରାମଙ୍କୁ ପ୍ରତିଶୃତି ଦେଇଛନ୍ତି। ହୃଦାନନ୍ଦ ମେହେରଙ୍କ ଦ୍ୱାରା ରଚିତ ଓ ଭବାନୀଶଙ୍କର ମହାପାତ୍ରଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାରମାନେ ପୌରାଣିକ କଥାବସ୍ତୁର ଚରିତ୍ରଗୁଡିକୁ ନିଖୁଣ ଭାବରେ ଅଭିନୟ କରି ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ। ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଚତୁର୍ଭୁଜ କର, ତ୍ରିନାଥ ମାହାର ଓ କାବୁ ବୋଷ ପ୍ରମୁଖ କଣ୍ଠଦାନ କରିଛନ୍ତି। ସେହିପରି ନୃତ୍ୟଗୁରୁ ଗୋପାଳକୃଷ୍ଣ ବେହେରା ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ଯାତ୍ରା ଦେଖିବା ପାଇଁ ଲୋକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଛି।

### ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

ସୁନ୍ଦରଗଡ଼ (ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନା ପୋଲିସ ବୁଧବାର ସଫେଇ ନଦୀ କୂଳରୁ ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି। ଏଥିରେ ଚାଳକଙ୍କୁ ନୋଟିସ ଦେଇ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଦେଇଛି। ପୋଲିସ ପାଟ୍ରୋଲିଂ ବେଳେ ଏହି ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଥିଲା।

## ସଂକ୍ଷେପରେ

### ମହିମା ଆଶ୍ରମର ବାର୍ଷିକ ଉତ୍ସବ ପାଳିତ

**ରାଉରକେଲା,୧।୪(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସେକ୍ଟର-୨ ସ୍ଥିତ ମହିମା ଆଶ୍ରମର ୫୩ତମ ବାର୍ଷିକ ମହୋତ୍ସବ ମଙ୍ଗଳବାର ରାତ୍ରୀବ୍ୟାପୀ ପାଳିତ ହୋଇଯାଇଛି। ଆଶ୍ରମର ଉପ-ସଭାପତି କରୁଣାକର ଦାସଙ୍କ ପୌରହିତ୍ୟରେ ମହୋତ୍ସବ ସମସ୍ତ କାର୍ଯ୍ୟକ୍ରମାଦି ଆୟୋଜନ ହୋଇଥିଲା। ମଙ୍ଗଳବାର ମହୋତ୍ସବ ନେଇ ପ୍ରଭୁ ଅଲେଖ ନିରାକାରଙ୍କୁ ଅଖଣ୍ଡବତୀ ଅର୍ପଣ ପୂର୍ବକ ବାଲ୍ୟଲୀଳା ଉତ୍ସବ ଶୁଭାରମ୍ଭ କରାଯାଇଥିଲା। ତତ୍‌ପରେ ଧ୍ୱନୀ ମନ୍ଦିରରେ ବ୍ରହ୍ମଧ୍ୱନୀ ସ୍ଥାପନ କରାଯିବା ସହିତ ନାମଭଜନ ମାଳା ହୋଇଥିଲା। ଏହାପରେ ମନ୍ଦିର ବେଢ଼ା ସମ୍ମୁଖରେ ଉତ୍ସବ ପାଳନ ନେଇ ଏକ ଧର୍ମସଭା ବସିଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ସୁନୀଲ କୟାଲ ଯୋଗଦେଇ ଆଶ୍ରମ ସହିତ ଜଡିତ ଥିବା ତାଙ୍କ ସ୍ମୃତି ମହିମା ଧର୍ମର ମହାନୀୟତା ଉପରେ ଦିଗଦର୍ଶନ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟାନନ୍ଦ ବେହେରା, କୈଳାସ ପ୍ରଧାନ ଯୋଗଦେଇଥିଲେ। ମହିମା ଧର୍ମାଲମ୍ବୀ ଅଲେଖ ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଲଙ୍ଗୁଲି ଚରଣ ତରାଇ ବାର୍ଷିକ ବିବରଣୀ ପଠନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରଶ୍ମିତ ସାହାଣୀ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। କୈଳାସ ଲେଙ୍କା ଧନ୍ୟବାଦ ଜ୍ଞାପନ ଜଣାଇଥିଲେ।

### ଆର୍‌ଏସ୍‌ପି ପକ୍ଷରୁ ଓଡ଼ିଶା ଦିବସରେ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା,୧।୪(ବିପ୍ଳବ ରଞ୍ଜନ ଦାଶ):** ଆର୍‌ଏସପି ପକ୍ଷରୁ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଛି। ଆର୍‌ଏସ୍‌ପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ନିର୍ବାହୀ ନିର୍ଦ୍ଦେଶକ (ଏଚଆର), ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ, (ଏମଏମ), ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ, (ଖଣି) ଏମ.ପି ସିଂହ, ନିର୍ବାହୀ ନିର୍ଦ୍ଦେଶକ, (ପ୍ରକଳ୍ପ) ସୁଦୀପ ପାଲ ଚୌଧୁରୀ, ସିଏମଓ, ଇନ-ଚାର୍ଜ (ମେଡିକାଲ୍) ଡକ୍ଟର ଜୟନ୍ତ ଆଚାର୍ଯ୍ୟ, ସିଜିଏମ (ବିତ୍ତ) ରାଜେଶ ଦାସଗୁପ୍ତା, ସିଜିଏମ, (ଟାଉନ୍ ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି), ବି କେ ଜୋଜୋ, ସିଜିଏମ (ଟାଉନ୍ ସର୍ଭିସେସ୍ ଏବଂ ସିଏସଆର ) ଟି ଜି କାନେକର ଏବଂ ଇସ୍ପାତ କାରଖାନା ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ମହାନ ବରପୁତ୍ର ଏବଂ ଦେଶପ୍ରେମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ଜନଗଣନାରେ ସମସ୍ତଙ୍କ ସହଯୋଗ କାମନା କଲେ ଆର୍‌ଏମ୍‌ସି କମିଶନର

**ରାଉରକେଲା,୧।୪(ବିପ୍ଳବ ରଞ୍ଜନ ଦାଶ):** ଏକ ସଶକ୍ତ ଓ ବିକଶିତ ରାଷ୍ଟ୍ର ଗଠନର ଉଦ୍ଦେଶ୍ୟ ନେଇ ଏପ୍ରିଲ ୧ରୁ ରାଜ୍ୟବ୍ୟାପୀ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇ ସାରିଥିବାବେଳେ ବୁଧବାର ଏଥିରେ ସମସ୍ତ ରାଉରକେଲାବାସୀଙ୍କ ସହଯୋଗ କାମନା କରିଛନ୍ତି ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର୍। ସେ କହିଛନ୍ତି, 'ଆମର ଜନଗଣନା, ଆମର ବିକାଶ। ତେଣୁ ଜନଗଣନାକୁ ଅଧିକ ସହଜ ଓ ସରଳ କରିବା ଉଦ୍ଦେଶ୍ୟରେ ପ୍ରଥମ କରି ଏପ୍ରିଲ ୧ରୁ ୧୬ ତାରିଖ ପର୍ଯ୍ୟନ୍ତ ସ୍ୱ-ଗଣନା ପ୍ରକ୍ରିୟା ଅନୁଷ୍ଠିତ ହେବ। ଏଥିରେ ଅଧିକରୁ ଅଧିକ ଜନସାଧାରଣ ପଞ୍ଜୀକୃତ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଜଣେ ଘରେ ବସି ନିଜର ସମସ୍ତ ତଥ୍ୟ ଜନଗଣନା ପୋର୍ଟାଲରେ ଦାଖଲ କରିପାରିବେ। ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ଜନଗଣନାର ପ୍ରଥମ ପର୍ଯ୍ୟାୟ ତଥା ଗୃହ ଗଣନା ଆରମ୍ଭ ହେବାକୁ ଥିବା ବେଳେ ଘରକୁ ଆସିବାକୁ ଥିବା ଗଣନାକାରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର୍। ଏଥିସହ ଏକ ସଶକ୍ତ ଓ ବିକଶିତ ରାଷ୍ଟ୍ର ଗଠନ ନିମନ୍ତେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଛନ୍ତି।



ବଣାଇଁରେ ଓଡ଼ିଶା ଦିବସ ପାଳନ ଅବସରରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର।


ବନ୍ଧମୁଣ୍ଡାରେ ଓଡ଼ିଶା ଦିବସ ପାଳନ ଅବସରରେ ଉପସ୍ଥିତ ଅଞ୍ଚଳବାସୀ।

# ନିଜ ମାତୃଭାଷାକୁ ଆଗେଇନେବାକୁ ସଂକଳ୍ପ ନିଅ

**ସୁନ୍ଦରଗଡ଼,୧।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ସଦର ମହକୁମାଠାରେ ବୁଧବାର ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସଂସ୍କୃତି ଭବନଠାରେ ଏହି ଅବସରରେ ଏକ ଫଟୋ ପ୍ରଦର୍ଶନୀ, ସାଧାରଣ ସଭା, ପୁରସ୍କାର ବିତରଣ ଉତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରତି ଅବଦାନ ଥିବା ଓଡ଼ିଶାର ସମସ୍ତ ବରପୁତ୍ରଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ନିଜ ମାଟି, ସଂସ୍କୃତି, ମାତୃଭାଷାକୁ ନେଇ ସର୍ବଦା ଗର୍ବ କରିବା ସହିତ ଏହାକୁ ଆଗେଇନେବା ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହେବା ଆବଶ୍ୟକ ବୋଲି କହିଥିଲେ। ଆମର ବରପୁତ୍ରମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ବହୁ ତ୍ୟାଗ ଦେଇଥିଲେ। ସମସ୍ତ ଯୁବପିଢ଼ି ସେହି ତ୍ୟାଗକୁ ସର୍ବଦା ସ୍ମରଣ କରିବା ସହିତ ଓଡ଼ିଶାକୁ ବିକାଶ ଦିଗରେ ଆହୁରି ଆଗେଇନେବାକୁ ଆହ୍ୱାନ ଦେଇଥିଲେ। ଅତିଥିଭାବେ ସୁନ୍ଦରଗଡ଼ ପୌର ପରିଷଦର ଅଧକ୍ଷା ତନୟା ମିଶ୍ର ଯୋଗଦେଇ ଓଡ଼ିଶାର ସମସ୍ତ ବରପୁତ୍ରଙ୍କ ସ୍ମୃତିଚାରଣ କରିବା ସହିତ ଛାତ୍ରୀଛାତ୍ରଙ୍କୁ ତାଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ


ସୁନ୍ଦରଗଡରେ ଓଡ଼ିଶା ଦିବସ ପାଳନ ଅବସରରେ ଜିଲାପାଳଙ୍କ ସହ ଅନ୍ୟମାନେ।

ମାତୃଭାଷା ତଥା ଓଡ଼ିଆ ଜାତିକୁ ଆହୁରି ଆଗେଇନେବା ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତ ମହାବିଦ୍ୟାଳୟ ବିଭାପା ଦ୍ୱାରା ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। ଓଡ଼ିଶା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତିନିଜଣ ଦିବ୍ୟାଙ୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଭିନ୍ନ ଅନୁଷ୍ଠାନ ତଥା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ

> ସୁନ୍ଦରଗଡ଼ଠାରେ ଜିଲାସ୍ତରୀୟ ଓଡ଼ିଶା ଦିବସ

ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ତେଜସ୍ୱିନୀ ବେହେରା, ଜିଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଏବଂ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଏବଂ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କାର୍ଯ୍ୟକ୍ରମକୁ ସୁଶୀଳା ରଥ ଓ ଶେଷଦେବ ନନ୍ଦ ପରିଚାଳନା କରିଥିଲେ। ଏହି ଅବସରରେ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ଜିଲାପାଳ ଡା. ମହାପାତ୍ର ଏବଂ ପୌରାଧକ୍ଷା ତନୟା ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଶାର ବରପୁତ୍ର ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କିତ ବିଭିନ୍ନ ଘଟଣାବଳୀ ଉପରେ ଫଟୋଚିତ୍ରଗୁଡିକ ସ୍ଥାନିତ ହୋଇଥିଲା। ପବିତ୍ର ଓଡ଼ିଶା ଦିବସ ଉପଲକ୍ଷେ ପ୍ରାତଃ ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ପରେ ସହର ସମେତ ଜିଲା କାର୍ଯ୍ୟାଳୟଠାରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହିଅବସରରେ ଜିଲା କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

**ବଣାଇଁ (ପ୍ରଦୀପ ତ୍ରିପାଠୀ):** ବଣାଇଁ ସଦର ମହକୁମାରେ ଉପଖଣ୍ଡ ସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଣାଇଁ ଉପଜିଲାପାଳ ଅଶୋକ କୁମାର ଦାସ ଯୋଗଦେଇ ପ୍ରଥମେ ବରପୁତ୍ର ବିଜୁ ପଟ୍ଟନାୟକ, ଉତ୍କଳ ମଣି ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପ୍ରାତଃ ୪ ଟା ୩୦ ମିନିଟ ସମୟରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଓଡ଼ିଶା ମାତୃଭୂମି ସମ୍ପର୍କିତ ଦେଶାତ୍ମବୋଧକ ସଂଗୀତ ଗାନ କରି ସହର ପରିକ୍ରମା କରାଯାଇଥିଲା । ମହକୁମାରେ ଥିବା ବିଭିନ୍ନ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ନିଜ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ରେ ଓ ପୋଲିସ ବିଭାଗର ଟ୍ରାଫିକ ସୁରକ୍ଷା ବଳୟରେ ପ୍ରଭାତ ଫେରୀ କରିବା ସହିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ । ତତ୍ପରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଭା ଆୟୋଜନ ହୋଇଥିଲା । ଏହି ସମାରୋହରେ ମୁଖ୍ୟ ଅତିଥି କହିଥିଲେ, ଛିନ୍ନ ବିଚ୍ଛିନ୍ନ ହୋଇ ରହିଥିବା ଓଡିଶାର ଏକତ୍ରିକରଣ ତଥା ଗଠନ ମୂଳକ ପଦକ୍ଷେପ ନେଇ ସ୍ୱତନ୍ତ୍ର ଓଡିଶା ଗଠନ କରିବାରେ ମୂଖ୍ୟ ଭୂମିକା ଥିବା ବରପୁତ୍ରଙ୍କ ଅବଦାନ ଅତୁଳନୀୟ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଉପଜିଲାପାଳ ପୁରସ୍କାର ବିତରଣ କରିବା ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସମାରୋହରେ ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି , ଡେପୁଟି କଲେକ୍ଟର ଶିବାଙ୍ଗୀ ଆନନ୍ଦ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବଣାଇଁ ସୁନୀଲ ମୁଣ୍ଡୁ, ସହକାରୀ ଜିଲାପାଳ କୁଳମଣି ଧଳ, ସହକାରୀ ଜିଲ୍ଲାପାଳ ବିକ୍ରାନ୍ତ ପାତ୍ରଙ୍କ ସମେତ ବିଭିନ୍ନ ସରକାରୀ କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର , ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ବହୁଳ ଭାବରେ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳୀ ସାହୁଙ୍କ ସମେତ ଯୁଧିଷ୍ଠିର ତ୍ରିପାଠୀ ଓ ଅକ୍ଷୟ ବେହେରା ସହଯୋଗ କରିଥିଲେ ।

**ବନ୍ଧମୁଣ୍ଡା (ସୁବ୍ରତ ଦେ):** ବନ୍ଧମୁଣ୍ଡାର ସି-ସେକ୍ଟର ସ୍ଥିତ ମଧୁ ମଣ୍ଡପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରସିଦ୍ଧ ସ୍ୱାଧୀନତା ସେନାନୀ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତେ ଏକତ୍ରିତ ହୋଇ ଓଡ଼ିଶାର ଉନ୍ନତି ଓ ଏକତା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ। ଏହି ଅବସରରେ ପୀତାମ୍ବର ରାଉତ, ସୋମେନ୍ଦ୍ର ମାଦେଲୀ, ପିସି ପୃଷ୍ଟି, ସୁଭାଷ ଚନ୍ଦ୍ର ପଣ୍ଡା, ମନୋଜ କୁମାର କହ୍ନଇ, ଗୋପାଳ କୃଷ୍ଣ ବେହେରା, ଏଲ. ମୁରଲୀ ମୋହନ ରାଓ, ରାଜେନ୍ଦ୍ର କୁମାର, ଡି. ମହାନ୍ତି, ଲକ୍ଷ୍ମଣ ଲୋହାର, ଧୀରେନ ଦାସ, ନାଗେଶ ଜଗଦଲ୍ଲା, ଆର.ବି. ସାହୁ, ଡି. ସାହୁଙ୍କ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଦକ୍ଷିଣ ରାଉରକେଲାରେ ଓଡ଼ିଶା ଦିବସ

**ରାଉରକେଲା, ୧।୪(ସଙ୍ଗୀତା ଜେନା):** ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ ଏବଂ ଅନ୍ୱେଷଣ ମିଳିତ ଆନୁକୂଲ୍ୟରେ ଓଡ଼ିଶା ଦିବସ ବୁଧବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ବାଲିଯୋଡ଼ିସ୍ଥିତ ଉତ୍କଳମଣି ଗୋପବନ୍ଧୁ ପ୍ରତିମୂର୍ତ୍ତି ପରିସରରେ ସାମାଜିକ କର୍ମୀ ଅରୁଣ କୁମାର ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ ଆଇଡିଏଲ ଶିଳ୍ପ ସମ୍ପର୍କ ବିଭାଗ ମୁଖ୍ୟ ରଞ୍ଜନ ମହାନ୍ତି, ଲାଠିକଟା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ସା, ରାଜ୍ୟ କର୍ମଚାରୀ ବୀମା ପ୍ରାକ୍ତନ ଅଧିକାରୀ ଡ଼ା ବିଷ୍ଣୁପ୍ରିୟା ଦେଇ, ବିଶିଷ୍ଟ ସାହିତ୍ୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକ ଯଥାକ୍ରମେ ମୁଖ୍ୟ ଅତିଥି ମୁଖ୍ୟବକ୍ତା ସମ୍ମାନିତ ଅତିଥି ଓ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ଏବେ ସମୟ ଆସିଛି ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ଓ ସ୍ୱାଭିମାନ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆଜିର ଯୁବ ଓ ଛାତ୍ର ସମାଜ ଆଗକୁ ଆସିବାପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ କଳାକାର ନିର୍ଦ୍ଦେଶକ ନୃତ୍ୟ ଗୁରୁ ବିଜୟ କୁମାର ସାମଲଙ୍କୁ ଶ୍ରେଷ୍ଠ କଳାକାର ଭାବେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସହ ସମ୍ପାଦିକା ସଚଳା ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମ ମୁଖ୍ୟ ଗୁରୁମାଆଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।



## ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

**ରାଉରକେଲା,୧।୪(ବିପ୍ଳବ ରଞ୍ଜନ ଦାଶ)**

ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ)ର ପୌଷ୍ୟ ଗ୍ରାମ ପଦ୍ମପୁରଠାରେ ୭ଦିନିଆ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହେବା ସହିତ ବୁଧବାର ଓଡିଶା ଦିବସ ମଧ୍ୟ ମହାବିଦ୍ୟାଳୟର ତରଫରୁ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ଦାଶଙ୍କ ସଂଯୋଜନାରେ ଏବଂ କଲେଜ ଅଧ୍ୟକ୍ଷ ଡ.ପରମେଶ୍ୱର ଶତପଥିଙ୍କ ସଭାପତିତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପଦ୍ମପୁର ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୟ କୁମାର ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ)ର ଆବଶ୍ୟକତା ଉପରେ ବିସ୍ତୃତ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଚନ୍ଦ୍ରଧ୍ୱଜ ମାଝୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ପାଇଁ ଏକ ମୁଖ୍ୟ ପ୍ଲାଟଫର୍ମ ବୋଲି କହିଥିଲେ। ଶେଷରେ ଜ୍ୟୋତ୍ସ୍ନାରାଣୀ ଦାଶ ଧନ୍ୟବାଦ ଜଣାଇଥିଲେ।

## ବରିଷ୍ଠ ଅବସରପ୍ରାପ୍ତ ନାଗରିକ ସଂଘ ପକ୍ଷରୁ ଓଡ଼ିଶା ଦିବସ


ଉପସ୍ଥିତ ଅତିଥି ଓ ସଂଘର ସଦସ୍ୟ।

**ସୁନ୍ଦରଗଡ,୧।୪(ଜୟ ନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ରେଭେନ୍ୟୁ କଲୋନି ସ୍ଥିତ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ପରିସରରେ ବୁଧବାର ଉତ୍କଳ ଦିବସ ଓ ରାଜ୍ୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଡ. ଚିରବ୍ରତ ଦତ୍ତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ ତଥା ଗାଳ୍ପିକ ରାଜ କିଶୋର ଷଡଙ୍ଗୀ ମୁଖ୍ୟ ଅତିଥି, ବରିଷ୍ଠ ନାଗରିକ ସଂଘର ସଭାପତି ଇଂ. ଦିଲ୍ଲୀପ କୁମାର ପଟେଲ ସମ୍ମାନିତ ଅତିଥି ଏବଂ ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରର ପ୍ରାଧ୍ୟାପକ ଡ. ନୂତନ ଖମାରି ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଉତ୍କଳର ଇତିହାସ, ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ କହିଥିଲେ। ସଂଘ ସମ୍ପାଦକ ମନୋଜ କୁମାର ପୁରୋହିତ ମଞ୍ଚ ସଞ୍ଚାଳନ କରିଥିବା ବେଳେ ସଂଘର କାର୍ଯ୍ୟକାରୀ ସଭାପତି ଗୁଣନିଧି ମହାନ୍ତି ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଏହାପରେ ଡ.ଅନନ୍ତ କୁମାର ଆଚାର୍ଯ୍ୟ ଓ ପୁଷ୍ପଲତା ପାଣିଗ୍ରାହୀଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୀବେଶ୍ୱରୀ ପଟେଲ, ସୁଷମା ପଟେଲ, ସୁତପା ଚୌଧୁରୀ, ପୁଷ୍ପଲତା ପାଣିଗ୍ରାହୀ, ରାମେଶ୍ୱର ପଟେଲ, ଉଦିତ କୁମାର ନାଏକ, ଅସୀତ କୁମାର ଦେ, ସୂର୍ଯ୍ୟନାରାୟଣ ମହାପାତ୍ର ଓ ଡ. ଅନନ୍ତ ଆଚାର୍ଯ୍ୟ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

## ରାଜଗାଙ୍ଗପୁରରେ ନୀଳଚକ୍ର ଶାଖା ଆନୁକୂଲ୍ୟରେ ଓଡ଼ିଶା ଦିବସ

**ରାଜଗାଙ୍ଗପୁର,୧।୪(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ନୀଳଚକ୍ର ଶାଖା ଆନୁକୂଲ୍ୟରେ ଲିପଲୋଇଠାରେ ଥିବା ଶାଖା କାର୍ଯ୍ୟାଳୟ ନିକଟରେ ନୀଳଚକ୍ର ସଭାପତି ତଥା ପୂର୍ବତନ ପୌରାଧକ୍ଷା ଶଶିରେଖା ସାମଲଙ୍କ ସଭାପତିତ୍ୱରେ ତଥା ନେତୃତ୍ୱରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ସକାଳ ସମୟରେ ଏକ ରଥ ସହର ପରିକ୍ରମଣ କରିଥିଲା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସନ୍ଧ୍ୟା ସମୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କଟକ ନୀଳଚକ୍ର ଶାଖା ସମ୍ପାଦକ ରମାକାନ୍ତ ମହାପାତ୍ର, ରାଜଗାଙ୍ଗପୁର ଶିଶୁରୋଗ ବିଶେଷଜ୍ଞ ଡା. ବିରେନ୍ଦ୍ର ମହାନ୍ତି ତଥା ରାଜଗାଙ୍ଗପୁର ନୀଳଚକ୍ର ସଭାପତିଙ୍କ ସମେତ ଅନ୍ୟମାନେ ଯୋଗଦେଇ ଓଡ଼ିଆ ଭାଷା, କଳା ଓ ସଂସ୍କୃତି ଉପରେ ବକ୍ତବ୍ୟ ମାନ ରଖିଥିଲେ। ସଭାକାର୍ଯ୍ୟକୁ ସୁଜାତା ଦାଶ ପରିଚାଳନା କରିଥିଲେ। ଶାଖାର ସମ୍ପାଦକ ଜୟକୃଷ୍ଣ ଜେନାଙ୍କ ସହ ଶାଖାର ଅନ୍ୟାନ୍ୟ ନେତୃବୃନ୍ଦ ଓ କର୍ମୀବୃନ୍ଦ ଉପସ୍ଥିତ ରହିଥିଲେ।

## ଯୁବକଙ୍କୁ ବ୍ଲେଡରେ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

**ରାଉରକେଲା,୧।୪(ସଙ୍ଗୀତା ଜେନା):** ସେକ୍ଟର-୧୯ ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ବ୍ଲେଡରେ ମରଣାନ୍ତକ ଆକ୍ରମଣରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆକ୍ରମଣକାରୀଙ୍କୁ ବୁଧବାର ଗିରଫ କରାଯାଇଛି। ଅଭିଯୁକ୍ତ ହେଉଛନ୍ତି ଶଙ୍କର ଗୋପ(୨୯)। ତାଙ୍କୁ ସକାଳେ ସେକ୍ଟର-୨୦ ମିଶ୍ର ଖଟାଲରୁ ଗିରଫ କରାଯାଇଛି। ଆହତ ଅନମୋଲ ଲାକ୍ରାଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ଶଙ୍କର ତାଙ୍କୁ ଏକ ସ୍ଥାନକୁ କଥା ହେବାକୁ ଡାକିଥିଲେ। ଅତର୍କିତ ଭାବେ ତାଙ୍କୁ ବ୍ଲେଡରେ ଆକ୍ରମଣ କରିଥିଲେ। ତାଙ୍କ ବେକ, ଛାତିରେ ଗଭୀର କ୍ଷତ ହୋଇଥିଲା। ବୁଧବାର ମାମଲା(ନଂ.୭୫/୨୬)ରୁଜୁ କରାଯାଇ ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଶାରଳା ପରିବାର ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ



**ରାଉରକେଲା, ୧।୪(ବିପ୍ଳବ ରଞ୍ଜନ ଦାଶ)** ଶାରଳା ପରିବାର ପକ୍ଷରୁ ଓଡ଼ିଶା ଦିବସ ପାଳନ ଅବସରରେ ଆମ୍ବାଗାନ ସ୍ଥିତ ମୁଣ୍ଡା ମାର୍କେଟଠାରେ ପଲିଥିନ ବର୍ଜନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସହର ସେବା ବିଭାଗର ମୁଖ୍ୟ ତଥା ସିଜିଏମ୍ ପ୍ରତାପ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶାରଳା ପରିବାରର ସଭାପତି ପ୍ରଭାତ କିଶୋର ସ୍ୱାଇଁ ବକ୍ତବ୍ୟ ରଖି କହିଲେ, ପଲିଥିନ୍‌ର ବହୁଳ ବ୍ୟବହାର କ୍ଷତି କାରକ। ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ ବକ୍ତବ୍ୟ ରଖି କହିଲେ, ସରକାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ହେଲେ ଯେଉଁ ଜାଗାରେ ଲଗାମ ଲଗେଇଲେ ଭାରତ ସ୍ୱଚ୍ଛ ହେବ ସେଥିପ୍ରତି ଧ୍ୟାନ ଦେଉନାହାନ୍ତି। ଏହି ଅବସରରେ ମୁଖ୍ୟଅତିଥି ସ୍ୱାଇଁ କପଡା ବ୍ୟାଗ ବଣ୍ଟନର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଭୋଇ, କବିନ୍ଦ୍ର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ପତିଙ୍କ ସମେତ ଅନେକ ସଭ୍ୟା ଓ ସଭ୍ୟ ସହଯୋଗ କରିଥିଲେ।

# ଟେନ୍‌ସା ନୀଳଚକ୍ର ତରଫରୁ ଓଡ଼ିଶା ଦିବସ

**ଟେନ୍‌ସା,୧।୪ (ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା ଟେନସାରେ ଥିବା ନୀଳଚକ୍ର ତରଫରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସକାଳୁ ନୀଳଚକ୍ର କମିଟି ପକ୍ଷରୁ ଓଡ଼ିଶା ଗଠନ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ମହାପୁରୁଷ କବି ଉପେନ୍ଦ୍ର ଭଞ୍ଜ, ମଧୁସୂଦନ ଦାସ, ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏକ ବିଶାଳ ସମାବେଶରେ ଟେନସା ସହର ପରିକ୍ରମା କରାଯାଇଥିଲା। ବନ୍ଦେ ଉତ୍କଳ ଜନନୀରେ କମ୍ପି ଉଠି ଥିଲା ସମଗ୍ର ଖଣି ଅଞ୍ଚଳ। ସନ୍ଧ୍ୟାରେ ଟେନସା ଶାରଳା ମନ୍ଦିର ନିକଟ ଖେଳ ପଡିଆଠାରେ ଏକ ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବରସୁଆଁ ଲୌହ ଖଣିର ଜିଏମ ପ.ସି ବରୁଆ, ମୁଖ୍ୟ ବକ୍ତାଭାବେ ଡକ୍ଟର ଦୀପକ କୁମାର ମାହାନ୍ତ, ସମ୍ମାନିତ ଅତିଥିଭାବେ ଜି .ଭି. ପି .ଆର ଖଣିର ପ୍ରଶାସନ ବିଭାଗର ମୁଖ୍ୟ ଦିଲ୍ଲୀପ କୁମାର ସାହୁ, ଫାନାନ୍ସ ବିଭାଗର ମୁଖ୍ୟ ସତ୍ୟବ୍ରତ ରାଉତ, ନୀଳଚକ୍ରର ମୁଖ୍ୟ ଜୟଶଙ୍କର ପୂଜାରୀ ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜଳନ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ନୀଳଚକ୍ରର ସଭାପତି ଏ. ପି ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଭଗବାନ ନାୟକ ମଞ୍ଚ ପରିଚାଳନା କରିଥିଲେ। ଟେନସା କଳା ପରିଷଦ ଛାତ୍ରୀଛାତ୍ର ମାନେ ଓଡିଶୀ ନାଚ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଶୋବନ୍ତ ବେହେରା,କୃପାସିନ୍ଧୁ ସାହୁ, ସମୀର କୁମାର ପାଢୀ ସରୋଜ ସାହୁ, ଘନଶ୍ୟାମ ପଳେଇ ପ୍ରମୁଖ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ଓଡ଼ିଆ ଭାଷା ବିକାଶରେ ସାମୂହିକ ପ୍ରୟାସ ଆବଶ୍ୟକ

ସମ୍ବଲପୁର,୧।୪(ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ଡ଼ିଏଭି ସ୍କୁଲରେ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍କୁଲ୍ ପରିସରରେ ଓଡ଼ିଆ ବିଭାଗ ଓ ଉତ୍ସବ କମିଟିଦ୍ୱାରା ଆୟୋଜିତ ଉତ୍ସବରେ ସ୍କୁଲ ଅଧକ୍ଷ ରାଜେନ୍ଦ୍ର କୁମାର ବେଦବାକ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସଙ୍ଗୀତ ଶିକ୍ଷକ ବିଶ୍ୱାସ କୁମାର ରାଉତଙ୍କ ନେତୃତ୍ୱରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ମୁଖ୍ୟଅତିଥି ବେଦବାକ ଓଡ଼ିଆ ଭାଷାର ଉନ୍ନତି ନିମନ୍ତେ ସାମୂହିକ ପ୍ରୟାସ ଆବଶ୍ୟକ ବୋଲି କହିଥିଲେ। ଶିକ୍ଷକ ବବୁଲୁ ବିଶି ଓଡ଼ିଆ ଭାଷାର କ୍ରମବିକାଶ ସହିତ ଏହି ଭାଷାର ମହନୀୟତାକୁ ନେଇ ଆଲୋଚନା କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ସାହୁ ଓ ବୀରେନ୍ଦ୍ର ବିଶ୍ୱାଳ ଓଡ଼ିଆ ଭାଷାରେ କବିତା ପାଠ କରିଥିଲେ। ଉତ୍ସବକୁ ଶିକ୍ଷକ ମୀନକେତନ ଭୋଇ ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କ ସଂଯୋଜନାରେ ଓଡ଼ିଆ ଭାଷାକୁ ନେଇ ଶିକ୍ଷକ ଓ ବିଦ୍ୟାର୍ଥୀଙ୍କ ମଧ୍ୟରେ ଏକ ଜଣାଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବିଲରୁ ଅଟୋ ଚାଳକଙ୍କ ମୃତଦେହ ଜବତ

ସମ୍ବଲପୁର,୧।୪(ପ୍ରମୋଦ ବହିଦାର)

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ହୁଡୁମା ଗ୍ରାମର ଥିବା ଏକ ବିଲରୁ ପୋଲିସ ଜଣେ ଅଟୋ ଚାଳକଙ୍କ ମୃତଦେହ ଜବତ କରିଛି। ମୃତକ ହୁଡୁମା ଗ୍ରାମର ବୀରେନ୍ଦ୍ର ବାଗ(୩୭)। ଉକ୍ତ କାଦୁଅ ଭର୍ତ୍ତି ବିଲରେ ତାଙ୍କ ମୃତଦେହ ପଡ଼ିଥିବା ବୁଧବାର ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଖବର ପାଇ ପରିବାର ଲୋକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବୀରେନ୍ଦ୍ରଙ୍କର ବୋଲି ଚିହ୍ନଟ କରିଥିଲେ। ପରିବାର ଲୋକଙ୍କ ଏତଲାକ୍ରମେ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୫/୨୬)ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ବୀରେନ୍ଦ୍ର ଜଣେ ଅଟୋ ଚାଳକ। ମଙ୍ଗଳବାର ସନ୍ଧ୍ୟାରୁ ସେ ଘରୁ ବାହାରି ଆଉ ଫେରି ନ ଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇ ପାରିବ ବୋଲି ପୋଲିସ କହିଛି।

### ଶିଶୁ ମନ୍ଦିରରେ ପ୍ରବେଶ ଉତ୍ସବ

ରେଙ୍ଗାଲି, ୧।୪(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରବେଶ ଉତ୍ସବ ଓ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟରେ ଏକ ହୋମଯଜ୍ଞ ହୋଇଥିଲା। ପରେ ବାଟିକା ପ୍ରମୁଖ ମାନସୀ ଗୁରୁମାଙ୍କ ଦ୍ୱାରା ବନ୍ଦନା କାର୍ଯ୍ୟ ସମ୍ପାଦନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୨୩ ଜଣ ଅଭିଭାବକ ଯୋଗ ଦେଇଥିଲେ। ବିଦ୍ୟାଳୟ ସଭାପତି ରାଜୀବ କୁମାର ମିଶ୍ର, ସମ୍ପାଦକ ସରୋଜ ବିଶୋଇ, ପ୍ରଧାନ ଆଚାର୍ଯ୍ୟ କରୁଣାକର ପାତ୍ର, ଶୋଭାଗିନୀ ସେଠ, ରଶ୍ମିରେଖା ସାହୁ, ମାନସୀ ବରିହା, ଡୋଲେଶ୍ୱରୀ ମହାନନ୍ଦ, ସନ୍ଧ୍ୟାରାଣୀ ଖର୍ସେଲ ଉପସ୍ଥିତ ଥିଲେ।

### ରେଙ୍ଗାଲି ଓଏଭିରେ ଓଡ଼ିଶା ଦିବସ

ରେଙ୍ଗାଲି,୧।୪(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅଧକ୍ଷ ରମଣୀକାନ୍ତ ସାହୁ ଅଧକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ରମଣୀକାନ୍ତ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥିଭାବେ ବୁର୍ଲା ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ୨ର ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ପଧାନ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବରପୁତ୍ରମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଅଧକ୍ଷ ସାହୁ ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ସଙ୍କଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞାପରିମିତା ପାତ୍ର ଏବଂ ଛାତ୍ରୀ ରାଜଲକ୍ଷ୍ମୀ ମହାପାତ୍ର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପଛରେ ଥିବା ସଂଗ୍ରାମର କାହାଣୀ ବର୍ଣ୍ଣନା କରିଥିଲେ। ପରିଶେଷରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ସମ୍ବଲପୁର ସହରର ନୂତନ ରୁଟ୍‌ରେ ଗଡ଼ିଲା ଆମ ବସ୍

ସମ୍ବଲପୁର,୧।୪(ପ୍ରମୋଦ ବହିଦାର)


ନୂତନ ଭାବେ ସେବା ଆରମ୍ଭ ହୋଇଥିବା ଆମ ବସ୍‌କୁ କୁଲୁଥକାନୀବାସୀ ସ୍ୱାଗତ କରୁଛନ୍ତି।

ସମ୍ବଲପୁର ସହରର ପରିବହନ ବ୍ୟବସ୍ଥାରେ ବୁଧବାର ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। ବୁଧବାରଠାରୁ ସହରର କେତେକ ନୂତନ ରୁଟ୍‌ରେ ଆରମ୍ଭ ହୋଇଛି ବହୁ ପ୍ରତିକ୍ଷିତ 'ଆମ ବସ' ସେବା। ନୂତନ ରୁଟ୍‌ଗୁଡ଼ିକ ମଧ୍ୟରେ ଅଇଁଠାପାଲି ଓ ହୁମା ମନ୍ଦିର, ଧନୁପାଲି ଛକ ଓ ବୁର୍ଲା ଭିମ୍‌ସାର, କ୍ଷେତରାଜପୁର ରେଳ ଷ୍ଟେଶନ ଓ ସାନସିଂହାରୀସ୍ଥିତ ଓଡ଼ିଶା ମୁକ୍ତ ବିଦ୍ୟାଳୟ ଏବଂ ଅଇଁଠାପାଲିର ବସ୍ ଟର୍ମିନସ ଓ ହୀରାକୁଦ ଡାଇକ୍ ଆଦି ୪ଟି ନୂତନ ରୁଟ୍‌ରେ ଏପ୍ରିଲ୍ ୧ ତାରିଖଠାରୁ ଆମ ବସ୍ ସେବା ଆରମ୍ଭ ହୋଇଛି। ଅଇଁଠାପାଲି ଓ ହୁମା ମଧ୍ୟରେ ଚଳାଚଳ କରିବାକୁ ଥିବା ରୁଟ୍ ନମ୍ବର ୧୦୭ରେ ସକାଳ ୬ଟାରୁ ସନ୍ଧ୍ୟା ସାଢ଼େ ୬ଟା ମଧ୍ୟରେ ପ୍ରତି ୨୦ ମିନିଟ୍ ବ୍ୟବଧାନରେ ଚଳାଚଳ କରିବ। ସେହିପରି ଧନୁପାଲି ଛକ ଓ ବୁର୍ଲା ଭିମସାର ମଧ୍ୟରେ ଆମ ବସ୍ ନୂତନ ଭାବେ ରୁଟ୍ ନମ୍ବର ୧୦୮ ରେ ସକାଳ ୬ଟା ୪୦ରୁ ଆରମ୍ଭ ହୋଇ ପ୍ରତି ୨୦ ମିନିଟ୍ ଅନ୍ତରରେ ରାତି ୮ଟା ୧୫ ମିନିଟ୍ ମଧ୍ୟରେ ଚଳାଚଳ କରିବ। କ୍ଷେତରାଜପୁର ରେଳ ଷ୍ଟେଶନ ଓ ସାନସିଂହାରୀସ୍ଥିତ ଓଡ଼ିଶା ମୁକ୍ତ ବିଦ୍ୟାଳୟ ମଧ୍ୟରେ ଚଳାଚଳ କରୁଥିବା ରୁଟ୍ ନମ୍ବର ୧୦୯ରେ ଏହି ସେବା ସକାଳ ୬ଟା ୧୫ରୁ ରାତି ୧୦ଟା ୩୫ ମିନିଟ୍ ମଧ୍ୟରେ ପ୍ରତି ଏକ ଘଣ୍ଟା ଓ ଗହଳି ସମୟରେ ଅଧ ଘଣ୍ଟ ଅନ୍ତରରେ ଚଳାଚଳ କରିବ। ଏହାବ୍ୟତୀତ ଅଇଁଠାପାଲିର ବସ ଟର୍ମିନସ ଓ ହୀରାକୁଦ ଡାଇକ୍ ମଧ୍ୟରେ ସକାଳ ୬ଟା ୩୦ରୁ ରୁଟ୍ ନମ୍ବର ୧୧୦ରେ ଆମ ବସ୍ ସେବା ଆରମ୍ଭ ହୋଇ ସନ୍ଧ୍ୟା ୫ଟା ୨୦ ପର୍ଯ୍ୟନ୍ତ ପ୍ରତି ୨୦ ମିନିଟ୍‌ରୁ ଅଧଘଣ୍ଟା ଅନ୍ତରରେ ଚଳାଚଳ କରିବ ବୋଲି ଏହାର ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା କ୍ୟାପିଟାଲ ରିଜିଓନ ଅର୍ବାନ ଟ୍ରାନ୍ସପୋର୍ଟ ପକ୍ଷରୁ ସୂଚନା ମିଳିଛି। ସମ୍ବଲପୁର ସହର କ୍ଷେତ୍ରାଜପୁର ରେଳ ଷ୍ଟେସନରୁ ସିଟି ଷ୍ଟେଶନ(ରୁଟ୍-୨୦୦), ଅଇଁଠାପାଲି ଟର୍ମିନାଲରୁ ଘଣ୍ଟେଶ୍ୱରୀ ମନ୍ଦିର(ରୁଟ୍-୨୦୧), ଅଟଳ ଛକ(ରୁଟ୍-୨୦୨), ହୀରାକୁଦ ଡ୍ୟାମ୍(ରୁଟ୍-୨୦୩), ମାନେଶ୍ୱର(ରୁଟ୍-୨୦୪), ନୂଆଜମଦା(ରୁଟ୍-୨୦୫)ରେ ଆଦି ୫ଟି ରୁଟ୍‌ରେ ପର୍ବରୁ ଆମ ବସ୍ ସେବା ଉପଲବ୍ଧ ଥିଲା। ତେବେ ଏହି ନୂତନ ରୁଟ୍‌ରେ ଆମ ବସ୍ ସେବା ଆରମ୍ଭ ହେବା ପରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ସହାୟକ ହେବ। ଏହାସହିତ ବିଭିନ୍ନ ପର୍ଯ୍ୟଟନ୍ ଓ ଶକ୍ତିପୀଠ ଭ୍ରମଣରେ ପର୍ଯ୍ୟଟକ ଓ ଭକ୍ତ ମଧ୍ୟ ଉପକୃତ ହୋଇ ପାରିବେ। ଅପରପକ୍ଷରେ ବୁଧବାର ଠାରୁ କୁଲୁଥକାନି ଅଞ୍ଚଳ ଦେଇ ଆନୁଷ୍ଠାନିକ ଭାବେ ଆମ ବସ୍ ସେବାର ଶୁଭାରମ୍ଭ ହୋଇଛି। କୁଲୁଥକାନି ନାଗରିକ କମିଟି, ମନ୍ଦିର କମିଟି ଏବଂ ସ୍ଥାନୀୟ ମହିଳା ସମିତିର ସଦସ୍ୟମାନଙ୍କ ପକ୍ଷରୁ ବସଟିକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଆଇନଜୀବୀ ଅରବିନ୍ଦ ନାୟକ, ମଞ୍ଜୁ ମିଶ୍ର, ରାଜେଶ ସାହୁ, ପ୍ରଦୀପ୍ତ ପ୍ରଧାନ, ପ୍ରତାପ ମିଶ୍ର ଓ ଅବନୀ ସାମଲ ପ୍ରମୁଖ ଉପସ୍ଥିତ ରହି ନିଜର ମତ ପ୍ରକାଶ କରିବା ସହ ଏହି ପଦକ୍ଷେପ ପାଇଁ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ଆମ ବସ ସେବା ପ୍ରଦାନ କାରି ସଂସ୍ଥା ସିଆର୍‌ୟୁଟିକୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।

# ଓପିଏଚ୍‌ଡବ୍ଲ୍ୟୁସି ଡିଏମ୍ ଗିରଫ


ଠାବ ହୋଇଥିବା ସୁନା ଅଳଙ୍କାର।

ସମ୍ବଲପୁର,୧।୪(ପ୍ରମୋଦ ବହିଦାର)

- ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ
- ୧ କେଜିରୁ ଅଧିକ ସୁନା ଗହଣା ଠାବ

ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେଶନ (ଓପିଏଚ୍‌ଡବ୍ଲ୍ୟୁସି) ସମ୍ବଲପୁର ଡିଭିଜନ ଡେପୁଟି ମ୍ୟାନେଜର(ଡିଏମ୍) ବିଦ୍ୟୁତ୍ ରଞ୍ଜନ ଭୋଳଙ୍କୁ ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଛି। ସମ୍ବଲପୁର ରେଳଷ୍ଟେଶନ ନିକଟରେ ମଙ୍ଗଳବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ତାଙ୍କ ନିକଟରୁ ୫ ଲକ୍ଷ ୧୮୯୦୦ ଟଙ୍କାର ହିସାବ ବିହୀନ ନଗଦ ରାଶି ଜବତ କରାଯାଇଥିଲା। ପରବର୍ତ୍ତୀ ସମୟରେ ସମ୍ବଲପୁର, ଭୁବନେଶ୍ୱର, ଗଞ୍ଜାମ ଏବଂ ଭଞ୍ଜନଗରରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ନିଜ ଘର ଓ ସମ୍ପର୍କୀୟଙ୍କ ଘରେ ଏକକାଳୀନ ଚଢ଼ାଉ କରାଯାଇ ଆୟବର୍ହିଭୁତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଠାବ କରାଯାଇଛି।

ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ବିଭାଗ ପକ୍ଷରୁ ହୋଇଥିବା ଯାଞ୍ଚ ସମୟରେ ଭୋଳଙ୍କ ନାମରେ ଭୁବନେଶ୍ୱରରେ ଏକ ଫ୍ଲାଟ ଏବଂ ଜଟଣୀ, ବ୍ରହ୍ମପୁର ସମେତ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ୨୯ଟି ମୂଲ୍ୟବାନ୍ ପ୍ଲଟ୍ ଓ ଦୁଇଟି ବହୁତଳ କୋଠା ସହିତ ତାଙ୍କ ଘରୁ ୬ଟି ସୁନା ମୁଦ୍ରା ଓ ୨ଟି ବିସ୍କୁଟ ସହ ମୋଟ ୧ କିଲୋ ୧୪୦ ଗ୍ରାମର ବିଭିନ୍ନ ସୁନା ଅଳଙ୍କାର, ୩୦ ଲକ୍ଷ ଟଙ୍କାର ବ୍ୟାଙ୍କ ଜମାକୁ ଠାବ କରାଯାଇଛି। ଏହାବ୍ୟତୀତ ତାଙ୍କ ନିଜ ଘର ଓ ଭଉଣୀଙ୍କ ଘରୁ ମୋଟ ୪୮ ଲକ୍ଷ ୭୯ ହଜାର ୧୦୦ ଟଙ୍କାର ନଗଦ ଅର୍ଥରାଶିକୁ ଜବତ କରିଛି ଭିଜିଲାନ୍ସ। ଗତ ୧୯୯୮ରେ ମାତ୍ର ୭ ହଜାର ଟଙ୍କା ବେତନରେ ସହକାରୀ ପ୍ରକଳ୍ପ ପରିଚାଳକ ଭାବେ ଚାକିରି ଆରମ୍ଭ କରିଥିବା ଭୋଳଙ୍କ ଏହି ବିପୁଳ ସମ୍ପତ୍ତି ଆୟ ବର୍ହିଭୂତ ବୋଲି ସନ୍ଦେହ କରାଯାଉଛି। ଏନେଇ ସମ୍ବଲପୁର ଭିଜିଲାନ୍ସରେ ଦୁର୍ନୀତି ନିବାରଣ ଆଇନରେ ଏକ ମାମଲା ରୁଜୁ କରି ତାଙ୍କୁ ସମ୍ବଲପୁରର ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ କୋର୍ଟକୁ ଚାଲାଣ କରାଯାଇଛି।

# ୫୪ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସାମିଲ



ଶିବିରରେ ସାମିଲ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ।

ସମ୍ବଲପୁର,୧।୪(ବି.ଶଙ୍କର)

### ମହେନ୍ଦ୍ରଗିରି ପର୍ବତାରୋହଣ ଶିବିର

ଗଜପତି ଜିଲା ମହେନ୍ଦ୍ରଗିରି ଦୁଃସାହସିକ ପର୍ବତାରୋହଣ ଚାରି ଦିନିଆ ଶିବିର ମଙ୍ଗଳବାର ଉଦଯାପିତ ହୋଇଛି। ଏହି ଶିବିରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସୟୁ)ସହିତ ଅନୁବନ୍ଧିତ ଜିଲାର ୮ଟି ମହାବିଦ୍ୟାଳୟର ୫୪ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରି ସଫଳ ହୋଇଛନ୍ତି । ଜିଲା ସଂଯୋଜକ ଅଧିକାରୀ ଶାନ୍ତନୁ ପଧାନ ଓ ସଂଯୋଜକ ଅଧିକାରୀ ବିନୋଦ ବିହାରୀ ପୃଷେଠ ଦଳର ନେତୃତ୍ୱ ନେଇଥିଲେ। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଅଧିନରେ ପରିଚାଳିତ ଏହି ଶିବିରରେ ସମ୍ବଲପୁର ଜିଲାର ମହୁଲପାଲି ପାର୍ବତିଗିରି ଡ଼ିଗ୍ରୀ ମହାବିଦ୍ୟାଳୟ, ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ, କେଶାଇବାହାଲ ବିଜିଡି ମହାବିଦ୍ୟାଳୟ, ହୀରାକୁଦ ଡିଗ୍ରୀ ମହାବିଦ୍ୟାଳୟ, ନାକଟୀଦେଉଳ ଡିଗ୍ରୀ ମହାବିଦ୍ୟାଳୟ, ଲଇଡା ଦୂତିକା ସାହୁ ମହାବିଦ୍ୟାଳୟ, କୁନ୍ତରା ଜିପିଆର ମହାବିଦ୍ୟାଳୟ ଓ ସମ୍ବଲପୁର ସରକାରୀ ମହିଳା ମହାବଦ୍ୟାଳୟର ୫୪ ଜଣ ଏବଂ ୨ ଅଧିକାରୀ ସାମିଲ ହୋଇ ଗଜପତି ଜିଲାସ୍ଥିତ ମହେନ୍ଦ୍ରଗିରି ପର୍ବତର ସର୍ବାଧିକ ଉଚ୍ଚ ଶିଖରକୁ ଦୁଃସାହସିକ ପର୍ବତାରୋହଣ କରିଥିଲେ । ପର୍ବତର ଶିଖରରେ ବିଭିନ୍ନ ଦୁଃସାହସିକ କୌଶଳ ଯଥା ରେପଲିଂ, ଜିପଲାଇନ, ରକ୍ କ୍ଲାଇମ୍ବିଙ୍ଗ, ଭେଲିକ୍ରସିଂ ଓ ଅନ୍ୟାନ୍ୟ କୌଶଳ ଶିକ୍ଷା କରି ସଫଳତାର ସହିତ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଜାତୀୟ ସେବା ଯୋଜନାର ଏହି ଶିବିରରୁ ପ୍ରତ୍ୟାବର୍ତ୍ତନ କରିଥିବା ସ୍ୱେଚ୍ଛାସେବୀ, ଅଧିକାରୀମାନଙ୍କୁ ଜିଲାର ବୁଦ୍ଧିଜୀବୀ, ଛାତ୍ରୀଛାତ୍ର, ବିଭିନ୍ନ ମହାବିଦ୍ୟାଳୟର ଅଧାପିକା, ଅଧାପକ ସ୍ୱାଗତ କରିଛନ୍ତି । ଏଥିସହ ସମସ୍ତଙ୍କୁ ବୁଧବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିନନ୍ଦନ ଜଣାଇଛନ୍ତି।

### ବ୍ରଜରାଜନଗରରେ ଏମ୍‌ପି ନିଶିକାନ୍ତ ଦୁବେଙ୍କ କୁଶପୁତ୍ତଳିକା ଦାହ

ବ୍ରଜରାଜନଗର,୧।୪(ବିଜୟ ବରାଡ଼)

ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ବିଜୁବାବୁଙ୍କ ପ୍ରତି ଦେଇଥିବା ବିବାଦୀୟ ମନ୍ତବ୍ୟ ବିରୋଧରେ ବ୍ରଜରାଜନଗର ବିଜେଡି ପକ୍ଷରୁ ସ୍ଥ ବିଜୁ ପଟ୍ଟନାୟକ ଛକରେ ବିକ୍ଷୋଭ ପ୍ରଦର୍ଶନ ସହ ନିଶିକାନ୍ତଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା, ପୁରୁଷ ଏକତ୍ରିତ ହୋଇ ନିଶିକାନ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି, ବିଜେଡି ଜିଲା ସାଧାରଣ ସମ୍ପାଦକ ଶମ୍ଭୁ ମହାନ୍ତି, ଜିଲା ଉପସଭାପତି କୁଳମଣି ଦାସ, ବରିଷ୍ଠ ସଦସ୍ୟ ବାବୁଲାଲ ରୁଙ୍ଗଟା, ଗୋବିନ୍ଦ ସାହୁ, ନୃପ ତଣ୍ଡିଆ, ନାରୀନେତ୍ରୀ ନଳିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନିଜର ମନ୍ତବ୍ୟ ଦେଇଥିଲେ।

### ସଭାରେ ପଶିଗଲେ କୋଶଳ ସମର୍ଥକ, ୮ ଅଟକ

ବଲାଙ୍ଗୀର,୧।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସଂସ୍କୃତି ଭବନରେ ବୁଧବାର ସନ୍ଧ୍ୟାରେ ଚାଲିଥିଲା ଓଡ଼ିଶା ଦିବସ ସମାରୋହ । ଏହି ସମୟରେ ଚାଲିଥିବା ସଭାକୁ ହଠାତ୍ କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚାର ସମର୍ଥକମାନେ ପଶି ଆସିଥିଲେ । ସେମାନେ ଜୋରଦାର ନାରାବାଜି କରିବା ସହ ଓଡ଼ିଶା ଦିବସ ପାଳନ ବନ୍ଦ କରିବାକୁ କହିଥିଲେ। ଏହା ପରେ ପୋଲିସ ସେମାନଙ୍କୁ କାବୁ କରି ନେଇଥିଲା। ଦୀର୍ଘ ଦିନରୁ କୋଶଳ ରାଜ୍ୟ ଗଠନ ପାଇଁ ଜୋରଦାର ଆନ୍ଦୋଳନ ଚାଲିଛି। ଆଜି ସମାରୋହ ଚାଲିଥିବା ବେଳେ ଏହାକୁ ବିରୋଧ କରିବାରୁ ଟାଉନ ପୋଲିସ ୮ ଜଣ କୋଶଳ ସମର୍ଥକଙ୍କୁ ଅଟକ ରଖିଥିବା ଜଣାପଡିଛି।

# ଜନଗଣନା ପ୍ରକ୍ରିୟା ଆରମ୍ଭ

ରିଆମାଳ,୧।୪(ବଦ୍ରି ନାରାୟଣ ଅଗ୍ରୱାଲ)

ଚଳିତବର୍ଷ ଏପ୍ରିଲ ୧ରୁ ଜନଗଣନା-୨୦୨୭ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ସମ୍ପୂର୍ଣ୍ଣ ଭାବେ ଡିଜିଟାଲ ମାଧ୍ୟମରେ କରାଯିବ। ଏହାକୁ ଆହୁରି ସହଜ ଓ ସରଳ କରିବା ପାଇଁ ଏବର୍ଷ ସରକାରଙ୍କ ଦ୍ୱାରା ସ୍ୱଗଣନା ଆରମ୍ଭ କରାଯାଇଛି, ଯଦ୍ୱାରା ନାଗରିକମାନେ ସ୍ମାର୍ଟ ଫୋନ୍ କିମ୍ବା ଲାପ୍‌ଟପ୍ ଜରିଆରେ ନିଜେ ନିଜର ଗଣନା ସରକାରଙ୍କ ୱେବ୍‌ସାଇଟ୍ https://se.census.gov.in ମାଧ୍ୟମରେ ଏପ୍ରିଲ ୧ରୁ ୧୫ ତାରିଖ ଭିତରେ କରିପାରିବେ। ଏହି କ୍ରମରେ ବୁଧବାର ରିଆମାଳ ତହସିଲ କାର୍ଯ୍ୟାଳୟ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଦେବଗଡ଼ ଜିଲା ପରିଷଦ ଅଧକ୍ଷ କୌଶିକ୍ କୁମାର ପ୍ରଧାନ, ରିଆମାଳ ବ୍ଲକ୍ ଅଧକ୍ଷ ମଧୁସୂଦନ ପ୍ରଧାନ ଯୋଗଦେଇଥିଲେ।

# କନ୍‌ଷ୍ଟେବଲ ପ୍ରଭାତ ଗଡ଼ନାୟକଙ୍କୁ ମିଳିଲା ଡିଜିପି ଡିସ୍କ


କାର୍ଯ୍ୟକ୍ରମରେ କନ୍‌ଷ୍ଟେବଲ ପ୍ରଭାତ ଗଡ଼ନାୟକଙ୍କୁ ସମ୍ମାନିତ କରାଯାଉଛି।

ଦେବଗଡ଼,୧।୪(ଶଶାଙ୍କ ଶେଖର ଝାଙ୍କର)

ପୋଲିସ ବିଭାଗର ସ୍ୱତନ୍ତ୍ର ଶାଖାରେ ଦେବଗଡ଼ ଜିଲା ପାଇଁ କାର୍ଯ୍ୟରତ କନ୍‌ଷ୍ଟେବଲ ପ୍ରଭାତ ଗଡ଼ନାୟକଙ୍କୁ ଡିଜିପି ଡିସ୍କ ସମ୍ମାନରେ ସମ୍ମାନିତ କରାଯାଇଛି। ଦେବଗଡ଼ ମଠସାହି ବାସିନ୍ଦା ଗଡ଼ନାୟକ ଚାକିରି କାଳ ଭିତରେ କର୍ତ୍ତବ୍ୟନିଷ୍ଠା ଏବଂ ଉତ୍କୃଷ୍ଟ ସେବା ପ୍ରଦାନ ପାଇଁ ତାଙ୍କୁ ଡିଜିପି ଡିସ୍କ ପ୍ରଦାନ କରାଯାଇଛି। ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରଠାରେ ବୁଧବାର ଆୟୋଜିତ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ ଉତ୍ସବରେ ପ୍ରଭାତ ଗଡ଼ନାୟକ ଉକ୍ତ ସମ୍ମାନ ଗ୍ରହଣ କରିଛନ୍ତି। ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ତାଙ୍କୁ ପ୍ରଶଂସାପତ୍ର ଏବଂ ଡିଜିପି ଡିସ୍କ ପ୍ରଦାନ କରିଛନ୍ତି।

# ଶିବିରରେ ୧୧୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ସମ୍ବଲପୁର,୧।୪(ବି.ଶଙ୍କର)

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଅବସରରେ ନାରୀ ସେବା ସଂଘ ପକ୍ଷରୁ ସମ୍ବଲପୁର ଦଲଦଲିପଡାର ଆଦର୍ଶ ଅଙ୍ଗନୱାଡି କେନ୍ଦ୍ରରେ ନିଃଶୁଳ୍କ ଚିକିତ୍ସା ତଥା ସ୍ୱାସ୍ଥ୍ୟ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ବୁର୍ଲା ଭିମସାର ଏବଂ ସମ୍ବଲପୁର ଜିଲା୍ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଯୋଗଦେଇଥିଲେ। ସେମାନେ ସହରତଳି ଅଞ୍ଚଳ ଦଲଦଲିପଡାର ୧୧୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କ ରୋଗ ନିରୂପଣ କରିଥିଲେ। ନାରୀ ସେବା ସଂଘ ପକ୍ଷରୁ ରୋଗୀମାନଙ୍କୁ ମାଗଣା ଔଷଧ, ଫଳ, ଗ୍ଲୁକୋଜ ପ୍ରଦାନ କରାଯାଇଥିଲା। ବୁର୍ଲାର ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ ପ୍ରତିଷ୍ଠାନ ଏବଂ ଗବେଷଣା କେନ୍ଦ୍ର କର୍ଣ୍ଣ, ନାଶା ଓ ଗଳା ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ସୁଜାତା ପଣ୍ଡା, ଡାକ୍ତର ସୁଶିଲ କୁମାର ଦାଶ, ଡାକ୍ତର ସୌମ୍ୟରଞ୍ଜନ ପ୍ରଧାନ ସାମିଲ ଥିଲେ। ନାରୀ ସେବା ସଂଘ ସଭାନେତ୍ରୀ ସୁଶ୍ରୀ ସଂଯୁକ୍ତା ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ଶିବିର ହୋଇଥିଲା । ସଂଘର ଗଣମାଧ୍ୟମ ସଂଯୋଜିକା ସୁମିତା ଚଇନୀ , ଜୟନ୍ତୀ ପଣ୍ଡା, ଗାୟତ୍ରୀ ବହିଦାର, ପିଙ୍କି ପ୍ରଧାନ, ସରିତା ଚଇନୀ, ସରିତା ମେହେର, ବନ୍ଦିନୀ ପଣ୍ଡା, ଜାହ୍ନବୀ ପଶାୟତ, ସୁବାସିନୀ ମିଶ୍ର, ବନ୍ଦିତା ପୂଝାରୀ, ଉର୍ମିଳା ପଣ୍ଡା ଶିବିର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ଶୀତଳ ଜଳ ଯୋଗାଣ କେନ୍ଦ୍ର ଉଦ୍‌ଘାଟିତ

ବ୍ରଜରାଜନଗର,୧।୪(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ସମ୍ମୁଖରେ ବୁଧବାର ସ୍ଥାନୀୟ ପୋଲିସ ପକ୍ଷରୁ ଶୀତଳ ଜଳ ଯୋଗାଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସହରରେ ଯାତାୟାତ କରୁଥିବା ଜନସାଧାରଣ ଏଠାରୁ ଥଣ୍ଡା ପାନୀୟଜଳ ପାଇପାରିବେ ବୋଲି ଥାନା ଅଧିକାରୀ ଧବଳେଶ୍ୱର ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ପୌରାଧକ୍ଷ ଗୋପାଳ ସିତାନୀ, ସ୍ଥାନୀୟ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, କାଉନ୍‌ସିଲର ଲତା ରାବଳାନି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହରର ବିଭିନ୍ନ ରାଜନୈତିକ ଦଳର ଦେବେଶ ପଣ୍ଡା, ଜୟନ୍ତ ଦୀକ୍ଷିତ, ଗୁଡୁ ଦାସ, ତପନ ପ୍ରଧାନ ଓ ତପନ ସ୍ୱାଇଁ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ନଦୀପ ରୁଙ୍ଗଟା ସହାୟତା ପ୍ରଦାନ କରିଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଡାକ୍ତର ପଦବୀ ଖାଲି, ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ

ଲଖନପୁର,୧।୪(ଗୌତମ ସାହୁ)



### କନକତୋରା ପିଏଚ୍‌ସି

ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ହେଲେ କେତେକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଉନାହାନ୍ତି। ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ସୀମାନ୍ତ କନକତୋରାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି)ରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ କେହି ଡାକ୍ତର ନାହାନ୍ତି। ଏଥିଯୋଗୁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଛି।

ସୂଚନା ଅନୁଯାୟୀ, ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପିଥିଣ୍ଡା, କନକତୋରା, ବାଦୀମାଲ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ସେହିପରି ପଡ଼ୋଶୀ ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳର ଅନେକ ଗ୍ରାମର ଜନସାଧାରଣ ଏହି ସ୍ୱାସ୍ଥ୍ୟକେନ୍ଦ୍ରରୁ ସେବା ପାଉଥିବା ଅଞ୍ଚଳର ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ହେଲେ ଏଠାରେ ଥିବା ଡାକ୍ତର ଗତମାସ ୧୬ ତାରିଖରୁ ଉଚ୍ଚ ଶିକ୍ଷା ପାଇଁ ଯାଇଥିବାରୁ ଉକ୍ତ ପଦବୀ ଖାଲିପଡିଛି। ଏବେ ଋତୁ ପରିବର୍ତ୍ତନ ଯୋଗୁ ଅନେକ ଜନସାଧାରଣ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହେଉଛନ୍ତି। ଫଳରେ ସେମାନେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗଲେ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ପାଉନାହାନ୍ତି। ସେଠାରେ ଥିବା ଜଣେ ଫାର୍ମାସିଷ୍ଟ ରୋଗୀଙ୍କୁ ସାମାନ୍ୟ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରୋଗୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଖୁବ୍‌ଶୀଘ୍ର ସ୍ଥାୟୀ ଡାକ୍ତର ନିଯୁକ୍ତି ସହ ସ୍ୱାସ୍ଥ୍ୟସେବା ସ୍ୱାଭାବିକ କରିବା ପାଇଁ ପିଥିଣ୍ଡା ସରପଞ୍ଚ ମହେନ୍ଦ୍ର ନାଏକ, ସଚେତନ ନାଗରିକ କାଳୀଚରଣ ମେହେର, ମୋତିଲାଲ ଦାସ, ପ୍ରେମାନନ୍ଦ ସିଂଦେଓ, ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ସା, ଛବିଲ ମେହେର, କହ୍ନେଇ ସାହୁ, ମାଧବ ବାରିକ ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଏମ୍.ଏମ୍. ପଣ୍ଡା କହିଛନ୍ତି, କେବଳ କନକତୋରା ନୁହେଁ ଅନେକ ସ୍ଥାନରେ ଡାକ୍ତରମାନେ ଉଚ୍ଚ ଶିକ୍ଷା ପାଇଁ ଯାଇଥିବାରୁ ପଦବୀ ଖାଲିପଡ଼ିଛି। ସରକାର ନୂଆ ନିଯୁକ୍ତି ଦେଲେ ଡାକ୍ତର ପଦବୀ ପୂରଣ ହେବ।

# ଓଡ଼ିଶାର ବିକାଶ ପାଇଁ ଅଙ୍ଗୀକାର ହେବାକୁ ଆହ୍ୱାନ

## ସିପିଆଇଏମ୍, ଓକିଲ ସଂଘ ପକ୍ଷରୁ ଓଡ଼ିଶା ଦିବସ

ରାଉରକେଲା,୧।୪(ସଙ୍ଗୀତା ଜେନା)

ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଓଡ଼ିଶା ଦିବସ ବୁଧବାର ସମ୍ପାଦକ ରାଜ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଛି। ଷ୍ଟେଶନ ରୋଡସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଏହି ଅବସରରେ ମାଲ୍ୟାର୍ପଣ ଓ ସଭା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଜିଲା କମିଟି ସଦସ୍ୟ ବସନ୍ତ ନାୟକ, ଆଞ୍ଚଳିକ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଜୟ ଶର୍ମା, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ଲକ୍ଷ୍ମୀଧର ନାୟକ, ଆଞ୍ଚଳିକ କମିଟି ସଦସ୍ୟ ସୁରେନ୍ଦ୍ର ମହାନ୍ତି, ଏନ୍.ଏନ୍ ପାଣିଗ୍ରାହୀ, ପ୍ରଭାତ ମହାନ୍ତି, ପ୍ରଦୀପ ସେଠୀ, ସୁଧାଂଶୁ ଜେନା, ସସ୍ମିତ ସ୍ୱାଇଁ, ଅନାଦି ସାହୁ, ଏନ୍.କେ ରାଉତରାୟ, ବାସୁଦେବ ସାହୁ, ପ୍ରମୋଦ ପରିଡ଼ା, ଜନ୍ମେଜୟ ଘୋଷ, ଆଦିତ୍ୟ ନାୟକ, ରାଜୀବ ବସନ୍ତ ରାୟ ପ୍ରମୁଖ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଓଡ଼ିଶାର ବିକାଶ ପାଇଁ ଅଙ୍ଗୀକାର ହେବାକୁ ଆହ୍ୱାନ କରିଥିଲେ। ସେହିପରି ରାଉରକେଲା ଓକିଲ ସଂଘ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ନୂଆ ଓ ପୁରୁଣା କୋର୍ଟ ପରିସରରେ ଥିବା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଓ ଷ୍ଟେଶନରୋଡ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ନବ ନିର୍ବାଚିତ ସଭାପତି ସଦାନନ୍ଦ ସାହୁ, ଉପସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଦେବାନନ୍ଦ ତନ୍ତୀ, ଯୁଗ୍ମ ସମ୍ପାଦକ ଶାନ୍ତନୁ କୁମାର ଦାସ, ସହ ସମ୍ପାଦକ (ପାଠାଗାର) ଶ୍ରୀନିବାସ ପଣ୍ଡା, କାର୍ଯ୍ୟକାରୀ କମିଟି ସଦସ୍ୟ ମହେଶ୍ୱର ପୁରଣ, ସଦସ୍ୟ ପବିତ୍ର ଜେନା, ଶଙ୍କର ନାରାୟଣ ପ୍ରଧାନ, ଚନ୍ଦ୍ରଭାନୁ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ମଧୁବାବୁଙ୍କ ସମେତ ସମସ୍ତ ବରପୁତ୍ରମାନଙ୍କ ସ୍ମୃତିଚାରଣ କରିବା ସହିତ ନୂତନ ଓଡ଼ିଶା ଗଠନ ପାଇଁ ଆଇନଜୀବୀମାନେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ।



ସିପିଆଇଏମ୍ ପକ୍ଷରୁ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

## ରାଉରକେଲା ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ


ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ରାଉରକେଲା, ୧।୪(ବିପ୍ଲବ ରଞ୍ଜନ ଦାଶ)

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାର ଆଜକୁ ୯୦ ବର୍ଷ ପୂରଣ ହେବା ସହିତ ପ୍ରଦେଶର ନାମ ପରିବର୍ତ୍ତନ ହୋଇ ଓଡ଼ିଶା ହୋଇଛି। ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୋଇଥିଲା। ଓଡ଼ିଶା ୯୧ତମ ଜୟନ୍ତୀ ପାଳନ ସହିତ ଓଡ଼ିଶା ଦିବସ ପାଳନ କରୁଛି। ବୁଧବାର ରାଉରକେଲା ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀର, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକଙ୍କ ସମେତ ରାଉରକେଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଉତ୍କଳର ବରପୁତ୍ର ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, କୃଷ୍ଣଚନ୍ଦ୍ର ଗଜପତିଙ୍କ ସମେତ ଅନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ସମବେତ ଜନତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଲିଖିତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଓଡ଼ିଶା ଦିବସ ପାଳନ ସମାରୋହରେ ସହରର ବିଭିନ୍ନ ସାଂସ୍କୃତିକ, ସାମାଜିକ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସର ବିଷୟବସ୍ତୁକୁ ଆଧାରକରି ପ୍ରଜ୍ଞାପନ ମେଢ଼ର ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଆକର୍ଷଣୀୟ ଶୋଭାଯାତ୍ରା ଉଦିତ୍‌ନଗର ଆମ୍ବେଦ୍‌କର ଛକରୁ ବାହାରି ଡେଲି ମାର୍କେଟ, ପ୍ଲାଣ୍ଟସାଇଟ୍, ରାଉରକେଲା ରେଳଷ୍ଟେଶନ ସମ୍ମୁଖ ମଧୁସୂଦନ ମାର୍ଗ ହୋଇ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା।

# କୋଏଲ ନଦୀରୁ ମୃତଦେହ ଜବତ

ରାଉରକେଲା,୧।୪(ସଙ୍ଗୀତା ଜେନା)

ସେକ୍ଟର-୧୫ ଥାନା ଅନ୍ତର୍ଗତ କୋଏଲନଦୀ ଡୁମକେଲା ଘାଟରୁ ବୁଧବାର ପୂର୍ବାହ୍ନ ୧୧ଟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ବେଳେ ପୋଲିସ ଜବତ କରିଛି। ତାଙ୍କ ବୟସ ୫୦ ହୋଇଥିବା ଅନୁମାନ କରାଯାଉଛି। ତାଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହକୁ ଆଇଜିଏଚ୍ ମର୍ଗ ହାଉସରେ ରଖିଛି। ଏନେଇ ଏକ ଅପମୃତ୍ୟୁ ମାମଲା(ନଂ. ୪/୨୦୨୬) ରୁଜୁ କରି ତଦନ୍ତ କରୁଛି। ସ୍ଥାନୀୟ ଲୋକ ମୃତଦେହ ଭାସୁଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଓ ପୋଲିସ ଦ୍ୱାରା ମିଳିତ ଭାବେ ମୃତଦେହ ନଦୀରୁ ଉଦ୍ଧାର କରାଯାଇଥିଲା।

# ୨ ନୂତନ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଲେ ଆକାଂକ୍ଷା

ରାଉରକେଲା, ୧।୪(ବିପ୍ଳବ ରଞ୍ଜନ ଦାଶ)

ମାର୍ଚ୍ଚ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ମେଙ୍ଗାଲୁରରେ ଆୟୋଜିତ ହୋଇଥିବା ସିନିୟର୍ ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଆକାଂକ୍ଷା ପରିଡ଼ାଙ୍କ ସ୍ୱର୍ଣ୍ଣପଦକ ହାସଲ ସହ ଦୁଇଟି ନୂତନ ରେକର୍ଡ ହାସଲ ହୋଇଛି। ରାଉରକେଲା କୋଏଲ ନଗର ନିବାସୀ ସୁଭେନ୍ଦ୍ର ପରିଡ଼ାଙ୍କ ଝିଅ ଆକାଂକ୍ଷା ମେଙ୍ଗାଲୁର୍‌ରେ ଆୟୋଜିତ ହୋଇଥିବା ସିନିୟର୍ ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ କମାଲ ଦେଖାଇଛନ୍ତି। ପ୍ରଥମ ଥର ଓଡ଼ିଶାରୁ ପ୍ରତିନିଧିତ୍ୱ କରି ଓଡ଼ିଶା ପାଇଁ ସ୍ୱର୍ଣ୍ଣ ପଦକ ସହ ନୂତନ ରେକର୍ଡ ଆକାଂକ୍ଷାକୁ ଉତ୍ସାହିତ କରିଛି। ଆକାଂକ୍ଷାଙ୍କ କୋଚ୍ ବ୍ରହ୍ମପଦ ବେହେରାଙ୍କ ସଫଳ ପ୍ରଶିକ୍ଷଣ ଆଜି ଓଡ଼ିଶାକୁ ଗର୍ବିତ କରିବା ସହିତ ରାଉରକେଲାକୁ ମଧ୍ୟ ଗୌରବାନ୍ୱିତ କରିଛି। ମାର୍ଚ୍ଚ ୩୧ରେ ଆକାଂକ୍ଷା ରାଉରକେଲା ପହଞ୍ଚିଲା ପରେ ପରିବାର ଜନ ଓ କୋଚ୍‌ଙ୍କ ପକ୍ଷରୁ ତାଙ୍କୁ ରେଳ ଷ୍ଟେଶନରେ ଭବ୍ୟ ସ୍ୱାଗତ କରାଯାଇଥିଲା।


ଆକାଂକ୍ଷା ପରିଡ଼ା।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

# ଆର୍‌ଏସ୍‌ପିରେ ପ୍ରୋପେନ ବ୍ୟବହାର ହ୍ରାସ ପାଇଁ ମିଶ୍ରିତ ଗ୍ୟାସ୍ ଉପଯୋଗ

ରାଉରକେଲା,୧।୪(ବିପ୍ଳବ ରଞ୍ଜନ ଦାଶ)

ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ଯୋଗୁ ଅଧୁନାତମ ବିଶ୍ୱ ଉର୍ଜା ସଙ୍କଟକୁ ଦୃଷ୍ଟିରେ ରଖି ଆର୍‌ଏସପି ଅନ୍ତର୍ଗତ ଷ୍ଟିଲ୍ ମେଲ୍ଟିଂ ସପ୍-୨ ବିଭାଗ ନିଜସ୍ୱ ସମ୍ବଳ ଉପଯୋଗକୁ ଉନ୍ନତ କରି ନିରବଚ୍ଛିନ୍ନ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ସୂଚନା ଯୋଗ୍ୟ, ସେନ (ସବମର୍ଜଡ୍ ଏଣ୍ଟ୍ରି ନୋଜଲ୍) ଉତ୍ତପ୍ତ, କାଷ୍ଟର ମେଶିନଗୁଡ଼ିକର ନିରନ୍ତର ପରିଚାଳନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, କାଷ୍ଟିଙ୍ଗ ପୂର୍ବରୁ ଉକ୍ତ ସେନକୁ ବେସ କିଛି ସମୟ ଗରମ କରାଯାଏ। ଯାହା ପୂର୍ବରୁ ପ୍ରୋପେନ ମାଧ୍ୟମରେ କରାଯାଉଥିବାବେଳେ ତାହା ସମ୍ପ୍ରତି କାରଖାନାରେ ଉପଲବ୍ଧ ମିଶ୍ରିତ ଗ୍ୟାସରେ କରାଯାଉଛି। ଯୋଗାଣ ପ୍ରତିବନ୍ଧକକୁ ଦୂର କରିବା ଏବଂ ପ୍ରୋପେନ ବ୍ୟବହାର ହ୍ରାସ କରିବାରେ, ଅଗ୍ରଣୀ ଭୂମିକା ନିର୍ବାହ କରି ଏସଏମଏସ-୨ ସାମୂହିକ ସଫଳତାର ସହିତ କାଷ୍ଟର -୧, ୨ ଏବଂ ୩ ରେ ସେନ ଗରମ କରିବା ବ୍ୟବସ୍ଥାକୁ ପ୍ରୋପେନରୁ ମିଶ୍ରିତ ଗ୍ୟାସରେ ପରିବର୍ତ୍ତନ କରିଛନ୍ତି। ଏହି ରୂପାନ୍ତରଣ ନିମନ୍ତେ ଆବଶ୍ୟକୀୟ ସମସ୍ତ ବ୍ୟବସ୍ଥା ଏବଂ ଭିତ୍ତିଭୂମି ଘରୋଇ ବିଶେଷଜ୍ଞଙ୍କ ସହ ଉପଲବ୍ଧ ସମ୍ବଳ ବ୍ୟବହାରରେ କାର୍ଯ୍ୟକ୍ଷମ କରାଯାଇଛି, ଯାହା କାରଖାନାର ଦୃଢ଼ ବୈଷୟିକ ଦକ୍ଷତା ସହ କାର୍ଯ୍ୟ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି। ଏହି ପଦକ୍ଷେପ ଏସଏମଏସ୍-୨ ବିଭାଗର ସିଜିଏମ ଏମଜି ଶ୍ରୀକାନ୍ତଙ୍କ ମାର୍ଗଦର୍ଶନରେ ନିଆଯାଇଥିଲା, ଯାହା ମେକାନିକାଲ ମୁଖ୍ୟ ସତ୍ୟବାଦୀ ମହାପାତ୍ରଙ୍କ ନେତୃତ୍ୱରେ ପରିକଳ୍ପନା କରାଯାଇଥିଲା। ମେକାନିକାଲ ବିଭାଗର ଜିଏମ୍ ଡି ମିଶ୍ର ଏବଂ ଏସଏମଏସ-୨ ବିଭାଗର ଡ଼ିଜିଏମ୍ ଏଲ.କେ ଦାଶଙ୍କ ନେତୃତ୍ୱରେ ଗଠିତ ଦଳ ଦ୍ୱାରା ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରାଯାଇଥିଲା। ଏହି ଅଭିନବ ପଦକ୍ଷେପ ଉଲ୍ଲେଖନୀୟ ଭାବରେ ପ୍ରୋପେନ ଉପରେ ନିର୍ଭରଶୀଳତାକୁ ହ୍ରାସ କରିବ ବୋଲି ଆଶା କରାଯାଉଛି। ଏଥି ସହ ଏହା ସୁଗମ ଏବଂ ନିରନ୍ତର କାଷ୍ଟର କାର୍ଯ୍ୟକୁ ସୁନିଶ୍ଚିତ କରିବ। ଯାହା ଆର୍‌ଏସପି ର ଦକ୍ଷତା, ସ୍ଥାୟୀତ୍ୱ ଏବଂ ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବ।


ଆର୍‌ଏସ୍‌ପି ଅଧିକାରୀ, କର୍ମଚାରୀ।

# ସଙ୍କଟକାଳୀନ ରଣନୈତିକ ପରିଚାଳନା ଉପରେ ସ୍ମାରକୀ ପ୍ରକାଶ

ରାଉରକେଲା,୧।୪(ବିପ୍ଳବ ରଞ୍ଜନ ଦାଶ)

ଭାରତର ଜନସମ୍ପର୍କ ପରିଷଦ (ପିଆରସିଆଇ) ରାଉରକେଲା ଚାପ୍ଟରରେ 'ସଙ୍କଟକାଳୀନ ରଣନୈତିକ ପରିଚାଳନା' ଶୀର୍ଷକ ଏକ ସ୍ମାରକୀ ପ୍ରକାଶ କରିଛି। ଯାହା ସମ ବିଷୟବସ୍ତୁ ଉପରେ ନିକଟରେ ଆୟୋଜିତ ସେମିନାରରୁ ପ୍ରମୁଖ ଅନ୍ତର୍ଦୃଷ୍ଟି ଏବଂ ଦୃଷ୍ଟିକୋଣକୁ ନେଇ ପ୍ରକାଶିତ। ଏହି ସ୍ମାରକୀ ଜିଏମ, ପିଆର ଏବଂ ସିଓସି (ଆର୍‌ଏସପି) ତଥା ଅଧ୍ୟକ୍ଷା, ପିଆରସିଆଇ ରାଉରକେଲା ଚାପ୍ଟର, ଅର୍ଚ୍ଚନା ଶତପଥୀ, ଡ. ଅଞ୍ଜନା ମୋଇତ୍ରା ଏବଂ ଲୋଲାତି ଟପ୍ପୋ, ଉଭୟ ଉପାଧ୍ୟକ୍ଷା, ଜେ.ଜେ ଦାସ, ଜାତୀୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଏସ.ଏସ.ପଟ୍ଟନାୟକ, ସାଧାରଣ ସମ୍ପାଦକ ଏବଂ ପିଆରସିଆଇ ରାଉରକେଲା ଚାପ୍ଟରର ଅନ୍ୟାନ୍ୟ ସଦସ୍ୟଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉଲ୍ଲେଖନୀୟ,'ସଙ୍କଟକାଳୀନ ରଣନୈତିକ ପରିଚାଳନା' ଶୀର୍ଷକ ସେମିନାର ପିଆରସିଆଇ ରାଉରକେଲା ଚାପ୍ଟର ଏବଂ ମେନେଜମେଣ୍ଟ ଏସୋସିଏଶନ (ମାର) ଦ୍ୱାରା ମିଳିତ ଭାବରେ ଆୟୋଜିତ ହୋଇଥିଲା। ଯାହା ଆଧୁନିକ ସଙ୍ଗଠନିକ ଦୃଶ୍ୟପଟରେ ସଙ୍କଟ ପରିଚାଳନା ପାଇଁ ପ୍ରଭାବଶାଳୀ ରଣନୀତି ଉପରେ ବିଚାର ବିମର୍ଷ କରିବା ପାଇଁ ଶିଳ୍ପ, ଯୋଗାଯୋଗ ବୃତ୍ତିଗତ, ଶିକ୍ଷାବିତ ଏବଂ ପରିଚାଳନା ବୃତ୍ତିଧାରୀଙ୍କୁ ଏକତ୍ର କରିଥିଲା। ଉଲ୍ଲେଖନୀୟ, ସ୍ମାରକୀଟି ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ଦ୍ୱାରା ପ୍ରାୟୋଜିତ ହୋଇଛି। ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍‌ର ସମର୍ଥନ ଏ ଦିଗରେ ନିଜର ବୃତ୍ତିଗତ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପ୍ରତି ସଙ୍ଗଠନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ପ୍ରକାଶନ ସେମାନଙ୍କର ସଙ୍କଟ ପରିଚାଳନା କ୍ଷମତାକୁ ସୁଦୃଢ଼ କରିବାକୁ ଚାହୁଁଥିବା ବୃତ୍ତିଗତ, ଛାତ୍ର ଏବଂ ସଙ୍ଗଠନ ପାଇଁ ଏକ ଉପଯୋଗୀ ସନ୍ଦର୍ଭ ଭାବରେ କାର୍ଯ୍ୟ କରିବ। ସ୍ମାରକୀଟିର ପ୍ରକାଶନ ପିଆରସିଆଇ ରାଉରକେଲା ଚାପ୍ଟର ଦ୍ୱାରା ଜନସମ୍ପର୍କ, ଯୋଗାଯୋଗ ଏବଂ ପରିଚାଳନାରେ ସମସାମୟିକ ପ୍ରସଙ୍ଗ ଉପରେ ଆଲୋଚନା ଏବଂ ଚିନ୍ତାଧାରା ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।


ସ୍ମାରକୀ ପ୍ରକାଶ ଅବସରରେ ଅତିଥି, ଅଧିକାରୀ।

# ସେକ୍ଟର ୧୯ ଥାନାରେ ଆମ ପୋଲିସ ବୈଠକ

ରାଉରକେଲା,୧।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର ୧୯ ଥାନା ପକ୍ଷରୁ ଆମ ପୋଲିସ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଥାନା ପ୍ରଭାରୀ ବୈଦ୍ୟନାଥ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂତନ ଭାବେ ଯୋଗଦେଇଥିବା ଜୋନାଲ ଡିଏସ୍‌ପି ମନୋରଞ୍ଜନ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଆମ ପୋଲିସର ଆଭିମୁଖ୍ୟ, ଆମ ପୋଲିସର ଅର୍ଥ ଆମର ପୋଲିସ, ସାଇବର ଠକେଇରୁ ବଞ୍ଚିବା ପାଇଁ ପ୍ରୟାସ, ଟ୍ରାଫିକ୍ ନିୟମ ପାଳନ, ଆବଶ୍ୟକ ସ୍ଥଳେ ୧୧୨କୁ କଲ୍ କରିବା ଓ ଲୋକଙ୍କ କଥା ଶୁଣିଲେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଦୂରତା କମିବ ବୋଲି ଅତିଥି ପ୍ରଧାନ ମତ ରଖିଥିଲେ। ଆମ ପୋଲିସର ବରିଷ୍ଠ ସଦସ୍ୟ ଡ. ସୁମନ ଦତ୍ତ ସ୍ୱାଗତ ଭାଷଣ ଦେଇଥିଲେ। ଆବାହକ ଥାନା ପ୍ରଭାରୀ ସାହୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ପାରିବାରିକ ହିଂସା ଆଇନ ତଥା ୩ଟି ନୂତନ ନିୟମ ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ୬ ତାରିଖ ସେକ୍ଟର ୨୦ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆମ ପୋଲିସର ଏକ ସଚେତନତା ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଅନ୍ୟତମ ସଦସ୍ୟ କୁଞ୍ଜବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଥାନା ପକ୍ଷରୁ ଏସ୍‌ଆଇ ଦୁର୍ଯ୍ୟୋଧନ ପ୍ରଧାନ, ଏସ୍‌ଆଇ ରାଜେଶ ବେହେରା,ଏଏସ୍‌ଆଇ ମନୋରଞ୍ଜନ ପରିଡ଼ା, ସୁରେଶ ଦାସ, ଆମ ପୋଲିସ ତରଫରୁ ନୀହାର ଦାସ, ସନ୍ତୋଷ ସ୍ୱାଇଁ, ସୁବାସ ଗୁପ୍ତା, ଚନ୍ଦ୍ରକାନ୍ତ ସାହୁ, ମନୋଜ ନାୟକ, ସମ୍‌ସାଦ୍ ଆଲାମ୍ ପ୍ରମୁଖ ଉପସ୍ଥିତ ଥିଲେ।

# ବିସ୍ଥାପିତ ସଂଘର ବୈଠକ: ଜିଲା ପ୍ରଶାସନ ଚାକିରି କରିଥିବା ବ୍ୟକ୍ତିଙ୍କ ତାଲିକା ଦେଉ

ରାଉରକେଲା,୧।୪(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ନିର୍ମାଣ ସମୟରେ ଜିଲାରେ ସ୍ଥାନୀୟ ଲୋକେ ବିସ୍ଥାପିତ ହୋଇଥିଲେ। ସେମାନଙ୍କ ଜଳ, ଜମି, ଜଙ୍ଗଲ ଛଡାଇ ନିଆଯାଇଥିଲା। କାରଖାନା ନିର୍ମାଣ ହେବାର ଏତେ ଦିନ ବିତିଯାଇଥିଲେ ମଧ୍ୟ ବିସ୍ଥାପିତମାନଙ୍କ ସ୍ଥିତି ସୁଧୁରିନାହିଁ। ସେମାନେ ଆର୍ଥିକ ଅନାଟନରେ ଦିନ ବିତାଉଛନ୍ତି। କାରଖାନା ନିର୍ମାଣ ପରେ ବଳକା ଜମିଗୁଡ଼ିକ ଏଯାବତ୍ ଫେରସ୍ତ ହୋଇନାହିଁ। ୩୩ ମୌଜାର ଭିଟାମାଟି ହରାଇଥିବା ସ୍ଥାନୀୟ ଲୋକେ ଚାକିରୀ ପାଇ ନାହାନ୍ତି। ତେଣୁ ଅତିଶୀଘ୍ର ଜିଲା ପ୍ରଶାସନ ଚାକିରୀ କରିଥିବା ଲୋକଙ୍କ ତାଲିକା ପ୍ରଦାନ କରନ୍ତୁ ବୋଲି ଦାବି ହୋଇଛି। ମୟୁରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର ଭଳି ଜିଲାକୁ ଆଦିବାସୀ ବହୁଳ ଭାବେ ଘୋଷଣା ହେଲା। ହେଲେ ଏଥିରେ ବିସ୍ଥାପିତମାନେ ଉଚିତ ନ୍ୟାୟ ପାଇପାରିଲେ ନାହିଁ ବୋଲି ମଧ୍ୟ ଅଭିଯୋଗ ହୋଇଥିଲା। ଏ ନେଇ ବିସ୍ଥାପିତ ସଂଘ ପକ୍ଷରୁ ମଙ୍ଗଳବାର ଅପରାହ୍ନ ୫ଟାରେ ଉଦିତନଗର ଓରାମପଡା ଠାରେ ଆୟୋଜିତ ବୈଠକରେ ସଂଘ ପକ୍ଷରୁ ଆୟୋଜିତ ବୈଠକରେ କୁହାଯାଇଛି। ଏଥିରେ ସଂଘର ଓଡ଼ିଶା ସଭାପତି ବିଜୟ ଓରାମ, ଜେନା ଓରାମ ପ୍ରମୁଖଙ୍କ ନେତୃତ୍ୱରେ ଏହି ବୈଠକ ହୋଇଥିଲା।

# ରୋଟାରି କ୍ଲବ୍ ଡିଜି ଅନିଲ ଜୟସ୍ୱାଲଙ୍କ ଗସ୍ତ

ରାଉରକେଲା,୧।୪(ବିପ୍ଳବ ରଞ୍ଜନ ଦାଶ)

ରୋଟାରି କ୍ଲବ୍‌ର ଡିଷ୍ଟ୍ରିକ୍ଟ ଗଭର୍ନର(ଡିଜି) ଅନିଲ ଜୟସ୍ୱାଲ ରାଉରକେଲାକୁ ବୁଧବାର ଅଫିସିଆଲ୍ ଗସ୍ତ କରିବା ସହ ସମସ୍ତ ରୋଟାରିଆନ୍‌ଙ୍କ ସହ ଭାବ ବିନିମୟ ଓ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସ୍ପଷ୍ଟ କରିଥିଲେ। ରୋଟାରି କ୍ଲବ ଷ୍ଟିଲ୍ ସିଟିର ସଭାପତି ରୋଟାରିଆନ୍ ବୀଣାପାଣି ରଥଙ୍କ ଅଧ୍ୟକ୍ଷତାରେ ରାଉରକେଲା କ୍ଲବ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜୟସ୍ୱାଲ ବିଭିନ୍ନ କ୍ଲବର ସମସ୍ତ ରୋଟାରିଆନ୍‌ଙ୍କୁ ସମ୍ବୋଧିତ କରିଥିଲେ। ରୋଟାରି କ୍ଲବର ଆଭିମୁଖ୍ୟ, ଦାନର ମହତ୍ୱ, ପୋଲିଓ ନିରାକରଣ, ଐକ୍ୟବଦ୍ଧତା ଓ ସାମାଜିକ ଦାୟିତ୍ୱବୋଧ ତଥା ପ୍ରତିବଦ୍ଧତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଡିଜି ଇଲେକ୍ଟ ଆଲାମ ସିଂ ରୂପ୍ରା, ମୋ ରୋଟାରିର ଜିଲା ଅଧ୍ୟକ୍ଷ ଅଜୟ ଅଗ୍ରୱାଲ, ଆସିଷ୍ଟାଣ୍ଟ ଗଭର୍ନର ରଶ୍ମୀ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଷ୍ଟିଲ୍ ସିଟିର ସଭାପତି ରୋଟାରିଆନ୍ ବୀଣାପାଣି ରଥ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ରୋଟାରିଆନ ରଶ୍ମୀ ମିଶ୍ର କ୍ଲବ୍‌ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଉପଦେଷ୍ଟା ରୋଟାରିଆନ ଡ. ଅଞ୍ଜନା ମୈତ୍ର କ୍ଲବର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ରୋଟାରିଆନ୍ ଜୟଶ୍ରୀ ପଟ୍ଟନାୟକ, ରୋଟାରିଆନ ଇଂ. ଅସୀମ ପଟ୍ଟନାୟକଙ୍କୁ ଡିଷ୍ଟ୍ରିକ୍ଟ ଗଭର୍ନର ସମ୍ମାନିତ କରିଥିଲେ। ରୋଟାରିଆନ୍ ସୁଚିସ୍ମିତା ବିଶ୍ୱାସ ଡିଷ୍ଟ୍ରିକ୍ଟ ଗଭର୍ନର ଜୟସ୍ୱାଲଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ରୋଟାରିଆନ ଡ. ସରିତା ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ ଦିଲୀପ ଭୋଇ, ପୁତୁଲ ରାହୁଲ, ପିଉ ଗୁହା, କମଲ ଅଗ୍ରୱାଲ, ସନ୍ଧ୍ୟା ସାହୁ, ଯଶ୍ ମିଶ୍ର, ଆଶିଷ ନାୟକ ତଥା ବିଭିନ୍ନ କ୍ଲବ୍‌ରୁ ରୋଟାରିଆନ ଅସୀମା ମିଶ୍ର, ନିବେଦିତା ମହାନ୍ତି, ନମିତା ଆଚାର୍ଯ୍ୟ, ଅର୍ଚ୍ଚନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ରାଉରକେଲା ଗସ୍ତ ଅବସରରେ ଅନ୍ୟମାନଙ୍କ ସହ ରୋଟାରି କ୍ଲବ୍‌ର ଡିଷ୍ଟ୍ରିକ୍ଟ ଗଭର୍ନର ଅନିଲ ଜୟସ୍ୱାଲ।

# ୧୫ ପୋଲିସ ଅଧିକାରୀ, କର୍ମଚାରୀ ପୁରସ୍କୃତ

## ରାଉରକେଲାରେ ପୋଲିସ ପ୍ରତିଷ୍ଠା ଦିବସ

ରାଉରକେଲା,୧।୪(ସଙ୍ଗୀତା ଜେନା)

ରାଉରକେଲାରେ ବୁଧବାର ସକାଳ ୮ଟାରେ ଓଡ଼ିଶା ପୋଲିସର ୯୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ରାଉରକେଲା ସଂରକ୍ଷିତ ଆରକ୍ଷୀ କାର୍ଯ୍ୟାଳୟ ପଡ଼ିଆରେ ମିଳିତ ପରେଡ୍ ଅନୁଷ୍ଠିତ ହୋଇଥିଲା। ଏହି ପରେଡରେ ୫ପ୍ଲାଟୁନ୍ ପୋଲିସ ଫୋର୍ସ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ଏବଂ ସମ୍ମାନିତ ଅତିଥି ଭାବେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ ଯୋଗଦେଇ ୯୧ତମ ପୋଲିସ ପ୍ରତିଷ୍ଠା ଦିବସ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ମିଳିତ ପରେଡ ପରେ ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ମିଶ୍ରଙ୍କ ତତ୍ତ୍ୱାବଧାନରେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ରାୟ ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶା ରାଜ୍ୟପାଳ ହରି ବାବୁ କମ୍ଭମପାଟିଙ୍କ ବାର୍ତ୍ତା ପାଠ କରିଥିଲେ। ଏଥିସହିତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାର୍ତ୍ତା ମଧ୍ୟ ପଠନ କରିଥିଲେ। ପୋଲିସ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଉରକେଲା ପୋଲିସ ଜିଲାରେ ଉତ୍ତମ କାର୍ଯ୍ୟ ଦକ୍ଷତା ପାଇଁ ୧୫ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯିବା ସହ ସେମାନଙ୍କୁ ମାନପତ୍ର ଏବଂ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି ୧୫ ପୋଲିସଙ୍କ ମଧ୍ୟରେ ଏସ୍‌ଆଇ ଅର୍ଜୁନ ସେଠୀ, ଏଏସ୍‌ଆଇ ରତିରଞ୍ଜନ ସାମଲ, ହାବିଲଦାର ଦିନେଶ ଚନ୍ଦ୍ର ନାୟକ, କନଷ୍ଟେବଲ ଭାଗୀରଥି ହେମ୍ବ୍ରମ, ଟ୍ରାଫିକ୍ କନଷ୍ଟେବଲ ଅର୍ଚ୍ଚନା ଏକ୍କା, କନଷ୍ଟେବଲ ବିକାଶ କୁମାର ନାୟକ, ରେଳବାଇ ପୋଲିସ (ଜିଆରପି) ଏସ୍‌ଆଇ ଦୀପକ କୁମାର ମାଝୀ, ରେଳବାଇ ପୋଲିସ ଏଏସ୍‌ଆଇ ସୁନୀଲ କୁମାର ତାରିଣୀ, ରେଳବାଇ ହାବିଲଦାର କୃଷ୍ଣଚନ୍ଦ୍ର ପୃଷ୍ଟି, କନଷ୍ଟେବଲ ଆନନ୍ଦ କୁମାର ନାୟକ, କନଷ୍ଟେବଲ ପ୍ରଶାନ୍ତ କୁମାର ଜେନା, ଓଏସ୍‌ଏପି (ଆର୍ମଡ୍) ଏସ୍‌ଆଇ ଅମୀୟ କୁମାର ପଟ୍ଟନାୟକ, ଓଏସ୍‌ଏପି ମେଜର ରାଜେଶ ଗୁରୁଙ୍ଗ୍, ଓଏସ୍‌ଏପି ହାବିଲଦାର ପୁଲିନ୍ କୁମାର ସାହୁ, ଓଏସ୍‌ଏପି କନଷ୍ଟେବଲ ପ୍ରବୁରାମ ପ୍ରଧାନ ପ୍ରମୁଖ ରହିଛନ୍ତି।


ଓଡ଼ିଶା ପୋଲିସର ପ୍ରତିଷ୍ଠା ଦିବସରେ ପୋଲିସ ଅଧିକାରୀଙ୍କୁ ପୁରସ୍କୃତ କରାଯାଉଛି।

**ଅଗଲାପାଲିରେ ୫୬ ପ୍ରହର ନାମଯଜ୍ଞ**

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅଗଲାପାଲି ଗ୍ରାମରେ ୫୬ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି । ରାମନବମୀ ଅବସରରେ ଗ୍ରାମର ପ୍ରହରୀ ମଣ୍ଡପରେ ଚାଲିଥିବା ଏହି ନାମଯଜ୍ଞରେ ଜିଲା ତଥା ଜିଲା ବାହାରର ସଂକୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରିଛନ୍ତି । ପୂଜକ ବୁଲୁ ମିଶ୍ର ପୂଜାର୍ଚ୍ଚନା କରୁଛନ୍ତି । ପ୍ରମୋଦ ତ୍ରିପାଠୀ, ପିଙ୍କି ତ୍ରିପାଠୀ ଏବଂ ପି. ତ୍ରିପାଠୀ ଓ ପାର୍ବତୀ ତ୍ରିପାଠୀ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି ।

# କିଡ୍‌ନୀ ରୋଗରେ ୨୦ ଜଣଙ୍କ ଜୀବନ ଗଲାଣି, ୧୨ ଆକ୍ରାନ୍ତ

**ଲୋଇସିଂହା,୧।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଲୋଇସିଂହା ପଞ୍ଚାୟତ ପତ୍ରାପାଲି ଗାଁରେ ବର୍ଷ ବର୍ଷ ଧରି ପିଇବା ଓ ଗାଧୋଇବା ପାଣି ସମସ୍ୟା ଲାଗି ରହିଛି । ଗ୍ରାମର ନଳକୂପଗୁଡିକରୁ ଫ୍ଲୋରାଇଡ ମିଶ୍ରିତ ପାଣି ବାହାରୁଛି । ଏହି ପାଣିକୁ ଗ୍ରାମବାସୀ ପାନୀୟ ଭାବରେ ବ୍ୟବହାର କରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବିଗତ କିଛି ବର୍ଷ ମଧ୍ୟରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଗ୍ରାମର ୨୦ ଜଣଙ୍କ ମୃତ୍ୟୁ ହେଲାଣି। ଏବେ ବି ଗାଁରେ ୧୨ ଜଣ ଆକ୍ରାନ୍ତ ଅଛନ୍ତି। ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଆନ୍ତରିକତା ନ ଥିବା ଗ୍ରାମବାସୀ କହିଛନ୍ତି । ବ୍ଲକ ମୁଖ୍ୟାଳୟ ଠାରୁ ମାତ୍ର ୩ କିମି ଦୂରରେ ୧ ୱାର୍ଡ ବିଶିଷ୍ଟ ପତ୍ରାପାଲି ଗାଁ । ଗାଁରେ ୧ ଶହ ଆଦିବାସୀ ପରିବାର ରହୁଛନ୍ତି । ଆଦିବସୀ ବହୁଳ ଏହି ଗାଁର ଜନସଂଖ୍ୟା ୫ ଶହ ହେବ । ଗ୍ରାମବାସୀଙ୍କ ପାନୀୟ ଜଳ ବ୍ୟବହାର ପାଇଁ ଗାଁରେ ୪ଟି ନଳକୂପ ରହିଛି । ନଳକୁପରୁ କଳଙ୍କି ଲଗା ଗୋଳିଆ ପାଣି ବାହାରୁଛି । ଏହି ପାଣି ପିଇ ଗ୍ରାମବାସୀ ବିପଦ ମୁହଁକୁ ଠେଲି ହୋଇଯାଉଛନ୍ତି । ଏହି ପାଣି ପିଇବା ଦ୍ୱାରା ଗାଁରେ କିଡ୍‌ନୀ ରୋଗର ପ୍ରକୋପ ଦେଖିବାକୁ ମିଳୁଛି । ଗତବର୍ଷ କିଡ୍‌ନୀରେ



ଆଦିବାସୀ ନେତା ଗାଁ ସ୍କୁଲ ପରିଦର୍ଶନ କରିବା ସମୟରେ ମହିଳାମାନେ ।



ନଳକୂପରୁ ବାହାରୁଥିବା କଳଙ୍କି ଲଗା ଗୋଳିଆ ପାଣି ।

ଆକ୍ରାନ୍ତ ୪ ଜଣଙ୍କ ମୃତ୍ୟୁ ହୋଇଥିଲା ।

ଏତିକିରେ ଗ୍ରାମବାସୀଙ୍କ ଦୁଃଖ ସରିନାହିଁ। ଗ୍ରାମବାସୀ ବ୍ୟବହାର କରୁଥିବା ପୋଖରୀ ପାଣି ମଧ୍ୟ ଦୂଷିତ ହୋଇପଡିଛି। ବିକଳ୍ପ ନ ଥିବାରୁ ବାଧ୍ୟ ହୋଇ ଗାଧୋଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। ସ୍କୁଲ ପରିସରରେ ଥିବା ନଳକୂପରେ ଏକ ସଂସ୍ଥା ପକ୍ଷରୁ ଫିଲଟର ଲଗାଯାଇଥିଲା । ସେହି ନଳକୂପ ଏବେ ଅଚଳ ହୋଇ ପଡିଛି । ସ୍କୁଲ ପଛପଟେ ପାଚେରି ନାହିଁ । ସ୍କୁଲକୁ ଲାଗି ପତରା

## ନଳକୂପ ପାଣିରୁ ବାହାରୁଛି ଫ୍ଲୋରାଇଡ୍

ଜମି ରହିଥିବାରୁ ବନ୍ୟଜନ୍ତୁ ଭୟ ଘାରିଛି । ପିଲାଙ୍କ ସୁରକ୍ଷାକୁ ନେଇ ମଧ୍ୟ ଗ୍ରାମବାସୀ ଚିନ୍ତାରେ ଅଛନ୍ତି । ସୋମବାର ଗ୍ରାମର ମହିଳାମାନେ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିରରେ ଦ୍ୱାରସ୍ଥ ହେବା ବେଳେ ଜିଲା ଆଦିବସୀ ନେତା ସତ୍ୟ ନାରାୟଣ ଭୋଇଙ୍କ ସହ ସାକ୍ଷାତ ହୋଇଥିଲା । ମହିଳାମାନେ ଗ୍ରାମର ଉପରୋକ୍ତ ସମସ୍ୟା ସମ୍ପର୍କରେ ତାଙ୍କୁ ଜଣାଇଥିଲେ। ଫଳରେ ଭୋଇ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ବ୍ରଜମୋହନ ବିଶୋଇ ମଙ୍ଗଳବାର ପତ୍ରାପାଲି ଗସ୍ତ କରିଥିଲେ । ଗାଁ ପୋଖରୀ,ସ୍କୁଲ ପରିଦର୍ଶନ କରିବା ସହିତ ନଳକୂପରୁ ବାହାରୁଥିବା ପାଣି ଦେଖିଥିଲେ। ପରେ ବସ୍ତି ମଧ୍ୟରେ ମହିଳାଙ୍କୁ ନେଇ ବୈଠକ ଆହୂତ ହୋଇଥିଲା। ଗ୍ରାମରେ ଲାଗି ରହିଥିବା ସମସ୍ୟା ଏବଂ ପିଲାଛୁଆଙ୍କ ଭବିଷ୍ୟତକୁ ନେଇ ମହିଳାମାନେ ଚିନ୍ତା ବ୍ୟକ୍ତ କରିଥିଲେ। ଗାଁରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମରୀଚିକା ପାଲଟିଥିବା ଅଭିଯୋଗ କରି ମହିଳାମାନେ ଉଦବେଗ ପ୍ରକାଶ କରିଥିଲେ। ଅଭିଯୋଗ ଶୁଣାଣି ବେଳେ ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟ୍ୟାଙ୍କରରେ ପାଣି ଯୋଗାଣ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ୨ ଦିନ ବିତି ଯାଇଥିଲେ ସୁଦ୍ଧା ଗାଁକୁ ପାଣି ଟ୍ୟାଙ୍କର ଯାଇନଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ । ଖୁବଶୀଘ୍ର ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

# ଜିଲା ଖାଉଟି ଅଦାଲତରେ ସ୍କୁଲ କର୍ତ୍ତୃପକ୍ଷ ଦଣ୍ଡିତ

**ଲୋଇସିଂହା,୧।୪(ସୁଶାନ୍ତ ବାରିକ)**

ଜଣେ ଛାତ୍ରୀଙ୍କୁ ସ୍କୁଲ ଲିଭିଙ୍ଗ ସାର୍ଟିଫିକେଟ ପ୍ରଦାନ ସମୟରେ ମାନସିକ ଯନ୍ତ୍ରଣା ଦେଇଥିବା କାରଣରୁ ବଲାଙ୍ଗୀର ଜିଲା ଖାଉଟି ଅଦାଲତ ଦ୍ୱାରା ଲୋଇସିଂହାର ଏକ ଘରୋଇ ଶିକ୍ଷାନୁଷ୍ଠାନ ଦଣ୍ଡିତ ହୋଇଛି। ଖାଉଟି ଅଦାଲତ ଦ୍ୱାରା ପ୍ରକାଶିତ ରାୟ ମୁତାବକ ଛାତ୍ରୀଙ୍କୁ ମାନସିକ ଯନ୍ତ୍ରଣା ପାଇଁ ୫ ହଜାର ଟଙ୍କା ଓ ମାମଲା ଖର୍ଚ୍ଚ ବାବଦକୁ ୩ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ହୋଇଛି। ଯଦି ଏଥିରେ ସ୍କୁଲ କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରନ୍ତି ତେବେ ବାର୍ଷିକ ୧୨ ପ୍ରତିଶତ ସୁଧ ହାରରେ ସମ୍ପୂର୍ଣ୍ଣ ଅର୍ଥ ଦେବାକୁ ରାୟରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଏହାବାଦ ଭବିଷ୍ୟତରେ ସ୍କୁଲ ପକ୍ଷରୁ ଏପରି ଭୁଲ ନ କରି ଟିସି ପ୍ରକ୍ରିୟା ସୁନିଶ୍ଚିତ କରିବାକୁ ଉକ୍ତ ରାୟରେ କୁହାଯାଇଛି।

ପ୍ରକାଶ ଯେ, ବୁର୍ଡା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମର ସତ୍ୟ ନାରାୟଣ ଦଣ୍ଡସେନାଙ୍କ ଝିଅ ସାନଭି ଦଣ୍ଡସେନା ୧୩ ଏପ୍ରିଲ ୨୦୨୪ ମସିହାରେ ଲୋଇସିଂହାର ଏକ ଘରୋଇ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିଲେ । ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ

## ଟିସି ପ୍ରଦାନରେ ଅବହେଳା

୨୦୨୫-୨୬ ଶିକ୍ଷାବର୍ଷରେ ସେ ୨ୟ ଶ୍ରେଣୀରେ ପଢିଥିଲେ। କିନ୍ତୁ ଶିକ୍ଷାବର୍ଷ ଅଧାରୁ କୌଣସି କାରଣରୁ ସାନଭିଙ୍କ ବାପା ତାଙ୍କ ଝିଅଙ୍କ ଟିସି ନେବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ଟିସି ନେବା ପୂର୍ବରୁ ସ୍କୁଲର ବିଭିନ୍ନ ଫି ଦାଖଲ କରିଥିଲେ। ତେବେ ସ୍କୁଲ କର୍ତ୍ତୃପକ୍ଷ ଟିସି ଦେବାରେ ବିଳମ୍ବ କରିବା ସହ ପେନ ନମ୍ବର ଦେଇ ନ ଥିଲେ। ଏଣୁ ସାନଭିଙ୍କ ଅନ୍ୟତ୍ର ନାମ ଲେଖାରେ ବାଧା ସୃଷ୍ଟି ହୋଇଥିଲା। ଏନେଇ ସତ୍ୟ ନାରାୟଣ ୧୯ ସେପ୍ଟେମ୍ବର ୨୦୨୫ରେ ବଲାଙ୍ଗୀର ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ୫୭/୨୦୨୫ରେ ମାମଲା ରୁଜୁ କରାଯାଇ ମାମଲା ବିଚାରାଧୀନ ଥିଲା। ନିକଟରେ ଜିଲା ଖାଉଟି ଅଦାଲତର ସଭାପତି ରବୀନ୍ଦ୍ର କୁମାର ତ୍ରିପାଠୀ ଓ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ମିଶ୍ର ଏହାର ବିଚାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରୀତିରଞ୍ଜନ ସାହୁ ମାମଲା ପରିଚାଳନା କରିଥିଲେ।

# ଏପ୍ରିଲ ୧କୁ କଳା ଦିବସ ଭାବେ ପାଳନ କଲା କୋଶଳ ରାଜ୍ୟ ସମନ୍ୱୟ ସମିତି

**ବଲାଙ୍ଗୀର,୧।୪(ବୀରେନ୍ଦ୍ର କୁମାର ଝାଙ୍କର)**

ଏପ୍ରିଲ ୧ ତାରିଖକୁ କୋଶଳ ରାଜ୍ୟ ସମନ୍ୱୟ ସମିତି ବଲାଙ୍ଗୀର ଶାଖା ପକ୍ଷରୁ ପ୍ରତିବାଦ ସ୍ୱରୂପ କଳା ଦିବସ ଭାବେ ପାଳନ କରାଯାଇଛି। ବୁଧବାର ଶତାଧିକ କୋଶଳପ୍ରେମୀ କଳା ବ୍ୟାଜ୍ ପରିଧାନ କରିଥିଲେ । ଏହି ପରିପ୍ରେକ୍ଷୀରେ ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମନୋରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୋଶଳ ରାଜ୍ୟ ସମନ୍ୱୟ ସମିତିର ପ୍ରତିଷ୍ଠାତା ଆଇନଜୀବୀ ପ୍ରମୋଦ ମିଶ୍ର ଯୋଗଦେଇ କୋଶଳାଞ୍ଚଳ ଆଜି ମଧ୍ୟ ସାମାଜିକ, ଆର୍ଥିକ ଓ ରାଜନୈତିକ ସ୍ତରରେ ପରାଧୀନ ହୋଇ ରହିଛି ବୋଲି କହିଥିଲେ। ସ୍ୱତନ୍ତ୍ର ରାଜ୍ୟ ଗଠନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ପ୍ରତିବାଦ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ନାରୀ ନେତ୍ରୀ ଲିଲି ପଟେଲ, ଶ୍ରମିକ




କୋଶଳପ୍ରେମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ନେତା ରବି ମିଶ୍ର, ରଣରାଜ ସିଂହଦେଓ, ବିଭୁଦତ୍ତ ମିଶ୍ର, ଶରତଚନ୍ଦ୍ର ହୋତା, ବୀରେନ୍ଦ୍ର ବନଛୋର, ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ପ୍ରତାପ ରଥ, ଖଗେଶ୍ୱର ପ୍ରଧାନ,କପିଳେଶ୍ୱର ଖମାରୀ, ପ୍ରସନ୍ନ ନେଗୀ, ସଂଗ୍ରାମ ବହିଦାର, ଚାଷୀ ନେତା ସୌରୀ କୁମାର ସାହୁ ପ୍ରମୁଖ ଯୋଗ ଦେଇ ସ୍ୱତନ୍ତ୍ର କୋଶଳ ପ୍ରଦେଶ ନହେବା ପର୍ଯ୍ୟନ୍ତ ଓଡିଶା ଦିବସ ପାଳନ ମୂଲ୍ୟହୀନ ବୋଲି କହିଥିଲେ । ଶେଷରେ ଶ୍ରମିକ ନେତା ବିଭୂତି ଶଙ୍କର ବିନ୍ଧାଣି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିବାଦ ସଭାରେ ଶତାଧିକ କୋଶଳ ପ୍ରେମୀ କୋଶଳ ରାଜ୍ୟ ସପକ୍ଷରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ଓଡ଼ିଶା ଦିବସକୁ କଳା ଦିବସ ଭାବେ ପାଳନ କଲା କୋଶଳ ରାଇଜ ମୁକ୍ତି ମୋର୍ଚ୍ଚା

**ପାଟଣାଗଡ଼,୧।୪(ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ଼ ପ୍ରଶାସନ ପକ୍ଷରୁ ପାଳିତ ଓଡ଼ିଶା ଦିବସକୁ କୋଶଳ ରାଇଜ ମୁକ୍ତି ମୋର୍ଚ୍ଚା କଳା ଦିବସ ଭାବରେ ପାଳନ କରିଛି। ଏହି ପରିପ୍ରେକ୍ଷୀରେ ବୁଧବାର ପାଟଣାଗଡ଼ କଚେରୀ ଛକ ନିକଟରେ କୋଶଳ ରାଇଜ ମୁକ୍ତି ମୋର୍ଚ୍ଚା ଓ ଜନମଞ୍ଚ ସିଭିଲ ସୋସାଇଟିର ମିଳିତ ଆନୁକୂଲ୍ୟରେ କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ଓଡ଼ିଶା ଦିବସକୁ କଳା ଦିବସ ଭାବେ ପାଳନ କରିଥିଲେ । ଏହି ଅବସରରେ ସଙ୍ଗଠନ ପକ୍ଷରୁ ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ୧୫ ଗୋଟି ଦାବି ରଖାଯାଇଥିବା ବେଳେ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରକାର ନାରାବାଜି ଦେଇଥିଲେ । ପରେ ସମସ୍ତେ ଏକତ୍ରିତ ହୋଇ ଏକ ବାଇକ୍ ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ କୋଶଳବାଦୀ କର୍ମକର୍ତ୍ତାମାନେ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୋଶଳ ମୁକ୍ତି ମୋର୍ଚ୍ଚାର ଉପଖଣ୍ଡ ସଭାପତି ଗିରିରାଜ ଭୋଇ, କୋଶଳବାଦୀ ନେତା ସୁଶୀଲ ଗୁରୁ, ଜନସନ ନାଗ, ସୁଶାନ୍ତ କୁମାର ବୁଢ଼ିଆ, ଯୁଗଳ ମେହେର, ଜନମଞ୍ଚ ସିଭିଲ ସୋସାଇଟିର ଆବାହକ ଡିଙ୍ଗର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ରମାଇ ହାଇସ୍କୁଲ ଖେଳପଡିଆ ଠାରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳନ ହୋଇଥିଲା। ମୁଖ୍ୟଅତିଥି ଭାବେ ଉପଜିଲାପାଳ ସୁନିଲ ମେହେର ,ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ, ତହସିଲଦାର ରୁଦ୍ରମୋହନ ନାୟକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ ଯୋଗଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ ।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଓଡ଼ିଶା ଦିବସ ପାଳିତ




କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

**ଟିଟିଲାଗଡ,୧।୪(ସନ୍ତୋଷ ପଟ୍ଟନାୟକ)**

ବୁଧବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ଦାଶରଥି ଘିଭେଲାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସି.ଟି. ବିଦ୍ୟାଳୟ ପୂର୍ବତନ ଶିକ୍ଷକ ଚିନ୍ତାମଣୀ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଆ ଦିବସ ପାଳନର ଉଦ୍ଦେଶ୍ୟ ଓ ଏହାର ଇତିହାସ ବିଷୟରେ କହିଥିଲେ। ବିଦ୍ୟାଳୟର ସଭାପତି ଜ୍ୟୋତି ପ୍ରକାଶ ଗଡ଼ତ୍ୟା ଶିଶୁମାନଙ୍କୁ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ, ରୀତିନୀତି ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ବ୍ରଜ କିଶୋର ମିଶ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ବିଷୟରେ କହିଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ଦାଶରଥି ଘିଭେଲା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପୂର୍ବତନ ଅଭିଭାବକ ତଥା ବ୍ଲକ କାର୍ଯ୍ୟକର୍ତ୍ତା ପଞ୍ଚାନନ ତାଣ୍ଡି ଏବଂ ବିଦ୍ୟାଳୟ ସମ୍ପାଦକ ଉମ୍ବରଧର କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ପ୍ରଶ୍ନ ମଞ୍ଚ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଗୁରୁମା ସଂଯୁକ୍ତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଅପରାଧ ରୋକିବାକୁ ପୋଲିସ ପ୍ରସ୍ତୁତ'

**ବଲାଙ୍ଗୀର,୧।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ପଡିଆରେ ୯୧ ତମ ଓଡିଶା ପୋଲିସର ପ୍ରତିଷ୍ଠା ଦିବସ ସମାରୋହ ବୁଧବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଏସ୍‌ପି ଅଭିଳାଷ ଜି ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଓଡିଶା ପୋଲିସର ଅତୁଳନୀୟ ସେବା, ଅବଦାନ ଏବଂ ତ୍ୟାଗ ଉପରେ କହି ପୋଲିସ ବାହିନୀର ଉତ୍ସାହ ବଢ଼ାଇଥିଲେ। ଅପରାଧ ମୁକ୍ତ ସମାଜ ଗଠନ ପୋଲିସର ପ୍ରାଥମିକତା ବୋଲି ଏସ୍‌ପି ଅଭିଳାଷ କହିଥିଲେ। ଜନସୁରକ୍ଷା ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସବୁ ପ୍ରକାର ଆହ୍ୱାନକୁ ମୁକାବିଲା ଦିଗରେ ପୋଲିସ



ପ୍ରତିଷ୍ଠା ଦିବସ ସମାରୋହରେ ପୋଲିସ ଅଧିକାରୀମାନେ ।

ସବୁବେଳେ ପ୍ରସ୍ତୁତ ବୋଲି କହିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ପୋଲିସ ଅଧିକାରୀ ପ୍ରଦୀପ କୁମାର ଦୁରିଆ, ବୈକୁଣ୍ଠନାଥ ଦେହୁରୀ,

## ଓଡିଶା ପୋଲିସର ୯୧ତମ ପ୍ରତିଷ୍ଠା ଦିବସ ସମାରୋହ

ରଶ୍ମିତା ପ୍ରଧାନ, ପ୍ରଦୀପ ଭୋଇ, ବରୁଣ ପାଣି, ସୁଶାନ୍ତ ବାରିକଙ୍କୁ ଏସ୍‌ପି ଅଭିଳାଷ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଡିଶନାଲ ଏସପି ଗୁଣନିଧି ମଲ୍ଲିକ, ହିମାଂଶୁ ଶେଖର ବେହେରା, ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ରାଜେଶ କୁମାର ବାର୍ନେଲା, ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ଟାଉନ ଥାନା ଅଧିକାରୀ ଅବନୀ ସାହୁ ଓ ଅବସରପ୍ରାପ୍ତ ପୋଲିସ କର୍ମଚାରୀମାନେ ଉପସ୍ଥିତି ଥିଲେ।

## ବାବା ଖାଟୁ ଶ୍ୟାମଙ୍କ ଭଜନ ସନ୍ଧ୍ୟା

**ସଇଁତଲା,୧।୪(ରାଖାଲ ପ୍ରସାଦ ଶତପଥୀ)**

ସଇଁତଲା ମାରୱାଡ଼ି ସମାଜ ତରଫରୁ ରାମ ମନ୍ଦିର ପରିସରରେ ବାବା ଖାଟୁ ଶ୍ୟାମଙ୍କ ଭଜନ ସନ୍ଧ୍ୟା ହୋଇଯାଇଛି। ମଙ୍ଗଳବାର ଦିନ ସକାଳ ସମୟରେ ଭକ୍ତମାନେ ବାବା ଖାଟୁ ଶ୍ୟାମଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ବାହାର କରି ସହର ପରିକ୍ରମା କରିଥିଲେ। କଣ୍ଟାବାଞ୍ଜିରୁ ଆସିଥିବା ଭଜନ ଗାୟକ କୌଶିକ, କେଶବ ଏବଂ ରାୟପୁର ରାଜନନ୍ଦଗାଁଓର ରାଧୁକା ଶର୍ମା ଭଜନ ପରିବେଷଣ କରିଥିଲେ। ସଇଁତଲା ସହରର ସମସ୍ତ ମାରୱାଡ଼ି ପରିବାର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସଇଁତଲା, ଟିଟିଲାଗଡ଼, କଣ୍ଟାବାଞ୍ଜି, ପାଟଣାଗଡ଼ ଅଞ୍ଚଳରୁ ମଧ୍ୟ ବହୁ ଭକ୍ତ ଯୋଗ ଦେଇଥିଲେ।

## ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳିତ



ସଭାରେ ଯୋଗ ଦେଇଥିବା ଅତିଥି ଓ ଛାତ୍ରୀଛାତ୍ର ।

**ଟିଟିଲାଗଡ,୧।୪(ଶରତ ମିଶ୍ର)**

ସ୍ଥାନୀୟ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ସାଂସ୍କୃତିକ ମଞ୍ଚରେ ବୁଧବାର ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବରେ ଡ. ନନ୍ଦ କୁମାର ହୋତା, ଡ. ରମାକାନ୍ତ ବେହେରା, ଶିକ୍ଷା ବିଭାଗର ମୁଖ୍ୟ ବିପିନ ବିହାରୀ ରାଉତ ଓ ଇଂରାଜୀ ବିଭାଗ ଅଧ୍ୟାପକ ଅରୁଣ କୁମାର ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଇତିହାସ ବିଭାଗ ମୁଖ୍ୟ ଅଳକା ନନ୍ଦ ମଲ୍ଲ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ମନ୍ଦାକିନୀ ମେହେର ସଭା ପରିଚାଳନା କରିଥିଲେ। ଓଡ଼ିଆ ବିଭାଗର ଲିଙ୍ଗରାଜ ବେହେରା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଡୋଳାମଣି କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ,ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ର ମାନେ ଯୋଗ ଦେଇଥିଲେ ।

# କଣ୍ଟାବାଞ୍ଜିକୁ ନୂତନ ରାଜସ୍ୱ ଜିଲା ଗଠନ ଦାବି

**କଣ୍ଟାବାଞ୍ଜି,୧।୪(ଗୁରୁଦୟାଲ ହଂସ)**

କଣ୍ଟାବାଞ୍ଜିକୁ ଏକ ନୂତନ ରାଜସ୍ୱ ଜିଲା ଗଠନ ଦାବିରେ ମଙ୍ଗଳବାର ଦିନ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଝାରୀଙ୍କୁ ଭୁବନେଶ୍ୱର ଠାରେ ପୃଥକ ପୃଥକ ଦାବିପତ୍ର ପ୍ରଦାନ କରିଛନ୍ତି । କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀର ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ୩ ଗୋଟି ବ୍ଲକ ଓ କଣ୍ଟାବାଞ୍ଜି ଏନଏସିକୁ ନେଇ ଏକ ସ୍ୱତନ୍ତ୍ର ରାଜସ୍ୱ ଜିଲା ଗଠନ ପାଇଁ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଜିଲା ସଂଘର୍ଷ ସମିତି ଦାବି କରି ଆସୁଛି । ବିଭିନ୍ନ ସମୟରେ ଜିଲା ସଂଘର୍ଷ ସମିତିର ଦାବିକୁ ନେଇ ୩ଟି ବ୍ଲକ ଏବଂ ପଡୋଶି ବେଲପଡା ବ୍ଲକର କେତେକ ଗ୍ରାମ ପଞ୍ଚାୟତ ମଧ୍ୟ ସହମତି ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲେ। ୨୦୧୯ ବିଧାନସଭା ନିର୍ବାଚନ ବେଳେ କଣ୍ଟାବାଞ୍ଜିକୁ ସ୍ୱତନ୍ତ୍ର



ମୁଖ୍ୟମନ୍ତ୍ରୀଙ୍କୁ କଣ୍ଟାବାଞ୍ଜି ବିଧାୟକ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଜିଲା ଦାବିରେ ଅଞ୍ଚଳର ବିଭିନ୍ନ ସମାଜ, ସଂଗଠନ, କ୍ଲବଗୁଡିକ ଦୀର୍ଘ ଦିନ ଧରି ଗଣଧାରଣା ଦେଇଥିଲେ। ସେହି ସମୟରେ ବର୍ତ୍ତମାନର ବିଧାୟକ ବାଗ

## ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଆଗାମୀ ଦିନରେ କଣ୍ଟାବାଞ୍ଜିକୁ ରାଜସ୍ୱ ଜିଲା କରିବା ଦାବି ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମୁତାବକ ଜିଲା ଦାବି ପ୍ରସଙ୍ଗ ଉଠାଇଥିବା ବେଳେ ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିବାରୁ ଜିଲା ସଂଘର୍ଷ ସମିତି, ଓକିଲ ସଂଘ, ସାମ୍ବାଦିକ ସଂଘ, ବିଭିନ୍ନ ଅନୁଷ୍ଠାନ ତରଫରୁ ବିଧାୟକଙ୍କୁ ଧନ୍ୟବାଦ ଜଣାଯାଇଛି। ଆଗାମୀ ଦିନରେ ସରକାର କଣ୍ଟାବାଞ୍ଜି ଜିଲା ଗଠନ ପ୍ରତି ଅଧିକ ଗୁରୁତ୍ୱ ଦେବା ପାଇଁ ଅନୁରୋଧ କରାଯାଇଛି।

# ସୁବର୍ଣ୍ଣପୁରକୁ ଐତିହ୍ୟ ଜିଲା ଘୋଷଣା କର

**ସୋନପୁର,୧।୪(ମୃତ୍ୟୁଞ୍ଜୟ ଶତପଥୀ)**

ଏପ୍ରିଲ ୧ ସୁବର୍ଣ୍ଣପୁର ଜିଲାର ଜନ୍ମ ଦିବସ। ୧୯୯୩ ମସିହା ଆଜିର ଦିନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସୁବର୍ଣ୍ଣପୁର ଜିଲା ପ୍ରତିଷ୍ଠା କରି ସାଧାରଣ ସଭାରେ କହିଥିଲେ ମୁଁ ତୁମ୍ଭମାନଙ୍କୁ ଜିଲାଟେ ଦେଉଛି, ତାହାକୁ ବାସ୍ତବରେ ସୁବର୍ଣ୍ଣପୁର ଭାବେ ଗଢ଼ି ତୋଳିବା ଦାୟିତ୍ୱ ତୁମ୍ଭମାନଙ୍କର। ସେ ଐତିହ୍ୟପୂର୍ଣ୍ଣ ସୁବର୍ଣ୍ଣପୁରର ଗୌରବଶାଳୀ ଅତୀତର ଇତିହାସ ସମ୍ପର୍କରେ ଭଲଭାବେ ଜାଣିଥିଲେ। ଐତିହାସିକ ଦୃଷ୍ଟିରୁ ଦେଖିଲେ ପୁରାତନ କାଳରେ ମହାନଦୀ କୂଳେ କୂଳେ ଏକ ଉନ୍ନତ ମାନବ ସଭ୍ୟତା ଗଢ଼ି ଉଠିଥିଲା। ସେତେବେଳେ ଏହି ସଭ୍ୟତା ମାନବ ସମାଜକୁ ସବୁକ୍ଷେତ୍ରରେ ବିଶେଷତଃ ଆଧ୍ୟାତ୍ମିକତା କ୍ଷେତ୍ରରେ ଆଲୋକ ବର୍ତ୍ତିକା ଦେଖାଉଥିଲା। ଏଠାରେ ବୌଦ୍ଧ, ଶାକ୍ତ, ଶୈବ, ବୈଷ୍ଣବ, ନାଥ ତଥା ମହିମା ଧର୍ମର ସମନ୍ୱୟ ଘଟିଛି। ଇନ୍ଦ୍ରଭୂତି, ଲକ୍ଷ୍ମୀକରା, ପଦ୍ମସମ୍ଭବ, ମତ୍ସ୍ୟେନ୍ଦ୍ରନାଥ, ଚନ୍ଦ୍ରମଣି ଦାସ, ଭୀମଭୋଇଙ୍କ ଭଳି ମହାପୁରୁଷମାନଙ୍କ ଏହା ହେଉଛି ସାଧନା ଓ ସିଦ୍ଧି ପୀଠ। ଏହା ହେଉଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦିପୀଠ। କୋସଳ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ବୁଧବାର ସୁବର୍ଣ୍ଣପୁରୀ ଦିନ ପାଳନ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ଏ ସମ୍ପର୍କରେ ଆଲୋଚନା କରିଥିଲେ। ସୁବର୍ଣ୍ଣପୁରର ସମୂହ ଉନ୍ନତି ସକାଶେ ଖଇରମାଳ, ଗୋଧନେଶ୍ୱ ବ୍ୟାରେଜ ନିର୍ମାଣ, ଏକ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା, ସମ୍ବଲପୁର-ସୁବର୍ଣ୍ଣପୁର ରେଳ ଲାଇନ ନିର୍ମାଣ, ମହାନଦୀ ରିଂ ରୋଡ ନିର୍ମାଣ କାମ ପୂର୍ଣ୍ଣାଙ୍ଗ କରିବା, ସୋନପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଓ ଜିଲାରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ଶୀଘ୍ର କରିବା ପାଇଁ ଅତିଥିମାନେ ଦୃଢ଼ ଦାବି କରିଥିଲେ। ସୁବର୍ଣ୍ଣପୁର ଜିଲାକୁ ଏକ ଐତିହ୍ୟ ଜିଲାଭାବେ ଘୋଷଣା କରିବାକୁ ସର୍ବସମ୍ମତିକ୍ରମେ ଏହି ଅବସରରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ସଭାରେ ଏକାଡେମୀର ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ପୌର ପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ୱୀତା ନାୟକ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ଶତାଧିକ ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷାବିତ୍, କଳାକାର, ନାଟ୍ୟକାର, ସେଚ୍ଛାସେବୀ ଯୋଗଦେଇ ନିଜ ମତ ରଖିଥିଲେ। ନାଟ୍ୟଶ୍ରୀ ଗଦାଧର ବାରିକ, ସାମାଜିକ କର୍ମୀ ଶ୍ରୀବସ୍ତ ମଲ୍ଲିକ, ଲଡ୍ଡୁ କିଶ୍ୱର ମଲ୍ଲିକ, ଡ. ସନ୍ତୋଷ କୁମାର ପାଢ଼ୀ, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଆର୍ତ୍ତତ୍ରାଣ ବାବୁ, ଡ. ଉମାକାନ୍ତ ନାଗ, ଦୁର୍ଯ୍ୟୋଧନ ସାହୁ, କଲ୍ୟାଣୀ ପାଣିଗ୍ରାହୀ, ଶ୍ରଦ୍ଧାଞ୍ଜଳି ମିଶ୍ର, ଆଶିଷ କୁମାର ଅଗ୍ରୱାଲ, ମାଧବ କୁମ୍ଭାର, ପଙ୍କଜ କୁମାର ମେହେର, ସୁନନ୍ଦା ସାହୁ, ଦିଲ୍ଲୀପ କୁମାର ରଥ, ବ୍ରଜମୋହନ ଦାନୀ ଓ ସିତାଂଶୁ ମିଶ୍ର ପ୍ରମୁଖ ଜିଲାର ସର୍ବାଙ୍ଗୀନ ଉନ୍ନତି ସକାଶେ ଆଲୋକପାତ କରିଥିଲେ। ଶେଷରେ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ସଭାନେତ୍ରୀ ପ୍ରାଧାପିକା ମୀନା ମହାରଣା ଧନ୍ୟବାଦ ଦେଇଥିଲେ। ପରେ ସମସ୍ତେ ଏକ ଶୋଭାଯାତ୍ରାରେ ବାହାରି ସଂକୀର୍ତ୍ତନ ମଣ୍ଡଳୀ ସହ ସହର ପରିକ୍ରମା କରିଥିଲେ।



ମହିଳାମାନେ ସହର ପରିକ୍ରମା କରୁଛନ୍ତି।

**ସୁବର୍ଣ୍ଣପୁରୀ ଦିନ ପାଳନ ଅବସରରେ ଦାବି**

## ବରିଷ୍ଠ ନାଗରିକ ସଙ୍ଗଠନ ପାଳିଲା ଓଡ଼ିଶା ଦିବସ

**ଅମରପାଲି,୧।୪(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାଠାରେ ବରିଷ୍ଠ ନାଗରିକ ସଙ୍ଗଠନ ତରଫରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିପାଇଁ ଆୟୋଜିତ ସଭାରେ ବ୍ରଜଗୋପାଳ ମହାପାତ୍ର ପୌରୋହିତ୍ୟ କରିଥିଲେ। ଅନୁଷ୍ଠିତ ସଭାରେ ପ୍ରଥମେ ଓଡ଼ିଶାର ବରପୁତ୍ରମାନଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସେମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହା ସହିତ ସ୍ୱତନ୍ତ୍ର ଓଡ଼ିଶା ଗଠନ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଗ୍ରାମ ସଫେଇ କାର୍ଯ୍ୟକ୍ରମ ଖଣ୍ଡହତା ଗାଁ ହାଟପଦା ପର୍ଯ୍ୟନ୍ତ କରାଯାଇଥିଲା। ଏଥିରେ ସମସ୍ତ ସଭ୍ୟାସଭ୍ୟ ଅଂଶ ଗ୍ରହଣ କରିଥିଲେ। ସଂଘର ସମ୍ପାଦକ ଘାସିରାମ ମଲ୍ଲିକ, ସହସମ୍ପାଦକ ଗଙ୍ଗାଧର ଚୌଧୁରୀ, ମୁରାରୀ ମିଶ୍ରଙ୍କ ସମେତ ସମସ୍ତ ସଭ୍ୟ ଯୋଗଦେଇଥିଲେ।

## ରଘୁନାଥ ଜଗଦଲା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ

**ସୋନପୁର,୧।୪(ମୃତ୍ୟୁଞ୍ଜୟ ଶତପଥୀ)**

ରାଜ୍ୟ ସରକାର ୩୦ଜିଲାର ଯୋଜନା ବୋର୍ଡ ନିମନ୍ତେ ବୁଧବାର ଅଧ୍ୟକ୍ଷ ଘୋଷଣା କରିଛନ୍ତି। ଏହି କ୍ରମରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲାଙ୍କୁ ସୁବର୍ଣ୍ଣପୁର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଘୋଷଣା ପରେ ଜଗଦଲାଙ୍କ ଶୁଭେଚ୍ଛୁ ଓ ସମର୍ଥକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଜିଲାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିକାଶମୂଳକ କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ ହେବ ବୋଲି ଜଗଦଲା କହିଛନ୍ତି। ୨୦୨୪ ନିର୍ବାଚନ ପରେ ଜୁଲାଇରେ ରାଜ୍ୟ ଯୋଜନା ବୋର୍ଡ ଭଙ୍ଗ ହୋଇଥିଲା। ଏହାପରେ ଏହାର ପୁନର୍ଗଠନ ନିମନ୍ତେ ଦାବି ହୋଇ ଆସୁଥିଲା। ଦୀର୍ଘ ୨୧ ମାସ ପରେ ସରକାରଙ୍କ ପକ୍ଷରୁ ଯୋଜନା ବୋର୍ଡର ପୁନର୍ଗଠନ କରାଯାଇଛି।


ବିଧାୟକ ରଘୁନାଥ ଜଗଦଲା।

**ସଂକ୍ଷେପରେ**

## ୪ ପଞ୍ଚାୟତରେ ଖୋଲିଲା ଜଳଛତ୍ର

**ଡୁଙ୍ଗୁରିପାଲି,୧।୪(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ୨୬ ଗ୍ରାମପଞ୍ଚାୟତରେ ୧ ଏପ୍ରିଲରୁ ଜଳ ଛତ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ତେବେ ୪ପଞ୍ଚାୟତରେ ବୁଧବାର ଜଳଛତ୍ର ଖୋଲିଥିବା ଜଣାପଡିଛି। ସେଗୁଡିକ ହେଲା ଚେରୁପାଲି ଗ୍ରାମପଞ୍ଚାୟତ, ବଡ଼କର୍ଲେ ଗ୍ରାମପଞ୍ଚାୟତ, ଲିଙ୍ଗମାର୍ଣ୍ଣି ଗ୍ରାମପଞ୍ଚାୟତ ଓ ମାମୁରା ଗ୍ରାମପଞ୍ଚାୟତ ବୋଲି ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ମହାନନ୍ଦ କହିଛନ୍ତି। ଚେରୁପାଲି ଗ୍ରାମପଞ୍ଚାୟତ ଅଧୀନ ଦିଗଶିରା ଛକ, ଆଗଲପୁର ଛକ, ଖୁସାମାଲ ଛକ, ବଡ଼ନୂଆପାଲି ଖେଳ ପଡିଆ ପରି ଚାରିଟି ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ଏହି ଜଳଛତ୍ରଗୁଡିକୁ ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏପ୍ରିଲ ୧ରୁ ଆସନ୍ତା ଜୁନ ୧୫ ତାରିଖ ପର୍ଯ୍ୟନ୍ତ ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଜଳଛତ୍ର ଖୋଲା ରହିବ। ଆବଶ୍ୟକ ପଡିଲେ ଆହୁରି ଜଳଛତ୍ର ଖୋଲାଯିବ ବୋଲି ସରପଞ୍ଚ ଶତପଥୀ କହିଛନ୍ତି।

## ୬୬ ବର୍ଷରେ ତେଲିପାଲି ରାମଲୀଳା ମହୋତ୍ସବ

**ଅମରପାଲି,୧।୪(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନ୍ଦୁଝିରିଆପାଲି ପଞ୍ଚାୟତ ତେଲିପାଲି ଶ୍ରୀରାମ ଲୀଳା ମହୋତ୍ସବ ଚଳିତ ବର୍ଷ ୬୬ ବର୍ଷରେ ପହଞ୍ଚିଛି। ଶ୍ରୀରାମ ନବମୀଠାରୁ ଆରମ୍ଭ ହୋଇଥିବା ଏହି ଶ୍ରୀରାମ ଲୀଳା ମହୋତ୍ସବ ନଅଦିନ ଧରି ଚାଲିବ। ଦିନବେଳା ପ୍ରତ୍ୟହ ପୂଜାର୍ଚ୍ଚନା ସହିତ ରାତିରେ ଶ୍ରୀରାମ ଲୀଳା ନାଟକ ପରିବେଷଣ ହେଉଛି। ଏହି ମହୋତ୍ସବ ପାଇଁ ତେଲିପାଲି ଗ୍ରାମ ଏହି ନଅ ଦିନ ଧରି ଏକ ପ୍ରକାର ଆଧ୍ୟାତ୍ମିକ ପରିବେଶ ହୋଇ ପଡ଼ିଛି। ଏହାର ପରିଚାଳନା ପାଇଁ ସର୍ବସମ୍ମତିକ୍ରମେ ଏକ ପରିଚାଳନା କମିଟି ଗଠନ କରାଯାଇଛି। ଏଥିରେ ଗୌରୀ ଶଙ୍କର ସାହୁ ସଭାପତି, ଅଚ୍ୟୁତାନନ୍ଦ ସାହୁଙ୍କୁ ସମ୍ପାଦକଭାବେ ଚୟନ କରାଯାଇଛି। ରାଜ ଗୋପାଳ ପାଣିଗ୍ରାହୀ, ସରୋଜ ସାହୁ, ରିଙ୍କୁ ସାହୁ, ସୁନୀଲ ସାହୁଙ୍କୁ ପରିଚାଳନା କମିଟି ସଭ୍ୟ ଭାବେ ଚୟନ କରାଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ପରିବେଷଣ ହେଉଛି ଲୀଳା ନାଟକ।

## ୭୫ବର୍ଷରେ କୋଟସମଲାଇ ବାହାରିପଡା ରାମଲୀଳା

**ବୀରମହାରାଜପୁର,୧।୪(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ବାହାରିପଡା ରଘୁନାଥ ମନ୍ଦିର ନିକଟରେ ଶ୍ରୀଶ୍ରୀ ରଘୁନାଥ ନାଟ୍ୟ କଳାପରିଷଦ ତରଫରୁ ଚଳିତବର୍ଷ ୭୫ବର୍ଷ ପୂର୍ତ୍ତି ଅବସରରେ ଶ୍ରୀରାମ ଯଜ୍ଞ ଅନୁଷ୍ଠିତ ହେଉଛି। ଚୈତ୍ରମାସ ଶୁକ୍ଳପକ୍ଷ ନବମୀଠାରୁ ଆରମ୍ଭ ହୋଇ ୧୮ଦିନ ପର୍ଯ୍ୟନ୍ତ ପାଳିତ ହୋଇଆସୁଅଛି। ପ୍ରଥମେ ମନ୍ଦିରରୁ ନାଟ ମଣ୍ଡପକୁ ରାମଚନ୍ଦ୍ର, ମାତା ସୀତା, ଲକ୍ଷ୍ମଣ, ଭରତ, ସୀତା ଓ ହନୁମାନଙ୍କୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରୀରାମ ଜନ୍ମ, ଧନୁ ଭଗ୍ନ, ସୀତା ବିବାହ, ରାମ ବନବାସ ଭଳି ପୌରାଣିକ କଥାବସ୍ତୁ ଉପରେ ଲୀଳା ନାଟକ ପରିବେଶିତ ହୋଇଛି। ବୁଧବାର ରାମ ବନବାସ ନାଟକ ମଞ୍ଚସ୍ଥ ହୋଇଥିଲା।

# ସମୃଦ୍ଧ ସୁବର୍ଣ୍ଣପୁର ଗଠନ ପାଇଁ ଆହ୍ୱାନ

### ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳିତ


ଜିଲାପାଳ ଡ. ନୃପରାଜ ସାହୁ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ସୋନପୁର,୧।୪(ମୃତ୍ୟୁଞ୍ଜୟ ଶତପଥୀ)**

ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ୩୩ତମ ସୁବର୍ଣ୍ଣପୁର ଜିଲା ପ୍ରତିଷ୍ଠା ଦିବସ ସ୍ଥାନୀୟ ଟାଉନ ହଲରେ ବୁଧବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭୋର ସମୟରେ ସହରରେ ଦେଶାତ୍ମବୋଧକ ସଙ୍ଗୀତ ପ୍ରଚାର କରାଯାଇଥିଲା । ପରେ ସହରସ୍ଥିତ ବିଭିନ୍ନ ଛକ ଏବଂ କାର୍ଯ୍ୟାଳୟରେ ଅବସ୍ଥିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ଜିଲାର ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ରାଜେନ୍ଦ୍ର ମାଝୀ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ ଏବଂ ଜିଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀମାନେ ସଧାର ଗୃହର ମହିଳାମାନଙ୍କୁ ବସ୍ତ୍ର ଓ ମିଷ୍ଟାନ ବଣ୍ଟନ କରିଥିଲେ। ସେହିପରି ଉତ୍କଳ ବାଳାଶ୍ରମରେ ଶିଶୁମାନଙ୍କୁ ଫଳ ଓ ମିଷ୍ଟାନ ଜିଲାପାଳ ଡ଼ ନୃପରାଜ ସାହୁଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ପରେ ସହରର କୁଷ୍ଠାଶ୍ରମରେ ମଧ ଜିଲାପାଳଙ୍କ ଦ୍ୱାରା ମିଷ୍ଟାନ ବଣ୍ଟନ କରାଯାଇଥିଲା। ଏହା ପରେ ଟାଉନ ହଲରେ ଫୋଟୋଚିତ୍ର ପ୍ରଦର୍ଶନୀ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଦୁଇଟି ଭିନ୍ନ ଶ୍ରେଣୀରେ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

ଟାଉନ ହଲରେ ଜିଲାପାଳ ଡ଼ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଜିଲାପାଳ ତାଙ୍କ ବକ୍ତବ୍ୟରେ ଓଡ଼ିଶା ଓ ସୁବର୍ଣ୍ଣପୁର ଜିଲା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏକ ଉନ୍ନତ ଓ ସମୃଦ୍ଧ ଓଡ଼ିଶା, ସୁବର୍ଣ୍ଣପୁର ଜିଲା ଗଠନ ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ସଭାରେ ଅତିରିକ୍ତ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାସ, ସୁବର୍ଣ୍ଣପୁର ପୌରଧ୍ୟକ୍ଷା ତାମସୀ ତାମସ୍ୱିତା ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର ଓ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଜ୍ୟୋତି ରଞ୍ଜନ ବହିଦାର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସାମୂହିକ ଭାବେ ବନ୍ଦେ ଉତ୍କଳ ଜନନୀ ଗୀତ ଗାନ ହୋଇଥିଲା ଏବଂ ଓଡ଼ିଶାର ସଂସ୍କୃତିକୁ ବିଦ୍ୟାଳୟ ଛାତ୍ରୀମାନେ ନୃତ୍ୟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏଥିରେ ବକ୍ତୃତା ଓ ରଚନା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିବାବେଳେ ରଙ୍ଗୋଲି ପ୍ରତିଯୋଗିତାର ୬ ଜଣ ବିଜେତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## ମହିମା ଆଶ୍ରମରେ ଚୈତ୍ର ମହିମା ମେଳା

**ବିନିକା,୧।୪(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଜୁଲୁଣ୍ଡା ପଞ୍ଚାୟତ ବିଲେଇବାହାଲି ମହିମା ଆଶ୍ରମଠାରେ ବୁଧବାର ୫୧ତମ ବାର୍ଷିକ ଚୈତ୍ରମେଳା ତଥା ବିଶ୍ୱଶାନ୍ତି ଅଖଣ୍ଡ ବିଶ୍ୱଯଜ୍ଞ ଓ ମହିମା ବାଲ୍ୟଲୀଳା ମଠାଧୀଶ ଦାଶରଥି ବାବାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମହିମା ସଙ୍ଗଠନ ଜୁଲୁଣ୍ଡା ଆନୁକୂଲ୍ୟରେ ଆୟୋଜିତ ମେଳାରେ ପୂର୍ବାହ୍ନ ୧୦ ଟାରୁ ଶତାଧିକ ମହିଳା ବିଲେଇବାହାଲି ଜଳାଶୟରୁ ପୂର୍ଣ୍ଣ ଜଳ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ବିଶ୍ୱର ମଙ୍ଗଳାର୍ଥେ ଏବଂ ମାନବ ସମାଜର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ପାପ, ତାପ ବିନାଶ ଏବଂ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ୨୨ପାଖୁଡ଼ା ଅଖଣ୍ଡ ଝାଡ଼ବତି ଓ ବ୍ରହ୍ମଧ୍ୱନିରେ ବାବା ବନମାଳୀ, କିଶୁ ଚରଣ ବାବା, ଅଚ୍ୟୁତାନନ୍ଦ ବାବା, ଶାନ୍ତନୁ ବାବା, ଲକ୍ଷ୍ମୀକାନ୍ତ ବାବା, ସୁରଥ ବାବା, ଶକ୍ତି ବାବା, ଯଶୋବନ୍ତ ବାବା, ବଶ୍ୱନାଥ ବାବା, ଯୁଗେଶ୍ୱର ବାବା, ଚିନ୍ତାମଣି ଦାସ ବାବାଙ୍କ ଦାରା ଘୃତାହୁତି କରାଯାଇଥିଲା। ପରେ କମିରା ଓ ମାଝୀମୁଣ୍ଡା ମଧ୍ୟରେ ମହିଳା ସଙ୍କୀର୍ତ୍ତନ ବୈଠକ, ଅଲେଖ ମହିମା ଭଜନ, ଖଞ୍ଜଣି ବାଦ୍ୟ ଓ ପ୍ରବଚନ, କଳାହାଣ୍ଡି ଘୁମୁରା ନାଚ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କମିଟି ସଭାପତି ରସିକ ନାଗ, ସମ୍ପାଦକ ବିନୋଦ ସୁନା, କୋଷାଧ୍ୟକ୍ଷ ମହାଦେବ ତାଣ୍ଡି, ଆଲୋକ ତାଣ୍ଡି, ମନବୋଧ ଦାସ, ଜୟଦେବ ଦାସ ପ୍ରମୁଖ ସହଯୋଗ କରିଥିଲେ ।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

## ଏପ୍ରିଲ ୧କୁ କଳା ଦିବସଭାବେ ପାଳନ କଲା କୋଶଲ ସେନା



କୋଶଲ ସେନା ଓଡ଼ିଶା ଦିବସକୁ କଳା ଦିବସ ପାଳନ କରୁଛନ୍ତି।

**ଡୁଙ୍ଗୁରିପାଲି,୧।୪(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିଠାରେ ବୁଧବାର ଏପ୍ରିଲ ୧ ଓଡ଼ିଶା ଦିବସକୁ କୋଶଲ ସେନା ପକ୍ଷରୁ କଳା ଦିବସ ଭାବେ ପାଳନ କରିଛି। ଡୁଙ୍ଗୁରିପାଲି ବସ୍‌ଷ୍ଟାଣ୍ଡ ନିକଟ ବାବା ସାହେବ ଆମ୍ବେଦକର ଚାରିଛକଠାରେ କୋଶଲ ସେନା ସଦସ୍ୟମାନେ ମୁହଁରେ କଳା କପଡା ଓ ହାତରେ କଳା ବ୍ୟାଜ ଧରି କଳା ଦିବସ ଭାବେ ପାଳନ କରିଛନ୍ତି। ସେମାନେ ଉତ୍କଳ ଗୋ ବ୍ୟାକ, ଉତ୍କଳ ଫୁଟକଲ ନେଇ ଚଲେ ବୋଲି ନାରା ଦେଇଥିଲେ। ସରୋଜ ପଧାନ, ଯଦୁମଣି କୁଦେଇ, କାହ୍ନୁଚରଣ ମହାରଣା, ଦିବ୍ୟ ମେହେର, ଯୁଧିଷ୍ଠିର ଭୁଏ, ରତ୍ନାକର ସେଠ, ସଚିନ ନାଏକ, ରିକି ଶତପଥୀ, ଧିରେନ ଭୋଇ, ରିଙ୍କୁ ପଧାନ, ବିମଳ ପଧାନ, କରୁଣା ଭୁଏ, ଦିଲୀପ ବରାଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ ଏକାଡେମୀରେ ଓଡ଼ିଶା ଦିବସ ପାଳିତ


ଓଡ଼ିଶା ଦିବସ ପାଳନ ଅବସରରେ ଅତିଥି ବୃନ୍ଦ।

**ସୋନପୁର,୧।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲେଇସ୍ଥିତ ଶ୍ରୀ ଜଗନ୍ନାଥ ଏକାଡେମୀରେ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର କୁମାର ହୋତାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅମିତ ପାତ୍ର, ଭଗବତୀ ହୋତା, ଦାଶରଥି ସେଠୀ ଓ ରାଜୁ ମିଶ୍ର ପ୍ରଥମ ଭାଷାଭିତ୍ତିକ ଓଡ଼ିଶା ରାଜ୍ୟ ଗଠନ ଓ ଏହି ଦିବସ ପାଳନର ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଡ଼ିଆ ଅସ୍ମିତା ଓ ଓଡିଶା ବିଷୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଅନିରୁଦ୍ଧ ପାଢ଼ୀ ସଭା ପରିଚାଳନା କରିଥିବା ବେଳେ, ଶଙ୍ଖସିନ୍ଧୁ ପୁରୋହିତ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ହୃଷୀକେଶ ପଧାନ ଧନ୍ୟବାଦ ଜଣାଇଥିଲେ। ପୂର୍ଣ୍ଣିମା ନାଏକ, ବିଶ୍ୱେଶ୍ୱର ପଧାନ ଓ ସବିତା ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଇନଶୃଙ୍ଖଳା ନିୟନ୍ତ୍ରଣରେ ପୋଲିସର ବଡ଼ ଭୂମିକା

**ସୋନପୁର,୧।୪(ମୃତ୍ୟୁଞ୍ଜୟ ଶତପଥୀ)**

ଓଡ଼ିଶା ପୋଲିସର ୯୧ତମ ପ୍ରତିଷ୍ଠା ଦିବସ ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆରେ ବୁଧବାର ପାଳିତ ହୋଇଯାଇଛି। ଏସ୍‌ପି ନାରାୟଣ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରେଡ୍‌ରେ ଅଭିଭାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ।

ଏସ୍‌ପି ନାୟକ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଥିଲେ, ଏକ ବିକାଶଶୀଳ ରାଷ୍ଟ୍ରରେ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବୈଷୟିକ ଜ୍ଞାନ କୌଶଳ ଓ ଦକ୍ଷତା ବଳରେ ପୋଲିସ ନିଜର କାର୍ଯ୍ୟ ସମ୍ପାଦନ କରିଆସୁଛି। ଆଭ୍ୟନ୍ତର ଶାନ୍ତିଶୃଙ୍ଖଳା ଓ ଆଇନଶୃଙ୍ଖଳା ନିୟନ୍ତ୍ରଣ କ୍ଷେତ୍ରରେ ପୋଲିସର ବଡ ଭୂମିକା ରହିଛି। ଏବେ ପୋଲିସର ଦାୟିତ୍ୱ ଦିନକୁ ଦିନ ବଢି ଚାଲିଛି। ପୋଲିସ ସବୁ ଚ୍ୟାଲେଞ୍ଜ ସଫଳତା ସହ ମୁକାବିଲା କରୁଛି। ଧନଜୀବନ ରକ୍ଷା କାର୍ଯ୍ୟ ପୋଲିସ କରିଆସୁଛି। ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ସମୟରେ ଉଲ୍ଲେଖନୀୟ କାର୍ଯ୍ୟ କରି ପୋଲିସ ଧନଜୀବନ ସୁରକ୍ଷା କରିଛି। ଏହି ସମାରୋହରେ ସୁବର୍ଣ୍ଣପୁର ପୋଲିସ ଜିଲାରେ ୨୦୨୫-୨୬ ବର୍ଷରେ ଉତ୍ତମ ସେବା ଓ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମେଣ୍ଡା ଫାଣ୍ଡିର ଆରକ୍ଷୀ ଉପ ନିରୀକ୍ଷକ ପ୍ରେମରାଜ ସାହୁ, ବୀରମହାରାଜପୁର ଥାନାର ସହାୟକ ଆରକ୍ଷୀ ଉପ ନିରୀକ୍ଷକ ଗ୍ଲୋରିଆ କାନ୍ଦୁଲୁନା, ରିଜର୍ଭ ପୋଲିସର ଶ୍ରେଷ୍ଠ ହାବିଲଦାର ସନ୍ତୋଷ ପାତ୍ର, କନେଷ୍ଟବଳ ବି ପୁରୁଷୋତ୍ତମ ପାତ୍ର, ପଦ୍ମନ ବାଗ ଓ ଭବାନୀ ଶଙ୍କର ହୋତାଙ୍କୁ ଏସ୍‌ପି ନାୟକ ମାନପତ୍ର ଦେଇ ସମ୍ମାନିତ କରିବା ସହ ପୁରସ୍କୃତ କରିଥିଲେ। ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ କାହ୍ନୁ ଚରଣ ମାରାଣ୍ଡି ପରେଡ୍‌କୁ ପରିଚାଳନା କରିଥିବା ବେଳେ ଏସଆଇ(ଆର୍ମଡ୍) ବିଜୟ କୁମାର ବାସ୍କେ ସହଯୋଗ କରିଥିଲେ। ବ୍ୟାଣ୍ଡ ଟିମ୍ ସହ ଜିଲା ପୋଲିସର ଦୁଇ ପ୍ଲାଟୁନ୍ ଆରକ୍ଷୀ ବାହିନୀ ପରେଡ୍‌ରେ ସାମିଲ ହୋଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ କେ ହରିପ୍ରସାଦ, ପ୍ରତାପ କୁମାର ରଣା ଓ ଡିଏସ୍‌ପି ଚନ୍ଦ୍ର ଶେଖର ଶବର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାପାଳ ଡ. ନୃପରାଜ ସାହୁ, ଡେପୁଟି ଡାଇରେକ୍ଟର ପ୍ରୋସିକ୍ୟୁସନ ମଧୁମିତା ଅମାତ୍ୟ, ଆସିଷ୍ଟାଣ୍ଟ ଡାଇରେକ୍ଟର ପ୍ରୋସିକ୍ୟୁସନ ହିମାଂଶୁ କୁମାର ପଣ୍ଡା, ଡିଏସ୍‌ପି ରେଣୁକା ସୁନା, ରାଜେଶ୍ୱରୀ ଭୋଇ, ସୁନିତା ପଧାନ, ବୈକୁଣ୍ଠ ବିହାରୀ ସେଠ୍, ବୀରମହାରାଜପୁର ଏସଡିପିଓ ହେମନ୍ତ ରାଓ, ସୋନପୁର ସହକାରୀ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ, ଜିଲାର ସମସ୍ତ ଥାନାର ଅଧିକାରୀ ଓ ହାବିଲଦାର-କନଷ୍ଟେବଳ ସଂଘ ଜିଲା ଶାଖାର ସଭାପତି କୁମୁଦ ରଞ୍ଜନ ମେହେର, ସମ୍ପାଦକ ରଞ୍ଜିତ କୁମାର ପ୍ରଧାନଙ୍କ ସମେତ ଶତାଧିକ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।


ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଏସ୍‌ପି ପୁରସ୍କୃତ କରୁଛନ୍ତି।

**ସୁବର୍ଣ୍ଣପୁରରେ ୯୧ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ**

**ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୬ ପୁରସ୍କୃତ**

**ସଂକ୍ଷେପରେ**

## ଟଙ୍କଧର ତ୍ରିପାଠୀ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ

**ଝାରସୁଗୁଡ଼ା,୧୪(ଆଶିଷ ରଞ୍ଜନ ଦାଶ)**



ରାଜ୍ୟର ସମସ୍ତ ଜିଲାରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷମାନଙ୍କ ନାମ ଘୋଷଣା କରିଛନ୍ତି। ଏହି ନୂତନ ତାଲିକାରେ ଝାରସୁଗୁଡ଼ା ଜିଲା ପାଇଁ ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଜିଲାରେ ଜନସାଧାରଣଙ୍କ ସମସ୍ୟା, ଶିଳ୍ପ ପ୍ରଦୂଷଣ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନୂତନ ଯୋଜନା ପ୍ରସ୍ତୁତି ଏବଂ ଏହାର ଠିକ୍ କାର୍ଯ୍ୟକାରିତା ଦିଗରେ ତ୍ରିପାଠୀ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଓଡ଼ିଶା ଦିବସ ପାଳିତ

**ରିଆମାଳ,୧୪(ବଦ୍ରିନାରାୟଣ ଅଗ୍ରୱାଲ)**

ରିଆମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁବାଟିକା ପ୍ରମୁଖ ଭାରତୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦିବସ ଓ ପ୍ରଥମ ଦିନୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଜନାର୍ଦ୍ଦନ ପ୍ରଧାନ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଯୁଧିଷ୍ଠିର ସାହୁ ଅତିଥି ପରିଚୟ, ଆଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା, ଆଚାର୍ଯ୍ୟ ହରେଶ କୁମାର ବେହେରା ବକ୍ତବ୍ୟ, ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ପୋଖରୀଠାରେ ପୂଜାର୍ଚ୍ଚନା କରାଯାଇ ହୋମଯଜ୍ଞ ପାଇଁ ଶୋଭାଯାତ୍ରାରେ କଳସ ଅଣାଯାଇଥିଲା। ହୋମଯଜ୍ଞରେ ତପସ୍ୱିନୀ ନାୟକ ଓ ହୃଦାନନ୍ଦ କୁଅଁର କର୍ତ୍ତା ଭାବରେ ଯୋଗଦେଇଥିବାବେଳେ ବିରଜା ପ୍ରସାଦ ନନ୍ଦ ପୂଜକ ଦାୟିତ୍ୱ ତୁଲାଇଥିଲେ। ହୋମ କାର୍ଯ୍ୟ ପରେ ସଭା ଅନୁଷ୍ଠିତ ହୋଇଥିଲା।

## ବେଁକମୁରାରେ ନାମଯଜ୍ଞ ଉଦ୍‌ଯାପିତ

**ଲଖନପୁର,୧୪(ଗୌତମ ସାହୁ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ପଣ୍ଡରି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବେଁକମୁରାଠାରେ ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭଗବାନ୍ ପଧାନ ଓ ସୁଜାତା ପଧାନ କର୍ତ୍ତା ଏବଂ ଦିବାକର ପଧାନ, ପଣ୍ଡିତ ପଧାନ, ରାଜେନ୍ଦ୍ର ଭୋଇ, ଯଶୋବନ୍ତ ପଧାନ, ଆଦିତ୍ୟ ପଧାନ, ଅନିଲ ପୋଢ଼ ପ୍ରମୁଖ ଷଡ଼ବୈଷ୍ଣବ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଆଲୋକ ତ୍ରିପାଠୀ ଯଜ୍ଞକାର୍ଯ୍ୟ ତୁଲାଇଥିଲେ। ଏଥିରେ ଛତିଶଗଡ଼, ସମ୍ବଲପୁର, ଟାଙ୍ଗରପାଲି, ବିଶିପାଲି, ଝାରକଣ୍ଟା, ରେମଣ୍ଡା ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ଦଧିଭଞ୍ଜନ କାର୍ଯ୍ୟକ୍ରମକୁ ବରିଷ୍ଠ ଗାୟକ ରଥାଙ୍ଗ ସାହୁ ଓ ସାଥି ପରିଚାଳନା କରିଥିଲେ। ରାଧାରାଣୀ ସଂକୀର୍ତ୍ତନ ମଣ୍ଡଳୀ ତରଫରୁ ଅଲେଖ ପଧାନ, ମକରଧ୍ୱଜ ମଲ୍ଲିକ, ଭକ୍ତରାମ ପ୍ରଧାନ, ଦିନାନାଥ ପଧାନ, ରୂପଧର ପ୍ରଧାନଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# 'ଓଡ଼ିଆ ଭାଷା, ସଂସ୍କୃତି ଆମର ଗର୍ବ'



କାର୍ଯ୍ୟକ୍ରମରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ଝାରସୁଗୁଡ଼ା,୧୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ପ୍ରଶାସନ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ବେହେରାପାଲିସ୍ଥିତ ଏସ୍‌ଏଲ୍ ଅଡିଟୋରିୟମଠାରେ ୯୧ତମ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ବୁଧବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ବିଶିଷ୍ଟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ କୃଷ୍ଣାକେଶୀ ବଲିୟାରସିଂହ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଚହ୍ୱାଣ କହିଥିଲେ, ଓଡ଼ିଆ ଭାଷା ଆମର ଅସ୍ମିତା, ସଂସ୍କୃତି ଆମର ଗର୍ବ ଏବଂ ପ୍ରଗତି ଆମର ଲକ୍ଷ୍ୟ। ପ୍ରତ୍ୟେକ ଓଡ଼ିଆଙ୍କ ଭାଗୀଦାରୀ ହିଁ ଏକ 'ସମୃଦ୍ଧ ଓଡ଼ିଶା' ଗଠନର ମୂଳଦୁଆ। ସେହିପରି ସମ୍ମାନିତ ଅତିଥି ରାଘବେନ୍ଦ୍ର ସୁରକ୍ଷିତ

**ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ**

ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଶାର ଗୌରବମୟ ଇତିହାସ ଏବଂ ବରପୁତ୍ରମାନଙ୍କ ଅବଦାନକୁ ନେଇ ଅନୁଷ୍ଠିତ ସ୍ୱତନ୍ତ୍ର ଫଟୋ ପ୍ରଦର୍ଶନୀକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ଏଥିସହ ଅଙ୍ଗନୱାଡ଼ି କର୍ମୀମାନଙ୍କ ଦ୍ୱାରା ପିଠା ପରବ ଆୟୋଜିତ ହୋଇଥିଲା। ଏଥିରେ ମାଣ୍ଡିଆ ଓ ବିଭିନ୍ନ ପୁଷ୍ଟିକର ଖାଦ୍ୟ ସହ ଓଡ଼ିଶାର ପାରମ୍ପରିକ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ



କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଦେବଗଡ଼,୧୪(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ସ୍ଥିତ ଗୋପବନ୍ଧୁ ଛକଠାରେ ଓଡ଼ିଶା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍କଳମଣି ଗୋପବନ୍ଧୁ ଦାସ, ରାଜା ବାସୁଦେବ ସୁଢ଼ଳଦେବ, ରାଜା ସଚ୍ଚିଦାନନ୍ଦ ତ୍ରିଭୁବନଦେବ, ଉତ୍କଳପ୍ରିୟା ଦେବୀ, ବି. ଆର୍. ଆମ୍ବେଦକର, ବିର୍ସା ମୁଣ୍ଡା, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ ଓ ପୌରପରିଷଦ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରତିକାନ୍ତ ଶୁକ୍ଳା, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ରାମଚନ୍ଦ୍ର ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ଜିଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ପରେ ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ସାଧାରଣ ସଭା ଆୟୋଜନ ହୋଇଥିଲା। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଏସ୍‌ପି ଅନିଲ କୁମାର ମିଶ୍ର, ପୂର୍ବତନ ବିଧାୟକ ତଥା ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଉପଜିଲାପାଳ ପରିକ୍ଷିତ ସାହୁ ପ୍ରମୁଖ ଯୋଗଦେଇ ବରପୁତ୍ରମାନଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଫଟୋଚିତ୍ର ପ୍ରଦର୍ଶନୀ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଓଡ଼ିଶା-ଛତିଶଗଡ଼ ମଧ୍ୟରେ ସମ୍ପର୍କ ନିବିଡ଼: ଟଙ୍କଧର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଝାରସୁଗୁଡ଼ା,୧୪ (ଆଶିଷ ରଞ୍ଜନ ଦାଶ)**

**ରାୟଗଡ଼ରେ ଓଡ଼ିଶା ଦିବସ ପାଳିତ**

ଛତିଶଗଡ଼ ରାଜ୍ୟର ରାୟଗଡ଼ଠାରେ ଉତ୍କଳ ସାଂସ୍କୃତିକ ସେବା ସମିତି ପକ୍ଷରୁ ବାବା ପ୍ରିୟଦର୍ଶୀ ରାମ ଅଡିଟୋରିୟମ ପଞ୍ଜାରୀ ପ୍ଲାଣ୍ଟଠାରେ ଓଡ଼ିଶା ଦିବସ ବୁଧବାର ପାଳିତ ହୋଇଯାଇଛି। ଉତ୍କଳ ସାଂସ୍କୃତିକ ସେବା ସମିତି ଅଧ୍ୟକ୍ଷ ପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ସମ୍ମାନିତ ଅତିଥି ଭାବରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ରାୟପୁର ଉତ୍ତର ବିଧାୟକ ପୁରନ୍ଦର ମିଶ୍ର, ରାଇଗଡ଼ର ମେଜର ଜିଧାନ ଚୌହାନ ଯୋଗଦେଇଥିଲେ। ସମିତି ସମ୍ପାଦକ ପ୍ରତାପ ରାଉତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଧାୟକ ତ୍ରିପାଠୀ କହିଥିଲେ, ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଆ ଭାଗବତକୁ ଛତିଶଗଡ଼ୀ ଭାଷାରେ ଅନୁବାଦ କରି ବ୍ୟାସ ଷଡ଼ଙ୍ଗୀ ଓ ଡ. ସୁଚିତ୍ରା ତ୍ରିପାଠୀ ପ୍ରଦାନ କରିଥିବାରୁ ଏହା ସବୁଦିନ ମନେରହିବ। ଉତ୍କଳ ଗୌରବ ମଧୁସୂଦନ ଦାସ, ଫକୀର ମୋହନ ସେନାପତିଙ୍କ ତ୍ୟାଗ ଓ ବଳିଦାନ ପାଇଁ ଆଜି ଓଡ଼ିଶା ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟରେ ପରିଣତ ହୋଇପାରିଛି। ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଅନ୍ତରଙ୍ଗ ସମ୍ପର୍କ ଅତି ନିବିଡ଼ ବୋଲି ତ୍ରିପାଠୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଏବଂ ଛତିଶଗଡ଼ ରାଜ୍ୟର ବହୁ ବିଦ୍ୱାନ୍, ସାମାଜିକ କର୍ମୀ ଯୋଗଦେଇଥିଲେ।

## ଜିଲା ଠିକାଦାର ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

**ଦେବଗଡ଼,୧୪(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ଠିକାଦାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରିଆମାଳ କଲ୍ୟାଣ ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଇଂ. ସୁଜିତ୍ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ଠିକାଦାରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ଟେଣ୍ଡର ପ୍ରକ୍ରିୟାରେ ଏକ ସନ୍ତୁଳିତ ତଥା ନ୍ୟାୟସଙ୍ଗତ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ଠିକାଦାର ପ୍ରସନ୍ନ କୁମାର ବେହେରା, ଇଂ. ଚିତ୍ତରଞ୍ଜନ ପ୍ରଧାନ, ଇଂ. ଅଜୟ କୁମାର ପ୍ରଧାନ, ହରିହର ପାଣି, ଇଂ. ତପନ କୁମାର ସାହୁଙ୍କ ସମେତ ସଂଘର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

## ସୋଡ଼ାମାଳ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

**କୋଲାବିରା,୧୪(ସଞ୍ଜୟ ପୂଜାରୀ)**

କୋଲାବିରା ବ୍ଲକ ଅଧୀନ ସୋଡ଼ାମାଳ ସରକାରୀ ହାଇସ୍କୁଲ (ସେବାଶ୍ରମ)ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ୩ରୁ ୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି। ତେବେ ଏନେଇ ସ୍କୁଲ ପରିସରରେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦର୍ଶନ ସରାଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଉତ୍ସବରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଏମ୍‌ପି ପ୍ରଦୀପ ପୁରୋହିତ, ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅନେକ ଅଧିକାରୀ ଯୋଗଦେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଏଥିସହ କମିଟିର ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ବସନ୍ତ ବେହେରା ସଭା ପରିଚାଳନା କରିଥିଲେ। ଏଥିରେ ସରପଞ୍ଚ ଚନ୍ଦନ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଶ କିଷାନ, ଲେଲିନ କୁମାର ସାହୁ, ଆପସ ସୁନାନି, ସଞ୍ଜୟ କରାଳୀ, ନିର୍ମଳ ମୁଣ୍ଡା, ଆଲୋକ ପ୍ରଧାନ, ତପନ ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟ ଯୋଗଦେଇଥିଲେ।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple,
Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

## ପଞ୍ଚାୟତିରାଜ ପ୍ରତିନିଧିଙ୍କ ପାଇଁ ପ୍ରତୀକ୍ଷାଳୟ ଗୃହ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ରିଆମାଳ,୧୪(ବଦ୍ରି ନାରାୟଣ ଅଗ୍ରୱାଲ)**

ଓଡ଼ିଶା ଦିବସ ଅବସରରେ ରିଆମାଳ ବ୍ଲକ୍ ପରିସରରେ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ପାଇଁ ପ୍ରତୀକ୍ଷାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରିଆମାଳ ବ୍ଲକ୍ ଚେୟାରମ୍ୟାନ୍ ମଧୁସୂଦନ ପ୍ରଧାନ ଯୋଗଦେଇ ପ୍ରତୀକ୍ଷାଳୟ ଗୃହକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରିଆମାଳ ବ୍ଲକ୍ ଅଧୀନ ୨୬ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ନିର୍ବାଚିତ ପ୍ରତିନିଧିଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ ରିଆମାଳ ବ୍ଲକ୍ ସରପଞ୍ଚ ସଂଘ ପକ୍ଷରୁ ବ୍ଲକ୍ ଚେୟାରମ୍ୟାନ୍ ଓ ବିଡିଓଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

# ବିଜେଡି ପକ୍ଷରୁ ଓଡ଼ିଶା ଦିବସ ପାଳିତ

**ଝାରସୁଗୁଡ଼ା,୧୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ବିଜେଡି ପକ୍ଷରୁ ଓଡ଼ିଶା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ମହାତ୍ମା ଗାନ୍ଧୀ, ବିଜୁ ପଟ୍ଟନାୟକ, ବି.ଆର୍. ଆମ୍ବେଡକର, ବିହାରୀ ରାମ ତନ୍ତୀ, ଗୋପବନ୍ଧୁ ଦାସ, ଗଙ୍ଗାଧର ମେହେର, ନବ କିଶୋର ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଝାରସୁଗୁଡ଼ା ସହର ବଡ଼ମାଲସ୍ଥିତ ବିଜୁ ପଟ୍ଟନାୟକ ଛକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଦୀପାଳି ଦାସ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ହୋଇଥିବା ଅସମ୍ମାନକୁ ନେଇ ଶାସକ ଦଳ ଉପରେ ବର୍ଷିଛନ୍ତି। ତୁରନ୍ତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏବଂ ଓଡ଼ିଶାର ବରପୁତ୍ରମାନଙ୍କୁ ସମ୍ମାନ ପ୍ରଦାନ କରାଯାଉ ବୋଲି ସେ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ହରିଶ୍ ଗଣତ୍ରା, ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ପୌରାଧ୍ୟକ୍ଷା ରାନୀ ହାତୀ, ଝାରସୁଗୁଡ଼ା ବିଜୁ ଯୁବ ଜନତା ଦଳ ସଭାପତି ରୋବିନ ପାଣ୍ଡେ, ବିଜେଡି ବରିଷ୍ଠ ନେତା ରବି ସିଂହ, ସନ୍ଦୀପ ଅୱସ୍ତି, ଅଶୋକ ଦାସ, ତୁଳସୀ ଦାସ, ମଦନ ହାତୀ, ଦାମୋଦର ନାଥ, ପବନ ସାହା, ନବନୀତ କୌର, ଦୀପା ନାଏକଙ୍କ ସମେତ ବିଜେଡିର ସମସ୍ତ କାଉନ୍‌ସିଲର ଉପସ୍ଥିତ ରହିଥିଲେ।



ବଡ଼ମାଲସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା।

## ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମିଳନୀ

**ବେଲପାହାଡ଼,୧୪(ସୁବାସ ପ୍ରଧାନ)**

ଅଖିଳ ଭାରତୀୟ ମାରୱାଡ଼ି ମହିଳା ମଞ୍ଚ ବେଲପାହାଡ଼ ଶାଖା ପକ୍ଷରୁ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ମହିଳା ସମ୍ମିଳନୀ ଓ ଶପଥ ଗ୍ରହଣ ସମାରୋହ ବୁଧବାର ବେଲପାହାଡ଼ସ୍ଥିତ କମ୍ୟୁନିଟି ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବେଲପାହାଡ଼ର ପିଏମ୍‌ଏସ୍ ଅଧ୍ୟକ୍ଷ ବିଶ୍ୱନାଥ ଅଗ୍ରୱାଲ ନୂତନ କମିଟିର ଅଧ୍ୟକ୍ଷା ଆଶା ଅଗ୍ରୱାଲ, ସଚିବ ବବିତା ଅଗ୍ରୱାଲ ଏବଂ କୋଷାଧ୍ୟକ୍ଷ ସଙ୍ଗୀତା କେଡିଆଙ୍କୁ ଶପଥପାଠ କରାଇଥିଲେ। ସେହିପରି ପ୍ରକଳ୍ପ ପ୍ରମୁଖ ଗାୟତ୍ରୀ ଅଗ୍ରୱାଲ, ଶାଲୁ ସିଂଘାନିଆ, ସରିତା ଭୁବାନିଆ, କୋମଳ ଅଗ୍ରୱାଲ, କାଞ୍ଚନ ଅଗ୍ରୱାଲ ଓ ବବିତା ସିଂଘାନିଆ ମଧ୍ୟ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷ ରୋଶନୀଙ୍କୁ ପ୍ରଦେଶ ସଂସ୍କାର ସଂସ୍କୃତି ପ୍ରମୁଖ ଭାବେ ନିଯୁକ୍ତ ହୋଇଥିବାରୁ ସମ୍ମାନିତ କରାଯାଇଥିଲା। ଏଥିସହ ସମିତିର ସକ୍ରିୟ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା।

# ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଅନ୍ତୁ: ଏସ୍‌ପି

**ଝାରସୁଗୁଡ଼ା,୧୪(ଆଶିଷ ରଞ୍ଜନ ଦାଶ)**

**ପୋଲିସ ପ୍ରତିଷ୍ଠା ଦିବସ ପାଳିତ**

ଝାରସୁଗୁଡ଼ା ଜିଲା ୨ୟ ବାଟାଲିୟନ ପରେଡ୍ ଗ୍ରାଉଣ୍ଡଠାରେ ଝାରସୁଗୁଡ଼ା ପୋଲିସ ପକ୍ଷରୁ ୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଏବଂ ଓଡ଼ିଶା ଦିବସ ବୁଧବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଯୋଗଦେଇ କହିଛନ୍ତି, ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ପୋଲିସ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟ କରିବେ। ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଯତ୍ନବାନ୍ ହେବାକୁ ଏସ୍‌ପି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ଦେଶ ସେବା ପାଇଁ ବଳିଦାନ ଦେଇଥିବା ବୀରମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିସହ ଅନେକ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ପୋଲିସର ବହୁ ଅଧିକାରୀ ଉପସ୍ଥିତ ଥିଲେ।



ଏସ୍‌ପି ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

# 'ମାଓବାଦୀ ଦମନ, ଅପରାଧ ନିୟନ୍ତ୍ରଣରେ ପୋଲିସର ଅବଦାନ ପ୍ରଶଂସନୀୟ'

**ଦେବଗଡ଼,୧୪(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ରିଜର୍ଭ ପୋଲିସ ପଡ଼ିଆରେ ବୁଧବାର ୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଏସ୍‌ପି ଅନିଲ କୁମାର ମିଶ୍ର ଯୋଗଦେଇ ଅଭିବାଦନ ଗ୍ରହଣ କରିବା ସହିତ ପୋଲିସ ଉଦ୍ଦେଶ୍ୟରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ଏଥିସହ ସେ କହିଥିଲେ, ଓଡ଼ିଶା ପୋଲିସ ସବୁ କ୍ଷେତ୍ରରେ ଆଗକୁ ବଢ଼ିଛି। ମାଓବାଦୀ ଦମନ ଏବଂ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ପୋଲିସର ଅବଦାନ ବେଶ୍ ପ୍ରଶଂସନୀୟ। ବଳ ପ୍ରୟୋଗ କରି କାର୍ଯ୍ୟ ହାସଲ କରିବା ସେବା ନୁହେଁ। ସମସ୍ତଙ୍କର ସମ୍ମତିକ୍ରମେ କର୍ତ୍ତବ୍ୟ ସମ୍ପାଦନ କରିବା ପୋଲିସର ପ୍ରକୃତ ସେବା ବୋଲି ଏସ୍‌ପି କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଚତୁର୍ଥ ଆଇଆର୍‌ବି ବାଟାଲିୟନ କମାଣ୍ଡାଣ୍ଟ କାହ୍ନୁ ଚରଣ ହାଁସଦା, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ କୁମାର ଚୋପଦାର, ସହକାରୀ ବନ ସଂରକ୍ଷିକା ସ୍ୱାଧୀନତା ସାହାଣୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ପୋଲିସ ପକ୍ଷରୁ ଶ୍ରେଷ୍ଠ ସହକାରୀ ଉପଆରକ୍ଷୀ ନିରୀକ୍ଷକ ଭାବେ ଜିତେନ୍ଦ୍ର ସାମଲ, ଶ୍ରେଷ୍ଠ ମୁଖ୍ୟ ଆରକ୍ଷୀ ସୁକାନ୍ତ ବେହେରା, ଶ୍ରେଷ୍ଠ ସାଧାରଣ ଆରକ୍ଷୀ ଝସକେତନ ସାହୁ, ଶ୍ରେଷ୍ଠ ଟ୍ରାଫିକ୍ ସାଧାରଣ ଆରକ୍ଷୀ ପ୍ରେମାଞ୍ଜଳି ବାଘ, ଶ୍ରେଷ୍ଠ ସଶସ୍ତ୍ର ଆରକ୍ଷୀ ସିଲୁ ପ୍ରଧାନ, ଚତୁର୍ଥ ଆଇଆର୍‌ବି ବାଟାଲିୟନର କନ୍‌ଷ୍ଟେବଲ୍ ସୁମନ୍ତ ପ୍ରଧାନ, ହାବିଲଦାର ଉପାସୁ ମାହାର, ସବ୍‌ଇନ୍ସପେକ୍ଟର ସତ୍ୟରାମ ମାଝୀ, ହାବିଲଦାର ମେଜର ଚିତ୍ତରଞ୍ଜନ ମାର୍ଡିଙ୍କୁ ମାନପତ୍ର ଏବଂ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ରାମଚନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ କୁମାର ମାହାନା, ଡିଆଇବି ଡିଏସ୍‌ପି ପବିତ୍ର କିଷାନ, ଏଚ୍‌ଆର୍‌ପିସି ଡିଏସ୍‌ପି ଅମୂଲ୍ୟ ପୁନମ୍ ଲାକ୍ରାଙ୍କ ସମେତ ପୋଲିସ ଅଧିକାରୀ ଓ କର୍ମଚାରୀ ଏବଂ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।



ଏସ୍‌ପି ପୋଲିସ ଉଦ୍ଦେଶ୍ୟରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଢୁଛନ୍ତି।

**ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ**

## ସଂକ୍ଷେପରେ

### ୯୧ ବର୍ଷରେ ଜୋରାଡ଼ବରା ରାମଲୀଳା

**କର୍ଲାମୁଣ୍ଡା, ୧।୪(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡ଼ବରା ଗ୍ରାମରେ ୧୯୩୫ ମସିହାରୁ ଆରମ୍ଭ ହୋଇଥିବା ରାମ ନବମୀ ଉତ୍ସବ ଚଳିତବର୍ଷ ୯୧ ବର୍ଷରେ ପଦାର୍ପଣ କରିଛି। ଗ୍ରାମବାସୀଙ୍କ ଉଦ୍ୟମରେ ଗ୍ରାମର ସ୍ୱର୍ଗତ ଲକ୍ଷ୍ମୀଧର ସାହୁ, ସ୍ୱର୍ଗତ ରଜାପତି ସାହୁ, ସ୍ୱର୍ଗତ ସଂସାର ସାହୁ, ସ୍ୱର୍ଗତ ଦେବାରଚନ ସାହୁଙ୍କ ଭଳି ଅନେକ କଳାକାରଙ୍କ ଅଭିନୟରେ ନାଟକ ଆରମ୍ଭ ହୋଇଥିଲା। ସେ ସମୟର ବରିଷ୍ଠ କଳାକାର ଗୁରୁବାରୁ ବେହେରା ୭୧ ବର୍ଷ ବୟସରେ ଆଜି ବି ରାମଲୀଳା ନାଟକରେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି। ଚଳିତବର୍ଷ ରାମନବମୀ ପାଳନ ସହିତ ୧୪ ଦିନ ବ୍ୟାପୀ ରାମଲୀଳା ନାଟକ ମଞ୍ଚସ୍ଥ ହେଉଛି। ମଙ୍ଗଳବାର ରାତିରେ ପର୍ଶୁରାମ ଭେଟ ମଞ୍ଚସ୍ଥ ହୋଇଥିଲା। ଏଥିରେ ରାମ ଭୂମିକାରେ ଝସକେତନ ସାହୁ, ଲକ୍ଷ୍ମଣ ନବୀନ ସାହୁ, ସୀତା ମଣ୍ଟୁ ଭୋଇ, ପର୍ଶୁରାମ ପରମାନନ୍ଦ ବେହେରା ପ୍ରମୁଖ ଅଭିନୟ କରୁଛନ୍ତି।

### ପ୍ରାଧ୍ୟାପିକାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଖଡ଼ିଆଳ, ୧।୪(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ରୀତା ଦାସଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତ ୨ ଅଧ୍ୟକ୍ଷ ଡ. ରଣବୀର ସିଂହ, କର୍ମଚାରୀ ସଂଘ ସମ୍ପାଦିକା ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ସହସମ୍ପାଦକ ଅଧ୍ୟାପକ ଡ. ରାଜକୁମାର ରତେ, ପ୍ରାଧ୍ୟାପିକା ରୀତା ଦାସ ଉପସ୍ଥିତ ରହି ନିଜର ଅଭିଜ୍ଞତା ବ୍ୟକ୍ତ କରିଥିଲେ। ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ, ଅଧ୍ୟାପକ ଡ. ବିଷ୍ଣୁଦେବ ସିଂ ମଲ୍ଲିକଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ପୂର୍ବତନ ୱାର୍ଡ଼ସଭ୍ୟଙ୍କ ପରଲୋକ

**କଲମପୁର, ୧।୪ (ଗଣେଶରାମ ବାଗ):** କଲମପୁର ବ୍ଲକ ମଣ୍ଡଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭାଟିଗାଁର ପୂର୍ବତନ ୱାର୍ଡ଼ସଭ୍ୟ ତଥା ବର୍ତ୍ତମାନର ୱାର୍ଡ ସଭ୍ୟାଙ୍କ ସ୍ୱାମୀ ନୃସିଂହ ବାଗଙ୍କ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ତାଙ୍କୁ ୫୩ ବର୍ଷ ହୋଇଥିଲା। ପିତ୍ତ କୋଷରେ ଷ୍ଟୋନ ସମସ୍ୟା ଦେଖାଦେବାରୁ ପ୍ରଥମେ ରାୟପୁରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମୃତ୍ୟୁ ସମୟରେ ପରିବାର ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ତ୍ରୀ ଚନ୍ଦ୍ରିକା ବାଗ, ତିନି ଝିଅ ସହ ତିନି ଭଉଣୀ ଭାଙ୍ଗିପଡିଛନ୍ତି। ଶୋକାକୁଳ ପରିବେଶରେ ବୁଧବାର ଅପରାହ୍ନରେ ଗାଁ ମଶାଣିରେ ଅନ୍ତିମ ସଂସ୍କାର କରାଯାଇଛି।

### ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଗୋଲାମୁଣ୍ଡା, ୧।୩ (ବଟକୃଷ୍ଣ ପଣ୍ଡା)–** ସ୍ଥାନୀୟ ସର୍ବମଙ୍ଗଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରତାପ ଚନ୍ଦ୍ର ନାୟକ ଦୀର୍ଘ ତିନି ଦଶନ୍ଧି ଧରି ଅଧ୍ୟାପନା କରି ମାର୍ଚ୍ଚ ୩୧ରେ ଅବସର ନେଇଛନ୍ତି। ଜଣେ ମେଳାପି ବ୍ୟକ୍ତି ଭାବେ ତାଙ୍କ ଅନୁପସ୍ଥିତି ଅନୁଭବ ହେବ ବୋଲି ଆୟୋଜିତ ଅବସରକାଳୀନ ସଭାରେ କର୍ମଚାରୀମାନେ ପ୍ରକାଶ କରିଥିଲେ। ଅଧ୍ୟକ୍ଷ ସରୋଜକାନ୍ତ ରଥ ତାଙ୍କର କାର୍ଯ୍ୟଦକ୍ଷତା, ଶିକ୍ଷାଦାନ ଶୈଳୀ, ସମୟାନୁବର୍ତ୍ତୀ ଗୁଣକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କ ଗହଣରେ ଅଧ୍ୟକ୍ଷ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ।

### ରିଷିଡ଼ା ରାମଲୀଳା: ରାମଙ୍କ ବନବାସ ମଞ୍ଚସ୍ଥ

**ରିଷିଡ଼ା, ୧।୪(ସୁଶାନ୍ତ ମଲ୍ଲିକ):** ରିଷିଡା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜଗନ୍ନାଥ ସାଂସ୍କୃତିକ ସଂସଦ କୁମ୍ଭାରପଡ଼ା ପକ୍ଷରୁ ଚାଲିଥିବା ରାମଲୀଳାରେ ଅଯୋଧ୍ୟା କାଣ୍ଡ ମଞ୍ଚସ୍ଥ ହୋଇଛି। ଶିବଧନୁ ଭାଙ୍ଗି ପ୍ରଭୁ ଶ୍ରୀରାମ ମାତା ସୀତାଙ୍କୁ ବିବାହ କରିଛନ୍ତି। ରାଜା ଦଶରଥ ରାମଙ୍କୁ ଅଯୋଧ୍ୟାର ରାଜା କରିବା ପାଇଁ ରାଜ ଦରବାରରେ ଘୋଷଣା କରିଛନ୍ତି। ଏକଥା ଶୁଣି କୈକେୟୀ ଦାସୀ ମନ୍ଥରା କୁମନ୍ତ୍ରଣାରେ ପଡ଼ି ରାମଙ୍କୁ ୧୪ବର୍ଷ ବନବାସ ଓ ଭରତଙ୍କୁ ଅଯୋଧ୍ୟା ରାଜ୍ୟ ସିଂହାସନ ଦେବାପାଇଁ ରାଜା ଦଶରଥଙ୍କୁ ସତ୍ୟ କରାଇଛନ୍ତି। ରାମ ବନବାସ ଯିବା ସମୟରେ ବାଲ୍ୟବନ୍ଧୁ ଶବରଙ୍କ ସହ ଭେଟ ହୋଇଛନ୍ତି। ପୁତ୍ର ବିଚ୍ଛେଦରେ ରାଜା ଦଶରଥ ପ୍ରାଣତ୍ୟାଗ କରିଛନ୍ତି। ପରେ ରାମଙ୍କ ସହ ଭରତଙ୍କ ଚିତ୍ରକୁଟରେ ମିଳନ ହୋଇଥିବା ନାଟକ ମଞ୍ଚସ୍ଥ ହୋଇଥିଲା।

# ଆବର୍ଜନାରେ ଅଣନିଃଶ୍ୱାସୀ ସହରବାସୀ

**ଭବାନୀପାଟଣା, ୧।୪(ଉତ୍ତମ କୁମାର ଦାଶ)**


ସହରର ଏକ ସ୍ଥାନରେ ଅଳିଆ ପଡିରହିଛି।

କଳାହାଣ୍ଡି ଜିଲା ଭବାନୀପାଟଣା ସହରର ବିଭିନ୍ନ ସ୍ଥାନରେ ପଡିଥିବା ଆବର୍ଜନା ଓ ଡ୍ରେନ୍‌ରେ ଜମିଥିବା ନର୍ଦ୍ଦମା ପାଣି ଗନ୍ଧରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସଫେଇରେ ଅବହେଳା ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଉଛି। ଗତ କିଛିମାସ ଧରି ଠିକା ସଂସ୍ଥାର ଅବହେଳା ଯୋଗୁ ୨୦ଟି ୱାର୍ଡର ବିଭିନ୍ନ ସ୍ଥାନରେ ଆବର୍ଜନା ଜମି ରହିଛି। ବିଶେଷ କରି ସହରର ବାହାଦୁର ବଗିଚାପଡ଼ା, ମହାବୀରପଡ଼ା, ପରଦେଶୀପଡ଼ା, ଦର୍ପଣସାଗରପଡ଼ା, ଗୋପବନ୍ଧୁ ନଗର ବଡ଼ପଡ଼ା, ବଜାରପଡ଼ା, ଚମାରପଡ଼ା, ଇରିଗେସନ କଲୋନି ପଡ଼ାରେ ଆବର୍ଜନା ପଡିଥିବା ଦେଖିବାକୁ ମିଳେ। ୨୮୮ ଜଣ କର୍ମଚାରୀଙ୍କୁ ସଫେଇ ନିମନ୍ତେ ଠିକାସଂସ୍ଥା ନିୟୋଜିତ କରିଥିବା ଦର୍ଶାଇ ୪୮ ଲକ୍ଷ ଟଙ୍କାର ବିଲ ନେଉଛି। ହେଲେ ଆବର୍ଜନା ଯୋଗୁ ସହରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ଫେବୃଆରୀରେ ସଫେଇ କାର୍ଯ୍ୟରେ

## ଠିକ୍ ସମୟରେ ଉଠୁନି ଅଳିଆ

ଅବହେଳା ନେଇ ସମ୍ପୃକ୍ତ ଠିକାସଂସ୍ଥାକୁ ୫ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଥିଲେ ପୌର ନିର୍ବାହୀ ଅଧିକାରୀ। ଏହା ପରେ ମଧ୍ୟ ଠିକାସଂସ୍ଥାର ବେଖାତିର ମନୋଭାବକୁ ନେଇ ସହରବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭବାନୀପାଟଣା ବାସିନ୍ଦା ମହମ୍ମଦ ସାହେବ କହନ୍ତି, ଭବାନୀପାଟଣା ସହରର ୨୦ ୱାର୍ଡରେ ବିଭିନ୍ନ ଗଳିରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଯେଉଁଭଳି ଭାବରେ ସଫେଇ ହେବା କଥା ତାହା ହୋଇ ପାରୁନାହିଁ। ଯେଉଁ ସଂସ୍ଥା ଦାୟିତ୍ୱ ନେଇଛି ସେ ଠିକ୍ ଭାବରେ କାର୍ଯ୍ୟ କରୁନାହିଁ। ଏଥିପାଇଁ ପୌରପରିଷଦ ପକ୍ଷରୁ ଠିକା ସଂସ୍ଥାକୁ ୫ ଲକ୍ଷ ଟଙ୍କାର ଫାଇନ ଲଗାଯାଇଥିଲା। କିନ୍ତୁ ଏହା ପରେ ବି ସଫେଇ କାର୍ଯ୍ୟ ଠିକ ଭାବରେ ହେଉନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ବୋଲି ସେ କହିଛନ୍ତି। ଅନ୍ୟଜଣେ ବାସିନ୍ଦା ପ୍ରିତମ ବେହେରା କହନ୍ତି, ବାହାଦୁର ବଗିଚା ପଡ଼ାରୁ ଗାନ୍ଧୀମାର୍ଗକୁ ଯିବା ମୁଖ୍ୟ ରାସ୍ତାରେ ସ୍ୱଳ୍ପ ବର୍ଷାରେ ଆଣ୍ଠୁଏ ଉଚ୍ଚର ପାଣି ଜମା ହୁଏ। ମାସ ମାସ ଧରି ଅଳିଆ ପଡିରହୁଛି। ଏଥିପ୍ରତି ପୌରପରିଷଦ କେବେ ଦୃଷ୍ଟି ଦେଉନାହିଁ। କେବେ ମଧ୍ୟ ଡ୍ରେନ୍ ସଫା ହେଉନାହିଁ। ୨୦ ୱାର୍ଡରେ ସମାନ ଅବସ୍ଥା। ବୋଲି ସେ କହିଛନ୍ତି। ଭବାନୀପାଟଣା ପୌର ୟନିର୍ବାହୀ ଅଧିକାରୀ ପ୍ରମୋଦ ପାଢ଼ୀ କହିଛନ୍ତି, ଅଳିଆ ଆବର୍ଜନା ସଫେଇ ଚାଲିଛି। ବିଗତ କିଛିଦିନ ମଧ୍ୟରେ ଭବାନୀପାଟଣାରେ ୪୦ଟି ଡଷ୍ଟବିନ ରଖିଛୁ। କିଛି ଅଞ୍ଚଳରେ ଡ୍ରେନ୍ ସଫେଇ ହୋଇନାହିଁ। ଏହା ଦେଖିବା ମାତ୍ରେ ପଦକ୍ଷେପ ଗ୍ରହଣ କରାଯାଉଛି। ଚନ୍ଦନ ସିକ୍ୟୁରିଟି ଭୁବନେଶ୍ୱରର ଏକ ସଂସ୍ଥା ସଫେଇ କାର୍ଯ୍ୟର ଦାୟିତ୍ୱ ନେଇଛନ୍ତି। ସମସ୍ତ ୱାର୍ଡ ପରିଦର୍ଶନ କରିବା ପରେ ଠିକା ସଂସ୍ଥା ଉପରେ ଫାଇନ ଲଗାଯାଇଛି। ବର୍ତ୍ତମାନ କାମ ଠିକ ଚାଲିଛି ବୋଲି ସେ ପ୍ରକାଶ କରିଛନ୍ତି।

# ବିଜେଡି ପକ୍ଷରୁ ଓଡ଼ିଶା ଦିବସ ପାଳନ


ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଜେଡି ନେତୃବୃନ୍ଦ।

**ଭବାନୀପାଟଣା, ୧।୪(ଉତ୍ତମ କୁମାର ଦାଶ)**

ବିଜୁ ଜନତା ଦଳ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ୯୦ ବର୍ଷ ପୂର୍ତ୍ତିକୁ ସାରା ରାଜ୍ୟରେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛି। ଏହି କ୍ରମରେ ବୁଧବାର ଓଡ଼ିଶା ଦିବସ ପାଳନ ଅବସରରେ କଳାହାଣ୍ଡି ବିଜେଡି ପକ୍ଷରୁ ଭବାନୀପାଟଣାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସେହିପରି ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଡ. ବିଆର୍ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ନେତାମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ନଗରପାଳ ବିଷ୍ଣୁ ପ୍ରଧାନ, ବରିଷ୍ଠ ବିଜେଡି ନେତା ଭବାନୀ ଶଙ୍କର ମିଶ୍ର, ଜିତେନ୍ଦ୍ର ମହାନ୍ତି, ପ୍ରଦୀପ ମୁଣ୍ଡ, ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ନାଏକ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଜିଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର, ମହିଳା ଜୋନ ସଭାନେତ୍ରୀ ଲଳିତା ନାଏକ, ରାଜ୍ୟ ବରିଷ୍ଠ ଯୁବ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ବିଜେଡି ଉପସଭାପତି ମନିନ୍ଦ୍ର ମହାନ୍ତି, ଟାଉନ ସଭାପତି ଧବଳେଶ୍ୱର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା



ସଫଳତା ଆଣିଥିବା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର।

**ଭବାନୀପାଟଣା, ୧।୪(ଉତ୍ତମ କୁମାର ଦାଶ)**

ଚଳିତବର୍ଷ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଓଡିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ମହୋତ୍ସବରେ ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସଫଳତା ଆଣିଛନ୍ତି। ଛାତ୍ରମଙ୍ଗଳ ନିର୍ଦ୍ଦେଶିକା ଡ. ମଧୁଲିକା ସାହୁ ପ୍ରତିଯୋଗୀଙ୍କ ସାଥିରେ ଗସ୍ତକରି ଦିଗଦର୍ଶକ ଦାୟିତ୍ୱ ନିର୍ବାହ କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଲୋକନୃତ୍ୟ ବଜାଶାଲ ପ୍ରଦର୍ଶନ କରି ପ୍ରଥମ ସ୍ଥାନ, ଓଡିଆ କବିତା ଲିଖନରେ ତପନ କୁମାର ବେହେରା (ବିଇଡି) ପ୍ରଥମ ସ୍ଥାନ, ଓଡିଆ କ୍ଷୁଦ୍ରଗଳ୍ପ ରଚନାରେ କେତନ ରଣା (ସ୍ନାତକ ଓଡିଆ ତୃତୀୟ ବର୍ଷ) ତୃତୀୟ ସ୍ଥାନ, ଇଂରାଜୀ କବିତା ଲିଖନରେ ବ୍ରାଇଟ ପ୍ରଶାନ୍ତ କୁମାର ବାଗ (ସ୍ନାତକ ଇଂରାଜୀ ତୃତୀୟ ବର୍ଷ) ତୃତୀୟ ସ୍ଥାନ ଓ ସ୍କିଟ 'ସେଭ ମଦର ଆର୍ଥ, ସେଭ୍ ଡଙ୍ଗର ଆଣ୍ଡ ନିୟମଗିରି' ଶୀର୍ଷକରେ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟରେ ଚର୍ଚ୍ଚିତ ହୋଇଛନ୍ତି। ଖବର ପ୍ରଚାରିତ ହେବାପରେ ବିଶ୍ୱବିଦ୍ୟାଳୟ କୁଳପତି ଡ. ନିବେଦିତା ନାଥ ଓ ସମସ୍ତ କର୍ମଚାରୀ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବୃଦ୍ଧା ନିଖୋଜ ନେଇ ଥାନାରେ ଅଭିଯୋଗ

**କୋକସରା, ୧।୪ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ଘଣ୍ଟିଗୁଡା ଧୋବେନପଡାର ଦେବୀ ସିଂ ମୁଲକିଆଙ୍କ ସ୍ତ୍ରୀ ଡାଲିମ୍ବ ମୁଲକିଆ (୮୬) ତିନିଦିନ ହେଲା ନିଖୋଜ ଅଛନ୍ତି। ପରିବାର ଲୋକେ ଖୋଜାଖୋଜି ପରେ କୌଣସି ସନ୍ଧାନ ନ ପାଇବାରୁ ଆମପାଣି ଥାନାରେ ଲିଖିତ ଏତଲା ଦେଇଛନ୍ତି। ସୂଚନା ଅନୁସାରେ, ଡାଲିମ୍ବ ସୋମବାର ଅପରାହ୍ନରେ କାଜୁ ସଂଗ୍ରହ କରିବାକୁ ଗାଁ ନିକଟସ୍ଥ ବଗିଚାକୁ ଯାଇଥିଲେ। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଖୋଜାଖୋଜି ପରେ ନ ପାଇବାରୁ ତାଙ୍କ ନାତି ସଞ୍ଜିବ ମୁଲକିଆ ୩୦ ତାରିଖରେ ଆମପାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ବୁଧବାର ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳିପାରିନାହିଁ। ପରିବାର ଲୋକେ ପୁଣିଥରେ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## କ୍ରିକେଟ ଟୁର୍ନାମେଣ୍ଟ: ଟ୍ରିଡେଣ୍ଟ ୱାରିୟର୍ସ ଚାମ୍ପିୟନ

**ଲାଞ୍ଜିଗଡ଼, ୧।୪(ରିମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ଼ ବ୍ଲକ କାନକୁଟୁରୁ ପଞ୍ଚାୟତ ମଟକେରା ଖେଳ ପଡିଆଠାରେ ପଞ୍ଚାୟତସ୍ତରୀୟ କେପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମଟକେରା କ୍ରିକେଟ କମିଟି ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଟ୍ରିଡେଣ୍ଟ ୱାରିୟର୍ସ ଓ ବଜରଙ୍ଗୀ ଫାଇଟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇଟର୍ସ ଦଳ ଟସ ଜିତି ବ୍ୟାଟିଂ କରି ୬ ଓଭରରେ ୮ ଉଇକେଟ ହରାଇ ୩୭ ରନ ସଂଗ୍ରହ କରିଥିଲା। ଜବାବରେ ୱାରିୟର୍ସ ଦଳ ୫.୪ଓଭରରେ ୮ ଉଇକେଟ ହରାଇ ବିଜୟ ହାସଲ କରି ଚାମ୍ପିୟନ ହୋଇଥିଲା। କାନକୁଟୁ ସରପଞ୍ଚ ବନମାଳୀ ମାଝୀ ମୁଖ୍ୟ ଅତିଥି ଓ ସ୍ଥାନୀୟ ସ୍କୁଲ ପ୍ରଧାନ ଶିକ୍ଷକ ପଞ୍ଚାନନ ନାଗ, ନରେନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ୱାରିୟର୍ସ ଦଳର ପପିନ ବନ୍ଧପାରିଆ ମ୍ୟାନ ଅଫ ଦି ମ୍ୟାଚ ଓ ହରିଶ ଚନ୍ଦ୍ର ନାଏକ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଉମାକାନ୍ତ ବନ୍ଧପାରିଆ ଓ ଯଶୋବନ୍ତ ମାଝୀ ଖେଳ ପରିଚାଳନା କରିଥିଲେ।

# ମାରାଗୁଡ଼ା ଲୋକ ମହୋତ୍ସବ ଉଦ୍‌ଘାଟିତ

**ନୂଆପଡ଼ା, ୧।୪ (ମକାରୁ ବେମାଲ)**


ପୂଜାର୍ଚ୍ଚନା କରି ମହୋତ୍ସବ ଉଦ୍‌ଘାଟନ କରାଯାଉଛି।

ମାରାଗୁଡ଼ର ଐତିହ୍ୟ, ନୂଆପଡ଼ା ଜିଲାର ଲୋକକଳା ଓ ସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ମାରାଗୁଡ଼ା ଲୋକ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଭୋର ସକାଳୁ ଟାନୱାଟ କଣାଭଏଁରା ମନ୍ଦିର ଓ ସାଲିହା ସ୍ମୃତି ସ୍ତମ୍ଭରୁ ମଶାଲ ଶୋଭାଯାତ୍ରା ବାହାରି ନ୍ୟାଶନାଲ ମହାବିଦ୍ୟାଳୟ ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଜିଲାପାଳ ମଧୁସୂଦନ ଦାଶ, ଏସ୍‌ପି ଅମ୍ରିତ ପାଲ ସିଂ, ନୂଆପଡ଼ା ବିଧାୟକ ଜୟ ଢ଼ୋଲକିଆ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ସିଡିଓ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ, ନୂଆପଡ଼ା, ଖଡିଆଳ, କୋମନା ବ୍ଲକ ଅଧ୍ୟକ୍ଷା, ଖରିଆର ରୋଡ୍ ଏନ୍‌ଏସି ଅଧ୍ୟକ୍ଷା ଯୋଗଦେଇଥିଲେ। ନ୍ୟାଶନାଲ ମହାବିଦ୍ୟାଳୟ ସଭାଗୃହରେ ସଭା ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଅପରାହ୍ନରେ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଥିବାବେଳେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମ ଦିନରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଜିଲାବାସୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ଭରିଦେଇଥିଲା। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଜିଲାବାସୀ ଏହି ଲୋକ ମହୋତ୍ସବରେ ସକ୍ରିୟ ଭାବେ ଯୋଗଦେଇ ସଫଳ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଗୋଲାମୁଣ୍ଡା ବ୍ଲକ୍ ପକ୍ଷରୁ ଓଡ଼ିଶା ଦିବସ

**ଗୋଲାମୁଣ୍ଡା, ୧।୪(ବଟକୃଷ୍ଣ ପଣ୍ଡା):** ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ତରଫରୁ ବ୍ଲକ ସଭା ଗୃହଠାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି, ବିଡ଼ିଓ ତ୍ରିପୁର ମହାନନ୍ଦ, ଏବିଡ଼ିଓ ବିଜୟ କୁମାର ନାୟକ, ତହସିଲଦାର ଚନ୍ଦନ କୁମାର ନାୟକ, ବିଇଓ ରାଜେଶ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମହାନନ୍ଦ ଓଡିଶାର ଇତିହାସ, ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶାର ଐତିହ୍ୟକୁ ସମ୍ମାନ ଜଣାଇବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଏହାକୁ ସୁରକ୍ଷିତ ରଖିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଆଜିର ଦିନରେ ଆମେ ଓଡିଶାର ବିକାଶ ଓ ସମୃଦ୍ଧି ପାଇଁ ଶପଥ ନେବାକୁ ବିଡ଼ିଓ ମହାନନ୍ଦ ସମସ୍ତଙ୍କୁ ଅନୁରୋଧ କରିଥିଲେ।

# ବରପୁତ୍ରଙ୍କ ଆଦର୍ଶ ଅନୁସରଣ କରିବାକୁ ଆହ୍ୱାନ


କୃତୀ ଛାତ୍ରୀଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

**ନୂଆପଡ଼ା, ୧।୪(ମକାରୁ ବେମାଲ)**

ନୂଆପଡ଼ା ଜିଲାସ୍ତରୀୟ ୯୧ତମ ଓଡ଼ିଶା ଦିବସ ତଥା ୩୪ତମ ଜିଲା ପ୍ରତିଷ୍ଠା ଦିବସ ବୁଧବାର ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି ହୋଇଥିଲା। ଏକତା ଛକଠାରେ ଅବସ୍ଥାପିତ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଓ ଏସ୍‌ପି ଅମ୍ରିତ ପାଲ ସିଂ, ଡିଏଫ୍‌ଓ (ବନ୍ୟପ୍ରାଣୀ) ସମୀର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼ାଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲାପାଳ ତାଙ୍କ ଉଦ୍‌ବୋଧନରେ ଓଡ଼ିଶାକୁ ଭାଷା ଆଧାରରେ ସ୍ୱତନ୍ତ୍ର ରାଜ୍ୟ ରୂପେ ଗଠନ କରିବାରେ ଯେଉଁ ବରପୁତ୍ରଙ୍କ ଅମୂଲ୍ୟ ଅବଦାନ ରହିଛି ସେମାନଙ୍କ ଆଦର୍ଶ ଓ କାର୍ଯ୍ୟକୁ ଅନୁସରଣ କରିବା ଦ୍ୱାରା ସମାଜ ଓ ଜିଲାର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବରିଷ୍ଠ ଖବରଦାତା ସୀମାଞ୍ଚଳ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଜିଲା କ୍ରୀଡ଼ା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବିଜେଡିର ବିକ୍ଷୋଭ, କୁଶ ପୁତ୍ତଳିକା ଦାହ

**ଖଡ଼ିଆଳ, ୧।୪ (ସୁଜିତ କୁମାର ପ୍ରଧାନ)**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉପରେ ଭାଜପା ସାଂସଦ ନିଶିକାନ୍ତ ଦୁବେଙ୍କ ଅଶୋଭନୀୟ ମନ୍ତବ୍ୟ ପ୍ରଦାନକୁ ବିରୋଧକରି ଖଡ଼ିଆଳଠାରେ ନୂଆପଡ଼ା ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଥାନା ଛକଠାରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ତଥା ଖଡ଼ିଆଳ ବ୍ଲକ ବିଜେଡି ସଭାପତି ହୀରାଧର ମେହେର ଓ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ମହମ୍ମଦ ସାହିଦଙ୍କ ନେତୃତ୍ୱରେ ଏହି ସମାବେଶ ହୋଇଥିଲା। ପରେ ସାଂସଦ ଦୁବେଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ଜିଲା ବିଜୁ ଜନତା ଦଳ ସଭାପତି ଅବନୀ ରଞ୍ଜନ ଜୋଷୀ, ଜିଲା ମହିଳା ସଭାନେତ୍ରୀ ସନ୍ତୋଷିନୀ ସଲାମା, ସରସ୍ୱତୀ ବାଗ, ଖଡ଼ିଆଳ ନଗର ସଭାପତି ଦୀପକ ଖମାରୀ, ୟାସିନ ମହମ୍ମଦ, ଯୋଗେନ୍ଦ୍ର ପାଣ୍ଡେ, ପରିକ୍ଷିତ ସତ୍‌ନାମୀ ସମେତ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ।


ବିକ୍ଷୋଭ ସମାବେଶରେ ସାମିଲ ବିଜେଡି କର୍ମକର୍ତ୍ତା।

# ତୃତୀୟ ଲିଙ୍ଗଙ୍କୁ ସମାଜର ମୁଖ୍ୟ ଧାରାରେ ଆଣିବାକୁ ଆହ୍ୱାନ

**ନୂଆପଡ଼ା, ୧।୪ (ମକାରୁ ବେମାଲ)**



ଅତିଥିଙ୍କ ସହ ଛାତ୍ରୀଛାତ୍ର ଶୋଭାଯାତ୍ରା ପାଇଁ ପ୍ରସ୍ତୁତ ହେଉଛନ୍ତି।

ନୂଆପଡ଼ା ଜିଲା ପ୍ରଶାସନ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଜିଲାସ୍ତରୀୟ ଅନ୍ତର୍ଜାତୀୟ କିନ୍ନର ଦୃଶ୍ୟତା ଦିବସ ସ୍ଥାନୀୟ ପଥପ୍ରାନ୍ତ ସେବା କେନ୍ଦ୍ରରେ ପାଳିତ ହୋଇଯାଇଛି। ଏ ବର୍ଷ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା ଅନେକରେ ଏକ ସମାନତା, ଆତ୍ମଗୌରବ ଏବଂ ଅଧିକାର ପାଇଁ ଏକ ପ୍ରୟାସ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ଦାଶ, ଉପଜିଲାପାଳ ସୁର୍ମି ସୋରେନ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ, କିନ୍ନର ସଂଘ ସାଥୀ ଅଧ୍ୟକ୍ଷା ଜୁଲି ମାଝୀ ପ୍ରମୁଖ ଯୋଗଦେଇଥିଲେ। କିନ୍ନରଙ୍କୁ ସମାଜର ମୁଖ୍ୟ ଧାରାରେ ଆଣିବା ପାଇଁ ସାମୂହିକ ପ୍ରୟାସ ଆବଶ୍ୟକ ବୋଲି ଜିଲାପାଳ କହିଥିଲେ। ଏହାସହ ଜିଲା ପ୍ରଶାସନ ପକ୍ଷରୁ ତୃତୀୟ ଲିଙ୍ଗକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସଚେତନତାମୂଳକ ଆଲୋଚନା ସହ ଝୋଟି, ପୁଚି ଖେଳ, ହୁଲହୁଲି, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶେଷରେ ଅତିଥିମାନେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଜିଲା ମୁଖ୍ୟାଳୟଠାରୁ ଏକତା ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ସୁର୍ମି ସୋରେନ, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ ପ୍ରମୁଖ ଯୋଗଦେଇ ଥିଲେ।

## ନବସୃଜନ, ନବ ଉଦ୍ୟୋଗ ସମ୍ପର୍କିତ କର୍ମଶାଳା

ବରଗଡ଼,(ପ୍ରେମାନନ୍ଦ ଖମାରୀ):ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ସୋମବାର ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ନବସୃଜନ ଓ ନବ ଉଦ୍ୟୋଗ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସୁଜିତ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ନବସୃଜନ ଓ ନବ ଉଦ୍ୟୋଗ ବିଷୟରେ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରାଧ୍ୟାପିକା ମଧୁସ୍ମିତା ନାଗ, ଅଧ୍ୟାପିକା ଡ. ସସ୍ମିତା ବାନ୍ଧ, ଅଧ୍ୟାପକ ଡ. ଚନ୍ଦ୍ରମଣି ଦେବତା ଏବଂ ଅଧ୍ୟାପିକା ବେଲମତି ମେହେର କର୍ମଶାଳା ପରିଚାଳନା କରିଥିଲେ।





ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ।



ଜିଲାପାଳ ଓ ଅନ୍ୟ କର୍ମଚାରୀ ସଫେଇ କରୁଛନ୍ତି।

## ମଧୁସୂଦନ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନ

ବରଗଡ଼,୧୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ବୁଧବାର ଓଡ଼ିଶା ଦିବସ ଓ ବରଗଡ଼ ଜିଲା ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଷା ସଂସ୍କୃତି ସୁରକ୍ଷା ମଞ୍ଚର ଆବାହକ କପିଳେଶ୍ୱର ବାଗ ମୁଖ୍ୟ ଅତିଥି ଏବଂ ଡ. ତୋଳାମଣି ଶତପଥୀ ମୁଖ୍ୟବକ୍ତାଭାବେ ଯୋଗ ଦେଇ ଓଡ଼ିଶା ଦିବସ ଏବଂ ବରଗଡ଼ ଜିଲା ପ୍ରତିଷ୍ଠା ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଉତ୍କଳ ଗୌରବ ମଧୁସୂଦନ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନ ଓ ଓଡ଼ିଆ ଅସ୍ମିତାର ପ୍ରତୀକ ବୋଲି ଅତିଥିବୃନ୍ଦ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୁନୀତା ମିଶ୍ର, ଛାତ୍ରୀ ସାଲିନି ସା, ଆର୍. ଜୟଶ୍ରୀ, ଆଦ୍ୟାଶା ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକଶିତ ବରଗଡ଼ ବିକଶିତ ଓଡ଼ିଶା ଗଠନରେ ସମ୍ମିଳିତ ଉଦ୍ୟମ ଲୋଡ଼ା

ବରଗଡ଼,୧୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପ୍ରଶାସନ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ବୁଧବାର ଜିଲାସ୍ତରୀୟ ଓଡ଼ିଶା ଦିବସ ଏବଂ ବରଗଡ଼ ଜିଲା ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଏବଂ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍‌ଲା ଉପସ୍ଥିତ ରହି ବରଗଡ଼ ପୌର ପରିଷଦ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ସମର୍ପଣ ସ୍ୱଚ୍ଛତା ଅଭିଯାନ ବିଷୟରେ ଲୋକଙ୍କୁ ସଚେତନ କରିବା ସହିତ ଛାତ୍ରୀଛାତ୍ର, ଜିଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଗାନ୍ଧିଛକ ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସଫା କରିଥିଲେ। ଏହାପରେ ଜିଲାର ସମସ୍ତ ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ଦିବସ ଏବଂ ଜିଲା ପ୍ରତିଷ୍ଠା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ବରପୁତ୍ରମାନଙ୍କର ଅବଦାନ ସ୍ମରଣ କରିବା ଉଦ୍ଦେଶ୍ୟରେ ଏକ ସାଧାରଣ ସଭା ଓ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଏବଂ ସମସ୍ତ ସମ୍ମାନିତ ଅତିଥି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବରପୁତ୍ରମାନଙ୍କ ପ୍ରତିଛବିରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ତଥା ଫଟୋଚିତ୍ର ପ୍ରଦର୍ଶନୀର ଶୁଭାରମ୍ଭ କରିଥିଲେ। ଏତଦ୍‌ବ୍ୟତୀତ ସମସ୍ତ ଅତିଥି ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଏବଂ ଭାଷାର ପ୍ରଚାର ପ୍ରସାର ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାସ୍ତରରେ ଭବ୍ୟତାର ସହ ପାଳନ ହେବାକୁ ଥିବା ଓଡ଼ିଆ ପକ୍ଷ-୨୦୨୬ର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଜିଲାପାଳ ଗୋୟଲ ଦେଶର ସ୍ୱାଧୀନତା ଲାଗି ହୋଇଥିବା ସଂଗ୍ରାମ ଏବଂ ଏହାରି ଭିତରେ ନିଜର ସ୍ୱତନ୍ତ୍ର ପରିଚୟ, ମାତୃଭାଷା ସୁରକ୍ଷା ପାଇଁ ହୋଇଥିବା ସଂଗ୍ରାମରେ ବରପୁତ୍ରମାନଙ୍କ ଅବଦାନକୁ ଉଲ୍ଲେଖ କରିଥିଲେ। ଏଭଳି ପରିସ୍ଥିତିରେ ବରପୁତ୍ରମାନେ ସଂଘର୍ଷ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ତଥା ଓଡ଼ିଶା ରାଜ୍ୟ ଉପହାର ଦେଇଥିଲେ ବୋଲି ଜିଲାପାଳ କହିଥିଲେ। ତେଣୁ ବିକଶିତ ବରଗଡ଼, ବିକଶିତ ଓଡ଼ିଶା ଗଠନ ପାଇଁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେହିପରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ରମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସମେତ ଜିଲାର ଉତ୍ତମ ବୁଣାକାର, ସଫଳ ଚାଷୀ, କଳାକାର, ସ୍ୱଚ୍ଛ ସାଥୀ ଏବଂ ବାଲ୍ ଧନୁଯାତ୍ରାର କଂସ ଭୂମିକାରେ ଅଭିନୟ କରୁଥିବା ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିବା ବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଖୋସ୍‌ଲା ସଭା ପରିଚାଳନା କରିଥିଲେ। ପରେ ସମସ୍ତେ ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀ ଓ କବି ଗଙ୍ଗାଧର ମେହେର, ଘରୋଇ ବସ୍‌ଷ୍ଟାଣ୍ଡ ନିକଟସ୍ଥ ବହ୍ନିକନ୍ୟା ପାର୍ବତୀ ଗିରି, କଚେରି ପରିସରସ୍ଥ ଡ. ଭୀମରାଓ ଆମ୍ବେଦକର ଏବଂ ବୀର ସୁରେନ୍ଦ୍ର ସାଏ ଛକସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସମେତ ଜିଲା ମୁଖ୍ୟାଳୟରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଗାନ୍ଧିଛକରୁ ବୀର ସୁରେନ୍ଦ୍ର ସାଏ ଛକ ପର୍ଯ୍ୟନ୍ତ ଚାରାରୋପଣ କରିଥିଲେ।



ବରଗଡ଼ ଜିଲାପାଳ ବରପୁତ୍ରଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରୁଛନ୍ତି।

## କୋସଲ ରାଜ୍ୟ ଗଠନ, ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ଶପଥ



କୋସଲ ଯୁବଶକ୍ତିର ସଦସ୍ୟଗଣ ପାଣି ଧରି ଶପଥ କରୁଛନ୍ତି।

ପାଇକମାଳ,୧୪(ବଡ଼ ଶତପଥୀ)

ପବିତ୍ର ନରସିଂହନାଥ ପୀଠର ଚାଲଧାର ସାମ୍‌ନାରେ କୋସଲ ଯୁବଶକ୍ତିର ସଦସ୍ୟଗଣ ଆଞ୍ଜୁଳାରେ ପବିତ୍ର ପାଣି ଧରି ବୁଧବାର ଶପଥ କରିଥିଲେ। ପ୍ରଥମେ ନରସିଂହ ମହାପ୍ରଭୁଙ୍କଠାରେ ପୂଜା କରି ପରେ ଚାଲଧାର ସାମ୍‌ନାରେ ପାଣି ଧରି ଶପଥ କରିବା ସହ ନାରାବାଜି କରିଥିଲେ। କୋସଲ ଯୁବଶକ୍ତି ସଂଗଠନ ସଭାପତି ସାକେତ ଶ୍ରୀଭୂଷଣ ସାହୁଙ୍କ ଆହ୍ୱାନକ୍ରମେ ନୂଆପଡ଼ା, ସୋନପୁର, ବଲାଙ୍ଗୀର ଓ ବରଗଡ଼ ଜିଲାର ଶତାଧିକ ସଦସ୍ୟ ସାମିଲ ଥିଲେ। ଚାଲଧାରରେ ଶପଥ ପରେ ଏକ ରାଲିରେ ଆସି କୋସଲ ରାଜ୍ୟ ପାଇଁ ବୈଠକ ବସିଥିଲା। ଅନୁଷ୍ଠାନ ତରଫରୁ ପୂର୍ବରୁ ପ୍ରେସ୍‌ମିଟ୍ ଜରିଆରେ ଜଣାଇ ଦିଆଯାଇଥିଲା ଯେ, ଓଡ଼ିଶା ସହ ୯୦ ବର୍ଷ ମିଶି ସୁଦ୍ଧା କୋସଲ ଅଞ୍ଚଳର ବିକାଶ ହୋଇପାରିଲାନାହିଁ। ଓଡ଼ିଶାର ଭୁବନେଶ୍ୱର କେନ୍ଦ୍ରିକ ବିକାଶ ତଥା କୋସଲ ଅଞ୍ଚଳ ପ୍ରତି ହେଉଥିବା ବୈମାତୃକ ମନୋଭାବ ପାଇଁ ଓଡ଼ିଶା ଗଠନ ଦିନ ଅର୍ଥାତ ଏପ୍ରିଲ ୧କୁ କୋସଲବାସୀ କଳା ଦିବସ ଭାବେ ପାଳନ କରୁଛନ୍ତି। ଏହା ବ୍ୟତୀତ ଓଡ଼ିଶା ସହିତ ରହିଲେ ବାରମ୍ବାର ଗନ୍ଧମାର୍ଦ୍ଦନ ପର୍ବତରେ ଖଣି ଖନନ ପ୍ରଚେଷ୍ଟା ଚାଲିବ। କୃଷିକ୍ଷେତ୍ର, ଶିକ୍ଷାକ୍ଷେତ୍ର, ସ୍ୱାସ୍ଥ୍ୟକ୍ଷେତ୍ରରେ ଅବହେଳା ସହ ବେକାରି ସମସ୍ୟା, ଅନେକ ଦିନରୁ ଦାବି ହେଇଆସୁଥିବା ହାଇକୋର୍ଟ ବେଞ୍ଚ୍, କୋସଲି ଭାଷାର ସାମ୍ବିଧାନିକ ସ୍ୱୀକୃତି ଆଦିକୁ ସରକାର ଅଣଦେଖା କରିଆସୁଛନ୍ତି। ଏ ଅଞ୍ଚଳର ସାଂସ୍କୃତିକ, ଅର୍ଥନୈତିକ, ସାମାଜିକ ବିକାଶ ପାଇଁ ଅଲଗା କୋସଲ ରାଜ୍ୟ ହିଁ ଏକମାତ୍ର ସମାଧାନ ବୋଲି ସୂଚନା ଜାରି କରାଯାଇଥିଲା।

## ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହେଲେ କନ୍ଧମାଳ ବିଧାୟକ



ବୌଦ୍ଧ,୧୪(ଅଜିତ କୁମାର ବାରିକ): ବୌଦ୍ଧ ଜିଲା କନ୍ଧମାଳ ବିଧାନସଭା ମଣ୍ଡଳୀର ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କୁ ରାଜ୍ୟ ସରକାର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ବିଧାୟକ ଡାଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ଜିଲାର ଯୋଜନା କାର୍ଯ୍ୟକାରୀ କରାଯିବା ସହ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଯୋଜନା ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱ ମିଳିବା ପରେ ତାଙ୍କୁ ଦଳ ପକ୍ଷରୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ

ପଦ୍ମପୁର,୧୪(ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ବୁଧବାର 'ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ତଥା ବରଗଡ଼ ପ୍ରତିଷ୍ଠା ଦିବସ ସମାରୋହ ୨୦୨୬' ପାଳିତ ହୋଇଯାଇଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ମୃତିକୁ ମନେପକାଇବା ସହ ବରଗଡ଼ ଜିଲା ପ୍ରତିଷ୍ଠା ଦିବସ ପାଳନ କରାଯାଇଥିବାରୁ ଉପସ୍ଥିତ ମଣ୍ଡଳରେ ଉତ୍ସାହ ଓ ଗୌରବର ମନୋଭାବ ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ସହରର ବିଭିନ୍ନ ବରପୁତ୍ରଙ୍କ ମୂର୍ତ୍ତି ଓ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରୋଜ କୁମାର ନାୟକ, ଓଡ଼ିଆ ବିଭାଗ ଅଧ୍ୟାପକ, ଅଞ୍ଚଳ ମହାବିଦ୍ୟାଳୟ, ଓଡ଼ିଶା ଗଠନର ଇତିହାସ ଓ ଭାଷା ଆନ୍ଦୋଳନର ଗୌରବମୟ ପାଟ ଉପରେ ଆଲୋକପାତ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବରଗଡ଼,୧୪(ପ୍ରେମାନନ୍ଦ ଖମାରୀ)- ବରଗଡ଼ ଟାଉନ୍ ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ବିଶିଷ୍ଟ ଖମାରୀ ମଙ୍ଗଳବାର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅବସର ଗ୍ରହଣ ପରେ ସଂସ୍କୃତ ଭାଷାର ସେବା ଜାରି ରଖିବି ବୋଲି ସେ କହିଥିଲେ। ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଆଲୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଉପସ୍ଥିତ ରହି ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ରାଜ୍ୟ ସଂସ୍କୃତ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ଗୋପବନ୍ଧୁ ପୁରୋହିତ, ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ, ଡ. ତୋଳାମଣି ସାହୁ, ସଦାଶିବ ସାହୁ, ସମ୍ପାଦକ ଟିକେଲାଲ ନାଏକ, ନବୀନ ସାବତ, ବାଙ୍କବିହାରୀ ସାହୁ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ବୌଦ୍ଧରେ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ

ବୌଦ୍ଧ,୧୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପୋଲିସ ପକ୍ଷରୁ ବଲାସିଙ୍ଗାସ୍ଥିତ ରିଜର୍ଭ ପୋଲିସ ଲାଇନ୍ ପଡ଼ିଆଠାରେ ୯୧ତମ ପୋଲିସ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ ଯୋଗଦେଇ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଓଡ଼ିଶା ପୋଲିସ ତା'ର କର୍ତ୍ତବ୍ୟ ଓ କାର୍ଯ୍ୟଦକ୍ଷତା ସବୁ ସମୟରେ ପ୍ରତିପାଦନ କରିଆସିଛି। ଆମେ ମାତୃଭୂମିର ସୁରକ୍ଷା ପାଇଁ ଆଗକୁ ମଧ୍ୟ ନିଷ୍ଠାର ସହ କାର୍ଯ୍ୟ କରିଚାଲିବା ବୋଲି ଏସ୍‌ପି ଗୋଏଲ କହିଥିଲେ। ଏହି ଅବସରରେ ଓଡ଼ିଶା ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଆରକ୍ଷୀ ଅଧୀକ୍ଷକ ପାଠ କରିଥିଲେ। ପରେଡକୁ ରିଜର୍ଭ ଇନ୍ସପେକ୍ଟର ପ୍ରଦୀପ ଓରାମ ପରିଚାଳନା କରିଥିବା ବେଳେ ସର୍ଜେଣ୍ଟ ଖଗେଶ୍ୱର ବିଶ୍ୱାଳ ସହଯୋଗ କରିଥିଲେ। ଏହି ଅବସରରେ ଚଳିତବର୍ଷ ଜିଲା ପୋଲିସ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସବ୍‌ଇନ୍ସପେକ୍ଟର ବିନୋଦ ଚନ୍ଦ୍ର କହଁର, ପୁଷ୍ପାଞ୍ଜଳି ମିଶ୍ର, ହାବିଲ୍‌ଦାର ସରୋଜ କୁମାର ଯୋଶୀ, ଓଆର କନ୍‌ଷ୍ଟେବଲ ଜ୍ୟୋତ୍ସ୍ନାରାଣୀ ଚାନ୍ଦ,ଏପିଆର କନ୍‌ଷ୍ଟେବଲ ରିତ କୁମାର ପଣ୍ଡାଙ୍କ ପ୍ରଶଂସନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଏସ୍‌ପି ସାର୍ଥକ ରାୟ ପ୍ରଶଂସାପତ୍ର ପାଠ କରିଥିଲେ। ଏସ୍‌ଡିପିଓ ଲରେନ ରାଉତ, ବୌଦ୍ଧ ଥାନା ଅଧିକାରୀ ନଳିନୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପି ଅଭିବାଦନ ଗ୍ରହଣ କରୁଛନ୍ତି।

## ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ପାଇକମାଳ,୧୪(ବଡ଼ ଶତପଥୀ): ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଅବସର ଉପଲକ୍ଷେ ଅନୁଷ୍ଠିତ ହୋଇଥିଲା ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା। ଏଥିରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଭାବବିହ୍ୱଳ ପରିସ୍ଥିତି ଦେଖାଦେଇଥିଲା। ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ଅଦୁ। ସମ୍ମାନିତ ଅତିଥି ଭାବରେ ବ୍ଲକ ସହ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର ଓ ଯୁବରାଜ ବେଶ୍ରା, ବରଗଡ଼ ଜିଲା ବିଜ୍ଞାନ ସୁପରଭାଇଜର ଧୀରଜ ପଟ୍ଟନାୟକ, ବରିଷ୍ଠ ଖବରଦାତା ବଡ଼ ଶତପଥୀ, ସ୍କୁଲ କମିଟି ମେମ୍ବର ଟାଇଲ ଚନ୍ଦ୍ର ଭୋଇ, ଅନିଲ କାଳିଆ, କୁସୁମ ରାଓ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ. ଦ୍ୱାଦଶ କୁମାର ପ୍ରଧାନଙ୍କ ଶିକ୍ଷକତା ଜୀବନ କାଳରେ ମର୍ମସ୍ପର୍ଶୀ ଘଟଣା ଉପରେ ଆଲୋକପାତ କରି ଚିତ୍ତାକର୍ଷକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବ୍ଲକ ଅଞ୍ଚଳ ଅଧୀନ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ସମାଜସେବୀ, ସାମ୍ବାଦିକମାନେ ଯୋଗଦେଇ ବିଦାୟୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଖବରଦାତାମାନେ ଅବସର ନେଉଥିବା ପ୍ରଧାନ ଶିକ୍ଷକଙ୍କୁ ଏକ ଅଶୋକ ଚାରା ପ୍ରଦାନ କରିଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ବବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଡଙ୍ଗାଘାଟରେ ୨୪ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି



ଭକ୍ତମାନେ ବିସର୍ଜନ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

ପଦ୍ମପୁର,୧୪(ପ୍ରଦୀପ୍ତ ଦାଶ)

ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ତଥା ଅଷ୍ଟ ଦେବଦେବୀଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ପ୍ରଥମ ବାର୍ଷିକ ମହୋତ୍ସବ ଅବସରରେ ପଦ୍ମପୁର ଅନ୍ତର୍ଗତ ଡଙ୍ଗାଘାଟଠାରେ ୨୪ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ଉକ୍ତ ନାମଯଜ୍ଞରେ ଚନ୍ଦ୍ରଶେଖର ସାହୁ ଓ ତାଙ୍କ ସ୍ତ୍ରୀ ସସ୍ମିତା ସାହୁ ତଥା ସୁଶାନ୍ତ ପାଣ୍ଡେ ଓ ତାଙ୍କ ସ୍ତ୍ରୀ ରୁବିତା ପାଣ୍ଡେ ଯଜ୍ଞକର୍ତ୍ତା ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ଗଣନାଥ ମହାପାତ୍ର, ଚକ୍ରଧର ମହାପାତ୍ର, ଗୋପାଳକୃଷ୍ଣ ଦାଶ ଓ ସାନନ୍ଦ ମହାପାତ୍ରଙ୍କ ପୌରୋହିତ୍ୟରେ ଏହା ସମାପନ ହୋଇଛି। ସନ୍ଧ୍ୟାରେ କୀର୍ତ୍ତନ ବୈଠକୀ କାର୍ଯ୍ୟକ୍ରମ ମନୋମୁଗ୍ଧକର ହୋଇଥିଲା।

## ସମଲେଶ୍ୱରୀଙ୍କ ମହାସ୍ନାନ, ଶ୍ରଦ୍ଧାଳୁଙ୍କ ସମାଗମ

ବରଗଡ଼,୧୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା' ସମଲେଶ୍ୱରୀଙ୍କ ମହାସ୍ନାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ପ୍ରାତଃ ୪ଟା ୫୧ ମିନିଟରୁ ଦେବୀଙ୍କ ମହାଜଳାଭିଷେକ ସହିତ ଭକ୍ତମାନଙ୍କ ଦ୍ୱାରା ମା'ଙ୍କୁ ଶୀତଳଧାରା ଅର୍ପଣ କରାଯାଇଥିଲା। ସକାଳ ୭ଟା ୨୨ ମିନିଟରୁ ଚଣ୍ଡୀହୋମ ଆରମ୍ଭ ଏବଂ ଦିନ ୧୨ଟା ୧୦ ମିନିଟରେ ପୂର୍ଣ୍ଣାହୁତି ହୋଇଥିଲା। ଦେବୀଙ୍କ ଏହି କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁଙ୍କ ବିପୁଳ ସମାଗମ ହୋଇଥିଲା। ସେହିପରି ମହାସ୍ନାନ ଅବସରରେ ଛପନ ଭୋଗ ହୋଇଥିଲା। ଦେବୀଙ୍କୁ ଅର୍ପଣ ପରେ ଭୋଗ ପାଇଁ ଶ୍ରଦ୍ଧାଳୁ ଲମ୍ବାଧାଡ଼ିରେ ରହିଥିଲେ ଏବଂ ଛପନ ଭୋଗ ଗ୍ରହଣ କରିଥିଲେ।



## ଗନ୍ଧମାର୍ଦ୍ଦନ ପର୍ବତର ବିକାଶ, ପଦ୍ମପୁର ଜିଲା ଗଠନ ଦାବି

ପାଇକମାଳ,୧୪(ବଡ଼ ଶତପଥୀ)

ନୃସିଂହନାଥ ଗନ୍ଧମାର୍ଦ୍ଦନ ବିକାଶ ପରିଷଦ ଓ ପଦ୍ମପୁର ଜିଲା କାର୍ଯ୍ୟକାରୀ କମିଟି ତରଫରୁ ପାଇକମାଳ ପୂଜା କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ କମିଟିର କେନ୍ଦ୍ରୀୟ ଆବାହକ ରାଜକୁମାର ସେଠ୍‌ଙ୍କ ଆହ୍ୱାନରେ ସଞ୍ଜୟ ବହିଦାରଙ୍କ ସଭାପତିତ୍ୱରେ ବ୍ଲକ୍‌ସ୍ତରୀୟ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟତଃ ଦୁଇଟି ଦାବିକୁ ନେଇ ଆଲୋଚନା ହେଲା। ପ୍ରଥମେ ନୃସିଂହନାଥ, ଗନ୍ଧମାର୍ଦ୍ଦନ ପର୍ବତର ବିକାଶ ଓ ପଦ୍ମପୁର ଜିଲା ଗଠନ। ଏହି ଆଲୋଚନା ସଭାରେ ମାଣ୍ଡିଆଡିପା ସରପଞ୍ଚ ଚନ୍ଦ୍ରିକା ସାହୁ, ପାଇକମାଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସଞ୍ଜୀବ ବରିହା, ଛିନ୍ଦେକେଲା ସମିତି ସଭ୍ୟ ମହେନ୍ଦ୍ର ଭୋଇ, ଭେଙ୍ଗରାଜପୁର ସମିତିସଭ୍ୟ ଯତିନ୍ ଭୋଇ, ମିଠାପାଲି ସମିତି ସଭ୍ୟ ରମଲା ଲୁହାର, ମାଣ୍ଡିଆଡିପା ସମିତି ସଭ୍ୟ ଦମୟନ୍ତୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ସଂଗଠନର ଉପଦେଷ୍ଟା ସଞ୍ଜୟ ବହିଦାରଙ୍କ ନେତୃତ୍ୱରେ ସମସ୍ତେ ପାଇକମାଳ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇ ଗନ୍ଧମାର୍ଦ୍ଦନ ପର୍ବତର ବିକାଶ ଓ ପଦ୍ମପୁର ଜିଲା ଗଠନ ବିଷୟରେ ଲିଖିତ ଦାବିପତ୍ର ବିଡିଓ ଓଡୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।



ବିଡିଓ ଓଡୁଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଉଛି।

# ଜଳ, ଆର୍ଦ୍ରଭୂମି ସଂରକ୍ଷଣ ପାଇଁ ଛାତ୍ରୀଛାତ୍ରଙ୍କ ସଂକଳ୍ପ

### ପରିବେଶଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ

ବରଗଡ଼,୧୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲ, ଭୁକ୍ତାରେ ମଙ୍ଗଳବାର ପରିବେଶଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ପରିବେଶ ଶିକ୍ଷଣ କେନ୍ଦ୍ର ଓ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲର ଇକୋ କ୍ଲବ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ନିକଟସ୍ଥ ପୁଷ୍କରିଣୀକୁ ନିର୍ମଳ ରଖିବା ପାଇଁ ବିଭିନ୍ନ ଶୈବାଳ ଓ ଚିଙ୍ଗୁଡ଼ିଆ ଦଳ ଇତ୍ୟାଦିକୁ କାଢ଼ି ପରିଷ୍କାର କରାଯାଇଥିଲା। ଆର୍ଦ୍ରଭୂମି ମିତ୍ର ଭାବରେ ଆର୍ଦ୍ରଭୂମି ସଂରକ୍ଷଣ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମର ସ୍ମୃତିଚିହ୍ନ ସ୍ୱରୂପ ପୋଖରୀ ହୁଡ଼ାରେ ଚାରାରୋପଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ମେହେର, ସମ୍ମାନିତ ଅତିଥି ଭାବେ ପିଏମ୍‌ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ହାଇସ୍କୁଲ ଅମ୍ବାଭୋନାର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରଥ ଓ ପୁରୁଷୋତ୍ତମ ସରକାରୀ ହାଇସ୍କୁଲ ରୁଚିଦାର ପ୍ରଧାନ ଶିକ୍ଷକ ଅଜୟ କୁମାର ମେହେର ଯୋଗ ଦେଇ ଜଳ ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ସେମିନାରରେ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଜଳ ସଂରକ୍ଷଣ ଓ ଏହାର ସୁବିନିଯୋଗ ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ଧାରଣା ପ୍ରଦାନ କରିଥିଲେ। ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଜଳ ସଂରକ୍ଷଣ ପ୍ରସଙ୍ଗ ଉପରେ ଆୟୋଜିତ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଆଶୁତୋଷ ଭୋଇ, ବୋଧରାମ ବିଶ୍ୱାଳ, ତେଜରାମ ସା, ସୁବାସ ଚନ୍ଦ୍ର ଖମାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।




ଛାତ୍ରୀଛାତ୍ରଙ୍କ ପରିବେଶଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ।

# ମିଳୁନି ରନ୍ଧନ ଗ୍ୟାସ୍, ପୁଣି ଚୁଲି ଭରସା

**ବଡ଼ଗାଁ,୧।୪(ଅଶୋକ ଷଡ଼ଙ୍ଗୀ)**

ଯୁଦ୍ଧ ପରିସ୍ଥିତି ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ରନ୍ଧନ ଗ୍ୟାସ୍ ସିଲିଣ୍ଡରର ଅଭାବ ଦେଖା ଦେଇଛି। ଏହି କ୍ରମରେ ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଗ୍ୟାସ୍ ଅଭାବ ଯୋଗୁ ମହିଳାମାନେ ପୁଣି ଏବେ ଚୁଲିମୁହାଁ ହେଉଥିବା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳ ହୋଟେଲଗୁଡ଼ିକ ମଧ୍ୟ ଗ୍ୟାସ୍ ଅଭାବ ଯୋଗୁ କାଠ ଜାଳି ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ଏଭଳି ସ୍ଥିତିରେ ଜଙ୍ଗଲ ନଷ୍ଟହେବାର ଆଶଙ୍କା ପ୍ରକାଶ ପାଇଛି। ସରକାର ଗ୍ରାମାଞ୍ଚଳ ମହିଳା ମାନଙ୍କୁ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଦେବା ପରଠାରୁ କିଛିକାଂଶରେ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ ହ୍ରାସ ପାଇଥିଲା। ହେଲେ କିଛିଦିନ ଧରି ଗ୍ୟାସ୍ ସଙ୍କଟ ଲାଗିରହିଥିବାରୁ ମହିଳା ମାନେ ବାଧହୋଇ ଜଙ୍ଗଲରୁ କାଠ ସଂଗ୍ରହକରି ଚୁଲି ଲଗାଉଛନ୍ତି। ଯଦି ଗ୍ୟାସ୍ ସଙ୍କଟ ଏମିତି ଲାଗିରହେ ତେବେ ଜଙ୍ଗଲ ନଷ୍ଟହେବା ନିଶ୍ଚିତ ବୋଲି ଜଣାପଡ଼ିଛି।

**ଜାଳେଣି ପାଇଁ ଜଙ୍ଗଲ ନଷ୍ଟହେବା ଆଶଙ୍କା**

ଏନେଇ ବଡ଼ଗାଁ ବ୍ଲକ ଅନ୍ତର୍ଗତ ରୁନଗାଁ ପଞ୍ଚାୟତର ଗୃହିଣୀ ତାରାବତୀ ରାଉତ, ପଙ୍କଜିନୀ ରାଉତ, ଯାଜ୍ଞସେନୀ ସାରପଟିଆ, ସୁପ୍ରଭା ରାଉତ, ତିଳୋତ୍ତମା ଦାନୀ, ବିଜୟା ପ୍ରଧାନ, ଦମୟନ୍ତୀ ଦାନୀ, ଖିତି ଭଏସାଲଙ୍କ ସହିତ କେତେଜଣ ମହିଳାଙ୍କୁ ଯୋଗାଯୋଗ କରିବାରୁ, ଗ୍ରାମାଞ୍ଚଳର ୫୦ରୁ ୭୦ ପ୍ରତିଶତ ମହିଳା ଜାଳେଣି କାଠ ଛାଡ଼ି ଗ୍ୟାସ୍ ବ୍ୟବହାର କରୁଛନ୍ତି। ଏବେ ଗ୍ୟାସ୍ସଙ୍କଟ ଯୋଗୁ ସେମାନେ ପୁଣିଥରେ ଚୁଲିମୁହାଁ ହୋଇଛନ୍ତି। ଗ୍ୟାସ୍ ଅଭାବର ପ୍ରଭାବ ଜଙ୍ଗଲ ଉପରେ ପଡ଼ିବ। ତେଣୁ ଗ୍ୟାସ୍ ଅଭାବ ଉପରେ ସରକାର ଦୃଷ୍ଟି ରଖିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି।

**ଜନପ୍ରତିନିଧି ଯାହା କୁହନ୍ତି...**



"କିଛିବର୍ଷ ପୂର୍ବରୁ ଗାଁର ମହିଳାମାନେ ଜାଳେଣି କାଠ ଜଙ୍ଗଲରୁ ସଂଗ୍ରହକରି ରୋଷେଇ କରୁଥିଲେ। ସରକାର ରନ୍ଧନ ଗ୍ୟାସ୍ ଦେବାଠାରୁ କାଠ ବ୍ୟବହାର କିଛିଟା ହ୍ରାସ ପାଇଥିଲା। ଗ୍ୟାସ୍ ଅଭାବ ହେଲେ ଲୋକେ ପୁଣି ଜାଳେଣି ପାଇଁ କାଠ ଉପରେ ନିର୍ଭର କରିବେ। ଗ୍ୟାସ୍ ବ୍ୟବହାର ଯୋଗୁ କିଛିକାଂଶରେ ଜଙ୍ଗଲ କ୍ଷୟ କମିଥିଲା।

**-ସରପଞ୍ଚ ସଂଘ ସଭାପତି, ଯୋଗିନ୍ଦ୍ର କିସାନ**



"ଜଙ୍ଗଲ କ୍ଷୟକୁ କିଛିଟା ରୋକିବାରେ ରୋଷେଇ ଗ୍ୟାସ୍ ବ୍ୟବହାର ସହାୟକ ହେଉଛି। ଗ୍ୟାସ ଅଭାବ ହେଲେ ପୁଣି ଲୋକେ କାଠ ଉପରେ ନିର୍ଭର କରିବେ। ଗ୍ରାମାଞ୍ଚଳରେ ରୋଷେଇ ଗ୍ୟାସ୍ ସିଲିଣ୍ଡର ଯେପରି ଗୁରୁତର ଅଭାବ ନ ହୁଏ ସେଥିପ୍ରତି ଦୃଷ୍ଟି ରଖିବା ଆବଶ୍ୟକ।

**-ଟିକିଲିପଡ଼ା ସରପଞ୍ଚ, ସାବିତ୍ରୀ ମାଝୀ**



"ପ୍ରାୟ ୬ରୁ ୭ ବର୍ଷ ହେବ ଗୃହିଣୀମାନେ ଧୂଆଁରୁ ମୁକ୍ତି ପାଇଥିଲେ। ଗ୍ୟାସ୍ ବ୍ୟବହାର ଯୋଗୁ ବହୁ କମ୍ ଲୋକ କାଠ ଉପରେ ଆଉ ନିର୍ଭର କରୁନାହାନ୍ତି। ତେଣୁ ଗ୍ୟାସ୍ ସିଲିଣ୍ଡର ଠିକ୍ ବିତରଣ ହେବା କଥା।

**-ଏକମା ସରପଞ୍ଚ, ସାଏବାନୀ ଲାକ୍ରା**



"କିଛିବର୍ଷ ମଧ୍ୟରେ ଗାଁର ମହିଳାମାନେ ରୋଷେଇ ଗ୍ୟାସ୍ ଉପରେ ପୂର୍ଣ୍ଣ ନିର୍ଭରଶୀଳ ହୋଇଥିବା ଓ ପ୍ରାୟ ୫୦ରୁ ୭୦ ପ୍ରତିଶତ ମହିଳା ଗ୍ୟାସ୍ ବ୍ୟବହାର କରୁଥିବାରୁ ସରକାର ବିତରଣ ପରିଚାଳନା ଉପରେ ଦୃଷ୍ଟି ଦେବା ଆବଶ୍ୟକ ମନେହୁଏ।

**-ଭୋଇପାଲି ସରପଞ୍ଚ, ମହେଶ୍ୱର ବରିହା**

# ଡାଲ୍ମିଆ ସିମେଣ୍ଟରେ ଓଡ଼ିଶା ଦିବସ




ଜଣେ କୃଷକଙ୍କୁ କୃଷି ଉପକରଣ ପ୍ରଦାନ କରାଯାଇଛି।

**ରାଜଗାଙ୍ଗପୁର,୧।୪(ଅଶୋକ ପାଣି)**

ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ ସଂସ୍ଥା ଡାଲ୍ମିଆ ସିମେଣ୍ଟ ଭାରତ ଲିମିଟେଡ୍(ଡିସିବିଏଲ୍) ରାଜଗାଙ୍ଗପୁର ୟୁନିଟ୍‌ରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଓଡ଼ିଶାର ମହାନ୍ ସ୍ୱାଧୀନତା ସଂଗ୍ରାମୀ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ପୁଷ୍ପାଞ୍ଜଳି ଅର୍ପଣ ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ଡାଲ୍ମିଆ ସିମେଣ୍ଟ ରାଜଗାଙ୍ଗପୁର ଓ ଲାଞ୍ଜିବେର୍ଣ୍ଣା ଖଣି ଅଞ୍ଚଳରେ ୨୦୦ରୁ ଅଧିକ କୃଷକଙ୍କୁ କୃଷି ଉପକରଣ ବିତରଣ କରିଥିଲା। ରାଜଗାଙ୍ଗପୁର ଡାଲ୍ମିଆ ସିମେଣ୍ଟ ପରିସରସ୍ଥିତ ଗୋପବନ୍ଧୁ ପାର୍କରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ରାଜଗାଙ୍ଗପୁରର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ୟୁନିଟ୍ ହେଡ୍ ଚେତନ ଶ୍ରୀବାସ୍ତବଙ୍କ ସମେତ ବରିଷ୍ଠ ନେତୃବୃନ୍ଦ, ଅନ୍ୟାନ୍ୟ ଅଧିକାରୀ ଓ ସମୁଦାୟର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସମ୍ପର୍କରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ରାଜଗାଙ୍ଗପୁର ୟୁନିଟ୍‌ର ମୁଖ୍ୟ ଶ୍ରୀବାସ୍ତବ କହିଥିଲେ, ଓଡ଼ିଶା ଦିବସ ଓଡ଼ିଶାର ଉତ୍ସାହ, ଐତିହ୍ୟ ଓ ପ୍ରଗତିକୁ ପାଳନ କରିଥାଏ। ଡାଲ୍ମିଆ ସିମେଣ୍ଟର ରାଜ୍ୟ ସହ ସମ୍ପର୍କ ବ୍ୟବସାୟଠାରୁ ଅନେକ ଅଧିକ ଏବଂ ଆମେ ରାଜ୍ୟର ଲୋକ ଓ ସେମାନଙ୍କର ପ୍ରଗତି ସହ ଗଭୀର ଭାବେ ଜଡ଼ିତ। ଆମେ ଏହି ଯାତ୍ରାର ଏକ ଅଂଶ ହୋଇ ଏବଂ ରାଜ୍ୟର ଅଭିବୃଦ୍ଧି ଓ ଏହାର ସମୁଦାୟଗୁଡ଼ିକର କଲ୍ୟାଣରେ ସହଯୋଗ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଡାଲ୍ମିଆ ସିମେଣ୍ଟ ସ୍ଥାୟୀ କୃଷି, ଜଳ ସଂରକ୍ଷଣ, ଦକ୍ଷତା ବିକାଶ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପରିବ୍ୟାପ୍ତ କେନ୍ଦ୍ରିତ ସମୁଦାୟ ଅଭିଯାନଗୁଡ଼ିକର ଏକ ଶୃଙ୍ଖଳା ମାଧ୍ୟମରେ ଓଡ଼ିଶାର ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଜାରି ରଖିଛି। ସିଏସ୍ଆର ପ୍ରୋଗ୍ରାମ୍‌ଗୁଡ଼ିକ ମାଧ୍ୟମରେ ଗ୍ରାମାଞ୍ଚଳରେ ଜୀବିକା ବୃଦ୍ଧି କରିବା, ସ୍ଥାନୀୟ ସମୁଦାୟଗୁଡ଼ିକୁ ସଶକ୍ତ କରିବା ଓ ରାଜ୍ୟରେ ଦୀର୍ଘକାଳୀନ, ସମାବେଶୀ ଅଭିବୃଦ୍ଧିକୁ ଆଗକୁ ନେବା ପାଇଁ ପ୍ରତିବଦ୍ଧ ରହିଛି।

# ପୃଥକ୍ ସଡ଼କ ଦୁର୍ଘଟଣାରେ ୨ ମୃତ

**ରାଜଗାଙ୍ଗପୁର,୧।୪(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ରାଜ୍ୟରାଜପଥ ନଂ. ୧୦ରେ ପୃଥକ ସଡକ ଦୁର୍ଘଟଣା ଘଟି ରାଜଗାଙ୍ଗପୁର ବ୍ଲକ ଇଓ ଓ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ଯେ, ରାଜଗାଙ୍ଗପୁର ବାଇପାସରେ ପ୍ରଥମ ଦୁର୍ଘଟଣାରେ ରାଉରକେଲା ସେକ୍ଟର ୬ ର ପ୍ରଶାନ୍ତ ଜୟପୁରିଆ ଓ ତାଙ୍କର ସ୍ତ୍ରୀ ସୁନିତା ଜୟପୁରିଆ ଏକ ବାଇକ ଯୋଗେ କୁଚିଣ୍ଡାରୁ ରାଉରକେଲା ଆସୁଥିବା ସମୟରେ ଦୁର୍ଘଟଣା ଘଟି ସୁନିତାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ସ୍ୱାମୀ ଗୁରୁତର ଥିବାରୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ସେହିପରି ୨ୟ ଦୁର୍ଘଟଣାରେ ରାଜଗାଙ୍ଗପୁର ବ୍ଲକ ଇଓ ସରୋଜ ସୁନ୍ୟାନି ଓ ତାଙ୍କ ବନ୍ଧୁ ଏକ ବାଇକ ଯୋଗେ ଯାଉଥିବା ସମୟରେ ଦୁର୍ଘଟଣା ଘଟି ବ୍ଲକ ଇଓଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ବନ୍ଧୁ ବଳରାମ ରାଉତଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ମୃତଦେହ ରାଜଗାଙ୍ଗପୁର ମର୍ଗ ହାଉସରେ ରଖାଯାଇଛି।

# ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ଆହ୍ୱାନ

## ଜିଲା ସ୍ତରୀୟ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ



**ସୁନ୍ଦରଗଡ,୧।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ପୋଲିସ ଜିଲା ପକ୍ଷରୁ ଜିଲା ସ୍ତରୀୟ ୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶଙ୍କରା ସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ଆୟୋଜିତ ସମାରୋହରେ ଜିଲା ପୋଲିସ ଅଧୀକ୍ଷକ ଅମ୍ରିତ ପାଲ କୌର ମୁଖ୍ୟ ଅତିଥିଭାବେ ପୋଲିସ ପତାକା ଉତ୍ତୋଳନ ସହ ପୋଲିସ କର୍ମଚାରୀଙ୍କ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। ଏସ୍‌ପି କୌର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିବା ସହ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ସହ ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟକାଳୀନ ମୁକାବିଲା ଓ ଶାନ୍ତି ମୈତ୍ରୀ ପ୍ରତିଷ୍ଠା ଦିଗରେ ଓଡ଼ିଶା ପୋଲିସ ମହତ୍ତ୍ୱପୂର୍ଣ୍ଣ ଭୂମିକା ତଥା ଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତ୍ୟେକ ପୋଲିସ କର୍ମଚାରୀ ନିଷ୍ଠାପର କାର୍ଯ୍ୟ ଓ ଉତ୍ତମ ସେବା ପ୍ରଦାନ କରି ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ଆହ୍ୱାନ ଦେଇଥିଲେ। ରିଜର୍ଭ ଇନ୍ସପେକ୍ଟର ଲୋକନାଥ ଭୋଇ ପ୍ୟାରେଡ ପରିଚାଳନା କରିଥିଲେ। ଏହି ଅବସରରେ ଜିଲାର ଶ୍ରେଷ୍ଠ ପୋଲିସ କର୍ମଚାରୀ ଭାବେ ଏସଆଇ ହରିଶ କୁମାର ଛତ୍ରିଆ,ଏଏସ ଆଇ ଶରତ କୁମାର ବେହେରା, ଏପିଆର ହାବିଲଦାର ଏମଡି ସଫାରତ, ଟ୍ରାଫିକ କନେଷ୍ଟବଳ ମାନସ କୁମାର ଦାସ, କନେଷ୍ଟବଳ ପ୍ରେମଲତା ଭୋଳ, ଗୁରୁଚରଣ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ ଅଧୀକ୍ଷକ ଶାନ୍ତା ନୂତନ ସାମଦ, ମହେନ୍ଦ୍ର ନାଥ ମୁର୍ମୁ , ସଦର ଏସଡିପିଓ ନିର୍ମଳ ମହାପାତ୍ରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ସମସ୍ତ ଥାନାର ଆଇଆଇସି, ପୋଲିସ କର୍ମଚାରୀ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବୁଥ୍ ସ୍ତରରେ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ



ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

**ବଣାଇଁ,୧।୪(ପ୍ରଦୀପ ତ୍ରିପାଠୀ)**

## ବଣାଇଁ ବିଜେଡି ପକ୍ଷରୁ ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରଶିକ୍ଷଣ ଶିବିର

ବଣାଇଁ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବୁଥ ଏଜେଣ୍ଟମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ବଣାଇଁ ଆଇଟିଡିଏ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରର ଉଦ୍ଦେଶ୍ୟ ଥିଲା ଦଳୀୟ କାର୍ଯ୍ୟକର୍ତ୍ତା ଓ ବୁଥ ଏଜେଣ୍ଟମାନଙ୍କୁ ଆସନ୍ତା ନିର୍ବାଚନ ସମ୍ବନ୍ଧୀୟ ଦାୟିତ୍ୱ ଓ କାର୍ଯ୍ୟପଦ୍ଧତି ବିଷୟରେ ସଚେତନ କରିବା। ମୁଖ୍ୟ ଅତିଥିଭାବେ ରାଉରକେଲା ଜିଲା ବିଜୁ ଜନତା ଦଳ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ଯୋଗଦେଇଥିଲେ। ସେ ବୁଥ ସ୍ତରରେ ସଙ୍ଗଠନକୁ ମଜଭୁତ କରିବା ସହିତ ଏସଆଇଆର କାର୍ଯ୍ୟକ୍ରମକୁ ସଠିକ ଭାବେ କାର୍ଯ୍ୟନ୍ୱୟନ କରିବା ପାଇଁ ଏଜେଣ୍ଟମାନଙ୍କୁ ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଞ୍ଜିତ କିସାନ, ଉପାଧ୍ୟକ୍ଷ କମଳ ଲାକ୍ରା, ବଣାଇଁ (କ) ଜିଲା ପରିଷଦ ସଭ୍ୟ ବୀର ବିଚିତ୍ର ସେନ ନାୟକ, ଲହୁଣୀପଡା (କ) ସଭ୍ୟା ଜୁଲିଆନୀ କାଣ୍ଡିର, ଲହୁଣୀପଡା (ଖ) ସଭ୍ୟା ସୁଶୀଳା ନାୟକ ଓ ଗୁରୁଣ୍ଡିଆ ସଭ୍ୟ ଅପିନ୍ଦ୍ର କିଷାନ ଯୋଗଦେଇଥିଲେ। ସେହିପରି ଲହୁଣୀପଡ଼ା ବ୍ଲକ ସଭାପତି ଗୁରୁ ଚରଣ ସ୍ୱାଇଁ, ଗୁରୁଣ୍ଡିଆ ବ୍ଲକ ସଭାପତି ରାସୱାଲ ଓରାମ ଓ ବରିଷ୍ଠ ନେତାମାନେ ମଧ୍ୟ ଉପସ୍ଥିତ ଥିଲେ। ବଣାଇଁଗଡ଼ ବ୍ଲକ ସଭାପତି ବାଣେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଆରମ୍ଭରେ ପବିତ୍ର ଓଡିଶା ଦିବସ ଅବସରରେ ଜଗନ୍ନାଥ ମହାପ୍ରଭୁଙ୍କ ଓ ଓଡିଶାର ବରପୁତ୍ରଙ୍କ ନିକଟରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପାର୍ପଣ କରାଯାଇଥିଲା। ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ମାଧ୍ୟମରେ ଓଡ଼ିଶାର ଗୌରବକୁ ସ୍ମରଣ କରାଯାଇଥିଲା। ବରିଷ୍ଠ ନେତା ରଘୁନାଥ ସାହୁ ଓଡ଼ିଶା ଦିବସର ଐତିହ୍ୟ ଓ ମହତ୍ତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ। ସଭାରେ ସର୍ବସମ୍ମତି କ୍ରମେ ସାଂସଦ ନିଶିକାନ୍ତ ଦୁବେଙ୍କ ଦ୍ୱାରା ବିଜୁ ବାବୁଙ୍କ ପ୍ରତି କରାଯାଇଥିବା କଟୁ ମନ୍ତବ୍ୟକୁ ନିନ୍ଦା କରାଯାଇଥିଲା। ଶେଷରେ ଦଳର ନୀତି ଓ ଆଦର୍ଶରେ ପ୍ରେରିତ ହୋଇ ଅବସରପ୍ରାପ୍ତ କୃଷି ଅଧିକାରୀ ନବୀନ ଚନ୍ଦ୍ର ସାହୁ ବିଜୁ ଜନତା ଦଳରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ନେତା ରୋହିତାଶ୍ୱ ମିଶ୍ର, ସିପୁନ ମିଶ୍ର, ଦ୍ରୌପଦୀ କିଷାନ, ଲକ୍ଷ୍ମୀ କିସାନ, ଲକ୍ଷ୍ମୀ ମାହାନ୍ତ, ସଞ୍ଜୟ ଦାଶ, ସୁରୁଜ ତ୍ରିପାଠୀ, ଶ୍ୱେତ ବସନ୍ତ ବିଶ୍ୱାଳ, ତାପସ ଭୋଇଙ୍କ ସମେତ ୨୫୦ ରୁ ଅଧିକ ଦଳୀୟ କାର୍ଯ୍ୟକର୍ତ୍ତା ଓ ବୁଥ ଏଜେଣ୍ଟମାନେ ଉପସ୍ଥିତ ଥିଲେ।

# ଉତ୍କଳର ଐତିହ୍ୟ, ଗୌରବ, ସଂସ୍କୃତି ଉପରେ ଆଲୋଚନା



ମଞ୍ଚାସୀନ ଅତିଥି ଓ ଅଧକ୍ଷା,ଅଧ୍ୟାପିକା ଅଧ୍ୟାପକ।

**ସୁନ୍ଦରଗଡ,୧।୪(ଜୟ ନାରାୟଣ ମେଣ୍ଡୁଲି)**

## ସୁନ୍ଦରଗଡ଼ ସରକାରୀ ମହିଳା କଲେଜରେ ଓଡ଼ିଶା ଦିବସ

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ଓଡ଼ିଆ ପକ୍ଷ' ଅବସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଛାତ୍ରୀମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିବା ସହ ଓଡ଼ିଶାର ବରପୁତ୍ର ଏବଂ ଭଗବାନଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ 'ବନ୍ଦେ ଉତ୍କଳ ଜନନୀ' ଛାତ୍ରୀମାନେ ସମବେତ ଗାନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡା. ଇନ୍ଦିରା ଗଡ଼ନାୟକ ସଭାପତିତ୍ୱ କରି ଉତ୍କଳର ଐତିହ୍ୟ, ଗୌରବ, ସଂସ୍କୃତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ତଥା ସହକାରୀ ପ୍ରଫେସର ନୂତନ ଖମାରୀ ଯୋଗଦେଇ ଉତ୍କଳ ପ୍ରଦେଶ ଗଠନରେ ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଶାରଦା ପ୍ରସାଦ ମହାପାତ୍ର ଯୋଗଦେଇ ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ କିପରି ଭବିଷ୍ୟତ ପିଢ଼ି ପାଇଁ ବଞ୍ଚାଇ ରଖିବାର ସଂକଳ୍ପ ନେବା ସେ କଥା ଛାତ୍ରୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ବିଭାଗୀୟ ମୁଖ୍ୟ ସହକାରୀ ପ୍ରଫେସର ଡ. ଅମିତା ପ୍ରିୟଦର୍ଶିନୀ ବେହେରା, ସହକାରୀ ପ୍ରଫେସର କୀର୍ତ୍ତିଦା ସିଂ ବରିହା, ଅଧ୍ୟାପିକା ପ୍ରଜ୍ଞା ରଣା ଓ ଯୁକ୍ତ ଦୁଇ ଓଡ଼ିଆ ଅଧ୍ୟାପିକା ଝରଣା ନାଏକ ଓଡ଼ିଶା ଦିବସ ଉପଲକ୍ଷେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୌରଭ ପଧାନ ସୂଚାରୁ ରୂପେ ମଞ୍ଚ ପରିଚାଳନା ଦାୟିତ୍ୱ ନିର୍ବାହ କରିବା ସହ ଶେଷରେ ଅଧ୍ୟାପକ ସୁରଥ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରାଇଥିଲେ।

# କଳାହାଣ୍ଡି କପ୍ ଚାମ୍ପିୟନ ଦଳକୁ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼,୧।୪(ଜୟ ନାରାୟଣ ମେଣ୍ଡୁଲି)**

ବରିଷ୍ଠ ଆନ୍ତଃ ଜିଲା କଳାହାଣ୍ଡି କପ୍ କ୍ରିକେଟ ଚାମ୍ପିୟନ ସୁନ୍ଦରଗଡ଼ ଦଳକୁ ମଙ୍ଗଳବାର ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ ଖେଳାଳିଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ଦ୍ୱିତୀୟଥର ଚାମ୍ପିୟନ ହାସଲ କରିଥିବାରୁ ହ୍ୟାଟ୍ରିକ ବିଜୟ ହାସଲ ପାଇଁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପିଏଆଇଟିଡିଏ ଧୀରେନ୍ଦ୍ର ସେଠୀ, ବଣାଇ ଉପଜିଲାପାଳ ଅଶୋକ ଦାସ, ଜିଲା କ୍ରୀଡା ଅଧିକାରୀ ସୁଶୀଲ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଯୋଗଦେଇଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ବହିଦାର ସଭାରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ଅତିଥି ଓ ଖେଳାଳିମାନଙ୍କୁ ସ୍ୱାଗତ ଜଣାଇଥିଲେ। କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାଏକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସମସ୍ତ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦଳର ଗୋବିନ୍ଦ ପୋଦାର, ସ୍ୱସ୍ତିକ୍ ସାମଲ ଓ ସୌମ୍ୟ ଲେଙ୍କା ନିଜର ବିଜୟୀ ଅନୁଭୂତିକୁ ସମସ୍ତଙ୍କ ଆଗରେ ପ୍ରକାଶ କରିଥିଲେ। ପରେ ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ନିଜ ସରକାରୀ ବାସଭବନରେ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ ଓ ଓସିଏରୁ ମିଳିଥିବା ଚାମ୍ପିୟନ ରାଶି ୫ଲକ୍ଷ ଏବଂ ଜିଲା କ୍ରୀଡ଼ା ସଂସଦ ତରଫରୁ ମିଳିଥିବା ୨ଲକ୍ଷ ମୋଟ୍ ୭ ଲକ୍ଷ ଟଙ୍କା ଖେଳାଳିଙ୍କୁ ପ୍ରଦାନ କରିଥିଲେ। ଏହି ସମ୍ବର୍ଦ୍ଧନା ସମାରୋହରେ ଜିଲା କ୍ରୀଡ଼ା ସଂସଦର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ଉପସ୍ଥିତ ଥିଲେ।



କଳାହାଣ୍ଡି କପ୍ ଚାମ୍ପିୟନ ଦଳ ଓ ଅତିଥିମାନେ।

# ବିପଦସଙ୍କୁଳ ଅବସ୍ଥାରେ ବାଇପାସ୍‌ରେ ଥିବା ହୋର୍ଡିଂ ଖୋଲାହେଲା

**ଟେନ୍ସା,୧।୪(ସମୀର କୁମାର ପାଢ଼ୀ)**

**ଧରିତ୍ରୀ ପ୍ରଭାବ**

ସୁନ୍ଦରଗଡ଼ ଜିଲାର ଆଦିବାସୀ ଅଧ୍ୟୁଷିତ କୋଇଡ଼ା ବ୍ଲକ କାଦୋଡ଼ିଆ ବାଇପାସ୍ ରାସ୍ତାରେ ଥିବା ପବ୍ଲିକ୍ ୱାର୍କସ୍ ବିଭାଗ(ପିଡବ୍ଲୁଡି)ର ପ୍ରବେଶ ହୋର୍ଡିଂ ଭାଙ୍ଗିଯାଇ ଝୁଲନ୍ତା ଅବସ୍ଥାରେ ରହିଛି। କେତେବେଳେ କେଉଁ ମୁହୂର୍ତ୍ତରେ ଗଳିପଡ଼ିବ କିଛି କହିହେବ ନାହିଁ। ପ୍ରତିଦିନ ଏହି ରାସ୍ତା ଦେଇ ଛୋଟ ଗାଡ଼ିଠାରୁ ଆରମ୍ଭକରି ମୋଟର ସାଇକେଲ, ଟେମ୍ପୁ, ଚାରିଚକିଆ ଯାନ ଚଳାଚଳ କରୁଛି। ଝୁଲନ୍ତା ଅବସ୍ଥାରେ ଥିବା ହୋର୍ଡିଂ ଭାଙ୍ଗି କାହାରି ବି ମୃତ୍ୟୁ ଘଟିପାରେ କହି ହେବନାହିଁ। ରାତି ପାହିଲେ କୋଇଡ଼ା ବ୍ଲକ୍ ଅଫିସ, ଖଣି ଅଫିସ, ତହସିଲ ଅଫିସକୁ ବଡ଼ ବଡ଼ ବାବୁମାନେ ଆସିଥାନ୍ତି। ହେଲେ କୌଣସି ପ୍ରଶାସନିକ ଅଧିକାରୀଙ୍କ ନଜର ପଡୁ ନ ଥିଲା। ଏନେଇ ଗତ ୩୧ତାରିଖରେ ଧରିତ୍ରୀରେ ଫଟୋ ସହ ଏକ ଖବର ପ୍ରକାଶ ପାଇବା ପରେ ପିଡବ୍ଲୁଡି ବିଭାଗ ପକ୍ଷରୁ ଏହି ହୋର୍ଡିଂ ମେଶିନ ଓ ଲୋକ ଲଗାଇ ମଙ୍ଗଳବାର ସନ୍ଧ୍ୟାରେ ଖୋଲି ଦିଆଯାଇଛି। ପୁଣି କେବେ ଏହି ହୋର୍ଡିଂ ଲଗାଯିବ ତାହା କୋଇଡ଼ା ଜନସାଧାରଣ ଦେଖିବାକୁ ବାକି ରହିଲା।

# ବିଷ ପିଇ ଯୁବକ ମୃତ

**ବାଲିଶଙ୍କରା,୧।୪(ହୃଦାନନ୍ଦ ବାରିକ):**

ତଲସରା ଥାନା ଅନ୍ତର୍ଗତ ଶାଗବାହାଲ ପଞ୍ଚାୟତ ତିଲିଆ ଭାଲୁମୁଣ୍ଡା ଗ୍ରାମରେ ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ବାଲେଶ ସାଏ(୧୯)। ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ କୌଣସି କାରଣ ଯୋଗୁ ବାଲେଶ ବିଷ ପିଇଦେଇଥିଲେ। ପରିବାର ଲୋକେ ତାଙ୍କୁ ସୁନ୍ଦରଗଡ଼ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଚିକିତ୍ସାଧୀନ ଅବସ୍ଥାରେ ଗତ ୩୦ ତାରିଖ ରାତି ପ୍ରାୟ ୨ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଘଟଣାର ତଦନ୍ତ କରୁଛି।

# ସକାଳୁଆ ସ୍କୁଲ ପାଇଁ ଅଭିଭାବକ ମହଲରେ ଦାବି

**ସୁନ୍ଦରଗଡ,କୁଆଁରମୁଣ୍ଡା,୧।୪**
**( ଜୟ ନାରାୟଣ ମେଣ୍ଡୁଲୀ/ମହେନ୍ଦ୍ର କୁମାର ସାହୁ)**

ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁ ସ୍କୁଲଗୁଡ଼ିକ ସକାଳୁଆ ହେବା ଆବଶ୍ୟକ। ବଣ, ପାହାଡ ଘେରା ସୁନ୍ଦରଗଡ ଜିଲାର ଅଧିକାଂଶ ସ୍କୁଲଗୁଡ଼ିକରେ ଭିତ୍ତିଭୂମିର ଅଭାବ ରହିଛି। କେଉଁ ସ୍କୁଲରେ ଲାଇନ ଥିଲା ବେଳେ ଫ୍ୟାନ ନାହିଁ ତ ଅନ୍ୟ କେଉଁଠି ଫ୍ୟାନ ଅଛି ତ ଲାଇନ ନାହିଁ। ଏପରିକି ଅନେକ ସ୍କୁଲରେ ମଧ୍ୟ ସ୍ୱଚ୍ଛ ପାନୀୟ ଜଳର ଅଭାବ ରହିଛି। ଗତ ୨୦୨୩-୨୪ ଓ ୨୦୨୪-୨୫ ଶିକ୍ଷାବର୍ଷରେ ଏପ୍ରିଲ ୨ ତାରିଖଠାରୁ ସ୍କୁଲଗୁଡ଼ିକ ସକାଳୁଆ ହେଉଥିଲା। କିନ୍ତୁ ଚଳିତବର୍ଷ ଏପ୍ରିଲ ୨ ତାରିଖ ଅର୍ଥାତ୍ ଗୁରୁବାର ଦିନ ସକାଳ ସାଢ଼େ ୯ଟାରୁ ସାଢ଼େ ୪ଟା ସ୍କୁଲ ଚାଲିବ ବୋଲି ଜଣାପଡ଼ିବା ପରେ ଏହାକୁ ଅନେକ ଅଭିଭାବକ ନାପସନ୍ଦ କରିଛନ୍ତି।

ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଡା. ମୁରଲୀଧର ବେହେରାଙ୍କୁ ପଚାରିବାରୁ, ସକାଳୁଆ ପାଠପଢ଼ା ନେଇ ରାଜ୍ୟ ଶିକ୍ଷା ବିଭାଗ ସଚିବଙ୍କ ସହ ଭିଡିଓ କନଫରେନ୍ସ ମାଧ୍ୟମରେ ହୋଇଥିବା ନିଷ୍ପତ୍ତି ମୁତାବକ ବର୍ତ୍ତମାନ ତାପମାତ୍ରା ସ୍ୱାଭାବିକ ଥିବାରୁ ଏପ୍ରିଲ ୨ରେ ସକାଳୁଆ ସ୍କୁଲ ପରିବର୍ତ୍ତେ ସକାଳ ୯ଟା୩୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ପାଗ ପରିବର୍ତ୍ତନ ହେଲେ ଅର୍ଥାତ୍ ଆସନ୍ତା ସୋମବାର ଆଡକୁ ସକାଳୁଆ ସ୍କୁଲ ହେବା ନେଇ ନିଷ୍ପତ୍ତି ନିଆଯାଇପାରେ ବୋଲି ସେ କହିଛନ୍ତି।

ଏ ନେଇ କୁଆଁରମୁଣ୍ଡା ବିଇଓ ନମିତା ମହାପାତ୍ରଙ୍କୁ ପଚରାଯିବାରୁ, ଗତ ବର୍ଷ ଏପ୍ରିଲ ୨ ତାରିଖରେ ସ୍କୁଲ ସକାଳୁଆ ହୋଇଥିଲା। ହେଲେ ଚଳିତ ବର୍ଷ ଏ ନେଇ କୌଣସି ଚିଠି ଆସି ନାହିଁ ବୋଲି ବୋଲି ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଆମକୁ ଭିସିରେ ସୂଚନା ଦେବାରୁ ସ୍କୁଲ ସକାଳୁଆ ନ ହୋଇ ସାଢ଼େ ୯ ରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଚାଲିବ ବୋଲି ବିଇଓ ମହାପାତ୍ର କହିଛନ୍ତି।

ଅନ୍ୟ ପକ୍ଷରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନଙ୍କୁ ଯୋଗାଯୋଗ କରାଯିବାରୁ, ଏପ୍ରିଲ ୨ରେ ସାଢ଼େ ୯ ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ସ୍କୁଲ ଖୋଲା ରହିବ। ସକାଳୁଆ ସ୍କୁଲ ହେବା ପାଇଁ ଆମକୁ କୌଣସି ନିର୍ଦ୍ଦେଶ ଆସି ନାହିଁ। କିନ୍ତୁ ଅତ୍ୟଧିକ ତାପମାତ୍ରା ବୃଦ୍ଧି ସମୟରେ ସ୍କୁଲ ସକାଳୁଆ ନ ହେବାକୁ ନେଇ ଅଭିଭାବକମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

**ଡିଜିଟାଲ ଜନଗଣନା ସଚେତନତା କାର୍ଯ୍ୟକ୍ରମ**

କୁଚିଣ୍ଡା,(ବିରଞ୍ଚି ଦର୍ଶୀ):ସମ୍ବଲପୁର ଜିଲା କୁଚିଣ୍ଡା ତହସିଲଠାରେ ଡିଜିଟାଲ ଜନଗଣନା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଚିଣ୍ଡା ତହସିଲଦାର ସରିତା ଓରାମ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଓକିଲ ସଂଘ ସଭାପତି ଅଉଠୁ ରାଉତ ଯୋଗଦେଇଥିଲେ। ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହା ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟ ୧୬ ଏପ୍ରିଲରୁ ୧୫ ମେ ପର୍ଯ୍ୟନ୍ତ ହେବ। ଏଥିରେ ଘର ତାଲିକାକରଣ ଏବଂ ଗୃହ ଗଣନା କରାଯିବ। ଏଥିସହ ସହିତ ସ୍ୱୟଂ ଗଣନା ପ୍ରକ୍ରିୟା ଏପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ଚାଲିବା ନେଇ ତହସିଲଦାର ଓରାମ ସୂଚନା ଦେଇଛନ୍ତି। ଜନସାଧାରଣ ଏଥିରେ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

**ସଂକ୍ଷେପରେ**

## ଗୁଦଗୁଦା ମହୋତ୍ସବ ଉଦ୍‌ଯାପିତ

କୁଚିଣ୍ଡା,୧୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପଡିଆରେ ତିନିଦିନ ଧରି ଚାଲିଥିବା ଗୁଦଗୁଦା ମହୋତ୍ସବ ଉଦଯାପିତ ହୋଇଯାଇଛି। ମହୋତ୍ସବ କମିଟି ଅଧ୍ୟକ୍ଷ ତଥା କୁଚିଣ୍ଡା ଉପଜିଲାପାଳ ସରଓ୍ବନନ ସଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ କମିଶନର ରୋହନ କ୍ଷେତ୍ରୀ, ବରିଷ୍ଠ ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡା, ସମ୍ବଲପୁରୀ ଲୋକନୃତ୍ୟ ଗୁରୁ, ରଞ୍ଜନ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ସଂସ୍କୃତି ଓ ପରମ୍ପରା ବଞ୍ଚି ରହିଲେ ଯାଇ କଳାର ବିକାଶ ହେବ ବୋଲି କହିଥିଲେ। ମହୋତ୍ସବ ମୁଖ୍ୟ ସଂଯୋଜକ ସୁରଥ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ବୌଦ୍ଧ, ଗଞ୍ଜାମ, ବଲାଙ୍ଗୀର, କୁଚିଣ୍ଡା, ଜମନକିରା,ବାମରା ଆଦି ଅଞ୍ଚଳର ସାଂସ୍କୃତିକ ଦଳ ନୃତ୍ୟଗୀତ ଆଦି ପରିବେଷଣ କରିଥିଲେ।

## ଟିଂକିରା ଗୋସାଇଁ ପୂଜା

ପଡିଆବାହାଲ,୧୪(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ବାହାମ କୁସନପୁରୀ ରାସ୍ତାରେ ଥିବା ବାହାମ ଗ୍ରାମବାସୀଙ୍କ ଆସ୍ଥା ଓ ବିଶ୍ୱାସର ଦେବି ଜବନେଶ୍ୱର ପାଟ(ଟିଂକିରା ଗୋସାଇଁ)ଙ୍କ ବାର୍ଷିକ ପୂଜା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଗଉଁନ୍ତିଆ ବରଣ, ଝାଙ୍କର ବରଣ ସରିବା ପରେ ଗ୍ରାମ ଓ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଅନ୍ଧାରି ପୂଜା ହୋଇଥିଲା। ମୁକ୍ତ ଆକାଶ ତଳେ ପୂଜା ପାଉଥିବା ଜବନେଶ୍ୱର ପାଟଙ୍କ ପୀଠରେ ବୁଧବାର ମାନସିକଧାରୀମାନେ ଦିନବେଳା ମାନସିକ ନଡ଼ିଆ, ଛେଳି, କୁକୁଡ଼ା ଆଦି ନେଇ ପୂଜା କରିଛନ୍ତି। ଆଜି କେବଳ ପୁରୁଷ ମାନେ ଦର୍ଶନାର୍ଥୀ ଥିଲାବେଳେ ଗୁରୁବାର ମହିଳା ଓ ଝିଅମାନେ ଦର୍ଶନ ପୂଜା କରିବା ପରମ୍ପରା ରହିଛି। ପରମ୍ପରା ଅନୁସାରେ ଟିଂକିରା ଗୋସାଇଁଙ୍କ ବଳି ପ୍ରସାଦ ଘରକୁ ନ ନେଇ ସେହି ପୀଠ ଆଖପାଖରେ ରୋଷେଇ କରାଯାଇଥାଏ।

## ଜନଗଣନା ପାଇଁ ବାହାରିଲା ସଚେତନତା ରଥ

ରେଢ଼ାଖୋଲ, ୧୪(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲରେ ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ସ୍ୱ-ଗଣନା ପାଇଁ ବୁଧବାର ସଚେତନତା ରଥର ଶୁଭାରମ୍ଭ ଆରମ୍ଭ ହୋଇଛି। ଏ ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦ ରେଢ଼ାଖୋଲଠାରେ ଅଧ୍ୟକ୍ଷ ଶିବରାମ ସାହୁ, ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେହିପରି ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଅନ୍ୟ ଏକ ଗାଡିକୁ ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ, ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି, ତହସିଲଦାର ରାମ ଗୋବିନ୍ଦ ପରିଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଗୋଟିଏ ରଥ ଏନଏସି ଏବଂ ଅନ୍ୟଟି ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ସ୍ୱଗଣନା କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରସାର କରିବ।

## ସ୍ୱଗଣନା, ଗୃହ ଗଣନା ସଚେତନତା କାର୍ଯ୍ୟକ୍ରମ

ଜମନକିରା,୧୪(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ତହସିଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ୱଗଣନା ଏବଂ ଗୃହ ଗଣନା ସଚେତନତା କାର୍ଯ୍ୟକ୍ରମ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି। ତହସିଲଦାର ପ୍ରବୀଣା ବିଲୁଙ୍ଗ ଅଧ୍ୟକ୍ଷତା କରିଥିଲେ। ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ଅତିରିକ୍ତ ତହସିଲଦାର ସୌରଭ କୁମାର ସାହୁ, ଏମ୍‌ପି ପ୍ରତିନିଧି ରମେଶ କୁମାର ସାହୁ, ମନ୍ତ୍ରୀ ପ୍ରତିନିଧି ମନୋଜ କୁମାର ମାଝୀ, ଟିକିଲିପଡ଼ା ସରପଞ୍ଚ ଅଜିତ ନାଏକ ମଞ୍ଚାସୀନ ଥିଲେ। ତରୁଣ କୁମାର ପଧାନ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ପ୍ରଶିକ୍ଷକଭାବେ ଜମନକିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଧୀରେନ୍ଦ୍ର କୁମାର ସାହୁ ପ୍ରୋଜେକ୍ଟର ମାଧ୍ୟମରେ ବୁଝେଇ ଥିଲେ। ଅନଲାଇନ ମାଧ୍ୟମରେ ଜଣେ ବ୍ୟକ୍ତି ସ୍ୱଗଣନା କରିପାରିବ। ଯେତେ ବେଳେ ଗଣନା ପାଇଁ କର୍ମକର୍ତ୍ତା ଆସିବେ ସେତେବେଳେ ମିଳିଥିବା ସଫଳତା ପଞ୍ଜୀକୃତ ନମ୍ବରକୁ ଦେଖେଇ ଗଣନାକୁ ସମ୍ପୂର୍ଣ୍ଣ କରିପାରିବେ।

# ବିକାଶ ପାଇଁ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ

ସମ୍ବଲପୁର,୧୪(ପ୍ରମୋଦ ବହିଦାର)



ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ସାଧାରଣ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ସମ୍ବଲପୁରରେ ଓଡ଼ିଶା ଦିବସ ପାଳିତ**

**ସମୃଦ୍ଧ ସମ୍ବଲପୁର ପାଇଁ ଜିଲା ପ୍ରଶାସନ ସଙ୍କଳ୍ପବଦ୍ଧ**

ବିକଶିତ ଓ ସମୃଦ୍ଧ ସମ୍ବଲପୁର ପାଇଁ ଜିଲା ପ୍ରଶାସନର ସଂକଳ୍ପବଦ୍ଧ। ସବୁ କ୍ଷେତ୍ରର ବିକାଶ ପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ ହୋଇଛି ବୋଲି କହିଛନ୍ତି ଜିଲାପାଳ ସିଦ୍ଧେଶ୍ୱର ବଳିରାମ୍ ବୋନ୍ଦର। ପ୍ରତିବର୍ଷ ଭଳି ସମ୍ବଲପୁର ଜିଲା ପ୍ରଶାସନ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ପାଳିତ ଓଡ଼ିଶା ଦିବସ ଉପଲକ୍ଷେ ସ୍ଥାନୀୟ ତପସ୍ୱିନୀ ପେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ବୋନ୍ଦେର କହିଥିଲେ, ରାଜ୍ୟ ସରକାରଙ୍କ ବିକଶିତ ଓଡ଼ିଶା ଲକ୍ଷ୍ୟ ସହ ପାଦ ମିଳାଇ ସମ୍ବଲପୁରକୁ ଏକ ସମୃଦ୍ଧ ଓ ବିକଶିତ ଜିଲାରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଶେଷ କରି ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବିକା ନିର୍ବାହ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଆଗାମୀ ୫ ବର୍ଷ ମଧ୍ୟରେ ଅଙ୍ଗନୱାଡ଼ିଠାରୁ ଆରମ୍ଭ କରି ପ୍ରତ୍ୟେକ ବିଭାଗର ବିକାଶ ସହିତ ସମ୍ବଲପୁରକୁ ସମୃଦ୍ଧି ପଥରେ ଆଗେଇ ନେବାର ସଙ୍କଳ୍ପ ନିଆଯାଇଛି। ତେଣୁ ଏଦିଗରେ ସମୂହିକ ଭାବେ ସହଯୋଗିତାରେ ହାତ ବଢ଼ାଇବାକୁ ଜିଲାବାସୀଙ୍କୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଦିବସ ପାଳନ ଉପଲକ୍ଷେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ଏହି ପରିପ୍ରେକ୍ଷୀରେ ଏଠାରେ ଅନୁଷ୍ଠିତ ସାଧାରଣ ସଭାରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲାପାଳ(ସାଧାରଣ) ଅଶୋକ କୁମାର ଭୋଇ, ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ଆୟୁକ୍ତ ରେହାନ ଖତ୍ରୀ, ଜିଲାପରିଷଦ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ କଲ୍ୟାଣୀ ଦାଶ ଉପସ୍ଥିତ ଥିଲେ। ସକାଳ ୫ଟା୩୦ରେ ସହରର ମୁଖ୍ୟରାସ୍ତାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ପରିବେଷଣ କରାଯାଇଥିଲା। ଜିଲାପାଳଙ୍କ ସହ ପ୍ରଶାସନିକ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନେ ସହରର ବିଭିନ୍ନ ସ୍ଥାନରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ମହାପୁରୁଷଙ୍କ ସ୍ମୃତି ଅନୁସରଣ କରି କାମ କର

କୁଚିଣ୍ଡା,୧୪(ବିରଞ୍ଚି ଦର୍ଶୀ)

**କୁଚିଣ୍ଡାରେ ଓଡ଼ିଶା ଦିବସ**

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ବୁଧବାର ଉପଖଣ୍ଡ ପ୍ରଶାସନ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ ପଟେଲଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଉପଜିଲାପାଳ ସରଓ୍ବନନ ସ ମୁଖ୍ୟ ଅତିଥି, ଅଧ୍ୟାପିକା ଗଜମତୀ କୁମୁରା ମୁଖ୍ୟବକ୍ତା, କୁଚିଣ୍ଡା କଲେଜ ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା, କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା, ଅଧ୍ୟାପିକା ମମତା ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳ ଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, ଗୌରୀ ଶଙ୍କର ରାୟ, ପଣ୍ଡିତ ଗୋଦାବରୀଶ ମିଶ୍ର, ମହାରାଜ କୃଷ୍ଣଚନ୍ଦ୍ର ଗଜପତି, ରାମଚନ୍ଦ୍ର ଭଞ୍ଜଦେଓ, ବାସୁଦେବ ସୁଢ଼ଳଦେବଙ୍କ ଭଳି ଅନେକ ମହାପୁରୁଷ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଜିର ଦିବସରେ ସେମାନଙ୍କ ସ୍ମୃତିକୁ ସ୍ମରଣ କରି ଓଡ଼ିଶାର ବିକାଶ ପାଇଁ କାମ କରିବାକୁ କହିଥିଲେ। ଦେବେନ୍ଦ୍ର ବେହେରା ସଭା ପରିଚାଳନା କରିଥିଲେ।ଏହି ଅବସରରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ଉପଜିଲାପାଳ ସରଓ୍ବନନ ସ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।



ଧନୁପାଲି ଶିଶୁ ବିଦ୍ୟା ମନ୍ଦିରରେ ଓଡ଼ିଶା ଦିବସ ପାଳନ ଅବସରରେ ହୋମଯଜ୍ଞ କରାଯାଉଛି।

# ସମୃଦ୍ଧ ରାଜ୍ୟ ଗଠନରେ ସହଭାଗୀ ହୁଅ

**ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଓଡ଼ିଶା ଦିବସ**

ସମ୍ବଲପୁର,୧୪(ପ୍ରମୋଦ ବହିଦାର)

ଧନୁପାଲି ଶିଶୁ ବିଦ୍ୟା ମନ୍ଦିରରେ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ବାଟିକା ପ୍ରାନ୍ତ ପ୍ରମୁଖ ଲୋକନାଥ ମିଶ୍ର ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ପ୍ରତିପାଦନ କରିଥିଲେ। ସେ କହିଥିଲେ, ବିଦ୍ୟାଳୟସ୍ତରରୁ ବିଦ୍ୟାର୍ଥୀଙ୍କ ଭୌତିକ ବିକାଶ ସହିତ ସମୃଦ୍ଧ ରାଜ୍ୟ ଗଠନରେ ସହଭାଗୀ ହେବାକୁ ଶିକ୍ଷାଦାନ ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଗାୟତ୍ରୀ ଦୀପ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଶମ ଶ୍ରେଣୀ ଛାତ୍ର ଅବିନାଶ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟ ଅତିଥି ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଦେବେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥିଭାବେ ସଙ୍କୁଳ ପ୍ରମୁଖ ପ୍ରମୋଦ ପାଢ଼ୀ ଯୋଗ ଦେଇଥିଲେ। ସହକାରୀ ପ୍ରଧାନ ଆଚାର୍ଯ୍ୟ ଅମୃତ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଡ ପଣ୍ଡା ଦୀପ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

## ବାହାର ଜିଲା ଠିକାଦାରଙ୍କୁ ପୂରାଇ ଦିଆଯିବ ନାହିଁ

କୁଚିଣ୍ଡା,୧୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ସାମ୍ବାଦିକ ଭବନଠାରେ ବୁଧବାର ଉପଖଣ୍ଡସ୍ତରୀୟ ଠିକାଦାର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶୁଶିଲ ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ କୁଚିଣ୍ଡା, ବାମରା, ଜମନକିରା ବ୍ଲକ ଓ କୁଚିଣ୍ଡା ଏନଏସି ଅଧିନ ସଂଘ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବୈଠକରେ ୩କୋଟିଟଙ୍କା ପର୍ଯ୍ୟନ୍ତ ଟେଣ୍ଡରକୁ ସମ୍ବଲପୁର ଜିଲା ବାହାର ଠିକାଦାରଙ୍କୁ ପୂରାଇ ନ ଦେବା ୦.୧୦ କମ୍‌ମୂଲ୍ୟରେ ଟେଣ୍ଡର ପକାଇବା ନିଷ୍ପତ୍ତି ଏବଂ ଅନୁସୂଚିତ ଜାତି ଓ ଜନଜାତି ଠିକାଦାରମାନେ ପ୍ରାଇସ ପ୍ରିଫରେନ୍ସ ମାଗି ପାରିବେ ନାହିଁ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି।

## ବରିଷ୍ଠ ନାଗରିକ ପରିଷଦ ପାଳିଲା ଓଡ଼ିଶା ଦିବସ

ରେଙ୍ଗାଲି,୧୪ (ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଦୁର୍ଗା ମଣ୍ଡପ କାର୍ଯ୍ୟାଳୟରେ ସଂଘ ସଭପତି ଅନ୍ତର୍ଯ୍ୟାମୀ ପାଣିଙ୍କ ସଭାପତିତ୍ୱରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବକ୍ତାମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ। ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ବସନ୍ତ କୁମାର ନାୟକ, ଶଶୀଭୂଷଣ ସାହୁ, ବୃନ୍ଦାବନ ସାହୁ, ବିନୋଦ ବିହାରୀ ନନ୍ଦ, ସାଲେଗ୍ରମ ସାହୁ, ସୀତାରାମ ସାହୁ, ଅମିନ ସାହୁ, ଶ୍ରୀପତି ଷଣ୍ଢ, ନରସିଂହ ମାହାଣା, ଲକ୍ଷ୍ମୀ ନାରାୟଣ ଦାସ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ପୀତବାସ ତଣ୍ଡକାର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଏମ୍‌ୟୁରେ ଆଇଏସ୍‌ଟି ବିଭାଗର କର୍ମଶାଳା

ସମ୍ବଲପୁର,୧୪(ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ର ସୂଚନା ବିଜ୍ଞାନ ଓ ଦୂରସଞ୍ଚାର (ଆଇଏସଟି) ବିଭାଗରେ ୭ ଦିନିଆ କର୍ମଶାଳା ମଙ୍ଗଳବାର ସନ୍ଧ୍ୟାରେ ସମାପନ ହୋଇଛି। ପିଏମ-ଉଷା ଦ୍ୱାରା ପ୍ରାୟୋଜିତ କର୍ମଶାଳାରେ ସାଇବର ସୁରକ୍ଷା ଓ ଡିଜିଟାଲ ନ୍ୟାୟ ବିଜ୍ଞାନ ବିଷୟରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡା. ସୁଶାନ୍ତ କୁମାର ଦାସ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ପ୍ରଯୁକ୍ତି ସଂସ୍ଥାନ ନିର୍ଦ୍ଦେଶକ ପ୍ରଫେସର ଡା. ସୁଦର୍ଶନ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଡିଜିଟାଲ ଯୁଗରେ ସାଇବର ସୁରକ୍ଷା : ଚ୍ୟାଲେଞ୍ଜ, ଓ ସମାଧାନ ବିଷୟରେ ସେ ଆଲୋଚନା କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପାଦକ ଇଂ. ସତ୍ୟବାନ ବେହେରା ଏହାର ଉଦ୍ଦେଶ୍ୟ ବ୍ୟକ୍ତ କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ବୀର ସୁରେନ୍ଦ୍ର ସାଏ ବିଶ୍ୱବିଦ୍ୟାଳୟ ସହାୟକ ପ୍ରଫେସର ଡା. ସତ୍ୟବ୍ରତ ଦାସ, ଡା. ଜ୍ଞାନରଞ୍ଜନ ଶିଆଳ, ଭୁବନେଶ୍ୱରସ୍ଥ ଓଡ଼ିଶା ପ୍ରଯୁକ୍ତି ଓ ଗବେଷଣା ବିଶ୍ୱବିଦ୍ୟାଳୟ ସହାୟକ ପ୍ରଫେସର ଡା. ଦେବାଶିଷ ଗୌନ୍ତିଆ, ସମ୍ବଲପୁରର ପୋଲିସ ଉପଅଧୀକ୍ଷକ ଇଶ୍ୱର ତାଣ୍ଡି, ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ଇନଫର୍ମେଶନ ଟେକ୍ନୋଲୋଜି (ଆଇଏମଆଇଟି-ବିପିଏୟୁଟି) ସହାୟକ ପ୍ରଫେସର ଓ କମ୍ପ୍ୟୁଟର ବିଭାଗାଧ୍ୟକ୍ଷ ଡା. ଶୁଭେନ୍ଦ୍ର କୁମାର ଜୟସିଂହ ଯୋଗଦେଇଥିଲେ। ସେମାନେ ସାଇବର ସୁରକ୍ଷା ଓ ଡିଜିଟାଲ ନ୍ୟାୟବିଜ୍ଞାନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପରିଚାଳନା ଓ ସୂଚନା ପ୍ରଯୁକ୍ତି ସଂସ୍ଥାନର ସହାୟକ ପ୍ରଫେସର ତଥା କମ୍ପ୍ୟୁଟର ବିଜ୍ଞାନ ବିଭାଗାଧ୍ୟକ୍ଷ ଡା. ଶୁଭେନ୍ଦ୍ର କୁମାର ଜୟସିଂହ କହିଥିଲେ, ଭବିଷ୍ୟତକୁ ଅନୁମାନ କରିବାର ସର୍ବୋତ୍ତମ ଉପାୟ ହେଉଛି, ଏହାକୁ ନିଜେ ସୃଷ୍ଟି କରିବା । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ସନତ ନାୟକ ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ବିଶ୍ୱବିଦ୍ୟାଳୟ ଅର୍ଥ ନିୟନ୍ତ୍ରକ ଜଗନ୍ନାଥ ରାଉତ, ଡିନ ଷ୍ଟୁଡେଣ୍ଟସ ୱେଲଫେର ପ୍ରଫେସର ଡା. ପାର୍ଥସାରଥି ମଲ୍ଲିକ, ମ୍ୟାନେଜମେଣ୍ଟ ବିଭାଗ ମୁଖ୍ୟ ଡା. ଶ୍ରୀନିବାସ ଦାଶ ପ୍ର ଉପସ୍ଥିତ ଥିଲେ। ଆଇଏସଟି ବିଭାଗ ଅଧ୍ୟାପକ ଡା. ସୁଜିତ ତ୍ରିପାଠୀ ସ୍ୱାଗତ ଭାଷଣ ଏବଂ ଅଧ୍ୟାପକ କଲ୍ଲୋଳ ଅଧିକାରୀ ଧନ୍ୟବାଦ ଜଣାଇଥିଲେ।




ଆୟୋଜିତ କର୍ମଶାଳାରେ ଅତିଥି ଓ ବକ୍ତାମାନେ।

## ମହିଳା ଚାଷୀଙ୍କୁ ଗାଈ ପ୍ରଦାନ କାର୍ଯ୍ୟକ୍ରମ

ସମ୍ବଲପୁର,୧୪(ବି.ଶଙ୍କର)

ହୀରାକୁଦ ଅଞ୍ଚଳର କୃଷି ଏବଂ କୃଷକ ଉନ୍ନତିକୁ ଲକ୍ଷ୍ୟ କରି ହିଣ୍ଡାଲକୋ କମ୍ପ୍ଲେକ୍ସ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମକୁ ସର୍ବଦା ଗୁରୁତ୍ୱ ଦେଇଆସୁଛି। ବୁଧବାର ପ୍ରକଳ୍ପ ବସୁଧା ମାଧ୍ୟମରେ ମହିଳା ଚାଷୀଙ୍କୁ ଦୁଧିଆଳୀ ଗାଈ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ହିଣ୍ଡାଲକୋ ହୀରାକୁଦ କମ୍ପ୍ଲେକ୍ସର ୟୁନିଟ୍ ମୁଖ୍ୟ ସୁମିତ ମୁଖାର୍ଜୀଙ୍କ ପରାମର୍ଶ ଏବଂ ମାନବ ସମ୍ପଦ ମୁଖ୍ୟ ବିଶ୍ୱାସ ସିନ୍ଧେଙ୍କ ତତ୍ତ୍ୱାବଧାନରେ ଚାଷ, ଗୋପାଳନ, ଛେଳି ପାଳନ, ମାଛ ଚାଷ, ଛତୁଚାଷ ଓ ପନିପରିବା ଚାଷ ପ୍ରଭୃତି କୃଷିଭିତ୍ତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯାଇଛି। ବୁଧବାର ମହମ୍ମଦପୁର ଗ୍ରାମର ମହିଳା ଚାଷୀ ନଳିନୀ ମହାକୁଡ ଏବଂ ଆରଆର କଲୋନୀର ସୁନିତା ପାରେଖଙ୍କୁ ଉନ୍ନତମାନର ଦୁଧିଆଳି ଗାଈ ପ୍ରଦାନ କରାଯାଇଛି। ପୂର୍ବରୁ ମଧ କମ୍ପାନୀ ଏହି ଅଞ୍ଚଳର ବହୁ ଚାଷୀଙ୍କୁ ଗାଈ, କୁକୁଡ଼ା ଓ ଛେଳି ପରି ଉନ୍ନତମାନର ପ୍ରାଣୀ ସମ୍ପଦ ପ୍ରଦାନ କରିଛି।




ବୁଧବାର ହୀରାକୁଦସ୍ଥିତ ହିଣ୍ଡାଲକୋ ପକ୍ଷରୁ ମହିଳା ଚାଷୀଙ୍କୁ ଦୁଧିଆଳି ଗାଈ ପ୍ରଦାନ କରାଯାଉଛି।

# ପୋଲିସ-ଜନସାଧାରଣ ସମନ୍ୱୟ ରକ୍ଷାକୁ ଗୁରୁତ୍ୱ

ସମ୍ବଲପୁର,୧୪(ପ୍ରମୋଦ ବହିଦାର)

**ସମ୍ବଲପୁରରେ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ**

ଓଡ଼ିଶା ପୋଲିସର ୯୧ତମ ପ୍ରତିଷ୍ଠା ଦିବସ ସମ୍ବଲପୁର ପୋଲିସ ଲାଇନ ପଡ଼ିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଯୋଗଦେଇ ପୋଲିସ ବାହିନୀର ଗୌରବମୟ ଇତିହାସ ଏବଂ କାର୍ଯ୍ୟଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପୋଲିସ ବାହିନୀର ନିରନ୍ତର ସେବା ଓ ତ୍ୟାଗକୁ କରିଥିବା ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ।

ପରେଡରେ ଅଭିବାଦନ ଗ୍ରହଣ କରି ଆଇଜି ଲାଲ କହିଥିଲେ, ଚୋରି, ଡକାୟତି ନିୟନ୍ତ୍ରଣ ଏବଂ ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ପାଇଁ ପୋଲିସ ସର୍ବଦା ତତ୍ପର ରହିଛି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ ପୋଲିସ ବାହିନୀ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କ ସେବା କରି ସାରା ଦେଶରେ ସୁନାମ ଅର୍ଜନ କରିଛି। ସେ ପୋଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପୋଲିସ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୁର୍ଲା ଥାନାର ଭାରପ୍ରାପ୍ତ ନିରୀକ୍ଷକ(ଆ।ଇଆ।ଇସି) ସୌମ୍ୟକାନ୍ତ ବଳିଆରସିଂହ, ନାକଟିଦେଉଳ ଥାନାର ଉପନିରୀକ୍ଷକ(ଏସ୍‌ଆଇ) ଗଙ୍ଗାଧର ପ୍ରଧାନ, ରେଙ୍ଗାଲି ଥାନା ସହକାରୀ ଉପନିରୀକ୍ଷକ(ଏଏସ୍‌ଆଇ) ସଞ୍ଜୟ ବୁଢ଼େ, ରିଜର୍ଭ ପୋଲିସ ମୁଖ୍ୟାଳୟର ହାବିଲଦାର ରତ୍ନାକର ସାହୁ, ରେଙ୍ଗାଲି ଥାନା କନଷ୍ଟେବଲ ସୁଷମା ନାଏକ, ଟ୍ରାଫିକ ଥାନାର ମହିଳା କନଷ୍ଟେବଲ ନିରଞ୍ଜନା ମହାନନ୍ଦ ଏବଂ ରିଜର୍ଭ ଅଫିସର ଏପିଆର କନଷ୍ଟେବଲ ବିଜିଙ୍ଗ ବର୍ଗତ୍ତୀ ପ୍ରମୁଖ ସମ୍ବଲପୁର ଜିଲାର ୭ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମାନପତ୍ର ଓ ନଗଦ ପୁରସ୍କାର ରାଶି ପ୍ରଦାନ କରି ଆଇଜି ଲାଲ, ଏସ୍‌ପି ମୁକେଶ ଭାମୁଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରିଥିଲେ।। କାର୍ଯ୍ୟକ୍ରମକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଜୟ କୁମାର ମିଶ୍ର ପରିଚାଳନା କରିଥିଲେ। ଅନ୍ୟତମ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁମନ୍ତ କୁମାର ବାରିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ପିଆଇବି) ଶଶାଙ୍କ ଶେଖର ବେହୁରା, ଏସ୍‌ଡିପିଓ ତୋଫାନ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

**କାର୍ଯ୍ୟଦକ୍ଷତା ପାଇଁ ୭ ପୁରସ୍କୃତ**



ଅତିଥିଙ୍କ ଗହଣରେ ପୁରସ୍କୃତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ।



ଜଣେ ଗରିବ ହୋଇ ଜନ୍ମ ହେବା ଭୁଲ୍ ନୁହେଁ, କିନ୍ତୁ ଗରିବ ହୋଇ ମରିବା ନିଶ୍ଚିତ ତାଙ୍କର ଭୁଲ୍ ।
– ବିଲ୍ ଗେଟସ୍ (ଆମେରିକୀୟ ବ୍ୟବସାୟୀ ଓ ସମାଜସେବୀ)



# ଓରାକଲ୍‌ରୁ ଆମାଜନ୍ ଯାଏ ଛଟେଇ

## ଏଆଇ, କ୍ଲାଉଡ୍ ଭିତ୍ତିଭୂମିରେ ନିବେଶ ବଢୁଛି



ନୂଆଦିଲ୍ଲୀ , ୧।୪

ଆଇଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ପେସାଦାରଙ୍କ ପାଇଁ ଏବେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସବୁଠୁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ପ୍ରାୟ ସମସ୍ତ ପ୍ରମୁଖ କମ୍ପାନୀ ଏଆଇ ଏବଂ କ୍ଲାଉଡ୍ ଭିତ୍ତିଭୂମି ପ୍ରତିଷ୍ଠା ଲାଗି ପର୍ଯ୍ୟାପ୍ତ ମାତ୍ରାରେ ପୁଞ୍ଜିନିବେଶକରି ସେହି ଅନୁଯାୟୀ କାର୍ଯ୍ୟ ଢାଞ୍ଚା ପ୍ରସ୍ତୁତି ଆରମ୍ଭ କରିଥିବାରୁ ବିଭିନ୍ନ କମ୍ପାନୀରୁ ବିପୁଳ ସଂଖ୍ୟାରେ କର୍ମଚାରୀ ଛଟେଇ ଆରମ୍ଭ ହୋଇଛି। ଏହି କ୍ରମରେ ଓରାକଲ୍‌ଠାରୁ ଆରମ୍ଭକରି ଆମାଜନ୍ ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ କର୍ମଚାରୀଙ୍କୁ ଚାକିରିରୁ ବିଦା ହେବାକୁ ପଡୁଛି। ଏହି ଧାରାର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିଛି। ଭାରତ ସମେତ ବିଶ୍ୱର ବିଭିନ୍ନ ଭାଗରେ ହଜାର ହଜାର ଆଇଟି ପେସାଦାର କାର୍ଯ୍ୟ କରୁଛନ୍ତି। କିନ୍ତୁ ବର୍ତ୍ତମାନ ଯେଭଳି ଛଟେଇ ଆରମ୍ଭ ହୋଇଛି ତଦ୍ୱାରା ଅଧିକାଂଶ ଭାରତୀୟ ନିଯୁକ୍ତି ହରାଇବା ଆଶଙ୍କା ବଢ଼ିବାରେ ଲାଗିଛି। ଅନ୍ତର୍ଜାତୀୟ ସ୍ତରର ଏକ ସ୍ୱତନ୍ତ୍ର ପ୍ଲାଟ୍‌ଫର୍ମ 'ଲେଅଫସ୍ ଡଟ୍ ଏଫ୍‌ୱାଇଆଇ' ରିପୋର୍ଟ ଅନୁସାରେ ଗତ ବର୍ଷଠାରୁ ଏଆଇ ପ୍ରଭାବରେ ବୈଷୟିକ ଏବଂ ଆଇଟି କ୍ଷେତ୍ରରେ ଛଟେଇ ଆରମ୍ଭ ହୋଇଥିଲା। କେବଳ ୨୦୨୫ରେ ବୈଶ୍ୱିକ ସ୍ତରରେ ୨୧୮ କମ୍ପାନୀରୁ ୧,୧୨,୭୩୨ କର୍ମଚାରୀ ଛଟେଇ ହୋଇଥିଲେ। ଏହି ଧାରାରେ ଚଳିତ ବର୍ଷ ମଧ୍ୟ ବିଭିନ୍ନ କମ୍ପାନୀ ସେମାନଙ୍କ କର୍ମଚାରୀ ସଂଖ୍ୟାରେ ବ୍ୟାପକ ହ୍ରାସ କରିଛନ୍ତି।

### ଓରାକଲ୍‌ରୁ ଭାରତରେ ନିଯୁକ୍ତି ହରାଇଲେ ୨୫୦୦ କର୍ମଚାରୀ

ଆମେରିକାର ଅନ୍ୟତମ ପ୍ରମୁଖ ଆଇଟି ଉଦ୍ୟୋଗ ଓରାକଲ୍ କର୍ପୋରେଶନ ବିଶ୍ୱସ୍ତରରେ ୩୦ ହଜାର କର୍ମଚାରୀଙ୍କୁ ଛଟେଇ କରିଛି। କମ୍ପାନୀର ଆର୍ଥିକ ସ୍ଥିତି ଭଲ ରହିବା ସହ ଆୟ ଅଭିବୃଦ୍ଧି ଯଥେଷ୍ଟ ରହିଥିଲେ ମଧ୍ୟ କମ୍ପାନୀ ଉକ୍ତ ସଂଖ୍ୟାରେ କର୍ମଚାରୀଙ୍କୁ ବିଦା କରିଛି। ଏହି କ୍ରମରେ ଭାରତରେ ଓରାକଲ୍‌ରେ କାର୍ଯ୍ୟ କରୁଥିବା ୨୫୦୦ ଆଇଟି ପେସାଦାର ନିଯୁକ୍ତି ହରାଇଛନ୍ତି। କର୍ମଚାରୀମାନଙ୍କୁ ମଙ୍ଗଳବାର ଇ-ମେଲ୍ ମାଧ୍ୟମରେ ଛଟେଇ ସମ୍ପର୍କରେ ଅବଗତ କରାଯାଇଛି। ଏଥିସହ ଛଟେଇ ହୋଇଥିବା କର୍ମଚାରୀମାନଙ୍କୁ କର୍ମାବସାନଜନିତ କ୍ଷତିପୂରଣ ଦେବାକୁ ମଧ୍ୟ ଓରାକଲ୍ ଘୋଷଣା କରିଛି। ବର୍ତ୍ତମାନ କମ୍ପାନୀ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଏବଂ ଡାଟା ସେଣ୍ଟର ସମେତ କ୍ଲାଉଡ୍ ଭିତ୍ତିଭୂମି ପ୍ରତିଷ୍ଠା ଦିଗରେ ଅଧିକ ନିବେଶ କରୁଥିବାରୁ ଆର୍ଥିକ ଚାପ ହ୍ରାସ କରିବା ପାଇଁ କର୍ମଚାରୀ ସଂଖ୍ୟା ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଏଆଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଓପନ୍‌ଏଆଇ ଏବଂ ଓରାକଲ୍ ମଧ୍ୟରେ ଆଗାମୀ ୫ ବର୍ଷ ମଧ୍ୟରେ ୩୦୦ ବିଲିୟନ ଡଲାରର କାରବାର ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ କମ୍ପାନୀର କାରବାର ୨୨ ପ୍ରତିଶତ ଅଭିବୃଦ୍ଧିରେ ୧୭. ୨ ବିଲିୟନ ଡଲାର ରହିଥିଲେ ହେଁ ଋଣ ବୋଝ ବଢ଼ି ଚାଲିଥିବାରୁ ଓରାକଲ୍ ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚ କାଟ କରିବାକୁ ବାଧ୍ୟ ହୋଇଥିବା କୁହାଯାଇଛି।

# ଆଚାର୍ଯ୍ୟ ବାଲକ୍ରିଷ୍ଣଙ୍କୁ 'ବିଶ୍ୱ ଆୟୁର୍ବେଦ ରତ୍ନ' ସମ୍ମାନ




ହରିଦ୍ୱାର,୧।୪

ଆୟୁର୍ବେଦକୁ ବିଶ୍ୱସ୍ତରରେ ପରିଚିତି ଦେବା ଏବଂ ଭାରତୀୟ ଜ୍ଞାନ-ପରମ୍ପରାର ସଂରକ୍ଷଣରେ ନିରନ୍ତର କାର୍ଯ୍ୟ କରୁଥିବା ଆଚାର୍ଯ୍ୟ ବାଲକ୍ରିଷ୍ଣଙ୍କୁ ନେଟ୍ ଗ୍ରୀନ୍ ଫାଉଣ୍ଡେଶନ୍ ପକ୍ଷରୁ ଅନୁଷ୍ଠିତ 'ଅର୍ଥ ଆର୍ଡ ଏଣ୍ଡ୍ ହାଇ୍ ଇମ୍ପାକ୍ଟ ସସ୍ଟେନେବିଲିଟି ଡାଇଲଗ୍ ୨୦୨୬'ରେ 'ବିଶ୍ୱ ଆୟୁର୍ବେଦ ରତ୍ନ' ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର ୟୁନେସ୍କୋ ହାଉସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବାଲକ୍ରିଷ୍ଣଙ୍କ ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ପାରି ନଥିଲେ ମଧ୍ୟ ଏହି ସମ୍ମାନକୁ ଆୟୁର୍ବେଦର ମହାନ ପରମ୍ପରାକୁ ସମର୍ପିତ କରିଛନ୍ତି। କାର୍ଯ୍ୟକ୍ରମରେ ଦିଲ୍ଲୀ ସରକାରଙ୍କ ପରିବେଶ, ବନ୍ୟ ଏବଂ ବନ୍ୟପ୍ରାଣୀ ସମ୍ପଦ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିରସା ଏବଂ ୟୁନେସ୍କୋର ବୈଜ୍ଞାନିକ ଡ. ବେନ୍ନୋ ବୋଏର ପ୍ରମୁଖ ଉପସ୍ଥିତ ଥିଲେ।



ବିଏସ୍ଇ ସେନ୍ସେକ୍ସ
୭୩,୧୦୦(+୧୧୮୬)



୧ ଡଲାର = ୯୩.୧୫ ଟଙ୍କା



କ୍ରୁଡ୍ ଅଏଲ (ପ୍ରତି ବ୍ୟାରେଲ) ୧୦୦.୦୬ ଡଲାର

# ଖଣିଜ ଉନ୍ନତୀକରଣ ପାଇଁ ଇଙ୍ଗା ପୁରସ୍କୃତ



ଇଙ୍ଗାର ଅଧିକାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

କାଳିଆପାଣି,୧।୪(ଅସିତ ମହାନ୍ତ)

ଭୁବନେଶ୍ୱରଠାରେ ନିକଟରେ ଅନୁଷ୍ଠିତ ୨୭ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ପାଳନ ଅବସରରେ ଇଙ୍ଗାର ସୁକିନ୍ଦା ଓ ମହାଗିରି ମାଇନ୍ସ ଶୀର୍ଷ ସମ୍ମାନ ଗ୍ରହଣ କରିଛି। ସୁକିନ୍ଦା ମାଇନ୍ସ କ୍ରୋମାଇଟ (ଏସ୍ଏମ୍ସି) ଖଣିଜ ଉନ୍ନତୀକରଣ ପାଇଁ ପ୍ରଥମ ପୁରସ୍କାର ପାଇଛି। ଇଙ୍ଗାର ମହାଗିରି ମାଇନ୍ସ କ୍ରୋମାଇଟ(ଏମ୍ଏମ୍ସି)କୁ ଭୂତଳ ଖଣି ଉତ୍ତୋଳନରେ ସାମଗ୍ରିକ ପ୍ରଦର୍ଶନ ବର୍ଗରେ ପ୍ରଥମ ପୁରସ୍କାର ମିଳିଛି। ଖଣି ପର୍ଯ୍ୟାବରଣ ଓ ଖଣିଜ ସଂରକ୍ଷଣ ସପ୍ତାହର ଉଦ୍‌ଯାପନୀ ଦିବସରେ ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍)ର ତତ୍ତ୍ୱାବଧାନରେ ଖଣି ପର୍ଯ୍ୟାବରଣ ଓ ଖଣିଜ ସଂରକ୍ଷଣ ସପ୍ତାହର ଆୟୋଜନ କରାଯାଇଥିଲା। ଇଙ୍ଗାର ହେଡ୍(ମାଇନ୍ସ) ସନ୍ଦୀପ ନାରାଡେ, ମ୍ୟାନେଜର ରୋହିତ କୁମାର, ଜିଓଲୋଜି ମ୍ୟାନେଜର କ୍ଷୀରୋଦ କୁମାର ମହାପାତ୍ର ପ୍ରମୁଖ ପୁରସ୍କାର ଗ୍ରହଣ କରିଥିଲେ।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୫ତମ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୧।୪(ଅନୁରାଧା ମହାରଣା)



ଗଞ୍ଜାମ ଜିଲାର ଲୋଚାପଡ଼ାଠାରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୫ତମ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶାଖା ସହ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏହି ମୋଟ୍ ଶାଖା ସଂଖ୍ୟା ୭ରେ ପହଞ୍ଚିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ଉଦ୍ୟୋଗୀ ପ୍ରଭାତ ତ୍ରିପାଠୀ ଏବଂ ଏନ୍. ପୀତାମ୍ବର ପାତ୍ର ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍. ଗଙ୍ଗାଧର ପାତ୍ର, ଏନ୍. ରାମ ପ୍ରଭା, ପଦ୍ମଲୋଚନ ପାତ୍ର, ଏନ୍. ଧନୁର୍ଦ୍ଧର ପାତ୍ରଙ୍କ ସମେତ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲୀପ କୁମାର ରାଉଳ, ଉପ-ଅଞ୍ଚଳ ପ୍ରବନ୍ଧକ ସଞ୍ଜୀବ କୁମାର ଦାଶ ଏବଂ ଲୋଚାପଡ଼ା ଶାଖାର ଶାଖା ପ୍ରବନ୍ଧକ ସୌକତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାରେ ସାମ୍ପ୍ରତିକ ଶାଖା ସମ୍ପ୍ରସାରଣ ବିଷୟରେ ମତ ପ୍ରକାଶ କରି ଅଞ୍ଚଳ ପ୍ରବନ୍ଧକ ରାଉଳ କହିଛନ୍ତି, ଏହି ଶାଖା ଦ୍ରୁତ ବିସ୍ତାରିତ ନେଟ୍‌ୱର୍କ ଓ ଅନ୍ୟାନ୍ୟ ଚ୍ୟାନେଲ ମାଧ୍ୟମରେ ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ।

# ମାର୍ଚ୍ଚରେ ୨ ଲକ୍ଷ କୋଟିରୁ ଅଧିକ ଜିଏସ୍‌ଟି ଆଦାୟ

ନୂଆଦିଲ୍ଲୀ , ୧।୪

୨୦୨୬ ମାର୍ଚ୍ଚରେ ଜିଏସ୍‌ଟି ଆଦାୟ ପରିମାଣ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି ବୋଲି ବୁଧବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ଗତ ସେପ୍ଟେମ୍ବରରେ ଜିଏସ୍‌ଟି ହାରରେ ପରିବର୍ତ୍ତନ କରାଯିବା ପରେ ମାର୍ଚ୍ଚରେ ଆଦାୟ ହୋଇଥିବା ପରିମାଣ ସର୍ବାଧିକ ବୋଲି କୁହାଯାଇଛି। ବାର୍ଷିକ ଆଧାରରେ ମାର୍ଚ୍ଚରେ ସଂଗୃହୀତ ଜିଏସ୍‌ଟି ରାଶି ପୂର୍ବ ତୁଳନାରେ ୮.୮ ପ୍ରତିଶତ ଅଧିକ ରହିଛି। ଅର୍ଥ ମନ୍ତ୍ରଣାଳୟ ରିପୋର୍ଟ ଅନୁସାରେ ରିଫଣ୍ଡ ବାଦ୍ ନିଟ୍ ଜିଏସ୍‌ଟି ସଂଗ୍ରହ ରାଶି ୮.୨ ପ୍ରତିଶତ ଅଭିବୃଦ୍ଧିରେ ୧.୭୭ ଲକ୍ଷ କୋଟି ଟଙ୍କା ରହିଛି। ସେହିପରି ରିଫଣ୍ଡ ରାଶି ମଧ୍ୟ ୧୩.୮ ପ୍ରତିଶତ ଅଭିବୃଦ୍ଧିରେ ମୋଟ ରାଶି ୨୨,୦୭୪ କୋଟି ଟଙ୍କା ରହିଥିବା କୁହାଯାଇଛି। ମାର୍ଚ୍ଚରେ ଆଦାୟ ହୋଇଥିବା ରାଶିକୁ ମିଶାଇ ୨୦୨୫-୨୬ ଆର୍ଥିକ ବର୍ଷରେ ୨୨.୨୭ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରାଯାଇଛି। ଏହା ପୂର୍ବ ବର୍ଷ ତୁଳନାରେ ୮.୩ ପ୍ରତିଶତ ଅଧିକ। ଜାତୀୟ ସ୍ତରରେ କ୍ରୟ ବିକ୍ରୟ କ୍ଷେତ୍ରରେ କାରବାର ବୃଦ୍ଧି ପାଇବା ସହ ଖାଉଟିଙ୍କ କ୍ରୟ କ୍ଷମତା ବଢ଼ିଛି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।

# ଏନ୍‌ଏମ୍‌ଡିସିର ରେକର୍ଡ ଲୁହା ପଥର ଉତ୍ପାଦନ

ହାଇଦ୍ରାବାଦ , ୧।୪



ଅମିତାଭ ମୁର୍ଖଜୀ

ଜାତୀୟ ଖଣିଜ ବିକାଶ ନିଗମ(ଏନ୍‌ଏମ୍‌ଡିସି) ୨୦୨୫-୨୬ ଆର୍ଥିକ ବର୍ଷରେ ୫୩ ଏମ୍‌ଟି ଲୁହା ପଥର ଖନନ କରି ରେକର୍ଡ ସୃଷ୍ଟି କରିଛି। ଗୋଟିଏ ଆର୍ଥିକ ବର୍ଷରେ ୫୦ ଏମ୍‌ଟିରୁ ଅଧିକ ଲୁହାପଥର ଖନନ କରିବା କ୍ଷେତ୍ରରେ ଏନ୍‌ଏମ୍‌ଡିସି ରେକର୍ଡ କରିବା ସହ ଦେଶର ପ୍ରଥମ କମ୍ପାନୀ ଭାବେ ପ୍ରତିଷ୍ଠାଲାଭ କରିଛି। ଜାତୀୟ ସ୍ତରରେ ଉତ୍ପାଦନ କରାଯାଉଥିବା ମୋଟ ଲୁହାପଥର ମଧ୍ୟରୁ ଏହି ନିଗମର ଅଂଶ ସର୍ବାଧିକ ରହିଥିଲାବେଳେ ଦେଶର ଷ୍ଟିଲ୍ ଉତ୍ପାଦନ କ୍ଷେତ୍ର ପାଇଁ ଏନ୍‌ଏମ୍‌ଡିସିର ଭୂମିକା ମହତ୍ତ୍ୱପୂର୍ଣ୍ଣ ରହିଛି। କେବଳ ଗତ ମାର୍ଚ୍ଚରେ ଉକ୍ତ ନିଗମ ମୋଟ ୫.୩୫ ଏମ୍‌ଟି ଲୁହାପଥର ଖନନ କରିଥିଲାବେଳେ ୫.୯୦ ଏମ୍‌ଟି ଲୁହାପଥର ବିକ୍ରି କରିଛି। ଛତିଶଗଡ଼ସ୍ଥିତ ନିଗମର କିରାଣ୍ଡୁଲ ଓ ବଚେଲି ଏବଂ କର୍ଣ୍ଣାଟକର ଡୋନିମାଲାଇ ଖଣିରୁ ସର୍ବାଧିକ ଲୁହାପଥର ଉତ୍ତୋଳନ କରାଯାଇଥିବା ନିଗମ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଏନ୍‌ଏମ୍‌ଡିସି ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି) ଅମିତାଭ ମୁର୍ଖଜୀ କହିଛନ୍ତି, ଗୋଟିଏ ଆର୍ଥିକ ବର୍ଷରେ ୫୦ ଏମ୍‌ଟିରୁ ଅଧିକ ଲୁହାପଥର ଉତ୍ତୋଳନ କରିବା କେବଳ ନିଗମ ପାଇଁ ମାଇଲଖୁଣ୍ଟ ନୁହେଁ, ବରଂ ଜାତୀୟସ୍ତରରେ ଖଣି ଖନନ କ୍ଷେତ୍ରରେ ଗର୍ବର ବିଷୟ।

# ସୌମିତ୍ର ମଜୁମଦାର ହେଲେ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ

ଭୁବନେଶ୍ୱର,୧।୪(ଅନୁରାଧା ମହାରଣା)



ଦକ୍ଷିଣ ପୂର୍ବ ରେଳପଥର ଜେନେରାଲ ମ୍ୟାନେଜର ଭାବେ ସୌମିତ୍ର ମଜୁମଦାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଦକ୍ଷିଣ ପୂର୍ବ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ସୌମିତ୍ର ମଜୁମଦାର ଭାରତୀୟ ରେଳପଥ ଟ୍ରାଫିକ୍ ସର୍ଭିସ୍‌ର ୧୯୮୯ ବ୍ୟାଚ୍ ଅଧିକାରୀ। ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ପୂର୍ବତଟ ରେଳପଥର ପ୍ରିନ୍ସିପାଲ୍ ଚିଫ୍ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳବାଇର ଚିଫ୍ ପାସେଞ୍ଜର ଟ୍ରାନ୍ସପୋର୍ଟେଶନ ମ୍ୟାନେଜର ଓ ଚିଫ୍ ଟ୍ରାଫିକ୍ ପ୍ଲାନିଂ ମ୍ୟାନେଜର ଭାବେ ସେ ପୂର୍ବରୁ ଦାୟିତ୍ୱ ତୁଲାଇଛନ୍ତି। ଏହା ସହ ସେ ପୂର୍ବତଟ ରେଳପଥ ଓ ଦକ୍ଷିଣ ପୂର୍ବ ରେଳପଥ ଉଭୟରେ ଚିଫ୍ ପବ୍ଲିକ୍ ରିଲେଶନ୍ସ ଅଫିସର ଭାବେ ଦୀର୍ଘ ସମୟ ଧରି କାର୍ଯ୍ୟ କରିଛନ୍ତି। ନିୟମିତ ଜେନେରାଲ ମ୍ୟାନେଜର ନିଯୁକ୍ତି ହେବା ପର୍ଯ୍ୟନ୍ତ ମଜୁମଦାର ଏହି ଦାୟିତ୍ୱ ତୁଲାଇବେ। ରେଳପଥ ପରିଚାଳନା, ବାଣିଜ୍ୟିକ ବ୍ୟବସ୍ଥା, ପବ୍ଲିକ୍ ରିଲେଶନ୍ସ ଏବଂ ମିଡିଆ ମ୍ୟାନେଜମେଣ୍ଟ କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି।

# ଗ୍ରୀଷ୍ମଋତୁରେ ସ୍ୱତନ୍ତ୍ର ଟ୍ରେନ୍ ସେବାର ସମ୍ପ୍ରସାରଣ

ଭୁବନେଶ୍ୱର,୧।୪(ଅନୁରାଧା ମହାରଣା)

ଗ୍ରୀଷ୍ମଋତୁରେ ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ କରିବା ଏବଂ ସୁବିଧାଜନକ ଯାତ୍ରା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ନିମ୍ନଲିଖିତ ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ପରିଚାଳନା ବୃଦ୍ଧିକରିବାକୁ ନିଷ୍ପତ୍ତି ନେଇଛି । ଏହି ଟ୍ରେନ୍‌ଗୁଡ଼ିକ ସେମାନଙ୍କର ପୂର୍ବ ସମୟ, ରହଣି ସ୍ଥାନ ଏବଂ କୋଚ୍ ସରଞ୍ଜନା ସହ ଚଳାଚଳ କରିବ। ସମ୍ପ୍ରସାରିତ ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ମଧ୍ୟରେ ୦୨୮୧୧ ଭୁବନେଶ୍ୱର – ଯଶୱନ୍ତପୁର ସ୍ପେଶାଲ, ୦୨୮୧୨ ଯଶୱନ୍ତପୁର – ଭୁବନେଶ୍ୱର ସ୍ପେଶାଲ୍, ୦୮୩୧୧ ସମ୍ବଲପୁର – ଇରୋଡ୍ ସ୍ପେଶାଲ, ୦୮୩୧୨ ଇରୋଡ୍ – ସମ୍ବଲପୁର ସ୍ପେଶାଲ, ୦୮୫୦୮ ବିଶାଖାପାଟଣା – ଶାଳିମାର ସ୍ପେଶାଲ ଓ ୦୮୫୦୭ ଶାଳିମାର – ବିଶାଖାପାଟଣା ସ୍ପେଶାଲ ଟ୍ରେନ୍ ରହିଛି।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିରାଟ କୋଚିଂ ଶୁଭାରମ୍ଭ

ସମ୍ବଲପୁର,୧।୪(ବି.ଶଙ୍କର)



ଆଦିତ୍ୟ ଆଲୁମିନିୟମ ପକ୍ଷରୁ ରେଙ୍ଗାଲି ଭିଏସ୍ଏସ୍ ଆଇଟିଆଇଠାରେ ଶୁଭାରମ୍ଭ ହୋଇଥିବା ବିରାଟ କୋଚିଂ କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତାମାନେ।

ଆଦିତ୍ୟ ଆଲୁମିନିୟମ କମ୍ପାନୀ ପକ୍ଷରୁ ସମ୍ବଲପୁର ଜିଲା ରେଙ୍ଗାଲିଠାରେ ବିରାଟ କୋଚିଂର ଶାଖା ଭିଏସ୍ଏସ୍ ଆଇଟିଆଇଠାରେ ଶୁଭାରମ୍ଭ ହୋଇଛି। ଆଦିତ୍ୟ ଆଲୁମିନିୟମ କାରଖାନା ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ ଓ ବିରାଟ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ରାହୁଲ ରାଜ ଏଥିରେ ଯୋଗଦେଇଥିଲେ। କାରଖାନା ପାରିପାର୍ଶ୍ୱିକ ଅଞ୍ଚଳର ବିଦ୍ୟାର୍ଥୀମାନେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଏଠାରେ ପ୍ରସ୍ତୁତି ହେବେ। କାର୍ଯ୍ୟକ୍ରମରେ ରେଙ୍ଗାଲିର ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ରେଙ୍ଗାଲି ପଞ୍ଚାୟତର ସମିତି ସଭ୍ୟ ଅଶ୍ୱିନି ପଟେଲ, ଜଙ୍ଗଲା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁରାରି ବିଶ୍ୱାଳ, ବରିଷ୍ଠ ନାଗରିକ ଶଶିଭୂଷଣ ସାହୁ, ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅନ୍ତର୍ଯାମୀ ପାଣି, ସ୍ୱାଧୀନ ଏକତା ସଙ୍ଗଠନ ସଭାପତି ରାଜୀବ ଲୋଚନ ମିଶ୍ର, ଆଦିତ୍ୟ ଆଲୁମିନିୟମ ସିଏସ୍ଆର୍ କ୍ଲଷ୍ଟର ମୁଖ୍ୟ ଶିବ ମହାପାତ୍ର, ଭିଏସ୍ଏସ୍ ଆଇଟିଆଇ ଅଧ୍ୟକ୍ଷ କମଳ ଲୋଚନ ଭୋଇ, ବୈଜ୍ଞାନିକ ଆଶିଷ ମହାନା, ଆର୍ଟ ଅଫ ଲିଭିଂର ରଞ୍ଜନ ସାହୁଙ୍କ ସମେତ ସ୍ଥାନୀୟ ଅଧିବାସୀ, ବିଦ୍ୟାର୍ଥୀ, ଅଭିଭାବକ ଉପସ୍ଥିତ ଥିଲେ । ସିଏସ୍ଆର୍ ମୁଖ୍ୟ ରବି ନିୱାସ, ଡେପୁଟି ମ୍ୟାନେଜର ମନୋରଞ୍ଜନ ବେହେରା କାର୍ଯକ୍ରମ ପରିଚାଳନା କରିଥିଲେ ।

# ଡିଏଭି ସାବିତ୍ରୀ ଜିନ୍ଦଲରେ 'ଓଡ଼ିଶା ଦିବସ' ପାଳିତ

ଛେଣ୍ଡିପଦା,୧।୪(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡ଼ମହିତଳା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ବୁଧବାର 'ଓଡ଼ିଶା ଦିବସ' ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷକ ଫକିରମୋହନ ସାହୁଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀ ଶ୍ରୀୟା ନାୟକ ଓ ସୀମାରାଣୀ ସାହୁ ଉତ୍କଳୀୟ ପରମ୍ପରା ଆଧାରରେ ବକ୍ତୃତା ପ୍ରଦାନ କରିଥଲେ। ଶିକ୍ଷୟିତ୍ରୀ ଲୋପାମୁଦ୍ରା ପ୍ରଧାନ ଓ ଓଡ଼ିଆ ଶିକ୍ଷକ ସରୋଜ ଭୂତିଆ ଉତ୍କଳମାତାର ଯୋଗ୍ୟ ସୁପୁତ୍ରଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଓଝା ଓ ଚିତ୍ତରଞ୍ଜନ ଦାସ କବିତା ପାଠ କରିଥିଲେ। ସଙ୍ଗୀତ ଶିକ୍ଷକ ଅଜୟ ଅମର ସିଂଦେଓ ଗୀତ ଗାନ କରିଥିଲେ ।ତ ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସ୍ମିତାରାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପଣ୍ୟ ପରିବହନରୁ ପୂର୍ବତଟ ରେଳପଥର ୨୯,୪୫୬ କୋଟି ଆୟ

## ୨୮୬.୩ ନିୟୁତ ଟନ୍ ପଣ୍ୟ ପରିବହନ



ଭୁବନେଶ୍ୱର,୧।୪(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଭାରତୀୟ ରେଳପଥର ପ୍ରମୁଖ ପଣ୍ୟ ପରିବହନକାରୀ ଜୋନ୍ ଭାବେ ରେକର୍ଡ କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ୨୮୬.୩ ନିୟୁତ ଟନ୍‌ର ସର୍ବକାଳୀନ ସର୍ବାଧିକ ପଣ୍ୟ ପରିବହନ ହାସଲ କରିଛି। ପୂର୍ବବର୍ଷ ୨୦୨୪-୨୫ ଆର୍ଥିକ ବର୍ଷରେ ୨୫୯.୨୫ ନିୟୁତ ଟନ୍ ପରିବହନ ସହ ତୁଳନା କଲେ, ଏହା ପ୍ରାୟ ୨୭ ନିୟୁତ ଟନ୍ ଅଧିକ ଏବଂ ପ୍ରାୟ ୧୦.୪% ବୃଦ୍ଧି ହୋଇଛି। ପଣ୍ୟ ପରିବହନରେ ବୃଦ୍ଧି ସହ ଏହି ଜୋନ୍‌ର ପଣ୍ୟ ପରିବହନ ଆୟରେ ମଧ୍ୟ ଯଥେଷ୍ଟ ବୃଦ୍ଧି ରେକର୍ଡ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ପଣ୍ୟ ପରିବହନରୁ ୨୯,୪୫୬.୬୦ କୋଟି ଆୟ କରିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଆୟ ୨୬,୬୯୧.୮୨ କୋଟି ଥିଲା। ଏହା ୧୦% ରୁ ଅଧିକ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଏହି ସଫଳତା ସହ ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଭାରତୀୟ ରେଳପଥର ସମସ୍ତ ରେଳ ଜୋନ୍ ମଧ୍ୟରେ ନିଜର ଶୀର୍ଷସ୍ଥାନ ବଜାୟ ରଖିଛି। ଚଳିତ ଆର୍ଥିକ ବର୍ଷରେ ଭାରତୀୟ ରେଳବାଇ ହାସଲ କରିଥିବା ମୋଟ ୧୬୬୯.୯ ନିୟୁତ ଟନ୍ ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ଅବଦାନ ୧୭.୧% ରହିଛି। ଲଗାତର ୭ମ ବର୍ଷ ପାଇଁ ପୂର୍ବତଟ ରେଳପଥ ୨୦୦ ମିଲିୟନ ଟନ୍‌ରୁ ଅଧିକ ପଣ୍ୟ ପରିବହନ ଅତିକ୍ରମ କରିଛି। କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ, ଆଲୁମିନା, ସାର ଏବଂ ଖାଦ୍ୟ ଶସ୍ୟ ଭଳି ପ୍ରମୁଖ ବଲ୍କ ସାମଗ୍ରୀ ପରିବହନରେ ଏହି ଜୋନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ପୂର୍ବତଟ ରେଳପଥ ଯାତ୍ରୀ ବ୍ୟବସାୟ କ୍ଷେତ୍ରରେ ୨୦୨୫-୨୬ ଆର୍ଥିକ ବର୍ଷରେ ୯୭.୬୪ ନିୟୁତ ଯାତ୍ରୀଙ୍କୁ ପରିବହନ କରିଥିବା ବେଳେ ଏଥିରୁ ୨,୪୯୫.୫୧ କୋଟି ଆୟ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୯୩.୫୨ ନିୟୁତ ଯାତ୍ରୀଙ୍କୁ ପରିବହନ କରାଯାଇଥିଲା ଏବଂ ୨,୩୭୧.୦୯ କୋଟି ଆୟ ହୋଇଥିଲା। ଏହା ଯାତ୍ରୀ ସଂଖ୍ୟାରେ ୫.୨୫% ବୃଦ୍ଧି ସହ ଯାତ୍ରୀ ରାଜସ୍ୱରେ ମଧ୍ୟ ନିରନ୍ତର ବୃଦ୍ଧିକୁ ଦର୍ଶାଉଛି।

# ଇକ୍ୱିଟିରୁ ସ୍ଥାୟୀ ଜମାକୁ ଫେରିଯାଉଛନ୍ତି ନିବେଶକାରୀ

ନୂଆଦିଲ୍ଲୀ , ୧।୪




୨୦୨୫-୨୬ ଆର୍ଥିକ ଶେଷ ହେବା ସହ ୨୦୨୬-୨୭ ଆର୍ଥିକ ବର୍ଷ ଆରମ୍ଭ ହୋଇଯାଇଛି। ତେବେ ଏହି ବର୍ଷରେ ନିବେଶ କ୍ଷେତ୍ର କିଭଳି ରହିବ ତାହାକୁ ନେଇ ଏବେଠାରୁ ବିଶ୍ଳେଷଣ ଆରମ୍ଭ ହୋଇଯାଇଛି। ଗତ ଆର୍ଥିକ ବର୍ଷରେ ବିଭିନ୍ନ କାରଣକୁ ନେଇ ଇକ୍ୱିଟି ନିବେଶ କ୍ଷେତ୍ର ପ୍ରଭାବିତ ରହିଆସିଛି। ବିଶେଷକରି ବିଶ୍ୱର ବିଭିନ୍ନ ଭାଗରେ ଲାଗି ରହିଥିବା ଯୁଦ୍ଧ ଏବଂ ରାଜନୈତିକ ବିବାଦ ସହ ବାଣିଜ୍ୟ ପ୍ରତିଦ୍ୱନ୍ଦ୍ୱିତା ଏବଂ ଏଆଇ ପ୍ରଭାବରେ ନିଯୁକ୍ତି ଛଟେଇ ପୁଞ୍ଜି ନିବେଶ କ୍ଷେତ୍ରକୁ ପ୍ରଭାବିତ କରିଛି। ଏହା ଯୋଗୁ ଭାରତୀୟ ଶେୟାର ବଜାର ପ୍ରଭାବିତ ହୋଇଥିଲାବେଳେ ବିଏସ୍ଇ ଏବଂ ନିଫ୍ଟି ସ୍ଥିତିରେ ମଧ୍ୟ ଅବନତି ଦେଖାଯାଇଛି। ଆର୍ଥିକ ବର୍ଷର ବିଭିନ୍ନ ସମୟରେ ଶେୟାର ବଜାରରେ ଅସ୍ଥିରତା ଦେଖାଯାଇଥିବାରୁ ପ୍ରମୁଖ କ୍ଷେତ୍ରର ଶେୟାର କାରବାର ହ୍ରାସ ପାଇବା ସହିତ ବିଦେଶୀ ନିବେଶକାରୀ ବିପୁଳ ପରିମାଣର ପୁଞ୍ଜି ପ୍ରତ୍ୟାହାର କରିନେଇଥିବା ଦେଖାଯାଇଛି। ଭାରତୀୟ ଷ୍ଟକ୍ ବଜାର ତଥ୍ୟ ଅନୁଯାୟୀ ୨୦୨୫-୨୬ ଆର୍ଥିକ ବର୍ଷରେ ବିଏସ୍ଇ ସେନ୍‌ସେକ୍ସ କାରବାର ହାରାହାରି ଭାବେ ୭.୧ ପ୍ରତିଶତ ହ୍ରାସ ପାଇଥିଲାବେଳେ ନିଫ୍ଟି କାରବାର ୫.୧ପ୍ରତିଶତ ହ୍ରାସ ପାଇଛି। କିନ୍ତୁ ଶେୟାର ବଜାର ତୁଳନାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସ୍ଥାୟୀ ଜମା ହାର ପ୍ରତି ନିବେଶକଙ୍କ ଆଗ୍ରହ ବଢ଼ିଛି। ବର୍ତ୍ତମାନ ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ବୈଶ୍ୱିକ ପୁଞ୍ଜିବଜାର ପ୍ରଭାବିତ ରହିଛି ଏବଂ ଏହାର ପ୍ରଭାବ ମଧ୍ୟ ଭାରତୀୟ ଶେୟାର ବଜାର ଉପରୁ ହଟିନାହିଁ। ତେଣୁ ୨୦୨୬-୨୭ ବର୍ଷରେ ନିବେଶକାରୀ ଇକ୍ୱିଟି ଅପେକ୍ଷା ବ୍ୟାଙ୍କ ସ୍ଥାୟୀ ଜମା ପ୍ରତି ଅଧିକ ଆଗ୍ରହୀ ହେବେ ବୋଲି ଶେୟାର ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

### ସେନ୍‌ସେକ୍ସରେ ୧୧୮୬ ପଏଣ୍ଟ ବୃଦ୍ଧି

ମୁମ୍ବାଇ, ୧।୪

୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଦିନରେ ଭାରତୀୟ ଶେୟାର ବଜାରରେ ସାମାନ୍ୟ ସୁଧାର ଆସିବା ସହ ୨ ପ୍ରମୁଖ ସୂଚକାଙ୍କ ବିଏସ୍ଇ ସେନ୍‌ସେକ୍ସ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି ତାଲିକାଭୁକ୍ତ କମ୍ପାନୀଗୁଡ଼ିକର କାରବାର ବୃଦ୍ଧି ହୋଇଛି। ବୁଧବାର କାରବାର ଆରମ୍ଭ ହେବା ପରେ ଉଭୟ ସୂଚକାଙ୍କ ସ୍ଥିତିରେ ଉନ୍ନତି ଘଟିବା ସହ ମଧ୍ୟାହ୍ନ ସୁଦ୍ଧା ବିଭିନ୍ନ କ୍ଷେତ୍ରର ଶେୟାର ମୂଲ୍ୟରେ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଏହି ଧାରା କାରବାର ଶେଷ ପର୍ଯ୍ୟନ୍ତ ଜାରି ରହିଥିଲାବେଳେ ସେନ୍‌ସେକ୍ସ ଏବଂ ନିଫ୍ଟିରେ ହାରାହାରି ଭାବେ ୧.୫ ପ୍ରତିଶତ ବୃଦ୍ଧି ଘଟିଛି। ସେନ୍‌ସେକ୍ସରେ ୧୧୮୬ ପଏଣ୍ଟ ବୃଦ୍ଧି ଘଟି କାରବାର ଶେଷ ବେଳକୁ ଏହା ୭୩,୧୦୦ ପଏଣ୍ଟରେ ବନ୍ଦ ରହିଥିଲା। ସେହିପରି ନିଫ୍ଟି ମଧ୍ୟ ୩୪୦ ପଏଣ୍ଟ ବୃଦ୍ଧିରେ ୨୨,୬୦୦ରେ ବନ୍ଦ ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ତ୍ରୀଙ୍କୁ ହତ୍ୟାକରି ପୋଡ଼ିବା ବେଳେ ଜଳିଯାଇ ସ୍ୱାମୀ ମୃତ

## ରାମଚନ୍ଦ୍ରପୁର ଉପସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ୍ କ୍ୱାର୍ଟର୍ସରେ ଅଭାବନୀୟ ଘଟଣା

ବଲାଙ୍ଗୀର/ଦେଓଗାଁ,୧।୪ (ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ରାମଚନ୍ଦ୍ରପୁର ଉପସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ୍ କ୍ୱାର୍ଟର୍ସରେ ବୁଧବାର ଭୋର ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଏଏନ୍‌ଏମ୍ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଜାଳିଦେବାକୁ ଯାଇ ସ୍ୱାମୀ ନିଜେ ପୋଡ଼ିଯାଇ ମୃତ୍ୟୁବରଣ କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୃତ ଦମ୍ପତି ହେଲେ ଦମୟନ୍ତୀ ବାରିକ (୫୭) ଓ ଉପେନ୍ଦ୍ର କାଲସାଏ (୬୫)। ଉଭୟ ସ୍ୱାମୀ ସ୍ତ୍ରୀ ସୁନ୍ଦରଗଡ଼ ଜିଲାର ମୂଳ ବାସିନ୍ଦା ।ହୋଇଥିବାବେଳେ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ୍ କ୍ୱାର୍ଟର୍ସରେ ଦୀର୍ଘ ବର୍ଷ ହେଲା ରହୁଥିଲେ।


ମୃତ ଉପେନ୍ଦ୍ର କାଲସାଏ ।


ମୃତା ଏଏନ୍‌ଏମ୍ ଦମୟନ୍ତୀ ବାରିକ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାମଚନ୍ଦ୍ରପୁର ଉପସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ୍ କ୍ୱାର୍ଟର୍ସରେ ଦମୟନ୍ତୀ ପୋଡ଼ିଯାଇ ମୃତ୍ୟୁବରଣ କରିଥିବା ଖବର ସକାଳେ ଜଣାପଡିଥିଲା। ଖବରପାଇ ପୋଲିସ ପହଞ୍ଚି ବେଳକୁ ଦମୟନନ୍ତୀଙ୍କୁ ମୃତ ଅବସ୍ଥାରେ ଏବଂ ସ୍ୱାମୀ ଉପେନ୍ଦ୍ରଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଦେଖିବାକୁ ପାଇଥିଲା। ତୁରନ୍ତ ଉପେନ୍ଦ୍ରଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଦମୟନ୍ତୀଙ୍କ ମୁଣ୍ଡରେ ମାଡ଼ ହୋଇଥିବାବେଳେ କ୍ୱାର୍ଟର୍ସରେ ରକ୍ତ ପଡ଼ିଥିବା ପୋଲିସ ଦେଖିବାକୁ ପାଇଥିଲା। କୌଣସି କଥାକୁ ନେଇ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ କଳହ ହେବା ପରେ ଉପେନ୍ଦ୍ର ଉତ୍ତ୍ୟକ୍ତ ହୋଇ ଏକ ଷ୍ଟିଲ୍ ବୋତଲରେ ଦମୟନ୍ତୀଙ୍କ ମୁଣ୍ଡକୁ ମାଡ଼ ମାରିଥିଲେ। ଫଳରେ ପ୍ରବଳ ରକ୍ତସ୍ରାବ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଏହାପରେ ସ୍ତ୍ରୀଙ୍କ ମୃତଦେହରେ ଉପେନ୍ଦ୍ର ପେଟ୍ରୋଲ ଢାଳି ପୋଡ଼ିବାବେଳେ ନିଜେ ପୋଡିଯାଇ ଗୁରୁତର ଆହତ ହୋଇଥିଲେ। କାରଣ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଜଣେ ଆଶାଦିଦିଙ୍କ ସ୍ୱାମୀଙ୍କୁ ଫୋନ୍ କରି ଉପେନ୍ଦ୍ର ଅଘଟଣ ଘଟିଗଲା, ତୁରନ୍ତ ଆସ ବୋଲି କୁଆଡ଼େ କହିଥିଲେ। ସେହି ବ୍ୟକ୍ତି ସେଠାକୁ ଆସିବା ପରେ ସମସ୍ତ ଘଟଣା ଜଣାପଡ଼ିଥିଲା। ପୋଲିସ ଉପେନ୍ଦ୍ରଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ପୋଲିସ ଏନେଇ ଏକ ମାମଲା (୭୪/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ଏବଂ ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ଘଟଣାସ୍ଥଳରେ ଛାନ୍‌ଭିନ୍ କରିଛନ୍ତି। ମୃତ ଦମ୍ପତିଙ୍କ ଦୁଇ ପୁଅ ଝିଅ ଅଛନ୍ତି ଓ ସେମାନେ ବଲାଙ୍ଗୀର ଜିଲା ବାହାରେ ପାଠ ପଢୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଘଟଣା ସମୟରେ ଉଭୟେ ଘରେ ଏକାକି ଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ବାଘଛାଲ ଚାଲାଣ ମାମଲା,୬ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡ

ରାୟଗଡା,୧।୪(ଆଶିଷ ରଞ୍ଜନ ପଣ୍ଡା)

କଲରାପତରିଆ ବାଘଛାଲ ଚୋରା ଚାଲାଣ ମାମଲାର ଶୁଣାଣିକରି ରାୟଗଡ଼ା ସିଜେଏମ୍ ଅପର୍ଣ୍ଣା ମହାପାତ୍ର ୬ଜଣ ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା ପାଇଁ ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୮ ମାସ ସଶ୍ରମ କାରାଦଣ୍ଡ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅଭିଯୁକ୍ତମାନେ ହେଲେ ରବୀନ୍ଦ୍ର ବିଡିକା, ଅକ୍ଷୟ କୁମାର ଓଡ଼ିଆ, ସୀମାଞ୍ଚଳ ଶବର, ନିଖିଳ ଗାଣ୍ଟା, ହଳଧର ଶବର ଏବଂ ସାଙ୍ଗନା କାଡ୍ରାକା।

ସୂଚନାରୁ ଜଣାପଡ଼ିଛି, ପଦ୍ମପୁର ବନପାଳ ମାଝି ମହାପାତ୍ର ୯।୫।୨୦୨୪ ରେ କଲରାପତରିଆ ବାଘଛାଲ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ଖବର ପାଇଥିଲେ। ଏନେଇ ରାୟଗଡ଼ା ଡିଏଫ୍‌ଓଙ୍କୁ ଖବର ଦେଲା ପରେ ବନପାଳ ମହାପାତ୍ର ଚୋରାଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ଅଭିଯୁକ୍ତଙ୍କ ସହ ବାଘ ଚମଡ଼ାକୁ ଜବତ କରିଥିଲେ। ଅଭିଯୁକ୍ତଙ୍କଠାରୁ ତଥ୍ୟ ସଂଗ୍ରହକରି ୧୦।୫।୨୪ରେ ପଦ୍ମପୁର ସର୍କଲ ଅନ୍ତର୍ଗତ ବିଚିକୋଟ ଛକରେ ଏକ ଆମ୍ବ ବଗିଚା ଭିତରେ ୪ ଜଣ ଅଭିଯୁକ୍ତଙ୍କୁ ବେଆଇନ ଭାବରେ କଲରାପତରିଆ ବାଘ ଚମଡ଼ା ବ୍ୟବସାୟ କରୁଥିବା ଅବସ୍ଥାରେ କାବୁକରି ଗୁଣପୁର ଏସ୍‌ଡିଜେଏମ୍ କୋର୍ଟକୁ ଫରୱାର୍ଡ କରିଥିଲେ। ଏହି ମାମଲାରେ ରାୟଗଡ଼ା ସିଜେଏମ୍ ଅପର୍ଣ୍ଣା ମହାପାତ୍ର ୮ଜଣ ସାକ୍ଷୀଙ୍କ ସାକ୍ଷ୍ୟଗ୍ରହଣ କରି ଦଣ୍ଡାଦେଶ ଦେଇଥିଲେ। ଏହି ମାମଲାରେ ସରକାରଙ୍କ ତରଫରୁ ଏପିପି ସୀତାରାମ ପଣ୍ଡା ଓ ସିଏଚ୍‌ଏସ୍ ଗିରିବାସା ରାଓ ମାମଲା ପରିଚାଳନା କରୁଥିଲେ।

# ପ୍ରଧାନଶିକ୍ଷକଙ୍କୁ ହତ୍ୟା ଧମକ

ଭଣ୍ଡାରିପୋଖରୀ,୧।୪(ରାଜେନ୍ଦ୍ର ଶତପଥି)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ବନ୍ଦାଲୋ-ମଢ଼ିଆଳି ପଞ୍ଚାୟତ ମହେଶପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ଜେନାଙ୍କୁ ସହକାରୀ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଓ ପୁଅ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଭଣ୍ଡାରିପୋଖରୀ ଥାନାରେ ମାମଲା (ନଂ. ୧୫୦/୨୬) ରୁଜୁ ହୋଇଛି। ଅଭିଯୋଗ ମୁତାବକ ସମ୍ପୃକ୍ତ ସହକାରୀ ଶିକ୍ଷୟିତ୍ରୀ ମହେଶପୁର ଗ୍ରାମର ବାସିନ୍ଦା ଅଟନ୍ତି। ତାଙ୍କ ସ୍ୱାମୀ ଓ ପୁଅ ନିୟମିତ ବିଦ୍ୟାଳୟକୁ ଆସି ବିଦ୍ୟାଳୟ ପରିଚାଳନା କାର୍ଯ୍ୟରେ ହସ୍ତକ୍ଷେପ କରନ୍ତି। ସହକାରୀ ଶିକ୍ଷୟିତ୍ରୀ ଅଭ୍ୟାସଗତ ଭାବେ ବିଳମ୍ବରେ ବିଦ୍ୟାଳୟକୁ ଆସନ୍ତି ବୋଲି ଉପରିସ୍ଥ ଅଧିକାରୀଙ୍କୁ ପ୍ରଧାନଶିକ୍ଷକ ଜଣାଇବାରୁ ସହକାରୀ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଶଙ୍କର୍ଷଣ ଜେନା ଓ ପୁଅ ସତ୍ୟବ୍ରତ ଗତ ମଙ୍ଗଳବାର ଚାରିଚକିଆ ଯାନରେ ବିଭିନ୍ନ ମାରଣାସ୍ତ୍ର ସହ ଆସି ପ୍ରଧାନ ଶିକ୍ଷକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପ୍ରଧାନ ଶିକ୍ଷକ ପୋଲିସ ସହାୟତାରେ ବିଦ୍ୟାଳୟରୁ ବାହାରକୁ ଆସି ମଞ୍ଜୁରୀରୋଡ଼ ଫାଣ୍ଡିରେ ଅଭିଯୋଗ କରିଥିଲେ। ଘଟଣାରେ କେହି ଗିରଫ ହୋଇ ନ ଥିବା ଜଣାପଡ଼ିଛି।

# ନିଶା କାରବାର ଅଭିଯୋଗ, ମହିଳା ଗଲେ ଜେଲ


ନିଶା କାରବାରରେ ଗିରଫ ମହିଳା ଓ ଜବତ ସାମଗ୍ରୀ।

ବରଗଡ଼,୧।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ନିଶାଜନିତ ଅପରାଧ ବୃଦ୍ଧି ପାଇଥିବାବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ନିଶା କାରବାର ଦମନ ଅଭିଯାନକୁ ଜୋର୍‌ଦାର କରିଛି। ଏହି କ୍ରମରେ ବୁଧବାର ଭଟଲି ଥାନା ପୋଲିସ ଭଟଲି ବଜାର ପଡ଼ାରେ ଅତର୍କିତ ଚଢାଉ କରି ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ, ଭଟଲି ବଜାର ପଡ଼ାର ସୁବିଧା ପାତିକର(୩୮) । ତାଙ୍କଠାରୁ ନଗଦ ୬ଲକ୍ଷ ୧୪ହଜାର ୫୦ଟଙ୍କା ସହିତ ୧୧୭ ବୋତଲ କଫ୍ ସିରପ ଏବଂ ୩୦ଟି ଦେଶୀମଦ ପାଉଚ ଜବତ ହୋଇଛି। ଏ ନେଇ ଭଟଲି ଥାନା ପୋଲିସ ଏକ ମାମଲା (ନଂ-୮୯/୨୬) ରୁଜୁ କରିଛି। ଗିରଫ ମହିଳାଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜିଲା କାରାଗାର ହାଜତକୁ ପଠାଇ ଦିଆଯାଇଛି। ତେବେ ମହିଳା ଜଣକ କେଉଁଠାରୁ ଏତେ ପରିମାଣର ନିଶାଦ୍ରବ୍ୟ ଆଣିଥିଲେ ଏବଂ କେଉଁ ଅଞ୍ଚଳକୁ ଚାଲାଣ କରୁଥିଲେ, ସେ ନେଇ ପୋଲିସ ଅଧିକ ତଦନ୍ତ କରୁଛି। ଏହା ସହିତ ଏହି କାରବାରରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ପୋଲିସ ଛାନଭିନ ଚଲାଇଛି।

# ତଦନ୍ତ ପାଇଁ ବରିଷ୍ଠ ଡିଏସ୍‌ପିଙ୍କୁ ଦାୟିତ୍ୱ

## ମହିଳା ପୋଲିସ ହାବିଲଦାରଙ୍କ ଇସ୍ତଫା ଘଟଣା

ଅନୁଗୋଳ,୧।୪
(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ରିଜର୍ଭ ପୋଲିସ ଅଫିସରେ କାର୍ଯ୍ୟରତ ଜଣେ ମହିଳା ହାବିଲଦାର ମାନସିକ ଚାପ ଓ ହଇରାଣ କରାଯିବା ଅଭିଯୋଗ ଆଣି ଗତ ସୋମବାର ଏସ୍‌ପି ରାହୁଲ ଜୈନଙ୍କୁ ଇସ୍ତଫା ପତ୍ର ପ୍ରଦାନ କରିଥିଲେ। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଏସ୍‌ପି ଜୈନ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ମହିଳା ଡିଏସ୍‌ପିଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିବାବେଳେ ଅଭ୍ୟନ୍ତରୀଣ କମିଟି ମଧ୍ୟ ଘଟଣାର ଖୋଜଖବର ନେଉଛି। ତଦନ୍ତ ରିପୋର୍ଟ ଆସିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପୃକ୍ତା ମହିଳା ହାବିଲଦାର ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଥିଲେ, ରିଜର୍ଭ ପୋଲିସ କାର୍ଯ୍ୟାଳୟର ଜଣେ ଅଧିକାରୀ ଓ ଫୋର୍ସ ସେକ୍ସନରେ କାର୍ଯ୍ୟରତ ଜଣେ ହାବିଲଦାର ତାଙ୍କୁ ଦୀର୍ଘଦିନ ଧରି ହଇରାଣ କରୁଥିଲେ। ସେ ନିଜ କାର୍ଯ୍ୟ ନିଷ୍ଠାର ସହିତ କରୁଥିବା ସତ୍ତ୍ୱେ ତାଙ୍କୁ ମାନସିକ ଚାପ ଦିଆଯାଉଥିଲା। ଏହାର ପ୍ରଭାବରେ ତାଙ୍କର ମାନସିକ ସ୍ୱାସ୍ଥ୍ୟ ଓ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏଭଳି ପରିସ୍ଥିତିରେ ତାଙ୍କ ଇସ୍ତଫା ଗ୍ରହଣ କରିବା ଓ ଦୋଷୀଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଏସ୍‌ପିଙ୍କ ନିକଟରେ ଦାବି କରିଥିଲେ।

# ଜିଲା ମୁଖ୍ୟ ଡାକ୍ତରଖାନାରେ ମହିଳାଙ୍କ ଉନ୍ମତ୍ତକାଣ୍ଡ

## ଚାପଡ ଧରି କର୍ମଚାରୀ, ସିକ୍ୟୁରିଟି ଗାର୍ଡଙ୍କୁ ହାଣିବାକୁ ଗୋଡ଼ାଇଲେ

ବାଲେଶ୍ୱର, ୧।୪
(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନା ଆଉଟଡୋର(ବହିର୍ବିଭାଗ)ରେ ଜଣେ ମହିଳା ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ହାତରେ ଚାପଡ ଧରି ରୋଗୀଙ୍କ ସମ୍ପର୍କୀୟ ଓ କର୍ମଚାରୀଙ୍କୁ ହାଣିବାକୁ ଗୋଡ଼ାଇଥିଲେ। ଖବରପାଇ ହସ୍ପିଟାଲ ଆଉଟପୋଷ୍ଟ ପୋଲିସ ପହଞ୍ଚି ମହିଳାଙ୍କୁ କାବୁ କରି ଥାନାକୁ ନେଇଯାଇଥିଲେ।

ବାଲେଶ୍ୱର ସଦର ଥାନା ଫକୀରମୋହନ ନଗର ଅଞ୍ଚଳର ରୀନା ରାଉଳ ନାମ୍ନୀ ମହିଳା ବୁଧବାର ପୂର୍ବାହ୍ନ ୧୦ଟା ବେଳେ ହସ୍ପିଟାଲ ଆଉଟଡୋରକୁ ଆସିଥିଲେ। ଟିକେଟ କାଉଣ୍ଟରରୁ ଟିକେଟ ନ କରି ଡାକ୍ତରଙ୍କୁ ଦେଖାଇବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିଲେ। ଆଉଟଡୋରରେ ଥିବା ସିକ୍ୟୁରିଟି ଗାର୍ଡ ଓ ଅନ୍ୟ କର୍ମଚାରୀମାନେ ତାଙ୍କୁ କାଉଣ୍ଟରରୁ ଟିକେଟ ଆଣିବା ପାଇଁ କହିଥିଲେ। ମାତ୍ର ରୀନା ସିକ୍ୟୁରିଟି ଗାର୍ଡଙ୍କୁ ଗାଳିଗୁଲଜ କରିଥିଲେ। ତେବେ ଟିକେଟ ନ ଆଣିଲେ ଡାକ୍ତରଙ୍କୁ ଦେଖାଇପାରିବେ ନାହିଁ ବୋଲି ସିକ୍ୟୁରିଟି ଗାର୍ଡ କହିଥିଲେ। ରୀନା ରାଗିଯାଇ ନିଜ ବ୍ୟାଗରୁ ଏକ ଚାପଡ ବାହାର କରି ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ହେଲେ ସେ ବର୍ତ୍ତିଯାଇଥିଲେ। ମାତ୍ର ସିକ୍ୟୁରିଟି ଗାର୍ଡଙ୍କ ପାଖରେ ଛିଡ଼ା ହୋଇ ରୀନାଙ୍କୁ ବୁଝାଉଥିବା ଲୋକଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କ ଅଙ୍ଗୁଳିରେ ଚାପଡ ଲାଗିଥିଲା। ସମ୍ପୃକ୍ତ ବ୍ୟକ୍ତି ସାମାନ୍ୟ ଆହତ ହୋଇଥିଲେ। ଖବରପାଇ ଆଉଟଡୋର ପୋଲିସ ଆସି ରୀନାଙ୍କୁ ଥାନାକୁ ନେଇଯାଇଥିଲେ। ଅପରପକ୍ଷେ ମହିଳାଙ୍କ ମାନସିକ ଅବସ୍ଥା ଖରାପ ଥିବାରୁ ସେ ଏଭଳି କାଣ୍ଡ କରିଛନ୍ତି ବୋଲି ଥାନାରେ ଆତ୍ମୀୟସ୍ୱଜନମାନେ ନିବେଦନ କରିବାରୁ ତାଙ୍କୁ ପୋଲିସ ଛାଡ଼ି ଦେଇଥିବା ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ କହିଛନ୍ତି।

# କନ୍ଧମାଳ, ଗଜପତିରୁ ବିପୁଳ ପରିମାଣର ଗଞ୍ଜେଇ ଜବତ

ଫୁଲବାଣୀ/ଆର୍. ଉଦୟଗିରି,୧।୪(ରାକେଶ କୁମାର ରାଉତ/ମନୋଜ କୁମାର ପାଢ଼ୀ)

କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନା ପୋଲିସ ମଙ୍ଗଳବାର ୪ ହଜାର କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଜଙ୍ଗଲ ଭିତରେ ଚାଲାଣ ଉଦ୍ଦେଶ୍ୟରେ ଏହା ରଖାଯାଇଥିଲା। ଖବର ପାଇ ସଦର ଥାନା ଅଧିକାରୀ ପ୍ରଦୀପ କୁମାର ଜେନା ଓ ସବ୍ ଇନ୍ସପେକ୍ଟର ସସ୍ମିତ ବେହେରାଙ୍କ ନେତୃତ୍ୱରେ ମଙ୍ଗଳବାର ରାତିରେ ବିଲାବାଡ଼ି ଅଞ୍ଚଳରେ ଚଢାଉ କରାଯାଇଥିଲା। ଗ୍ରାମ ନିକଟସ୍ଥ ଜଙ୍ଗଲରେ ପ୍ରାୟ ୨ଶହ ବସ୍ତା ଗଞ୍ଜେଇ ଜବତ ହୋଇଥିଲା। ତେବେ ଏହି ଘଟଣାର ଚାଲାଣକାରୀ ଚମ୍ପଟ ମାରିଛନ୍ତି। ଏନେଇ ସଦର ଥାନାରେ ନଂ. ୬୬/୨୬ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ସେହିପରି ବୁଧବାର ଗଜପତି ଜିଲା କିରାମା ପଞ୍ଚାୟତ ବୁରିପଦର ଗାଁରେ ମିଳିତ ଚଢ଼ାଉ କରି ଆର୍. ଉଦୟଗିରି ପୋଲିସ ଘର ଓ ଜଙ୍ଗଲରୁ ୧୮ କୁଇଣ୍ଟାଲ ୩୦ କେଜି ଗଞ୍ଜେଇ ଜବତ କରିଛି। ଏସ୍‌ଡିପିଓ ରାକେଶ ସାହୁଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା। ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ସାହୁ ଓ ଦୁଇ ଜଣ ସାକ୍ଷୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରିବାରୁ ଏହା ଉପରୋକ୍ତ ପରିମାଣର ହୋଇଥିଲା। ଏହି ଘଟଣାରେ ୩ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର ଅଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୧ କୋଟି ୮୦ ଲକ୍ଷ ଟଙ୍କା ହେବ ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି।


ଫୁଲବାଣୀ ପୋଲିସ ବିଭିନ୍ନ ଅଞ୍ଚଳରୁ ଜବତ କରିଥିବା ଗଞ୍ଜେଇ।

# ଅଭିଯୋଗର ୩ ବର୍ଷ ପରେ ଅଭିଯୁକ୍ତ ଗିରଫ

ବନ୍ତଳା,୧।୪(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଳା ଥାନା ସାନକନ୍ତକୁଳ ଗ୍ରାମରେ ପୋଲିସକୁ ଆକ୍ରମଣ ଘଟଣାର ୩ ବର୍ଷ ପରେ ବୁଧବାର ଅଭିଯୁକ୍ତ ସାନକନ୍ତକୁଳ ଗ୍ରାମର ବିଶ୍ୱଜିତ ସାହୁ (୨୭)ଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ୬ ଜୁନ୍ ୨୦୨୩ରେ ସାନକନ୍ତକୁଳ ଗ୍ରାମର ଜଣେ ବୃଦ୍ଧଙ୍କୁ ହାତୀ ମାରିଦେଇଥିବା ଖବରପାଇ ଘଟଣାସ୍ଥଳରେ ପୋଲିସ ଓ ବନ ବିଭାଗ ଅଧିକାରୀ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ଗ୍ରାମର ୩୦ ରୁ ୪୦ ଜଣ ଲୋକ ପୋଲିସକୁ ଗାଳିଗୁଲଜ କରିଥିଲେ। ଓଏପିଏଫ୍ ବିଶୁ ମିଞ୍ଜଙ୍କୁ ଜଣେ ଆକ୍ରମଣ କରିଥିଲେ। ହାତୀ ଆକ୍ରମଣରେ ମୃତ ବୃଦ୍ଧଙ୍କ ପୁଅ ଓସିଏଫ୍ ମିଞ୍ଜଙ୍କୁ ହାଣିଦେବାକୁ ଉଦ୍ୟମ କରିଥିଲେ। ଏଥିସହ ବନ୍ତଳା ବନାଞ୍ଚଳ ଅଧିକାରୀ ନୀଳାଦ୍ରି ସାହୁଙ୍କୁ ଆକ୍ରମଣ ବେଳେ ସେଠାରେ ଉପସ୍ଥିତ ଥିବା ଗଡ଼ତରାସ ସରପଞ୍ଚଙ୍କ ପାଇଁ ରେଞ୍ଜର ରକ୍ଷା ପାଇଯାଇଥିଲେ। ପରେ ଗ୍ରାମର କେତେଜଣ ବ୍ୟକ୍ତି ବନ ବିଭାଗ କର୍ମଚାରୀ ଓ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ମିଞ୍ଜ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବନ୍ତଳା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଦୀର୍ଘ ୩ ବର୍ଷ ପରେ ବିଶ୍ୱଜିତ୍‌ଙ୍କୁ ଗିରଫ କରାଯାଇଥିବା ବନ୍ତଳା ଥାନା ସୂତ୍ରରୁ ଜଣାପଡ଼ିଛି।

# ପ୍ଲଟ୍ ବିକ୍ରୟ କବଲା ବାତିଲ୍ କରି ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧।୪(ତ୍ରିନାଥ ମହାନ୍ତି)

ଜାଲ ଦସ୍ତାବିଜ୍ ମାଧ୍ୟମରେ ପ୍ଲଟ୍ ବିକ୍ରୟ କବଲା(ଡିଡ୍) ବାତିଲ କରି ଠକେଇ ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିପାଟଣାର ସୁଶାନ୍ତ କୁମାର ପାତ୍ର। ତାଙ୍କ ନିକଟରୁ ଜାଲ ଦସ୍ତାବିଜ୍ ଏବଂ ଷ୍ଟାମ୍ପ ଜବତ କରାଯାଇଛି।

ସୂଚନାଯୋଗ୍ୟ, ଅଭିଯୋଗକାରିଣୀ 'ମେସର୍ସ କାର୍ଗୋ ଲାଇନ୍ସ' ଫାର୍ମର ମାଲିକ ଭାବେ ୨୦୨୧ ମସିହାରେ ରଘୁନାଥପୁର ମୌଜାରେ ଦୁଇଟି ପ୍ଲଟ କିଣି ସେଥିରେ ଦଖଲରେ ଥିଲେ। କେତେଜଣ ଅଭିଯୁକ୍ତ ପରସ୍ପର ମିଳିତ ଭାବରେ ଜାଲ୍ ରିଜୋଲ୍ୟୁଶନ, ସିଲ୍ ଏବଂ ଦସ୍ତଖତ ସହ ଜାଲ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଥିଲେ। ଏହାପରେ ଅଭିଯୁକ୍ତ ସୁଶାନ୍ତ ନିଜକୁ ଅଧିକୃତ ପ୍ରତିନିଧି ଭାବେ ପରିଚୟ ଦେଇ ଅଭିଯୋଗକାରିଣୀଙ୍କ ଅଜାଣତରେ ସବ୍-ରେଜିଷ୍ଟ୍ରାର ଅଫିସରେ ବିକ୍ରୟ କବଲା ବାତିଲ କରିଥିଲେ। ଏପରି କି ପରବର୍ତ୍ତୀ ସମୟରେ ସେମାନେ ଉକ୍ତ ଜମି ଉପରେ ଅବୈଧ ଦଖଲ କରିଥିଲେ। ଫଳରେ ଅଭିଯୋଗକାରିଣୀଙ୍କୁ ପ୍ରାୟ ୩୪.୩୧ ଲକ୍ଷ ଟଙ୍କାର ଆର୍ଥିକ କ୍ଷତି ହୋଇଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଥିଲା।


# Classified Everyday
0674-2580101, 9692975378


REAL ESTATE
SALE

କଟକ ଭୁବନେଶ୍ୱର ମଧ୍ୟଭାଗରେ ଥିବା Sum Hospital-2 ଏବଂ Grand Bazar NH-16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି Sc/General Plot କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249422604. D-3

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25




All types of physiotherapy and massage contact 9556924059 / 7656969134. D-06

Newly open spa positively health benefits (Expert therapist). Kalpana- 8984846329. D-76957

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

By virtue of an affidavit no. 1872, sworn before the Executive Magistrate G.Udayagiri, dated 24.03.2026, I, Tanisha Baxla, Address Teachers Colony, Raikia, Kandhamal, declare that I have changed my name from Tanisa Baksala to Tanisha Baxla. Henceforth, I shall be known as Tanisha Baxla for all purposes.
(Tanisha Baxla) D-08

I, Shri Ananda Nayak, S/o.- Late Dasa Nayak, Resident of NAC Kabisuryanagar, Ward No.- 14, Ganeswar Sahi, At/P.O./P.S.- Kabisuryanagar, Dist.- Ganjam declare by this Affidavit sworn before the Executive Magistrate, Kodala (Ganjam), No.- A6, Dated- 12.12.2005 that now onwards I shall be known as Ananda Pattnaik, S/o.- Late Dasarathi Pattnaik for all future purposes. D-05

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

In the Court of the Civil Judge (S.D), Dhenkanal, Intestate Case No. 03/25.
Sasweta Acharya .........Petitioner
Vrs.
Sanjay Kumar Kar & another ........Ops.
Draft Notice
It is hereby noticed that the Petitioner Sasweta Acharya aged about 25years W/o.- Late Soumya Abhijit Kar of vill.- Amalapada, P.S.- Town, Dist.- Dhenkanal has filed one intestate case bearing No. 03/2025 before the Civil Judge (S.D) Dhenkanal against one Sanjaya Kumar Kar and Soubhagini Satapathy as the successor of Late Soumya Abhijit Kar. If except the above any other successors are there, then within fifteen days from the date of advertisement ie. on 17.04.2026 at 7:30AM will appear in the Court otherwise the Court will pass appropriate order.
Given under my hand and seal of this Court, this 31st day of March 2026.
Sd./- Senior Civil Judge, Dhenkanal D-07

# ଅପେକ୍ଷା ନ'ବର୍ଷର...


ସୁନୀଲ

ବଲିଉଡ୍‌ରେ ସେ 'ଆନ୍ନା' ଭାବରେ ପରିଚିତ। ଏକଦା ଅଭିନୟ ତାଙ୍କର ନିଶା ଥିଲା। ତାଙ୍କୁ ନେଇ ନିର୍ମିତ ଅନେକ ସିନେମା ବେଶ୍ ଦର୍ଶକାଦୃତ ହୋଇଛି। ବିଶେଷଭାବରେ 'ଗୋପୀ କିଷନ' ଫିଲ୍ମରେ ତାଙ୍କର ଡବଲ ରୋଲ୍‌କୁ ଅନେକ ମନେ ପକାଇଥାଆନ୍ତି। ଏବେ ଅନେକ ଜାଣିସାରିବେଣି ସେ ହ ଅଭିନେତା ଜଣଙ୍କ କିଏ ? ହଁ, ସେ ହେଉଛନ୍ତି ସୁନୀଲ ସେଟ୍ଟୀ। ଏକଦା ତାଙ୍କୁ ନଅ ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ହେଲେ କ'ଣ ପାଇଁ ଜାଣିବେନି ? ମ୍ୟାରେଜ କରିବାକୁ। କଥା କ'ଣ କି ଧର୍ମପତ୍ନୀ ମୋନାଙ୍କ ସହ ବେଶ୍ କିଛି ବର୍ଷ ଧରି ସୁନୀଲଙ୍କ ପ୍ରେମ ସମ୍ପର୍କ ରହିଆସିଥିଲା। ଆଉ ନଅ ବର୍ଷର ଅପେକ୍ଷା ପରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସୁନୀଲ ଏପରି ଜଣେ ବ୍ୟକ୍ତି ଯିଏ କଦାପି କୌଣସି ନିଶାଦ୍ରବ୍ୟ ସେବନ କରିନାହାନ୍ତି। ଏହାଠାରୁ ସେ ନିଜକୁ ଦୂରେଇ ରଖିବା ସହ ଏବେ ମଧ୍ୟ ନିଜ ଫିଟ୍‌ନେସ୍ ପ୍ରତି ବେଶ୍ ସଚେତନ। ଏପରି କି ସେ କେବେ କୋଲ୍ଡ ଡ୍ରିଙ୍କସ ମଧ୍ୟ ପିଅନ୍ତି ନାହିଁ। ମାର୍ଶଲ ଆର୍ଟରେ ସେ ଟ୍ରେନିଂ ନେଇଛନ୍ତି। ତା'ସହ କିକ୍ ବକ୍ସିଂରେ ସେ ବ୍ଲାକ୍‌ବେଲ୍ଟ ହୋଲଡ୍‌ର। ସୁନୀଲଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ବଲୱାନ୍' (୧୯୯୨)। ଏଥିରେ ତାଙ୍କୁ ଆକ୍ସନ ଭୂମିକାରେ ଦେଖିବାକୁ ମିଳିଥିଲା। ବିଶେଷଭାବରେ ଅକ୍ଷୟ କୁମାରଙ୍କ ସହ ତାଙ୍କର ଯୋଡିକୁ ଦର୍ଶକ ବେଶ୍ ପ୍ରଶଂସା କରିଥାଆନ୍ତି।

# ମୁଁ ଭାଗ୍ୟବତୀ : ସାରା



ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ବଲିଉଡ୍‌ରେ ନାୟିକା ଭାବରେ ସାରା ଅର୍ଜୁନ 'ଧୁରନ୍ଧର' ଫିଲ୍ମରୁ ଏଣ୍ଟ୍ରି କରିଥିଲେ। ଫିଲ୍ମଟି ବକ୍ସ ଅଫିସରେ ବ୍ଲକ୍ ବଷ୍ଟର ସାବ୍ୟସ୍ତ ହେଲା। ଆଉ ଏବେ ଏହାର ସିକ୍ୱେଲ 'ଧୁରନ୍ଧର-ଦ ରିଭେଞ୍ଜ' ମଧ୍ୟ ହଜାରେ କୋଟି କ୍ଲବରେ ସାମିଲ ହୋଇଛି। ଏହାକୁ ନେଇ ତାଙ୍କର ଖୁସି କହିଲେ ନ ସରେ। କାରଣ ବର୍ତ୍ତମାନ କେତେକ ପ୍ରଯୋଜକ ତାଙ୍କୁ ବଲିଉଡ୍‌ରେ ଅଫର ପରେ ଅଫର ଦେବାକୁ ଆଗ୍ରହ ପ୍ରକାଶ କଲେଣି। ଏ ନେଇ ସାରା କହନ୍ତି, ''ମୋତେ ଯେତେବେଳେ ମାତ୍ର ଦେଢ଼ ବର୍ଷ ହୋଇଥିଲା ସେତେବେଳେ ମୁଁ ଏକ ବିଜ୍ଞାପନରେ ଦେଖାଦେଇଥିଲି। ତା'ପରେ ଧୀରେ ଧୀରେ ଅନେକ ତେଲୁଗୁ, ତାମିଲ ଏବଂ ମାଲୟାଲମ ଫିଲ୍ମରେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରି ବେଶ୍ ପ୍ରଶଂସିତ ହୋଇଥିଲି। ଆଉ ଏସବୁ ପଛରେ ମୋର କଳାକାର ପିତା ରାଜ୍ ଅର୍ଜୁନଙ୍କ ଅବଦାନକୁ ସର୍ବାଗ୍ରେ ସ୍ମରଣ କରିବି। ୨୦୨୪ରେ ତାମିଲ ଫିଲ୍ମ 'କୋଟେସନ ଗ୍ୟାଙ୍ଗ ପାର୍ଟ-୧'ରେ ପ୍ରଥମେ ନାୟିକା ଭାବରେ ବ୍ରେକ୍ ପାଇଥିଲେ। ଆଉ ଗତ ବର୍ଷ ଆଦିତ୍ୟ ଧର୍ ମୋତେ 'ଧୁରନ୍ଧର'ରେ ପ୍ରଥମେ ସୁଯୋଗ ଦେଲେ। ଏବେ ବଲିଉଡ୍‌ରେ ମୋ ଲାଗି କେତୋଟି ଅଫର ରହିଛି। ହେଲେ ସେଗୁଡିକୁ ଭଲ ଭାବରେ ତର୍ଜମା କରିବା ପରେ ଯାହା ନିଷ୍ପତ୍ତି ନେବି।'' ଜଣେ ଶିଶୁ କଳାକାର ଭାବରେ ସାରାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦୈବ ଥିରୁମଗଲ' (ତାମିଲ)। ଫିଲ୍ମଟି ହିଟ୍ ହେବା ସହ ପରବର୍ତ୍ତୀ ସମୟରେ ସେ ବେଶ୍ କେତୋଟି ସିନେମାରେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ।

# ଭାବି ନ ଥିଲେ ସାନ୍ୟା

ଏକଦା ସେ ଜଣେ ଅଭିନେତାଙ୍କ ଗୀତଟିର କୋରିଓଗ୍ରାଫି କରିଥିଲେ। ହେଲେ ସେ କେବେ ଭାବି ନ ଥିଲେ ସେହି ଅଭିନେତା ଜଣଙ୍କ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ଦେବେ। ଆଉ ତାଙ୍କ ଅପୋଜିଟ୍‌ରେ ପୁଣି ଅଭିନୟ କରିବାକୁ ପଡିବ। ସେହି ଅଭିନେତା ଜଣଙ୍କ ହେଉଛନ୍ତି ଆମିର ଖାନ୍ ଆଉ ଅଭିନେତ୍ରୀ ହେଲେ ସାନ୍ୟା ମାଲହୋତ୍ରା। ଆମିରଙ୍କ ଅଭିନୀତ 'ସିକ୍ରେଟ ସୁପରଷ୍ଟାର'ର 'ସେକ୍ସି ବାଲିୟେ' ଗୀତ ପାଇଁ ସାନ୍ୟା କୋରିଓଗ୍ରାଫି କରିଥିଲେ। ହେଲେ ଆମିର ଖାନ୍ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ତଥା ହିଟ୍ ସାବ୍ୟସ୍ତ ହୋଇଥିବା 'ଦଙ୍ଗଲ' ଥିଲା ସାନ୍ୟାଙ୍କ ବଲିଉଡ୍‌ରେ ଡେବ୍ୟୁ ଫିଲ୍ମ। ଏ ନେଇ ସେ କହନ୍ତି, 'ଆମିର ସାର୍‌ଙ୍କ ଏକ ଗୀତ ପାଇଁ ମୁଁ କୋରିଓଗ୍ରାଫି କରିଥିଲି। ହେଲେ ତାଙ୍କର 'ଦଙ୍ଗଲ' ମୁଭିର ଅଡିଶନ୍ ଦେଇ ମୁଁ ସିଲେକ୍ଟ ହେଲି। ଯେତେବେଳେ ସେ ମୋତେ ଏହାର ବବିତା ପୋଘଟ ଭୂମିକା ପାଇଁ ଚୟନ କରାଯାଇଥିବା କଥା ଜଣାଇଲେ ସେତେବେଳେ ତାହାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। ଆଜି ଯଦି ମୁଁ ଆକ୍ଟିଂ ଲାଇନ୍‌ରେ ତିଷ୍ଠି ରହିଛି ତେବେ ସେଥିଲାଗି ମୁଁ ଆମିର ସାର୍‌ଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।'' ବର୍ତ୍ତମାନ ସେ ବିବେକ ଦାସ ଚୌଧୁରୀଙ୍କ ନିର୍ଦ୍ଦେଶିତ 'ଟୋଷ୍ଟର'ରେ ଅଭିନୟ କରୁଛନ୍ତି।


ସାନ୍ୟା

## ପରଦାରେ...

# ଆଫା

ନୂଆ ଓଡ଼ିଆ ସିନେମା 'ଆଫା-ଲାଇଫ ଆଫ୍ଟର ଲାଇଫ' ଚଳିତ ମାସ ୩ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏକ ଭିନ୍ନ ସ୍ୱାଦର ପାରିବାରିକ କାହାଣୀକୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି। ସବୁଠାରୁ ଖାସ୍ କଥା ହେଲା ଅଭିନେତା ପ୍ରୀତିରାଜ ଶତପଥୀ ଏହି ଫିଲ୍ମରେ ପ୍ରଥମ ଥର ପାଇଁ ନିର୍ଦ୍ଦେଶକ ସାଜିଛନ୍ତି। ଗୋଟିଏ ପରିବାର ଉପରେ ହଠାତ୍ ଏକ ଅଦିନିଆ ଝଡ ମାଡିଆସେ। କିନ୍ତୁ ଏଭଳି ଏକ ଘଡିସନ୍ଧି ସମୟରେ ସେମାନେ କିପରି ଏହାକୁ ସାମନା କରନ୍ତି ଏବଂ ପରିଶେଷରେ ଏହାର ଫଳ କ'ଣ ହୁଏ ତାହାକୁ ଆଧାର କରି ଏହି ଚିତ୍ରଟି ନିର୍ମିତ ହୋଇଛି । ଏହାର କାହାଣୀରେ ଅଙ୍ଗଦାନ ବିଷୟ ମଧ୍ୟ ସ୍ଥାନିତ ହୋଇଛି। ଜୀବନର ଏକ ଅପ୍ରତ୍ୟାଶିତ ମୋଡ଼ ଏବଂ ସମୟର ଚକ୍ରାନ୍ତକୁ ଏଥିରେ ନିଖୁଣ ଭାବେ ଚିତ୍ରଣ କରାଯାଇଛି। ଓଲିଉଡ୍‌ର ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତିଙ୍କ କନ୍ୟା ଅନମୋଲ ଏଥିରେ ଶିଶୁ କଳାକାର ଭାବରେ ବ୍ରେକ୍ ପାଇବା ସହ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। କୁନା ତ୍ରିପାଠୀ, ପ୍ରୀତିରାଜ ଶତପଥୀ, ନୈନା ଦାଶ, ହର ରଥ, ସିଦ୍ଧାର୍ଥ ତିୱାରୀ ଏବଂ ଶିଶୁ କଳାକାର ମିଭାନ ସିଦ୍ଧାର୍ଥ ତିୱାରୀଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ପ୍ରୀତିରାଜ ଶତପଥୀ ଓ ନୈନା ଦାଶ ତିୱାରୀ ଏହାକୁ ପ୍ରଯୋଜନା କରିଛନ୍ତି। ବାପୁ ଗୋସ୍ୱାମୀ ଓ ଦିବ୍ୟ କୁମାର ସାହୁଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ।


'ଆଫା' ଫିଲ୍ମର ପୋଷ୍ଟର

# ଦୃଢ଼ମନା ଭୂମି

ଅଭିନେତ୍ରୀଟିଏ ହେବାକୁ ଭୂମି ପେଦେନକରଙ୍କୁ କମ୍ ପରିଶ୍ରମ କରିବାକୁ ପଡି ନ ଥିଲା। ପ୍ରଥମେ ସେ ଛଅ ବର୍ଷ ଧରି ୟଶରାଜ ଫିଲ୍ମସ ବ୍ୟାନରେ ନିର୍ମିତ କେତୋଟି ସିନେମାର ସହ-ନିର୍ଦ୍ଦେଶିକା ଭାବରେ କାମ କରିଥିଲେ। ସେହି ସମୟରେ ନିର୍ଦ୍ଦେଶକ ଶରତ କଟାରିଆ ତାଙ୍କର ଆଗାମୀ ସିନେମା 'ଦମ୍ ଲଗାକେ ହୈସା' ଲାଗି ଜଣେ ନବାଗତାଙ୍କ ସନ୍ଧାନରେ ଥିଲେ। ଭୂମିଙ୍କୁ ଏ ବିଷୟରେ ସୂଚନା ମିଳିବା ପରେ ସେ ଏହାର ଅଡିଶନ ପାଇଁ ନିଜ ନାମ ତାଲିକାଭୁକ୍ତ କରିଥିଲେ। ଦୀର୍ଘ ଅଢ଼େଇ ମାସ ଧରି ଏହି ଅଡିଶନ ଚାଲିଥିଲା। ପାଖାପାଖି ୧୦୦ ଜଣ ନବାଗତା ଏଥିରେ ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ଭୂମି ବାଜି ମାରିନେଇଥିଲେ। ନିଜ ଆକ୍ଟିଂ କ୍ୟାରିୟରର ପ୍ରାରମ୍ଭିକ ଅବସ୍ଥା ବିଷୟରେ ସେ କହନ୍ତି, ''ହ୍ୱିସଲିଙ୍ଗ ଉଡସ ଇଣ୍ଟରନ୍ୟାଶନାଲ ଆକ୍ଟିଂ ସ୍କୁଲରେ ମୁଁ ପଢ଼ିବା ସମୟରେ ଏକଦା ପରସେଣ୍ଟ ଶର୍ଟ ପାଇଁ ମୋତେ ଏକ୍ସପେଲ୍ କରାଯାଇଥିଲା। ପରେ ମୋ ପାପା ଷ୍ଟଡି ଲୋନ୍ କରିବାରୁ ମୁଁ ଏହି ପାଠରେ ଡିଗ୍ରୀ ହାସଲ କଲି। ତା'ପରେ ମୋ ପ୍ରତି ଭାଗ୍ୟଦେବୀ ସତେଯେମିତି ପ୍ରସନ୍ନ ଥିଲେ। ୟଶରାଜ ଫିଲ୍ମସ ବ୍ୟାନରେ ମୁଁ ସହ-ନିର୍ଦ୍ଦେଶିକା ଭାବରେ କାମ କରି ଯାହା ଆୟ କଲି ସେଥିଲେ ଷ୍ଟଡି ଲୋନ୍ ପରିଶୋଧ କରିଥିଲି। ସେହି ସବୁ ସଂଘର୍ଷମୟ ଘଟଣାବଳୀ ମୋର ସାରା ଜୀବନ ମନେ ରହିବ।


ଭୂମି

## ଅପେରା ହାଲ୍‌ଚାଲ୍

# ଚ୍ୟାଲେଞ୍ଜ ଦେବ ସୂର୍ଯ୍ୟବଂଶୀ

ଆସନ୍ତା ଯାତ୍ରା ସିଜନ ପାଇଁ ନବଗଠିତ ଅପେରା ପାର୍ଟିଗୁଡିକ ମଧ୍ୟରେ ରହିଛି ଅପେରା ସୂର୍ଯ୍ୟବଂଶୀ। ଏହାର ପ୍ରସ୍ତୁତି ଜୋର୍‌ସୋର୍‌ରେ ଚାଲିଛି। ଉକ୍ତ ପାର୍ଟିର ପ୍ରଯୋଜକ ଅଛନ୍ତି ସୁନୀଲ କୁମାର ରାଉତ ଏବଂ ମୁଖ୍ୟ ପରିଚାଳକ ଭାବରେ ଦାୟିତ୍ୱ ବହନ କରିଛନ୍ତି ବରିଷ୍ଠ ପରିଚାଳକ ତଥା ନାଟ୍ୟକାର ବଙ୍କିମ ସ୍ୱାଇଁ। ଆସନ୍ତା ସିଜନରେ ଏହି ଷ୍ଟାର ଷ୍ଟଡେଡ ପାର୍ଟିରେ ଅନେକ ନାମୀ କଳାକାରଙ୍କୁ ଦେଖିବାକୁ ମିଳିବ। ଜଲିଉଡ୍‌ର ଚର୍ଚ୍ଚିତ ଯୋଡି ରତି-ମିଟୁନା ଏହାର କାଷ୍ଟିଂରେ ଅଛନ୍ତି। ଅନ୍ୟପକ୍ଷରେ ହାପି-ମାମୁନି, ସାରା-ମିଲନ୍, ଡାନି-ଟିକିଲି, ରତି-ପ୍ରମିଳା, ସନ୍ଧ୍ୟା, ହାସ୍ୟାଭିନେତା ମଙ୍କୁ, କାଲେଣ୍ଡର, ଶ୍ରୀଧର, ଅଲ୍ଲୁ, ଆଦି, ଶୁଭେନ୍ଦୁ ସାଗର, ସୀମା ଏବଂ ବୁଲୁ ମଧ୍ୟ ଏଥିରେ ଅଛନ୍ତି। ଏହି ନୂଆ ପାର୍ଟିର ପ୍ରସ୍ତୁତିପଥେ ନାଟକଗୁଡିକ ରହିଛି-'ଭାଉଜ ଭାଇରାଲ' (ରଚନା-ନିର୍ଦ୍ଦେଶନା : ହର ବାରିକ), 'ତୋ ସିନ୍ଦୂରରେ ମୁଁ ସୁନ୍ଦରୀ' (ରଚନା-ନିର୍ଦ୍ଦେଶନା : ଇଂ ଆଶୁତୋଷ ମହାପାତ୍ର), 'ଝିଅଟିର ନା ମନେ ପଡୁନି' (ରଚନା-ପପୁ ବ୍ରହ୍ମ, ନିର୍ଦ୍ଦେଶନା-ବିନୋଦ ରାଉତ) ଏବଂ 'ବାଘା' (ରଚନା-ଦୀପକ ଜେନା, ନିର୍ଦ୍ଦେଶନା- ମହେଶ ହାଜରା)।


ମିଟୁନା-ରତି

# ଶରତଙ୍କ ଟ୍ରିପଲ ଅବତାର

ଅଭିନେତା ଶରତ ସମ୍ରାଟ ବର୍ତ୍ତମାନ ଏକାଧାରରେ ତିନୋଟି ଦାୟିତ୍ୱ ତୁଲାଉଛନ୍ତି। ନିର୍ମାଣାଧୀନ ଏକ ଓଡ଼ିଆ ସିନେମାର ସେ ପ୍ରଯୋଜନା କରିବା ସହ ତାହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ତା'ସହ ଏହାର ନାୟକ ମଧ୍ୟ ସାଜିଛନ୍ତି। ତେଣୁ ଦର୍ଶକ ଖୁବ୍ ଶୀଘ୍ର ତାଙ୍କୁ ପରଦା ଉପରେ ଟ୍ରିପଲ ଅବତାରରେ ଦେଖିବାକୁ ପାଇବେ। ଉକ୍ତ ସିନେମାର ଟାଇଟଲ ରହିଛି 'ଚଉଠି ରାତି-ଏ ଡ୍ରିମ ଇନ୍ ପାରାଡାଇଜ'। ଖାସ୍ କଥା ହେଲା ଅନେକ ଥିଏଟର ନାଟକର ସେ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି। ତା'ସହ ଭିନ୍ନ ଭିନ୍ନ ଚରିତ୍ରରେ ମଧ୍ୟ ଦର୍ଶକଙ୍କ ସାମନାକୁ ଆସିଛନ୍ତି। ହୋମ ବ୍ୟାନର ଶରତ ସମ୍ରାଟ ଫିଲ୍ମସରେ ଏହାର ଶୁଟିଂ ନିକଟରେ ଶେଷ ହୋଇଛି। ଏହି ଫିଲ୍ମରେ ଶରତଙ୍କ ନାୟିକା ସାଜିଛନ୍ତି ମୁମିତା। ଫିଲ୍ମ ବିଷୟରେ ଶରତ କହନ୍ତି, ''ଏହାର କାହାଣୀ ଚୟନ ସମୟରେ ବେଶ୍ ପରିଶ୍ରମ କରିବାକୁ ପଡିଛି। ଏହାବ୍ୟତୀତ ଶୁଟିଂ ସମୟରେ ସବୁ ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଏହି ସିନେମାର ଗୀତଗୁଡିକ ମଧ୍ୟ ଶ୍ରୋତାଙ୍କୁ ପ୍ରଭାବିତ କରିବ। ମୋ ସିନେମାରେ ପରଲୋକଗତ ଲୋକପ୍ରିୟ ଗାୟକ ହ୍ୟୁମାନ ସାଗର ମଧ୍ୟ ଗୀତ ଗାଇଛନ୍ତି। ଏହି ଫିଲ୍ମରେ ଦର୍ଶକ ମୋତେ ଏକ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ।'' ତେବେ ଏହି ଫିଲ୍ମରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।


ଶରତ-ମୁମିତା

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨/୨୦୨୬ Bhubaneswar, Thursday, April 2/ 2026




# ଇଟାଲୀ ଆଶା ଧୂଳିସାତ୍, ଇରାକକୁ ଯୋଗ୍ୟତା

ମଣ୍ଟେରି(ମେକ୍ସିକୋ),୧।୪(ଏପି)

ଆସନ୍ତା ଜୁନ୍-ଜୁଲାଇରେ ହେବାକୁ ଥିବା ସର୍ବବୃହତ୍ ଫିଫା ବିଶ୍ୱକପ୍ ଲାଗି ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ଅଢ଼େଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟରେ ଅନ୍ତିମ ତଥା ୪୮ତମ ଦେଶ ଭାବେ ଇରାକ ସ୍ଥାନ ପକ୍କା କରିଛି। ବୋସ୍ନିଆ ଆଣ୍ଡ ହରଜେଗୋଭିନା ୟୁରୋପିଆନ୍ ପ୍ଲେଅଫ୍ସରେ ୪ ଥର

**ଫିଫା ବିଶ୍ୱକପ୍**

ଚାମ୍ପିୟନ ଇଟାଲୀକୁ ପେନାଲ୍ଟିରେ ପରାସ୍ତ କରିବା ପରେ ମଣ୍ଟେରିଠାରେ ଇଣ୍ଟରକଣ୍ଟିନେଣ୍ଟାଲ ପ୍ଲେଅଫ୍‌ରେ ଇରାକ ୨-୧ ଗୋଲରେ ବଲିଭିଆକୁ ହରାଇ ୪୮ତମ ସ୍ଥାନ ହାସଲ କରିଛି। ଯୋଗ୍ୟତା ପର୍ଯ୍ୟାୟର ଅନ୍ତିମ ଦିନରେ ୟୁରୋପର ୮ ଦଳ ମଧ୍ୟରେ ମୁକାବିଲା ହୋଇଥିଲା। କଙ୍ଗୋ ୧-୦ ଗୋଲରେ ଜାମାଇକାକୁ, ସ୍ୱିଡେନ୍ ୩-୨ ଗୋଲରେ ପୋଲାଣ୍ଡକୁ, ତୁର୍କୀ ୧-୦ ଗୋଲରେ କୋସୋଭୋକୁ ଓ ଚେକ୍ ରିପବ୍ଲିକ୍ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ଡେନ୍‌ମାର୍କକୁ ପରାସ୍ତ କରି ବିଶ୍ୱକପ୍ ସ୍ଥାନ ପକ୍କା କରିଛନ୍ତି।

ମିଳିତ ଭାବେ ଆମେରିକା, ମେକ୍ସିକୋ ଓ କାନାଡାରେ ହେବାକୁଥିବା ବିଶ୍ୱକପ୍ ଜୁନ୍ ୧୧ରେ ଆରମ୍ଭ ହେବ। ଇଟାଲୀ ଲଗାତର ତୃତୀୟଥର ପାଇଁ ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିବା ବେଳେ ବୋସ୍ନିଆ ଆଣ୍ଡ ହରଜେଗୋଭିନା ଗ୍ରୁପ୍-ବି'ରେ କାନାଡ଼ା, କାତାର ଓ ସ୍ୱିଜରଲାଣ୍ଡ ସହିତ ସ୍ଥାନ ପାଇଛି। ସ୍ୱିଡେନ୍ ସହ ଗ୍ରୁପ୍-ଏଫ୍'ରେ ନେଦରଲାଣ୍ଡ୍ସ, ଜାପାନ ଓ ଟ୍ୟୁନିସିଆ ଏବଂ ଗ୍ରୁପ୍-ଡି'ରେ ଆମେରିକା, ପାରାଗୁଏ, ଅଷ୍ଟ୍ରେଲିଆ ଓ ତୁର୍କୀ ସ୍ଥାନ ପାଇଛନ୍ତି। ୨୦୦୬ ପରେ ପ୍ରଥମଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଥିବା ଚେକ୍ ରିପବ୍ଲିକ୍ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ମେକ୍ସିକୋ, ଦକ୍ଷିଣ ଆଫ୍ରିକା ଓ ଦକ୍ଷିଣ କୋରିଆ ସ୍ଥାନ ପାଇଛନ୍ତି। ସୂଚନାଯୋଗ୍ୟ, ଏହି ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟ ୨୦୨୩ ସେପ୍ଟେମ୍ବର ୭ରେ ଆରମ୍ଭ ହୋଇଥିଲା।


ବିଶ୍ୱକପ ଯୋଗ୍ୟତାରେ ଉଲ୍ଲସିତ ଇରାକ ଖେଳାଳି।

**ବିଶ୍ୱକପ୍ ଗ୍ରୁପିଂ**

ଗ୍ରୁପ୍-ଏ: ଚେକ୍ ରିପବ୍ଲିକ୍, ମେକ୍ସିକୋ, ଦକ୍ଷିଣ ଆଫ୍ରିକା ଓ ଦକ୍ଷିଣ କୋରିଆ।
ଗ୍ରୁପ୍-ବି: କାନାଡା, ବୋସ୍ନିଆ ଆଣ୍ଡ ହରଜେଗୋଭିନା, କାତାର ଓ ସ୍ୱିଜରଲାଣ୍ଡ।
ଗ୍ରୁପ୍-ସି: ବ୍ରାଜିଲ, ହାଇତି, ମର୍କୋ, ସ୍କଟ୍‌ଲାଣ୍ଡ।
ଗ୍ରୁପ୍-ଡି: ଅଷ୍ଟ୍ରେଲିଆ, ପାରାଗୁଏ, ତୁର୍କୀ ଓ ଆମେରିକା।
ଗ୍ରୁପ୍-ଇ: କୁରାକାଓ, ଇକ୍ୱେଡର, ଜର୍ମାନୀ ଓ ଆଇଭରି କୋଷ୍ଟ।
ଗ୍ରୁପ୍-ଏଫ୍: ନେଦରଲାଣ୍ଡ୍ସ, ଜାପାନ, ସ୍ୱିଡେନ୍ ଓ ଟ୍ୟୁନିସିଆ।
ଗ୍ରୁପ୍-ଜି: ବେଲ୍‌ଜିୟମ, ଇଜିପ୍ଟ, ଇରାନ୍ ଓ ନ୍ୟୁଜିଲାଣ୍ଡ।
ଗ୍ରୁପ୍-ଏଚ୍: କେପ୍ ଭରଡି, ସାଉଦି ଆରବ, ସ୍ପେନ୍ ଓ ଉରୁଗୁଏ।
ଗ୍ରୁପ୍-ଆଇ: ଫ୍ରାନ୍ସ, ନରୱେ, ସେନେଗାଲ ଓ ଇରାକ୍।
ଗ୍ରୁପ୍-ଜେ: ଆଲ୍‌ଜେରିଆ, ଆର୍ଜେଣ୍ଟିନା, ଅଷ୍ଟ୍ରିଆ ଓ ଜୋର୍ଡାନ୍।
ଗ୍ରୁପ୍-କେ: କଲମ୍ବିଆ, କଙ୍ଗୋ, ପର୍ତ୍ତୁଗାଲ ଓ ଉଜ୍‌ବେକିସ୍ତାନ।
ଗ୍ରୁପ୍-ଏଲ୍: କ୍ରୋଏସିଆ, ଇଂଲଣ୍ଡ, ଘାନା, ପାନାମା।

# ରାଇଜିଂ ଷ୍ଟୁଡେଣ୍ଟ୍ସ-ୟୁନିୟନ ସ୍ପୋର୍ଟିଂ, ବିଶ୍ୱଭାରତୀ-ଜୁଭେନାଇଲ୍

କଟକ,୧।୪(କୁମାରଶ୍ରୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗ୍‌ର ସେମିଫାଇନାଲ ଲାଇନଅପ ଚୂଡ଼ାନ୍ତ ହୋଇଛି। ଗୁରୁବାର ବାରବାଟୀ ଷ୍ଟାଡିୟମରେ ପ୍ରଥମ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ୍ସକୁ ଭେଟିବ ୟୁନିୟନ ସ୍ପୋର୍ଟିଂ। ରେଭେନ୍‌ଶା ଗ୍ରାଉଣ୍ଡ-

**ଓସିଏ କ୍ଲବ ଲିଗ୍ ସେମିଫାଇନାଲ**

୧ରେ ଦ୍ୱିତୀୟ ସେମଫାଇନାଲରେ ବିଶ୍ୱଭାରତୀ ଏବଂ ଜୁଭେନାଇଲ କ୍ଲବ ମଧ୍ୟରେ ମୁକାବିଲା ହେବ।

ଓସିଏ କ୍ଲବ ଲିଗ୍‌ର ୪ଟି ଯାକ କ୍ୱାର୍ଟର ଫାଇନାଲ ବୁଧବାର ଖେଳାଯାଇଥିଲା। ବାରବାଟୀରେ ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ୍ସ୧୬୪ରନରେ ଜଗତପୁର ଆଥଲେଟିକ ଆସୋସିଏଶନକୁ ହରାଇଥିଲା। ୭୨ବଲରୁ ୧୨୪ରନର ଶତକୀୟ ଇନିଂସ ଖେଳିଥିବା ଶୁଭ୍ରାଂଶୁ ସେନାପତି ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ଜୁଭେନାଇଲ କ୍ଲବ ୮ ଉଇକେଟରେ ରୟାଲ କ୍ଲବକୁ ହରାଇ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଜୁଭେନାଇଲର ଆକାଶ ସେନଗୁପ୍ତା ୨୭ରନ ବିନିମୟରେ ୫ଟି ଉଇକେଟ ଦଖଲ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ବିଶ୍ୱଭାରତୀ କ୍ଲବ ୪ ଉଇକେଟରେ ସନସାଇନ କ୍ଲବକୁ ପରାସ୍ତ କରି ୩ୟ ଦଳ ଭାବେ ସେମିରେ ପ୍ରବେଶ କରିଛି। ମ୍ୟାଚ୍ ବିଜୟୀ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ଗୌରବ କୁମାରଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ମିଳିଛି। ଗୌରବ ୫୦ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିବା ସହ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ସନସାଇନ ଗ୍ରାଉଣ୍ଡରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୟୁନିୟନ ସ୍ପୋର୍ଟିଂ ୯୫ରନରେ ବାରବାଟୀ କଲଚରାଲ ୟୁନିୟନକୁ ପରାସ୍ତ କରିଛି। ଅପରାଜିତ ଦ୍ୱିଶତକୀୟ ଇନିଂସ ଖେଳିଥିବା ଶିବମ ଚୌଧୁରୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



ଶୁଭ୍ରାଂଶୁ ସେନାପତିଙ୍କୁ ପୁରସ୍କୃତ କରାଯାଉଛି।

# ଦମୟନ୍ତି, ଦୟାନିଧି, ଦୀପା, ରୋଶନଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧।୪(ତପନ ସ୍ୱାଇଁ)

ଛତିଶଗଡ଼ରେ ଚାଲିଥିବା ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ବୁଧବାର ମହିଳା ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଦମୟନ୍ତି ଖେସ୍। ସେହିପରି ମହିଳା ହାଇଜମ୍ପରେ

**ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ**

ଦୀପା କିଷାନ, ପୁରୁଷ ୮୦୦ ମିଟର ରେସ୍‌ରେ ଦୟାନିଧି ମୁଣ୍ଡା ଏବଂ ପୁରୁଷ ୪୦୦ ମିଟର ହର୍ଡଲ୍ସରେ ରୋଶନ ଖାଡ଼ିଆ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ମହିଳା ୮୦୦ ମିଟର ରେସ୍‌ରେ ପୂର୍ଣ୍ଣିମା ସାଣ୍ଡିଲ ରୌପ୍ୟ ପାଇଥିବାବେଳେ ମହିଳା ୪୦୦ ମିଟର ହର୍ଡଲ୍ସରେ ବାସନ୍ତି ମାଝି, ମହିଳା ହାଇଜମ୍ପରେ କବିତା ଡାଡିଙ୍ଗୀ ବ୍ରୋଞ୍ଜ୍ ପଦକ ପାଇଛନ୍ତି। ଓଡ଼ିଶାର ଆଲିଶ ଏକ୍କା ମହିଳା ୧୦ କିଲୋମିଟର ରେସ୍ ୱାକ୍‌ରେ ରୌପ୍ୟ ପଦକ ପାଇଛନ୍ତି। ସେହିପରି ପୁରୁଷ ୧୦୦ ମିଟରରେ ୧୦.୯୧ ସେକେଣ୍ଡ ସମୟ ନେଇ ଆତିଶ କିଣ୍ଡୋ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ପୂର୍ବରୁ ମହିଳା ୪x୧୦୦ ମିଟର ରିଲେ ଦଳ ୫୧.୧୧ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଥିଲା। ରାଜେଶ୍ୱରୀ ଗଣ୍ଡ, ଯମୁନା ଟୁଡୁ, ବାସନ୍ତି ମାଝି ଓ ସଞ୍ଜୁ ହନ୍ତାଲ ଓଡ଼ିଶା ଦଳର ସଦସ୍ୟା ଥିଲେ। ଓଡ଼ିଶା ହାଇଜମ୍ପର ସାଗର ଏକ୍କା ଓ ହେମନ୍ତ ଖାଡ଼ିଆ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ୍ ଜିତି ରାଜ୍ୟକୁ ଗର୍ବିତ କରିଥିଲେ। ପୁରୁଷ ୪x୧୦୦ ମିଟର ରିଲେ ଦଳ ସ୍ୱର୍ଣ୍ଣିମ ସଫଳତା ପାଇଥିଲା। ନୋବଲ କୁମାର କିଷାନ, ଜିଓନ ମୁକ୍ତି ବିଲୁଙ୍ଗ, ଭୀମା ସର୍ଦ୍ଦାର ଓ ଆତିଶ କିଣ୍ଡୋ ଓଡ଼ିଶା ଦଳର ସଦସ୍ୟ ଥିଲେ। ଓଡ଼ିଶା ପ୍ରତିନିଧି ଦଳ ଏପର୍ଯ୍ୟନ୍ତ ୧୭ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୧୬ ବ୍ରୋଞ୍ଜ୍ ସହ ମୋଟ୍ ୪୩ଟି ପଦକ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।


ଦମୟନ୍ତି ଖେସ୍



ଦୟାନିଧି ମୁଣ୍ଡା


ଦୀପା କିଷାନ



ରୋଶନ ଖାଡ଼ିଆ

# କଟକରେ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍ ୮ରୁ

କଟକ,୧।୪(କୁମାରଶ୍ରୀ)

ଭାରତୀୟ ରୋଇଂ ଫେଡେରେଶନ ଏବଂ ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ମିଳିତ ସହଯୋଗରେ ପ୍ରଥମ ସର୍ବଭାରତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍ ଆସନ୍ତା ୮ ତାରିଖରୁ ଆରମ୍ଭ ହେବ। ୪ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତା ନିମନ୍ତେ ସ୍ଥାନୀୟ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ପ୍ରସ୍ତୁତି ଆରମ୍ଭ ହେଉଛି।

# ଏକଲବ୍ୟ ପୁରସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୧।୪(ତପନ ସ୍ୱାଇଁ)

ଇମ୍ଫା ଗ୍ରୁପ୍ ଦ୍ୱାରା ପରିଚାଳିତ 'ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ'(ଇମ୍ପାକ୍ଟ) ପକ୍ଷରୁ ସମ୍ମାନ୍‌ଜନକ ୩୪ତମ ଏକଲବ୍ୟ ପୁରସ୍କାର-୨୦୨୬ ପାଇଁ ନାମାଙ୍କନପତ୍ର ଆହ୍ୱାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଗ୍ରହୀ ପ୍ରାର୍ଥୀମାନେ ଓଡ଼ିଶା ମଧ୍ୟରେ ଥିବା କ୍ରୀଡ଼ା ସଙ୍ଗଠନ, ବୋର୍ଡ, ସଂଘ, ବିଶ୍ୱବିଦ୍ୟାଳୟ, କଲେଜ କିମ୍ବା ସ୍କୁଲ ମାଧ୍ୟମରେ ସେମାନଙ୍କ ନାମାଙ୍କନ ପଠାଇ ପାରିବେ। ପ୍ରାର୍ଥୀଙ୍କ ବୟସ ମାର୍ଚ୍ଚ ୩୧ ସୁଦ୍ଧା ୨୫ ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ। ପ୍ରାର୍ଥୀମାନେ ନିଜ ବୟସ ପ୍ରମାଣପତ୍ର ସହିତ ଗତ ୨ ବର୍ଷ(୨୦୨୪ ଏପ୍ରିଲ ୧ରୁ ୨୦୨୬ ମାର୍ଚ୍ଚ ୩୧) ମଧ୍ୟରେ ରାଜ୍ୟସ୍ତରୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ହାସଲ କରିଥିବା ବିଭିନ୍ନ କୃତିତ୍ୱର ପ୍ରମାଣପତ୍ର ସହ ଦରଖାସ୍ତ ଦାଖଲ କରିପାରିବେ। ମେ' ୩୧କୁ ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସ ରଖାଯାଇଛି। ପ୍ରାର୍ଥିପତ୍ରଗୁଡ଼ିକ ekalabya@impha.in ଇ-ମେଲ୍ ଯୋଗେ ପଠାଇହେବ ବୋଲି ଏକଲବ୍ୟ ପୁରସ୍କାର କମିଟି ଆବାହକ ଅଶ୍ୱିନ ପ୍ରସାଦ ମହାନ୍ତି ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ଏକଲବ୍ୟ ପୁରସ୍କାର ବାବଦରେ ବିଜେତାଙ୍କୁ ୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। ଏହାବ୍ୟତୀତ ୨ ଉପବିଜେତାଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଦିଆଯିବାର ବ୍ୟବସ୍ଥା ରହିଛି।

# ସ୍ୱସ୍ତିଙ୍କ ୨ ନୂଆ ଜାତୀୟ ରେକର୍ଡ

ଭୁବନେଶ୍ୱର, ୧।୪(ତପନ ସ୍ୱାଇଁ)

ଓଡ଼ିଶାର ତାରକା ମହିଳା ସାଇକ୍ଲିଷ୍ଟ ଏବେ ତାଙ୍କ କ୍ୟାରିୟରରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ଫିଲିପାଇନ୍ସରେ ନବନିର୍ମିତ ତଗାୟତେ ସିଟି ଭେଲୋଡ୍ରମ୍‌ରେ ଅନୁଷ୍ଠିତ ଏସିଆନ୍ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୪୫ତମ ସଂସ୍କରଣରେ ୨ଟି ନୂଆ ଜାତୀୟ ରେକର୍ଡ ସୃଷ୍ଟିକରି ଇତିହାସ ରଚିଛନ୍ତି। ୪ କିଲୋମିଟର ବିଶିଷ୍ଟ ଟିମ୍ ପର୍ସ୍ୟୁଟ୍‌ରେ ଭାରତୀୟ ଦଳ

**ଏସିଆନ୍ ଟ୍ରାକ୍ ସାଇକ୍ଲିଂ**

୪:୩୭.୩୭ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ କରିଥିଲା। ସ୍ୱସ୍ତି, ହର୍ଷିତା ଜାଖର, ପୂଜା ଡାନୋଲେ ଓ ମୀନାକ୍ଷୀ ରୋହିଲା ଭାରତୀୟ ଦଳର ସଦସ୍ୟା ଥିଲେ। ପୂର୍ବରୁ ଜାତୀୟ ରେକର୍ଡ ୪:୪୪.୩୯ ସେକେଣ୍ଡ ଥିଲା। ସେହିପରି ୪ କିଲୋମିଟର ବ୍ୟକ୍ତିଗତ ପର୍ସ୍ୟୁଟ୍‌ରେ ସ୍ୱସ୍ତି ୪:୫୯.୫୯ ସେକେଣ୍ଡ ସମୟ ସହ ଡବଲ ଜାତୀୟ ରେକର୍ଡ ନିଜ ନାମରେ କରିଛନ୍ତି। ଏହା ବ୍ୟତୀତ ହର୍ଷିତା ଜାଖରଙ୍କୁ ପାର୍ଟନର କରି ସେ ମାଡିଶନ ଇଭେଣ୍ଟରେ ୫ମ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ସ୍ୱସ୍ତିଙ୍କର ଏହା ଥିଲା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ପୋଡିୟମ ଫିନିଶ କରିପାରି ନ ଥିଲେ ମଧ୍ୟ ସ୍ୱସ୍ତି ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି।

# ଦିଲ୍ଲୀକୁ ଜିତାଇଲେ ରିଜଭି


ଶତକୀୟ ଭାଗୀଦାରି ଅବସରରେ ଟ୍ରିଷ୍ଟାନ ଷ୍ଟବ୍ସ ଓ ସମିର ରିଜଭି।

ଲକ୍ଷ୍ନୌ,୧।୪

ସମୀର ରିଜଭିଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ବୁଧବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି)କୁ ୬ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ଲକ୍ଷ୍ନୌ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୮.୪ ଓଭରରେ ୧୪୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ମିଚେଲ ମାର୍ଶ (୩୫ ରନ୍, ୨ ଚୌକା ଓ ୩ ଛକା) ଓ ଅବଦୁଲ ସମଦ (୩୬ ରନ, ୩ ଚୌକା ଓ ୧ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରି ନ ଥିଲେ। ଦିଲ୍ଲୀ ପକ୍ଷରୁ ଟି ନଟରାଜନ ଓ ଲୁଙ୍ଗି ଏନ୍‌ଗିଡି ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦିଲ୍ଲୀ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୬ ରନରେ ୪ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ ରିଜଭି ଓ ଟ୍ରିଷ୍ଟାନ ଷ୍ଟବ୍ସ ଅବିଭାଜିତ ପଞ୍ଚମ ଉଇକେଟରେ ୧୧୯ ରନ ଯୋଡ଼ି ଦଳକୁ ଜିତାଇଥିଲେ। ଦିଲ୍ଲୀ ୧୭.୧ ଓଭରରେ ୪ ଉଇକେଟରେ ୧୪୫ ରନ କରି ନେଇଥିଲା। ରିଜଭି ୪୭ ବଲରେ ସର୍ବାଧିକ ୭୦ (୫ ଚୌକା ଓ ୪ ଛକା) ଓ ଷ୍ଟବ୍ସ ୩୯ (୩ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ।।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
କୋଲ୍‌କାତା ବନାମ ହାଇଦ୍ରାବାଦ
ସ୍ଥାନ: କୋଲ୍‌କାତା
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୧୮.୪ ଓଭରରେ ୧୪୧/ଅଲଆଉଟ୍ (ଅବଦୁଲ ସମଦ-୩୬, ମିଚେଲ ମାର୍ଶ-୩୫, ଲୁଙ୍ଗି ଏନ୍‌ଗିଡି- ୩/୨୭, ଟି ନଟରାଜନ-୩/୨୯, କୁଲଦୀପ ଯାଦବ-୨/୩୧)। ଦିଲ୍ଲୀ କ୍ୟାପିଟାଲ୍ସ: ୧୭.୧ ଓଭରରେ ୧୪୫/୪(ସମିର ରିଜଭି-୭୦*, ଟ୍ରିଷ୍ଟାନ ଷ୍ଟବ୍ସ-୩୯*, ପ୍ରିନ୍ସ ଯାଦବ-୨/୨୦)।

# ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ଭୁବନେଶ୍ୱର, ୧।୪(ତପନ ସ୍ୱାଇଁ)

କିଟ୍ ଓ କିସ୍ ଆନୁକୂଲ୍ୟରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ) ବୁଧବାର ଆରମ୍ଭ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଏକାଧିକ ଷ୍ଟାଡିୟମରେ ଏହା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ମାନ୍‌ଜନକ ପ୍ରତିଯୋଗିତାରେ ୬୧ ମହିଳା ଓ ୬୭ ପୁରୁଷ ଦଳର ୨,୦୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ରାହୁଲ ବୋଷ୍ ଷ୍ଟାଡିୟମ ଭାରତର ଏକମାତ୍ର ବିଶ୍ୱ ରଗ୍‌ବୀ-ସାର୍ଟିଫାଏଡ୍ ଗ୍ରାଉଣ୍ଡ, ଯେଉଁଠାରେ ଅନ୍ତର୍ଜାତୀୟ ମ୍ୟାଚ ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ। ନବନିର୍ମିତ ଷ୍ଟାଡିୟମରେ ଏହା ପ୍ରଥମ ଟୁର୍ନାମେଣ୍ଟ ହୋଇଥିବାରୁ ଆନୁଷ୍ଠାନିକ ଉଦ୍‌ଘାଟନୀ ପୂର୍ବରୁ ପୂଜାର୍ଚ୍ଚନା କରାଯାଇଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ଶରଣଜିତ ସିଂ, ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ ଉପସଭାପତି ଉପେନ୍ଦ୍ର କୁମାର ମହାନ୍ତି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସମସ୍ତ ପ୍ରତିଯୋଗୀ ଓ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ କିଟ୍ ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ